# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ମାର୍ଚ୍ଚ ୩/୨୦୨୧ (୧୬ ପୃଷ୍ଠା) | Berhampur, Wednesday, March 3/2021 | ★★★

୧୬ଶ ଭାଗ ୩୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଇନ୍‌ଷ୍ଟାଗ୍ରାମ୍‌ରେ କୋହଲି ଲୋକପ୍ରିୟ**
ବିରାଟ କୋହଲି ହେଉଛନ୍ତି ପ୍ରଥମ କ୍ରିକେଟର, ଯାହାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଅନୁସରଣକାରୀଙ୍କ ସଂଖ୍ୟା ପ୍ରାୟ ୧୦୦ ନିୟୁତ।

୧୬

୧୪

**ହଲିଉଡ ଅନୁଭୂତି ବଖାଣିଲେ ଦେଶୀଗର୍ଲ**
ହଲିଉଡ୍‌ରେ ନିଜର ପରିଚୟ ସୃଷ୍ଟି ଲାଗି ଅନେକ ସଂଘର୍ଷ କରିବାକୁ ପଡ଼ିଥିବା କହିଛନ୍ତି ବଲିଉଡ୍ ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା।





କୋରାପୁଟ ଜିଲା ସୁଙ୍କି ଆଉଟ୍ ପୋଷ୍ଟ ନିକଟରୁ ପଟ୍ଟାଙ୍ଗୀ ପୋଲିସ କାର୍‌ରୁ ଜବତ କରିଥିବା ୭.୯ କୋଟିର ନକଲି ନୋଟ୍ ।

# କାର୍‌ରେ ୭.୯କୋଟିର ନକଲି ନୋଟ୍

**■ ୩ ଅଭିଯୁକ୍ତ ଗିରଫ**
**■ ବିଶାଖାପାଟଣାକୁ ଚାଲାଣ ହେଉଥିଲା**

ପଟ୍ଟାଙ୍ଗୀ/ସୁନାବେଡ଼ା, ୨।୩(ଡି.ଏନ୍.ଏ.)

କୋରାପୁଟ ଜିଲା ସୁଙ୍କି ଆଉଟ୍ ପୋଷ୍ଟ ନିକଟରୁ ପଟ୍ଟାଙ୍ଗୀ ପୋଲିସ ବିପୁଳ ନକଲି ନୋଟ୍ ଜବତ କରିଛି। ଏହି ଘଟଣାରେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନେ ହେଲେ ଛତିଶଗଡ଼ର ଇଞ୍ଜିନିୟରିଂ ଛାତ୍ର ରବୀନ୍ଦ୍ର କୁମାର, ଅର୍ କୁମାର ସାହୁ, ମନୋହର ଲାହାରୀ।

ପ୍ରକାଶ ଯେ, ଭୋରରୁ ଏକ କାର୍ (ସିଜି-୦୪ଏଲ୍‌ଏସ୍-୦୫୪୫) ଦ୍ରୁତଗତିରେ ଆନ୍ଧ୍ର ଅଭିମୁଖେ ଯାଉଥିବାବେଳେ ସୁଙ୍କି ଫାଣ୍ଡି ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଏବଂ ପଟ୍ଟାଙ୍ଗୀ ଥାନା ଏଏସ୍‌ଆଇ ମଧୁସୂଦନ ନାୟକ ତାହାକୁ ଅଟକାଇଥିଲେ। ଗାଡ଼ିକୁ ଯାଞ୍ଚ କରିବାବେଳେ ଡିକିରେ ୪ଟି ବ୍ୟାଗ୍ ଥିବା ଦେଖିବାକୁ ମିଳିଥିଲା। ବ୍ୟାଗ୍ ଖୋଲିବାରୁ ସେଥିରେ ୭କୋଟି ୯୦ଲକ୍ଷ ଟଙ୍କା (୧୫୮୦ଟି ବିଡ଼ା) ନକଲି ନୋଟ୍ ମିଳିଥିଲା। ☞ପୃଷ୍ଠା-୪

# ପଲଟିଲେ | ପ୍ରଥମେ ପଜିଟିଭ୍, ଏବେ ନେଗେଟିଭ

ଭୁବନେଶ୍ୱର/ସମ୍ବଲପୁର, ୨।୩ (ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ବିଭିନ୍ନ ହଷ୍ଟେଲରେ ରହୁଥିବା ୨୫ଜଣ ଛାତ୍ରୀଛାତ୍ରଙ୍କ ଗତ ୨୬ତାରିଖରେ ଆଣ୍ଟିଜେନ୍ ରାପିଡ୍ ଟେଷ୍ଟରେ କୋଭିଡ୍ ପଜିଟିଭ ରିପୋର୍ଟ ଆସିଥିଲା। ଏତେ ସଂଖ୍ୟକ ପିଲାଙ୍କ ପଜିଟିଭ୍ ରିପୋର୍ଟ ଆସିବା ପରେ ଗତ ୨୭ରେ ଭିସୁଟର ୧୧ଟି ହଷ୍ଟେଲକୁ ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯିବା ସହ ଶଟ୍‌ଡାଉନ ଘୋଷଣା କରାଯାଇଥିଲା। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ହେଲେ ୪ଦିନ ପରେ ଅର୍ଥାତ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସ୍ପଷ୍ଟୀକରଣ ଦେଇଛନ୍ତି। ଏଥିରେ ସେ କହିଛନ୍ତି, ରାପିଡ୍ ଆଣ୍ଟିଜେନ୍ ଡିଟେକ୍ସନ କିଟ୍‌ରେ ତ୍ରୁଟି ଥିବା କାରଣରୁ ଭୁଲ୍ ରିପୋର୍ଟ ଆସିଥିଲା। ପଜିଟିଭ୍ ରିପୋର୍ଟ ଆସିଥିବା ସମସ୍ତ ୨୫ପିଲାଙ୍କ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ତେଣୁ କୋଭିଡ୍-୧୯ ରାପିଡ୍ ଆଣ୍ଟିଜେନ୍ ଡିଟେକ୍ସନ କିଟ୍(ବ୍ୟାଚ୍ ନଂ.ସିଏଜି-ଡି୦୦୮ ସିଏଜି) ଯୋଗାଣ କରିଥିବା ନୂଆଦିଲ୍ଲୀସ୍ଥିତ ଓସ୍କାର ମେଡିକେୟାର ପ୍ରାଇଭେଟ ଲିମିଟେଡକୁ ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଭଳି ତ୍ରୁଟିପୂର୍ଣ୍ଣ କିଟ୍ ଯୋଗାଣ ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନେଇ ୩ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସଚିବ ମହାପାତ୍ର ସୂଚନା ଦେଇଛନ୍ତି। ଜିଲା ପ୍ରଶାସନକୁ ମଧ୍ୟ ଏ ନେଇ ଅବଗତ କରାଯାଇଛି।

ଏହି ଖବର ଜଣାପଡ଼ିବା ପରେ ଭିସୁଟ୍‌କୁ ଆଶ୍ୱସ୍ତି ମିଳିଛି। ଦାୟିତ୍ୱରେ ଥିବା କୁଳପତି ବି.ବି. ପତି କହିଛନ୍ତି, ଏହା ଭିସୁଟ୍‌କୁ ଆଶ୍ୱସ୍ତ କରିଛି। ପ୍ରଶାସନ ପକ୍ଷରୁ ହୋଇଥିବା କଟକଣା ହଟିଲେ କ୍ଲାସ ଓ ପରୀକ୍ଷା କିଭଳି ହେବ ସେ ନେଇ ଆଲୋଚନା କରାଯିବ। ଅନ୍ୟପଟେ ପଜିଟିଭ ହୋଇଥିବା ୨୫ଜଣଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଭିଭାବକମାନେ ମଧ୍ୟ ଏଭଳି ନେଗେଟିଭ ଓ ପଜିଟିଭ ଖେଳକୁ ନିନ୍ଦା କରିଛନ୍ତି। ଜଣେ ଛାତ୍ର ଏ ନେଇ ଅଭିଯୋଗ କରୁଥିବା ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଛାତ୍ର ଜଣକ ପଜିଟିଭ ରିପୋର୍ଟ ବାହାରିଥିବା ୨୫ଜଣଙ୍କ ମଧ୍ୟରେ ଅଛନ୍ତି। ସେ ଅଭିଯୋଗ କରୁଛନ୍ତି ଯେ, କିଭଳି ଭାବେ ପରୀକ୍ଷା କରି ୨୬ ତାରିଖରେ ପଜିଟିଭ ଥିବା ଆମକୁ କୁହାଯାଇଥିଲା। ଗୁରୁତର ସଂକ୍ରମଣ ☞ପୃଷ୍ଠା-୪



**ଭିସୁଟ୍ ଆଶ୍ୱସ୍ତ**
- ସ୍ପଷ୍ଟୀକରଣ ଦେଲା ସ୍ୱାସ୍ଥ୍ୟ ବିଭାଗ
- କିଟ୍ ଯୋଗାଣକାରୀ ସଂସ୍ଥାକୁ କାରଣଦର୍ଶାଅ ନୋଟିସ୍
- ଖୁବ୍‌ଶୀଘ୍ର ହଟିପାରେ କଟକଣା
- ଛାତ୍ର ଅଭିଯୋଗର ଭିଡିଓ ଭାଇରାଲ

# ବଦଳିଲା ସ୍କୁଲ ଖୋଲିବା ସମୟ

**■ ନବମ, ଏକାଦଶ ପିଲାଙ୍କ ପାଠପଢ଼ା ସମୟ ସକାଳ ୭ ରୁ ୯ଟା**
**■ ଦଶମ, ଦ୍ୱାଦଶ ପିଲା ୮ଟାରୁ ମଧ୍ୟାହ୍ନ ୧୨ ଯାଏ ପଢ଼ିବେ**

ଭୁବନେଶ୍ୱର, ୨।୩(ବ୍ୟୁରୋ)

ସକାଳୁଆ ସ୍କୁଲ ପାଇଁ ସରକାରଙ୍କ ତରଫରୁ ପୂର୍ବରୁ ଅର୍ଥାତ୍ ଗତ ଶୁକ୍ରବାର ଦିଆଯାଇଥିବା ସମୟକୁ ମଙ୍ଗଳବାର ପରିବର୍ତ୍ତନ କରିଦିଆଯାଇଛି। ନବମ ଓ ଏକାଦଶ ପିଲାଙ୍କ ପାଇଁ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ସେହିପରି ଦଶମ ଓ ଦ୍ୱାଦଶ ପିଲାଙ୍କ ପାଇଁ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ପୂର୍ବରୁ ସ୍କୁଲ ସକାଳ ୭ରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଖୋଲିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ମହାମାରୀ କରୋନା ଲାଗି ଶିକ୍ଷାନୁଷ୍ଠାନ ବର୍ଷେରୁ ଅଧିକ ସମୟ ଧରି ବନ୍ଦ ରହିଥିଲା। ହେଲେ ଭୀଷଣ ଖରାର ପ୍ରକୋପ ଦେଖି ରାଜ୍ୟ ସରକାର ଚିନ୍ତାରେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଗଲା ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭାଗୀୟ ସମସ୍ତ ନିର୍ଦ୍ଦେଶକ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରି ମାର୍ଚ୍ଚ ୧ରୁ ସକାଳୁଆ ସ୍କୁଲ ହେବା ନେଇ ସୂଚନା ଦେଇଥିଲା। ଏହାସହ ନବମ ଏବଂ ଏକାଦଶ ପିଲାଙ୍କ ପାଇଁ ପାଠପଢ଼ା ସକାଳ ୮ଟା ୩୦ରୁ ୧୦ଟା ଯାଏ ନିର୍ଦ୍ଧାରଣ କରାଯାଇଥିଲା। ସେହିପରି ଦଶମ ଏବଂ ଦ୍ୱାଦଶ ପିଲାଙ୍କ ପାଠପଢ଼ା ଲାଗି ୧୧ଟାରୁ ୪ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ଏହାକୁ ନେଇ ଅଭିଭାବକ ଓ ଓଷ୍ଟା ପକ୍ଷରୁ ଆପତ୍ତି ଉଠାଯାଇଥିଲା। ଗ୍ରୀଷ୍ମ ପ୍ରବାହ ପାଇଁ ଯଦି ☞ପୃଷ୍ଠା-୪

# ମଦ ଦୋକାନ ପାଇଁ ଲଟେରି

ଭୁବନେଶ୍ୱର,୨।୩(ବ୍ୟୁରୋ)- ୨୦୨୧-୨୨ ଆର୍ଥିକ ବର୍ଷରେ ମଦ ଦୋକାନ କରିବା ପାଇଁ ଲଟେରି ବ୍ୟବସ୍ଥା କରାଯିବ। କେଉଁ ତାରିଖରେ ଲଟେରି ହେବ ତାହା ଜିଲାପାଳ ନିଷ୍ପତ୍ତି ନେବେ। ଏ ନେଇ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିପାଇଁ ପ୍ରତ୍ୟେକ ଜିଲାରେ ଜିଲାପାଳମାନେ ଆବେଦନପତ୍ର ଗ୍ରହଣ କରିବାକୁ ନୋଟିସ ଦେବେ। ଆବେଦନପତ୍ରଗୁଡ଼ିକ ଅନ୍‌ଲାଇନ (https://stateexcise.odisha.gov.in) ଜରିଆରେ ବିଜ୍ଞପ୍ତି ପ୍ରକାଶ ପାଇବାର ୧୪ ଦିନ ମଧ୍ୟରେ ଗ୍ରହଣ କରାଯିବ। ଲଟେରିରେ ଅଂଶଗ୍ରହଣ ପାଇଁ ଆବେଦନକାରୀଙ୍କୁ ନିଜର ପାସ୍‌ପୋର୍ଟ ଫଟୋ, ପ୍ୟାନ୍‌କାର୍ଡ, ପରିଚୟପତ୍ର ଦାଖଲ କରିବାକୁ ହେବ। ☞ପୃଷ୍ଠା-୪





# ସ୍ପେକ୍ଟ୍ରମ୍ ନିଲାମ ୭୭ ହଜାର କୋଟି ଟପିଲା

ଭୁବନେଶ୍ୱର, ୨।୩

ଟେଲିକମ୍ କମ୍ପାନୀଗୁଡ଼ିକ ଲାଗି ସୋମବାରଠାରୁ ଆରମ୍ଭ ହୋଇଥିବା ସ୍ପେକ୍ଟ୍ରମ୍ ନିଲାମ ମଙ୍ଗଳବାର ଶେଷ ହୋଇଛି। ଗତ ୨ଦିନ ମଧ୍ୟରେ ମୋଟ ୭୭,୮୧୫ କୋଟି ଟଙ୍କାର ନିଲାମ ଡକାଯାଇଥିବା ଟେଲିକମ୍ ସଚିବ ଅଂଶୁ ପ୍ରକାଶ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ମଙ୍ଗଳବାର ୧୨ଟା ୪୫ରେ ନିଲାମ ପ୍ରକ୍ରିୟା ଶେଷ ହୋଇଥିଲା। ୮୦୦ ମେଗାହର୍ଜ (ଏମ୍‌ଏଚ୍‌ଜେଡ୍), ୯୦୦ ମେଗାହର୍ଜ,୧୮୦୦ ମେଗାହର୍ଜ, ୨୧୦୦ ମେଗାହର୍ଜ ଏବଂ ୨୩୦୦ ମେଗାହର୍ଜ ନିଲାମ ହୋଇଥିଲା। ହେଲେ ୭୦୦ ଏବଂ ୨୫୦୦ ମେଗାହର୍ଜ ପ୍ରିମିୟମ ଏୟାରୱେଭକୁ କିଣିବାକୁ କେହି ଆଗ୍ରହ ପ୍ରକାଶ କରି ନ ଥିଲେ।

ଭାରତୀୟ ଟେଲିକମ୍ ବଜାରରେ ନିଜର ସ୍ଥିତି ଜାହିର କରିଥିବା ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓ ସ୍ପେକ୍ଟ୍ରମର ଅଧିକାଂଶ ଅଂଶ କିଣିଛି। ଜିଓ ୫୭,୧୨୨.୬୫ କୋଟି ଟଙ୍କାର ଏୟାର ୱେଭ୍ କିଣିଥିବା ବେଳେ ଏୟାରଟେଲ ୧୮,୬୯୯ କୋଟି ଟଙ୍କା ଏବଂ ଭୋଡାଫୋନ୍-ଆଇଡିଆ ଲିମିଟେଡ୍ ୧,୯୯୩.୪୦ କୋଟି ଟଙ୍କାର ଏୟାର ୱେଭ୍ କିଣିଥିବା ଜଣାପଡ଼ିଛି। ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ ଓ ଭୋଡାଫୋନ୍ ଆଇଡିଆ ଭଳି ଅଗ୍ରଣୀ ଟେଲିକମ କମ୍ପାନୀଗୁଡିକ ମଧ୍ୟରେ ସ୍ପେକ୍ଟ୍ରମ୍ କିଣିବା ଲାଗି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ୪ଜି ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକ ☞ପୃଷ୍ଠା-୪

**ଶୀର୍ଷରେ ଜିଓ**



# ବିବନଙ୍କ ଆଜି ହେବ ଟିଆଇ ପରେଡ

**ଅଞ୍ଜନାଙ୍କୁ ନ୍ୟାୟ**

**■ ଝାରପଡ଼ା ଜେଲରେ ଜେଏମ୍‌ଏଫ୍‌ସିଙ୍କ ସମ୍ମୁଖରେ ପୀଡ଼ିତା କରିବେ ଚିହ୍ନଟ**

ଭୁବନେଶ୍ୱର(ବ୍ୟୁରୋ), ୨।୩

ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କ ବୁଧବାର ଟେଷ୍ଟ ଅଫ୍ ଆଇଡେଣ୍ଟିଫିକେଶନ(ଟିଆଇ) ପରେଡ୍ ହେବ। ଝାରପଡ଼ା ଜେଲ୍‌ରେ ମଧ୍ୟାହ୍ନରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ (ଜେଏମ୍‌ଏଫ୍‌ସି) ସୁଜାଲିନ୍ ମହାନ୍ତିଙ୍କ ଉପସ୍ଥିତିରେ ପୀଡ଼ିତା ଅଞ୍ଜନା ଅଭିଯୁକ୍ତଙ୍କୁ ଚିହ୍ନଟ କରିବେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସେଠି ବସି ଏଠି ମାଡ଼**

# କଂଗ୍ରେସ ବନାମ କଂଗ୍ରେସ

ନୂଆଦିଲ୍ଲୀ, ୨।୩

ବୁଢ଼ିଗଲା ଗୋଡ଼ ତଳକୁ ତଳକୁ। ନିର୍ବାଚନରେ ଲଗାତର ପରାଜୟର ମୁହଁ ଦେଖୁଥିବା ଭାରତର ସର୍ବପୁରାତନ ଦଳ କଂଗ୍ରେସ ପାଇଁ ଏବେ ସମ୍ଭବତଃ ଏହି ଉକ୍ତି ପ୍ରଯୁଜ୍ୟ। ଯେଉଁମାନେ ଦିନେ ଗାନ୍ଧୀ ପରିବାରର ପରମ ଅନୁଗତ ଥିଲେ, ସେମାନେ ଆଜି ଭିନ୍ନ ମେଳି କରିଛନ୍ତି। ୨୩ ଅସନ୍ତୁଷ୍ଟ ନେତାଙ୍କୁ ନେଇ ଗଠିତ ଏକ ଅଣାନୁଷ୍ଠାନିକ ଗୋଷ୍ଠୀକୁ ଜି-୨୩ କୁହାଯାଉଛି। ରାଜ୍ୟ ସଭାରୁ ସଦ୍ୟ ଅବସରପ୍ରାପ୍ତ ନେତା ଗୁଲାମନବୀ ଆଜାଦ୍ ଜି-୨୩ ବିମାନ ଚଳାଉଥିବାବେଳେ ଏହାର କୋ-ପାଇଲଟ୍ ସାଜିଛନ୍ତି ଉଚ୍ଚ ସଦନର ସଦସ୍ୟ ଆନନ୍ଦ ଶର୍ମା।

ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ମଧ୍ୟରେ ପଶ୍ଚିମବଙ୍ଗ ସହ ଅନ୍ୟ ୩ ରାଜ୍ୟ କେରଳ, ଆସାମ ଓ ତାମିଲନାଡୁ ସମେତ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବ। କେରଳରେ ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ 'ଉତ୍ତର-ଦକ୍ଷିଣ ରାଜନୀତି'ର ପ୍ରଭେଦ ବତାଇ ଦକ୍ଷିଣ ଗଡ଼ ଜଗିଥିବାବେଳେ ତାଙ୍କ ଭଉଣୀ ତଥା ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତର-ପୂର୍ବ ଆସାମରେ କରିସ୍ମା ଦେଖାଇବାକୁ ଯାଇ ଆଦିବାସୀଙ୍କ ସହ ପାରମ୍ପରିକ ଝୁମୁର ନୃତ୍ୟ ନାଚିଥିବା ଦେଖିବାକୁ ମିଳିଛି। କଂଗ୍ରେସ କେରଳରେ ବାମପନ୍ଥୀଙ୍କ ସହ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ହଟାଇବା ପାଇଁ ବାମଦଳ ସହ ମିଶି ନିର୍ବାଚନ ଲଢୁଛି। ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ଗଡ଼ରେ ବାମଦଳ ସହ ମେଣ୍ଟ କରିବା ପର୍ଯ୍ୟନ୍ତ କଂଗ୍ରେସରେ ☞ପୃଷ୍ଠା-୭



## ଲୋଭ ପ୍ରବଳ, ଦକ୍ଷତା ଶୂନ

କଂଗ୍ରେସରେ ଆମୂଳଚୂଳ ପରିବର୍ତ୍ତନ ପାଇଁ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ଚର୍ଚ୍ଚାକୁ ଆସିଥିବା ଜି-୨୩ରେ କପିଲ ସିବଲ, ମନୀଷ୍ ତିୱାରୀ, ରାଜ୍ ବବ୍ବର, ଭୂପିନ୍ଦର ସିଂ ହୁଡ୍ଡା ପ୍ରମୁଖ ନେତା ଅଛନ୍ତି। ଏମାନେ ଜମ୍ମୁ ପରେ ଆଗକୁ ହରିୟାଣାର କୁରୁକ୍ଷେତ୍ରରେ ବୈଠକ କରିବାକୁ ଯାଉଛନ୍ତି। ଏହି ନେତାମାନେ କଂଗ୍ରେସ ଦଳର ନିଷ୍ପତ୍ତିକୁ ଖୋଲାଖୋଲି ସମାଲୋଚନା କରୁଥିବାବେଳେ ଅସନ୍ତୁଷ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ନ କରି ସ୍ଥିତି ସମୀକ୍ଷା କରୁଛନ୍ତି ହାଇକମାଣ୍ଡ। ଯେଉଁମାନେ ଏହି ଗୋଷ୍ଠୀର ନେତୃତ୍ୱ ନେଉଛନ୍ତି ସେମାନେ ସମସ୍ତେ ଉପା ସରକାର ୧ ଓ ୨ ଅମଳରେ ପ୍ରବଳ ଶକ୍ତିଶାଳୀ ମନ୍ତ୍ରୀ ଥିଲେ। କପିଲ ସିବଲ ସୂଚନା ଓ ପ୍ରଯୁକ୍ତିବିଦ୍ୟା, ମନୀଷ ତିୱାରୀ ସୂଚନା ଓ ପ୍ରସାରଣ, ଆନନ୍ଦ ଶର୍ମା ବାଣିଜ୍ୟ ମନ୍ତ୍ରଣାଳୟ ସମ୍ଭାଳୁଥିଲେ। ଏମାନେ କ୍ଷମତାରେ ଥିବାବେଳେ ଏଭଳି ପରିସ୍ଥିତି ସୃଷ୍ଟି କରିଥିଲେ ଯେ ଅଧିକାଂଶ ଦଳର ନେତା ନିଜ ଲୋକ ସଭା ଆସନରୁ ଜିତିବାରେ ଅକ୍ଷମ ହୋଇଥିଲେ। ପୁନର୍ବାର କ୍ଷମତାକୁ ଆସିବା ଆଶା ମଉଳିଯାଇଥିବାରୁ ଏବେ ଭାଜପା ଆଡ଼କୁ ଢଳୁଥିବା କୁହାଯାଉଛି। ଆଉ ଗୋଟିଏ କଥା ଦେଖିଲେ ☞ପୃଷ୍ଠା-୭






ଆନ୍ଧ୍ରପ୍ରଦେଶ ଅନନ୍ତପୁରର ୯ ବର୍ଷୀୟା କାଦାପଲା ରିତ୍‌ଭିକା ଆଫ୍ରିକାର ସର୍ବୋଚ୍ଚ ପର୍ବତ କିଲିମଞ୍ଜାରୋ ଆରୋହଣ କରିବାରେ ସଫଳତା ପାଇଛନ୍ତି। ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ରିତ୍‌ଭିକା ଗତ ଫେବୃୟାରୀ ୨୫ରୁ କିଲିମଞ୍ଜାରୋ ଆରୋହଣ ଆରମ୍ଭ କରିଥିଲେ। ସେ ସମୁଦ୍ରପତ୍ତନଠାରୁ ୫,୬୮୧ ମିଟର ଉଚ୍ଚରେ ଥିବା ଗିଲ୍‌ମ୍ୟାନ୍ ପଏଣ୍ଟରେ ପହଞ୍ଚିଥିଲେ। ତାଞ୍ଜେନିଆସ୍ଥିତ ଏହି ପର୍ବତ ଉପରେ ଚଢ଼ିବାରେ ରିତ୍‌ଭିକା ସର୍ବକନିଷ୍ଠା ପର୍ବତାରୋହୀ ଭାବେ ରେକର୍ଡ କରିଛନ୍ତି।



## ସଂକ୍ଷେପରେ

### ମ୍ୟାନ୍‌ମାର ସେନା ଆତଙ୍କବାଦୀ ସଙ୍ଗଠନ ଘୋଷିତ

**ନାପିତାଉ, ୨।୩:** ମ୍ୟାନ୍‌ମାରରେ ଗଣତନ୍ତ୍ର ସମର୍ଥନରେ ଆନ୍ଦୋଳନକୁ ଓହ୍ଲାଇଥିବା ଜନସାଧାରଣଙ୍କ ଉପରେ ଗୁଳିମାଡ଼ କରୁଥିବା ସେନାକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରାଯାଇଛି। ନିର୍ବାଚିତ ସରକାରଙ୍କୁ ଶାସନରୁ ହଟାଇବା ସହ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚାଳନା, ମାଡ ମାରିବା ଏବଂ ଗିରଫ କରିବା ଅଭିଯୋଗ କରି ମ୍ୟାନମାର ସାଂସଦମାନେ ଷ୍ଟେଟ ଆଡମିନିଷ୍ଟ୍ରେଶନ କାଉନସିଲକୁ ଆତଙ୍କବାଦୀ ଗୋଷ୍ଠୀ ଘୋଷଣା କରିଛନ୍ତି। ଦେଶରେ ସାମରିକ ଶାସନ ବିରୋଧରେ ମଙ୍ଗଳବାର ମଧ ବିଭିନ୍ନ ସହର ରାସ୍ତାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୟାଙ୍ଗୁନ ସମେତ ଅନ୍ୟାନ୍ୟ ସ୍ଥାନରେ ସେନା ପକ୍ଷରୁ ଆନ୍ଦୋଳନକାରୀଙ୍କ ଉପରେ ଲୁହାବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା। ଏ ପର୍ଯ୍ୟନ୍ତ ସାମରିକ କାର୍ଯ୍ୟାନୁଷ୍ଠାନରେ ୧୮ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

### କରୋନାରେ ଆଖିବୁଜିଲେ ଏମ୍‌ପି ନନ୍ଦ କୁମାର



**ଭୋପାଳ, ୨।୩:** ମଧ୍ୟପ୍ରଦେଶର ଭାଜପା ଏମ୍‌ପି ନନ୍ଦ କୁମାର ସିଂ ଚୌହାନଙ୍କ ସୋମବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସେ କରୋନାରେ ଆକ୍ରାନ୍ତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗତ ମାସରେ ତାଙ୍କୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପରିବାରରେ ସ୍ତ୍ରୀ, ଜଣେ ପୁଅ ଓ ଦୁଇ ଝିଅ ରହିଛନ୍ତି। ବୁଧବାର ବୁରହାନପୁର ଜିଲା ସ୍ଥିତ ତାଙ୍କ ପୈତୃକ ଘରେ ସତ୍କାର କାର୍ଯ୍ୟ କରାଯିବ। ୧୯୭୮ରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଚୌହାନ ୧୯୮୫ରୁ ୧୯୯୬ ପର୍ଯ୍ୟନ୍ତ ବିଧାୟକ ରହିଥିଲେ।

### ରଣକ୍ଷେତ୍ର ପାଲଟିଲା ସିନ୍ଧ ବିଧାନସଭା

ସିନ୍ଧ, ୨।୩: ପାକିସ୍ତାନର ସିନ୍ଧ ବିଧାନସଭାରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ତେହରିକ୍-ଏ-ଇନ୍‌ସାଫ ପାର୍ଟି ନେତାଙ୍କ ମଧ୍ୟରେ ମାଡ଼ପିଟ୍ ହୋଇଛି। ଏହାକୁ ନେଇ କିଛି ସମୟ ବିଧାନସଭା ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଦଳର ୩ ବିଧାୟକ ସେମାନେ ନିଜ ଇଚ୍ଛା ଅନୁଯାୟୀ ସିନେଟରେ ନିର୍ବାଚନରେ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଘୋଷଣା କରିଥିଲେ। ପିଟିଆଇ ପ୍ରାର୍ଥୀଙ୍କୁ ସମର୍ଥନ ନ ଦେବାରୁ ସମ୍ପୃକ୍ତ ୩ ବିଧାୟକଙ୍କୁ ବିଧାନସଭାରେ ଆକ୍ରମଣ କରାଯାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ପରସ୍ପର ତଳେ ଗଡ଼ି ମାଡ଼ପିଟ୍ ହୋଇଥିଲେ। ଗଣ୍ଡଗୋଳବେଳେ ଗୃହର ଅନ୍ୟ ସଦସ୍ୟମାନେ ସେଠାରୁ ଉଠି ବାହାରକୁ ପଳାଇଥିଲେ। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଅପଲୋଡ ହୋଇଥିବା ଦେଖିବାକୁ ମିଳିଛି।

# ପୀଡ଼ିତାଙ୍କୁ ଧମକ, ପିତାଙ୍କୁ ହତ୍ୟା

### ପୁଣି ଚର୍ଚ୍ଚାରେ ହାଥ୍‌ରସ

ଦୟାକରି ମୋତେ ନ୍ୟାୟ ଦିଅ। ପ୍ରଥମେ ସେ ମୋତେ ବଳାତ୍କାର କରିଥିଲେ। ଏବେ ମୋ ବାପାଙ୍କୁ ଗୁଳି କରି ମାରିଦେଇଛନ୍ତି। ମୋତେ ନ୍ୟାୟ ମିଳୁ ବୋଲି ଥାନା ସାମ୍ନାରେ ପୀଡ଼ିତା କାନ୍ଦୁଛନ୍ତି। ଖବରଦାତାମାନଙ୍କ ମୋବାଇଲରେ କଏଦ ହୋଇଥିବା ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ଗୁଳି ଚଳାଇଥିବା ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇ ପଶ୍ଚିମବଙ୍ଗକୁ ନିର୍ବାଚନ ପ୍ରଚାରରେ ଯାଇଛନ୍ତି। ସେଠାରେ କହିଛନ୍ତି, ଭାଜପା କ୍ଷମତାକୁ ଆସିଲେ ୨୪ ଘଣ୍ଟା ଭିତରେ ଗୋ ଚାଲାଣ ବନ୍ଦ କରିଦେବୁ।

**ଲକ୍ଷ୍ନୌ, ୨।୩**

ବଳାତ୍କାର, ଯୌନ ହିଂସାକୁ ନେଇ ନିନ୍ଦିତ ଉତ୍ତର ପ୍ରଦେଶର ହାଥରସ୍ ପୁଣି ଥରେ ଚର୍ଚ୍ଚାରେ। ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ମାସେ ଜେଲ୍‌ରେ ରହି ଜାମିନରେ ମୁକୁଳିଥିଲେ। ସୋମବାର ଅପରାହ୍ନ ୪ଟା ୩୦ରେ ଗାଁ ମନ୍ଦିର ବାହାରେ ଅଭିଯୁକ୍ତ ଓ ପୀଡ଼ିତ ପରିବାର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତ ଏଥିରେ ଉତ୍ତ୍ୟକ୍ତ ହୋଇ ପୀଡ଼ିତାଙ୍କ ବାପାଙ୍କୁ ଗୁଳି କରି ହତ୍ୟା କରିଛନ୍ତି।
ଗୁଳିମାଡ଼ରେ ପ୍ରାଣ ହରାଇଥିବା ବ୍ୟକ୍ତି ୨୦୧୮ ଜୁଲାଇରେ ଗୌରବ ଶର୍ମାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଗୌରବଙ୍କୁ ପୋଲିସ ଗିରଫ କରି ଜେଲ୍‌କୁ ପଠାଇଦେଇଥିଲା। ମାସେ ଯିବା ପରେ ଏକ ସ୍ଥାନୀୟ କୋର୍ଟରୁ ଜାମିନ ପାଇ ଗୌରବ ମୁକୁଳିଥିଲେ। ସେବେଠୁ ଦୁଇ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ଗୌରବଙ୍କ ସ୍ତ୍ରୀ ଓ ଖୁଡ଼ୀ ସୋମବାର ଏକ ମନ୍ଦିରକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତଙ୍କ ଦୁଇଝିଅଙ୍କ ସହ ସେମାନଙ୍କ କଥା କଟାକଟି ହୋଇଥିଲା। ଏଥିରେ ଅଭିଯୁକ୍ତ ଓ ପୀଡ଼ିତାଙ୍କ ବାପା ହସ୍ତକ୍ଷେପ କରିଥିଲେ। ଦୁହିଁଙ୍କ ଯୁକ୍ତିତର୍କରୁ ଉତ୍ତେଜନା ବୃଦ୍ଧି ପାଇଥିଲା। ଅଭିଯୁକ୍ତ ଗୌରବ ଘରକୁ ଯାଇ ଆଉ କେତେଜଣ ପୁରୁଷ ସଦସ୍ୟଙ୍କୁ ସେଠାକୁ ଡାକି ଆଣିଥିଲେ। ସେମାନେ ମିଶି ପୀଡ଼ିତାଙ୍କ ବାପାଙ୍କୁ ଗୁଳି କରିଥିଲେ। ଲହୁଲୁହାଣ ଅବସ୍ଥାରେ ହସ୍ପିଟାଲକୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ହାଥ୍‌ରସ ପୋଲିସ ମୁଖ୍ୟ ବିନିତ ଜୟସ୍ୱାଲ ଟୁଇଟରରେ ଏକ ଭିଡିଓ ଜାରି କରି ଏହା ପ୍ରକାଶ କରିଛନ୍ତି। ଏହି ମାମଲାରେ ଗୌରବଙ୍କ ପରିବାରର ଜଣେ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ଗୌରବ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଧରିପାରି ନାହିଁ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଫିସରମାନଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ଯାଇଛନ୍ତି।



ହାଥ୍‌ରସ୍: ଗୁଳିମାଡ଼ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମୃତଦେହକୁ ପରିବାର ଲୋକେ ହସ୍ପିଟାଲରୁ ବୋହି ନେଉଛନ୍ତି।

### ମାମଲା ପ୍ରତ୍ୟାହାର ନ କରିବାରୁ ବାପାଙ୍କୁ ମାରିଦେଲେ

ଗୌରବ ଶର୍ମା ମୋତେ ବଳାତ୍କାର କରିଥିଲେ। ମୋ ବାପା ଏନେଇ ଥାନାରେ ଏତଲା ଦେଇଥିଲେ। ଗୌରବ କିଛି ଦିନ ଜେଲରେ ରହି ଜାମିନରେ ଆସିଥିଲେ। ବାପାଙ୍କ ଉପରେ ସବୁବେଳେ ମାମଲା ପ୍ରତ୍ୟାହାର ପାଇଁ ଚାପ ପକାଉଥିଲେ। ସୋମବାର ମୋ ସାନଭଉଣୀ ଓ ମୁଁ ଗାଁ ମନ୍ଦିରକୁ ଯାଇଥିଲୁ। ଗୌରବ, ତାଙ୍କ ସ୍ତ୍ରୀ ଓ ଅନ୍ୟ ଦୁଇ ସମ୍ପର୍କୀୟ ସେଠରେ ଥିଲେ। ସେମାନେ ଆମକୁ କମେଣ୍ଟ ମାରିଥିଲେ। ଆମେ ସ୍ଥାନ ଛାଡ଼ି ଚାଲିଆସିଥିଲୁ।
ବାପା ଆଳୁ ଚାଷ କରିଥିବା ଆମ ବିଲକୁ ଯାଇଥିଲୁ। ଗୌରବ ଓ ତାଙ୍କ ସହଯୋଗୀମାନେ ସେଠାକୁ ଆସି ଆମକୁ ପୁଣି ଗାଳି କରିଥିଲେ। ମୁଁ ପ୍ରତିବାଦ କରିବାରୁ ସେମାନେ ମୋତେ ଦୁର୍ବ୍ୟବହାର କରିଥିଲେ। ଜାଗା ଛାଡ଼ି ଚାଲିଯିବା ପୂର୍ବରୁ ସେମାନେ ମୋତେ ଧମକ ଦେଇଥିଲେ। ଏହାର ଦୁଇ ଘଣ୍ଟା ପରେ ଅର୍ଥାତ୍ ଅପରାହ୍ନ ୩ଟା ୩୦ରେ ଗୌରବ ୪-୫ ଜଣଙ୍କୁ ଧରି ଆସି ମୋ ବାପଙ୍କୁ ଗୁଳି କରି ହତ୍ୟା କଲେ ବୋଲି ବଳାତ୍କାର ପୀଡ଼ିତା କାନ୍ଦି କାନ୍ଦି କହିଛନ୍ତି।





ଅଭିଯୁକ୍ତ ଗୌରବ ଶର୍ମା ସୋସିଆଲ ମିଡିଆରେ 'ଗୌରବ ସୋଗ୍ରା' ନାମରେ ପେଜ୍ ଖୋଲିଛନ୍ତି। ଫେସ୍‌ବୁକ୍‌ରେ ସେ ନିଜକୁ ସମାଜବାଦୀ ପାର୍ଟି ନେତା ବୋଲି ଦାବି କରିଛନ୍ତି। ଦଳ ସହ ଅଭିଯୁକ୍ତଙ୍କ ସମ୍ପୃକ୍ତିକୁ ସମାଜବାଦୀ ପାର୍ଟି ଖଣ୍ଡନ କରିଛି।

## ପଶ୍ଚିମବଙ୍ଗରେ ଯୋଗୀ

ପଶ୍ଚିମବଙ୍ଗରେ ଭୋଟ ବ୍ୟାଙ୍କ ପାଇଁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କ ତୁଷ୍ଟୀକରଣ ରାଜନୀତି କେବଳ ରାଜ୍ୟକୁ ନୁହେଁ, ସମଗ୍ର ଦେଶର ସୁରକ୍ଷା ଲାଗି ବିପଦ ସୃଷ୍ଟି କରିଛି। ଭାଜପାକୁ ଭୋଟ ଦିଅନ୍ତୁ। ଆମେ କ୍ଷମତାକୁ ଆସିବାର ୨୪ ଘଣ୍ଟା ମଧ୍ୟରେ ଗୋ ଚାଲାଣ ବନ୍ଦ କରିଦେବୁ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ



ପଶ୍ଚିମବଙ୍ଗର ମାଲଦାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଛନ୍ତି। ୨୯୪ ଆସନ

### '୨୪ ଘଣ୍ଟାରେ ବନ୍ଦ କରିଦେବୁ ଗୋ ଚାଲାଣ'

ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ମଧ୍ୟରେ ୮ ପର୍ଯ୍ୟାୟରେ ନିର୍ବାଚନ ହେବ। ୟୁପି ଭାରତରେ ବଳାତ୍କାର ଓ ଅପରାଧର କେନ୍ଦ୍ରସ୍ଥଳ ପାଲଟିଛି ବୋଲି ଟୁଇଟରରେ ୟୁଜର୍ସ କଡ଼ା ନିନ୍ଦା କରିଛନ୍ତି।



କେରଳ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ସଦସ୍ୟମାନେ କୋଚିରେ ତୈଳଦର ବୃଦ୍ଧି ପ୍ରତିବାଦରେ ମୁଣ୍ଡନ କରାଉଛନ୍ତି ।

## ନିର୍ବାଚନୀ ରାଜ୍ୟକୁ ଯିବେ କୃଷକ ନେତା

**ନୂଆଦିଲ୍ଲୀ, ୨।୩**

ଆଉ କିଛି ଦିନ ପରେ ବିଧାନସଭା ନିର୍ବାଚନ ହେବାକୁ ୫ ରାଜ୍ୟରେ ଭାଜପାକୁ ଲୋକେ ଭୋଟ ନ ଦେବାକୁ କୃଷକ ସଙ୍ଗଠନ ଭାରତୀୟ କିଷାନ ୟୁନିଅନ(ବିକେୟୁ) ପକ୍ଷରୁ ଅନୁରୋଧ କରାଯିବ। ଏଥିପାଇଁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଚାଷୀ ନେତା ଯାଇ ଭାଜପା ବିରୋଧରେ ଭୋଟ ଦେବାକୁ ଲୋକଙ୍କୁ କହିବେ ବୋଲି ବିକେୟୁ ନେତା ବଲବୀର ଏସ୍ ରାଜେୱାଲ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମାର୍ଚ୍ଚ ୧୨ରୁ ପ୍ରଥମେ ପଶ୍ଚିମବଙ୍ଗରୁ ଏହି ଅଭିଯାନ ଆରମ୍ଭ ହେବ। ଏହା ପୂର୍ବରୁ ଆସନ୍ତା ୬ ତାରିଖରେ କେଏମ୍‌ପି ଏକ୍ସପ୍ରେସ ୱେ ଅବରୋଧ କରାଯିବ। କେନ୍ଦ୍ରର ଭାଜପା



ବଲବୀର ଏସ୍ ରାଜେୱାଲ

ସରକାର ନୂଆ କୃଷି ଆଇନ ପ୍ରତ୍ୟାହାର ପାଇଁ ଆନ୍ଦୋଳନରତ ଚାଷୀଙ୍କ ଦାବି ଶୁଣୁ ନ ଥିବାରୁ ଏପରି କରାଯିବାକୁ ନିଷ୍ପତ୍ତି ହୋଇଥିବା ରାଜେୱାଲ ପ୍ରକାଶ କରିଛନ୍ତି। ନିର୍ବାଚନରେ କୌଣସି ନିର୍ଦ୍ଦିଷ୍ଟ

### ଭାଜପାକୁ ଭୋଟ ନ ଦେବାକୁ କହିବେ

ଦଳକୁ ସଙ୍ଗଠନ ସମର୍ଥନ ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଥିବାବେଳେ ଯେଉଁ ପ୍ରାର୍ଥୀ ଭାଜପାକୁ ହରାଇପାରିବେ ତାଙ୍କୁ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରାଯିବ। ସଙ୍ଗଠନ ନେତୃବୃନ୍ଦ ଜନସାଧାରଣଙ୍କ ନିକଟରେ ପହଞ୍ଚି କେନ୍ଦ୍ର ସରକାରଙ୍କ କୃଷକମାରଣ ନୀତି ବିଷୟରେ ଅବଗତ କରାଯିବ ବୋଲି ରାଜେୱାଲ କହିଛନ୍ତି। ଏହାପରେ ଅଣ ନିର୍ବାଚନୀ ରାଜ୍ୟରେ ମଧ ଏହି ଢଙ୍ଗରେ ଆନ୍ଦୋଳନ ଚାଲିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ପାର୍ଥୋ ଦାସଗୁପ୍ତାଙ୍କୁ ଜାମିନ

### ଟିଆର୍‌ପି ଦୁର୍ନୀତି

**ମୁମ୍ବାଇ, ୨।୩:** ଟେଲିଭିଜନ ରେଟିଂ ପଏଣ୍ଟ (ଟିଆର୍‌ପି) ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନସିଲ(ବିଏଆର୍‌ସି)ର ପୂର୍ବତନ ସିଇଓ ପାର୍ଥୋ ଦାସଗୁପ୍ତାଙ୍କୁ ମଙ୍ଗଳବାର ଜାମିନ ମିଳିଛି। ବମ୍ବେ ହାଇକୋର୍ଟ ଆବେଦନର ଶୁଣାଣି କରି ୨ ଲକ୍ଷ ଟଙ୍କା ବଣ୍ଡ୍ ବଦଳରେ ଦାସଗୁପ୍ତାଙ୍କ ଜାମିନ ମଞ୍ଜୁର କରିଛନ୍ତି। ଏଥିସହ ପ୍ରତି ମାସର ପ୍ରଥମ ଶନିବାର ସେ କ୍ରାଇମ ବ୍ରାଞ୍ଚ ନିକଟରେ ୬ ମାସ ପର୍ଯ୍ୟନ୍ତ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ପ୍ରତି ୩ ମାସରେ ଥରେ ଦାସଗୁପ୍ତା ପୋଲିସ ନିକଟରେ ଉପସ୍ଥିତ ହେବେ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି।

## ଗୁଜରାଟରେ ଭାଜପାକୁ ସଫଳତା

### ସ୍ଥାନୀୟ ନିର୍ବାଚନ

**ନୂଆଦିଲ୍ଲୀ, ୨।୩**

ଗୁଜରାଟର ୮୧ ମ୍ୟୁନିସିପାଲିଟି, ୩୧ ଜିଲା ପଞ୍ଚାୟତ ଏବଂ ୨୩୧ ତାଲୁକ ପଞ୍ଚାୟତରେ ହୋଇଥିବା ନିର୍ବାଚନର ମଙ୍ଗଳବାର ଭୋଟଗଣନା କରାଯାଇଛି। ସମସ୍ତ ନିର୍ବାଚନରେ ଭାଜପାକୁ ବିପୁଳ ବିଜୟ ମିଳିଛି। ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଖରାପ ପ୍ରଦର୍ଶନ କରିଥିବାବେଳେ ଆମ୍ ଆଦମୀ ପାର୍ଟି (ଏଏପି)କୁ ଅପେକ୍ଷାକୃତ ଭଲ ଫଳାଫଳ ମିଳିଛି। ମୋଟ ୮,୪୭୪ ଆସନ ମଧ୍ୟରୁ ୮୨୩୫ଟିରେ ନିର୍ବାଚନ ହୋଇଥିଲା। ବଳକା ସିଟ୍‌ରେ ପ୍ରତିଯୋଗୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ନିର୍ବାଚନ ଅନୁଷ୍ଠିତ ହୋଇଥିବା ୭୭୨୧ଟି ଆସନ ପାଇଁ ଭୋଟ ଗଣତି ହୋଇଛି। ମୋଟ ୨୦୮୫ ସିଟ୍‌ରେ ଭାଜପା ଏବଂ କଂଗ୍ରେସ ୬୦୨ ଆସନରେ ଆଗୁଆ ରହିଛି।
୮୧ ମ୍ୟୁନିସିପାଲିଟି ମଧ୍ୟରୁ ଭାଜପା ୭୫, କଂଗ୍ରେସ ୪ ଏବଂ ୨ଟିରେ ଅନ୍ୟ ଦଳ ଆଗୁଆ ରହିଛି। ସମସ୍ତ ୩୧ ଜିଲା ପଞ୍ଚାୟତରେ ମଧ ଭାଜପା ଆଗରେ ରହିଛି। ୧୯୬ ତାଲୁକ ପଞ୍ଚାୟତରେ ଭାଜପା ଏବଂ ୩୩ ତାଲୁକ ପଞ୍ଚାୟତରେ କଂଗ୍ରେସ ଅଗ୍ରଣୀ ରହିଛି।

# ମୁକୁଳିଲେ ୨୭୯ ଅପହୃତା ଛାତ୍ରୀ

- ନାଇଜେରିଆ ସ୍କୁଲରୁ ଉଠାଇନେଇଥିଲେ ଆତଙ୍କବାଦୀ
- ଡିସେମ୍ବରରୁ ତୃତୀୟ ଘଟଣା
- ସରକାରଙ୍କ ଉପରେ ଚାପ ପାଇଁ ଟାର୍ଗେଟରେ ସ୍କୁଲ

**ଆବୁଜା, ୨।୩**

ନାଇଜେରିଆର ଉତ୍ତରପଶ୍ଚିମ ରାଜ୍ୟ ଜାମ୍‌ଫ୍ରାର ଏକ ବୋର୍ଡିଂ ସ୍କୁଲରୁ ଅପହରଣ ହୋଇଥିବା ୨୭୯ ଛାତ୍ରୀ ବନ୍ଧୁକଧାରୀଙ୍କ କବଳରୁ ମୁକୁଳିଛନ୍ତି। ଏ ନେଇ ଜାମ୍‌ଫ୍ରା ଗଭର୍ନର ବେଲ୍ଲୋ ମାଟେୱାଲେ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଗତ ଶୁକ୍ରବାର କେତେଜଣ ବନ୍ଧୁକଧାରୀ ଜାନଗେବେ ସହରସ୍ଥିତ ଏକ ସରକାରୀ ବାଳିକା ବିଦ୍ୟାଳୟରେ ପଶି ପ୍ରାୟ ୩ ଶହ ଛାତ୍ରୀଙ୍କୁ ଅପହରଣ କରିଥିଲେ। ସନ୍ଦିଗ୍ଧମାନେ ସ୍କୁଲରେ ପଶିବା ସହ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପ୍ରତିହତ କରିବା ପାଇଁ ସ୍ଥାନୀୟ ମିଲିଟାରୀ କ୍ୟାମ୍ପକୁ ଘେରାଉ କରିଥିଲେ। ମୁକ୍ତ ହୋଇଥିବା ସମସ୍ତ ପିଲାଙ୍କୁ ରାଜଧାନୀ ଗାସାଉରେ ସୁରକ୍ଷିତ ଭାବେ ରଖାଯାଇଥିବା ଷ୍ଟେଟ କମିଶନର ଅବୁବକର ମହମ୍ମଦ ଦୁରାନ କହିଛନ୍ତି। ୧୦ କିମ୍ବା ତଦୂର୍ଦ୍ଧ୍ୱ ବର୍ଷ ବୟସର ଛାତ୍ରୀମାନେ ହାଲ୍‌କା ନୀଳ ରଙ୍ଗର ହିଜାବ ପିନ୍ଧିଥିବା ସହ ଖାଲି ପାଦରେ ଗୁସାଉସ୍ଥିତ ସରକାରୀ କାର୍ଯ୍ୟାଳୟ ପରିସରରେ ବସିଥିବା ଦେଖିବାକୁ ମିଳିଥିଲା। ଏବେ ସୁଦ୍ଧା କୌଣସି ଛାତ୍ରୀ ଅପହରଣକାରୀଙ୍କ କବଳରେ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ତେବେ କିପରି ଓ କେଉଁ ଉପାୟରେ ପିଲାମାନଙ୍କୁ ମୁକୁଳାଯାଇଛି ସେ ବାବଦରେ କିଛି ଜଣାପଡ଼ିନାହିଁ।
ଗତ ଡିସେମ୍ବରରୁ ନାଇଜେରିଆରେ ଏହା ହେଉଛି ତୃତୀୟ ଗଣ ଅପହରଣ ଘଟଣା। ଏହା ପୂର୍ବରୁ ଫେବୃୟାରୀ ୧୭ରେ ୨୪ ଜଣ କଲେଜ ଛାତ୍ର, ୬ ଷ୍ଟାଫ୍ ଏବଂ ୮ ଜଣ ସମ୍ପର୍କୀୟଙ୍କୁ ଅପହରଣ କରାଯାଇଥିଲା। ଗତ ଶନିବାର ସେମାନଙ୍କୁ ଅପହରଣକାରୀଙ୍କଠାରୁ ଉଦ୍ଧାର କରାଯାଇଥିଲା। ସେହିପରି ଡିସେମ୍ବରରେ ୩ ଶହ ଛାତ୍ରଙ୍କୁ ସ୍କୁଲରୁ ଉଠାଇ ନିଆଯାଇଥିଲା। ୨୦୧୪ରେ ଇସ୍‌ଲାମୀ ଚରମପନ୍ଥୀ ସଙ୍ଗଠନ ବୋକୋ ହରାମ ବୋର୍ନୋ ରାଜ୍ୟର ଚିବୋକସ୍ଥିତ ଏକ ସ୍କୁଲରୁ ୨୭୬ ଛାତ୍ରୀଙ୍କୁ ଅପହରଣ କରିଥିଲା। ସେମାନଙ୍କ ମଧ୍ୟରୁ ଶତାଧିକ ଛାତ୍ରୀ ଏବେ ସୁଦ୍ଧା ମଧ ନିଖୋଜ ଅଛନ୍ତି। ପାଶ୍ଚାତ୍ୟ ଶିକ୍ଷାକୁ ବିରୋଧ କରି ବୋକୋ ହରାମ ପକ୍ଷରୁ ବାରମ୍ବାର ସ୍କୁଲଗୁଡ଼ିକୁ ଟାର୍ଗେଟ କରାଯାଉଛି।
ଅନ୍ୟପକ୍ଷରେ ଆପରାଧିକ ସଙ୍ଗଠନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ବିଶେଷ କରି ପଶ୍ଚିମ ଆଫ୍ରିକାରେ ସ୍କୁଲ ପିଲାମାନଙ୍କୁ ଟାର୍ଗେଟ କରାଯାଉଛି। ଅପହରଣକାରୀଙ୍କୁ ବିନା କିଛି ମୂଲ୍ୟ କିମ୍ବା ସୁବିଧା ପ୍ରଦାନ କରାଯାଇ ନ ଥିବା ସରକାର କହୁଥିଲେ ମଧ ସାଧାରଣରେ ତାହା ଗ୍ରହଣୀୟ ହୋଇପାରୁନାହିଁ। ଟଙ୍କା କିମ୍ବା କୌଣସି ଅପରାଧୀଙ୍କୁ ଜେଲରୁ ମୁକୁଳାଇବା ବଦଳରେ ଅପହୃତଙ୍କୁ ଉଦ୍ଧାର କରାଯାଇଥିବା ଚର୍ଚ୍ଚା ହେଉଛି।



ଉଦ୍ଧାର ଛାତ୍ରୀମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ହସ୍ପିଟାଲକୁ ନିଆଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୫୧,୭୧,୧୫୫ | ୨୫,୫୪,୨୦୭ | ୯,୦୮,୪୨,୦୫୬ |
| ଭାରତ | ୧,୧୧,୩୭,୯୨୨ | ୧,୫୭,୩୭୦ | ୧,୦୮,୦୯,୧୦୧ |
| ଓଡ଼ିଶା | ୩,୩୭,୩୫୧ | ୧୯୧୭(+୫୩) | ୩,୩୪,୭୦୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ରେଲୱେ ପରୀକ୍ଷାର୍ଥୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରୁ ବାଦ୍ ଦିଅ

## ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ଦେଶର ବିଭିନ୍ନ ରାଜ୍ୟରେ କୋଭିଡ୍ ସଂକ୍ରମଣ ପୁଣି ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରେଳଷ୍ଟେଶନ ଓ ବିମାନବନ୍ଦରରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଅଧିକ ସଂକ୍ରମଣ ଥିବା ୧୨ ରାଜ୍ୟରୁ ଆସୁଥିବା ଯାତ୍ରୀମାନଙ୍କୁ ବାଧ୍ୟତାମୂଳକ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଉଛି। ତେବେ ମାର୍ଚ୍ଚ ୩ରୁ ୩୧ ତାରିଖ ମଧ୍ୟରେ ୧୦,୫୦୦ ପ୍ରାର୍ଥୀ ରେଲୱେରେ ନିଯୁକ୍ତି ପାଇଁ ଭୁବନେଶ୍ୱରରେ ପରୀକ୍ଷା ଦେବେ। ସେମାନଙ୍କୁ ଆଡ୍‌ମିଟ କାର୍ଡ ବହୁ ଆଗରୁ ଯୋଗାଇ ଦିଆଯାଇଥିବା ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ବିଳାସପୁର ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସେହି ପ୍ରାର୍ଥୀମାନଙ୍କୁ ବାଧ୍ୟତାମୂଳକ ହୋମ୍ କ୍ୱାରାଣ୍ଟାଇନ୍ ନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ବିଜୁ ପଟ୍ଟନାୟକ ବିମାନବନ୍ଦର, ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର(ଅପରେଶନ)ଙ୍କୁ ଚିଠିଲେଖି ଜଣାଇ ଦିଆଯାଇଛି। ଯେଉଁ ପରୀକ୍ଷାର୍ଥୀ ପରୀକ୍ଷା ପରିଚୟପତ୍ର ଦେଖାଇବେ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ନ ପଠାଇବାକୁ କୁହାଯାଇଛି। ତେବେ ଅନ୍ୟାନ୍ୟ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

ସଂକ୍ରମଣକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫେବୃଆରୀ ୨୭ ତାରିଖରେ ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କୁ ବାଧ୍ୟତାମୂଳକ ଭାବେ ୭ ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।

# ପୁଅ ମାଡ଼ରେ ବାପାଙ୍କ ଜୀବନ ଗଲା

**ବାଲେଶ୍ୱର ଅଫିସ, ୨।୩:** ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ବାଲିଆ ଅଞ୍ଚଳରେ ମଙ୍ଗଳବାର ରାତି ୮ଟା ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ପୁଅର ମାଡ଼ରେ ବାପାଙ୍କ ଜୀବନ ଯାଇଥିବା ଜଣାପଡିଛି। ବାଲିଆ ଗ୍ରାମର ଅଟୋଚାଳକ ଭରତ ଦାସଙ୍କ ପୁଅ ଦେବଜ୍ୟୋତି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ କଳହ ଲାଗିରହୁଥିଲା। ପୁଅର ଏଭଳି ଆଚରଣ ଲାଗି ବାପା ଭରତ ଖାଇବାକୁ ନ ଦେବାକୁ ଘରେ ମନା କରିଦେଇଥିଲେ। ସନ୍ଧ୍ୟାରେ ଦେବଜ୍ୟୋତି ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ପୁରୁଣା କଥାକୁ ନେଇ ପ୍ରଥମେ ମା' ଓ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଘର ଆଗରେ ପଡୋଶୀ ଜମା ହୋଇଯାଇଥିଲେ। ଘରେ ଲୋକ ଜମା ହେବା ଶୁଣି ବାପା ଭରତ ଘରକୁ ଫେରିଥିଲେ। ସେ ମଧ୍ୟ ପୁଅ ଦେବଜ୍ୟୋତିଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ। ପୁଅର ନିସ୍ଠୁର ମାଡ଼ରେ ବାପା ଭାରତ ଗୁରୁତର ହୋଇପଡିଥିଲେ। ତାଙ୍କୁ ବାଲେଶର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ମା' ଅନୀତା ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଦେବଜ୍ୟୋତିଙ୍କୁ ଅଟକ ରଖିଛି।




# ଖଣି, ଇସ୍ପାତ ଉତ୍ପାଦନ ଅଭିବୃଦ୍ଧି ଉପରେ ଫୋକସ୍



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଲକ୍ଷ୍ମୀନିବାସ ମିତ୍ତଲ ଏବଂ ସିଇଓ ଆଦିତ୍ୟ ମିତ୍ତଲଙ୍କ ସହ ଆଲୋଚନା କରୁଛନ୍ତି।

## ଧର୍ମେନ୍ଦ୍ର-ମିତ୍ତଲ ମୁଖ୍ୟଙ୍କ ଆଲୋଚନା

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଆର୍ସେଲର ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଲକ୍ଷ୍ମୀନିବାସ ମିତ୍ତଲ ଏବଂ ସିଇଓ ଆଦିତ୍ୟ ମିତ୍ତଲଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବୈଠକରେ ଓଡ଼ିଶାରେ ଇସ୍ପାତ ଉତ୍ପାଦନ, ଖଣିକ୍ଷେତ୍ରର ଅଭିବୃଦ୍ଧି ଏବଂ କମ୍ପାନୀର ସମ୍ପ୍ରସାରଣ ସହ ଜଡ଼ିତ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଓଡ଼ିଶାକୁ ଇସ୍ପାତର ପେଣ୍ଠସ୍ଥଳୀରେ ପରିଣତ କରିବା ଏବଂ ଏଥିରେ ଆର୍ସେଲର ମିତ୍ତଲର ଭୂମିକା କ'ଣ ରହିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି। ଏଥିସହିତ ନୂତନ ଉଦ୍ଭାବନ ମାଧ୍ୟମରେ ତୈଳ, ଗ୍ୟାସ୍, ଇସ୍ପାତ, ପେଟ୍ରୋକେମିକାଲ ଏବଂ ଖଣିକ୍ଷେତ୍ରକୁ ଅଧିକ ମଜଭୁତ୍ କରିବା, ଦକ୍ଷତାସମ୍ପନ୍ନ, ବିଶ୍ୱସ୍ତରୀୟ ପ୍ରତିଯୋଗିତା ଲାଗି ପ୍ରସ୍ତୁତି ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଛି।

୨୦୩୦ ସୁଦ୍ଧା ଦେଶରେ ବାର୍ଷିକ ୩୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। କେବଳ ଓଡ଼ିଶାରୁ ୧୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ କରାଯିବାକୁ ଯୋଜନା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନ ଏବଂ ଆତ୍ମନିର୍ଭର ଭାରତ ଆନୁକୂଲ୍ୟରେ ଓଡ଼ିଶାରେ ଥିବା ଧାତବ ଖଣିଜର ଭୂମିକା, ଏ କ୍ଷେତ୍ରରେ ଓଡ଼ିଶାର ଯୋଗଦାନ ନେଇ ଆଲୋଚନା ହୋଇଛି। ଇସ୍ପାତ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ସହ ଘରୋଇ ଇସ୍ପାତ ବୃଦ୍ଧି ଦିଗରେ ଗୁରୁତ୍ୱ ଦିଆଯାଉଛି। ବିଶ୍ୱର ସର୍ବବୃହତ୍ ଇସ୍ପାତ ଉତ୍ପାଦନକାରୀ କମ୍ପାନୀଙ୍କ ମଧ୍ୟରୁ ଅନ୍ୟତମ ଏହି କମ୍ପାନୀ ଭାରତରେ ସମ୍ପ୍ରସାରଣ କରିବା ପାଇଁ ଇଚ୍ଛୁକ। ଏଥିଲାଗି ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ଘରୋଇ ହସ୍ପିଟାଲ ସ୍ଥିତି ପରଖିବାକୁ ନିର୍ଦ୍ଦେଶ

## ଅଧିକ ଟିକାକରଣ କେନ୍ଦ୍ର ଖୋଲିବା ଯୋଜନା

### ଜିଲାପାଳ, ମହାନଗର ନିଗମ କମିଶନରଙ୍କୁ ସ୍ୱାସ୍ଥ୍ୟ ବିଭାଗର ଚିଠି

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟ ଜାରିରହିଛି। ସ୍ୱାସ୍ଥ୍ୟକର୍ମୀ, କୋଭିଡ୍ ଯୋଦ୍ଧା, ବରିଷ୍ଠ ନାଗରିକମାନଙ୍କୁ ଟିକାକରଣ କରାଯାଉଛି। ସମସ୍ତ ସରକାରୀ ହସ୍ପିଟାଲ ସମେତ କେନ୍ଦ୍ର ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍) ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ସହ ସହବନ୍ଧିତ ଘରୋଇ ହସ୍ପିଟାଲଗୁଡ଼ିକରେ ଟିକାକରଣ କେନ୍ଦ୍ର ଖୋଲା ଯାଇଛି। ତେବେ ଏହା ପର୍ଯ୍ୟାପ୍ତ ନ ହେବାରୁ ସରକାର ରାଜ୍ୟରେ ଥିବା ସମସ୍ତ ଘରୋଇ ହସ୍ପିଟାଲରେ କୋଭିଡ୍ ଟିକାକରଣ କେନ୍ଦ୍ର(ସିଭିସି) ଖୋଲିବାକୁ ଯୋଜନା କରିଛନ୍ତି। ତେବେ ଏଥିପାଇଁ କେତେକ ସର୍ତ୍ତ ରଖାଯାଇଛି। ଘରୋଇ ହସ୍ପିଟାଲରେ ପର୍ଯ୍ୟାପ୍ତ କୋଲ୍ଡ ଚେନ୍ ଇକ୍ୟୁପ୍‌ମେଣ୍ଟ ସୁବିଧା ଥିବ, ଟିକାକରଣ ପରେ ଅପେକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ହଲ୍ ସୁବିଧା ଥିବ, ଟିକାକରଣ ପାଇଁ ଅଧିକ ସଂଖ୍ୟାରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଓ ଟିକାକରଣ ପରେ ଯଦି କୌଣସି ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ତେବେ ସେଥିପାଇଁ ସମ୍ପୃକ୍ତ ହସ୍ପିଟାଲର ଦକ୍ଷତା ଥିବା ଆବଶ୍ୟକ। ଜିଲାଗୁଡ଼ିକରେ ଉକ୍ତ ସୁବିଧା ଥିବା ଘରୋଇ ହସ୍ପିଟାଲଗୁଡ଼ିକୁ ଟିକାକରଣ ପାଇଁ ଅନୁମତି ଦିଆଯିବ। ସେହି ହସ୍ପିଟାଲଗୁଡ଼ିକୁ ଚିହ୍ନଟ କରିବାକୁ ଜିଲାପାଳ, ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ କମିଶନରଙ୍କୁ ମଙ୍ଗଳବାର ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଚିଠି ଲେଖି ଜଣାଇଛନ୍ତି। ଘରୋଇ ହସ୍ପିଟାଲଗୁଡ଼ିକର ଫିଜିବିଲିଟି ଷ୍ଟଡି କରି ଖୁବ୍‌ଶୀଘ୍ର ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ପାଇବା ପରେ ସମ୍ପୃକ୍ତ ହସ୍ପିଟାଲଗୁଡ଼ିକୁ କୋଭିଡ୍-୧୯ ଟିକାକରଣ କେନ୍ଦ୍ର ଭାବେ ଘୋଷଣା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।



**ଆଜିର ମନ୍ତବ୍ୟ**

ପଶ୍ଚିମବଙ୍ଗରେ ଭାଜପା କ୍ଷମତାକୁ ଆସିଲେ ୨୪ ଘଣ୍ଟା ମଧ୍ୟରେ ଗୋଚାଲାଣ ବନ୍ଦ କରିବୁ।
**-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତେ ଚାଖଣ୍ଡେ ଖୋଳିବୁ ଗାତ**
**ପତର ଖଣ୍ଡିକେ ନ ଦେବୁ ହାତ**
**ଚାଖଣ୍ଡେ ଛାଡି ଭାଙ୍ଗିବୁ ଭଣ୍ଡା**
**ତେବେ ପାଇବୁ କଦଳୀ ପେଣ୍ଡା।**

କଦଳୀ ଚାଷ ସମ୍ପର୍କରେ ବର୍ଣ୍ଣନା। ଉପରୋକ୍ତ ପ୍ରଣାଳୀରେ ଚାଷ କରାଗଲେ ଭଲ କଦଳୀ ମିଳିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହଠା ଛାଡୁଛି ନା ତେନ୍ତୁଆ ଛାଡୁଛି**
**ବାଡ଼ି ଭାଙ୍ଗୁଛି ନା ସାପ ମରୁଛି।**

କେହି କାହାରିଠୁ କମ ନୁହନ୍ତି। ଉଭୟଙ୍କ ମଧ୍ୟରେ ଟକରାଟକରି ଅବସ୍ଥା। କେହି କାହାରିଠୁ ନଛୋଡ଼ ବନ୍ଧା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

## କାର୍‌ରେ ୭.୯କୋଟିର ...

ପୋଲିସ କାର୍‌ରେ ଥିବା ୩ଜଣଙ୍କୁ ଗିରଫ କରିଛି। ନକଲି ନୋଟ୍ ସବୁ ବିଶାଖାପାଟଣାକୁ ଚାଲାଣ ହେଉଥିବା ଅଭିଯୁକ୍ତମାନେ କହିଛନ୍ତି। ଏ ନେଇ ପଟ୍ଟାଙ୍ଗୀ ପୋଲିସ ୧୫/୨୧ରେ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳଙ୍କ ଉପସ୍ଥିତିରେ ସମସ୍ତ ଟଙ୍କାକୁ ସିଜ୍ କରାଯାଇଛି। ଖବରଦାତା ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା, ପଟ୍ଟାଙ୍ଗୀ ଥାନାଧିକାରୀ କୈବଲ୍ୟ ସେଠ, ସୁନାବେଡ଼ା ଥାନାଧିକାରୀ ଭୀମସେନ ନାୟକ, ସେମିଳିଗୁଡ଼ା ଥାନାଧିକାରୀ ଧୀରେନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପଲଟିଲେ...

ହୋଇଥିବା ନେଇ ମଧ୍ୟ ମତେ ଭୟଭୀତ କରାଯାଇଥିଲା। ହେଲେ ୪ଦିନ ପରେ ପୁଣି ନେଗେଟିଭ ଆସିଥିବା କୁହାଯାଉଛି। ଏହି ସମୟରେ ଛାତ୍ରୀଛାତ୍ର ଓ ପରିବାର ମାନସିକ ଚାପରେ ରହିଥିଲେ। ଅନେକ ଛାତ୍ରୀଛାତ୍ର ଔଷଧ ମଧ୍ୟ ସେବନ କରିଛନ୍ତି, ଯାହାକି ଶରୀରପକ୍ଷେ କ୍ଷତିକାରକ। ଏଭଳି ଭୁଲ ପାଇଁ ଦାୟୀ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭିସୁଟ୍‌ରେ ଏକାଥରକେ ୨୫ ଛାତ୍ରୀଛାତ୍ର ପଜିଟିଭ ଚିହ୍ନଟ ହେବା ଜଣାପଡ଼ିବା ପରେ ବୁର୍ଲା ସମେତ ଜିଲାବାସୀ ଭୟଭୀତ ହୋଇପଡିଥିଲେ। ପ୍ରଶାସନ ପକ୍ଷରୁ ଭିସୁଟ୍ କ୍ୟାମ୍ପସରେ ଥିବା ୧୧ ହଷ୍ଟେଲକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିଲା। ପୁଲହ ହଷ୍ଟେଲ ନିକଟରେ ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ମହାନଗର ନିଗମ କର୍ମଚାରୀଙ୍କୁ ନେଇ ନିୟନ୍ତ୍ରଣ କ୍ୟାମ୍ପ କରାଯାଇଥିଲା। ସେହିପରି ବୁର୍ଲାର ଜାଗୃତି ବିହାର କଲୋନୀ ଅନ୍ତର୍ଗତ ବ୍ଲକ -ଡିର ୫ ଓ ୬କୁ ମଧ୍ୟ ଅବରୋଧ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ଏହା ସଂଲଗ୍ନ ବ୍ଲକ -ଡିର ୭ ଓ ୮ ଏବଂ ସି ଟାଇପ ବ୍ଲକର କ୍ୱାର୍ଟର୍ସକୁ ବଫର ଜୋନ କରାଯାଇଥିଲା। ଏ ସମ୍ପର୍କରେ ନୋଡାଲ ଅଫିସର ଡ. ଏସ୍ ପୋଥାଳ କହିଛନ୍ତି, ଉକ୍ତ ଲଟ୍‌ରେ ଭିମ୍‌ସାରକୁ ଆସିଥିବା କିଟ୍‌କୁ ଆଉ ବ୍ୟବହାର କରାଯାଉ ନାହିଁ। ଅନ୍ୟ କିଟ୍ ଦ୍ୱାରା ପରୀକ୍ଷା କରାଯାଉଛି।

## ବଦଳିଲା ସ୍କୁଲ ...

ସକାଳୁଆ ସ୍କୁଲ କରାଯାଉଛି ତେବେ ଗୋଟାଏ ପରେ ସ୍କୁଲ ଖୋଲିଲେ ପିଲା ଏବଂ ଶିକ୍ଷକଙ୍କ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଯାଇଥିଲେ। ଏହା ପରେ ରାଜ୍ୟ ସରକାର ସ୍କୁଲ ସମୟ ପରିବର୍ତ୍ତନ ନେଇ ଆଲୋଚନା ଚଳାଇଥିବା ଗତ ସୋମବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ଏହାର ଦିନକ ପରେ ସ୍କୁଲ ଖୋଲିବା ନୂଆ ସମୟ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ଗଲା ଶୁକ୍ରବାର ସର୍ବାଧିକ ତାପମାତ୍ରା ୪୦.୪ ଡିଗ୍ରୀ ସେଲସିୟସ ଦେଖି ସରକାର ତୁରନ୍ତ ସ୍କୁଲ ସମୟ ପରିବର୍ତ୍ତନର ନିଷ୍ପତ୍ତି ନେଇଥିଲେ। ଗଲା କେତେବର୍ଷ ଧରି ଫେବୃୟାରୀରେ ଖରାର ପ୍ରକୋପ ୪୦ ଡିଗ୍ରୀ ରହିବା କେହି ଦେଖିବାକୁ ପାଇ ନ ଥିଲେ। ପ୍ରାୟତଃ ପ୍ରତ୍ୟେକ ବର୍ଷ ଏପ୍ରିଲରେ ସ୍କୁଲ ସକାଳୁଆ ଆରମ୍ଭ ହୋଇଥାଏ। ଅନ୍ୟପଟେ କରୋନା ମହାମାରୀର ପ୍ରକୋପ ପାଇଁ ବର୍ଷେ କାଳ ସ୍କୁଲ ,କଲେଜ ବନ୍ଦ ରହିବା ପରେ ପ୍ରଥମେ ଦଶମ ଓ ଦ୍ୱାଦଶ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ନବମ ଏବଂ ଏକାଦଶ ପିଲାଙ୍କ ସ୍କୁଲ ଯିବା ଲାଗି ନିଷ୍ପତ୍ତି ହୋଇଥିଲା। ହେଲେ ପ୍ରାଥମିକ ସ୍କୁଲ ଖୋଲିବା ନେଇ ଏଯାଏ କୌଣସି ନିଷ୍ପତ୍ତି ହୋଇନାହିଁ। ଫେବୃୟାରୀରେ ଯେପରି ଖରାର ପ୍ରକୋପ ରହିଲାଣି ତାକୁ ଦେଖି ଏବେଠାରୁ ସରକାର ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ଆରମ୍ଭ କରିଦେଇଛନ୍ତି।

## ବିବନଙ୍କ ଆଜି ହେବ ...

ଏଥିସହ ଅଭିଯୁକ୍ତଙ୍କୁ ଆସନ୍ତା ୪ ଓ ୫ତାରିଖ ୨ଦିନ ସିବିଆଇ ରିମାଣ୍ଡରେ ନେବାକୁ ସ୍ୱତନ୍ତ୍ର ସିଜେଏମ୍ ଅଦାଲତ ଅନୁମତି ଦେଇଛନ୍ତି। କୋଲ୍‌କାତାର ଏକ ସିବିଆଇ ଟିମ୍ ଅଭିଯୁକ୍ତ ବିବନଙ୍କ ଟିଆଇ ପରେଡ୍ ଏବଂ ୫ଦିନ ରିମାଣ୍ଡରେ ନେବାକୁ ମଙ୍ଗଳବାର ସ୍ୱତନ୍ତ୍ର ସିବିଆଇ ଅଦାଲତଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ଟିଆଇ ପରେଡ ସହ ୨ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ଏନେଇ ପୀଡ଼ିତା ଅଞ୍ଜନା କହିଛନ୍ତି, ଗଣବଳାତ୍କାର ଘଟଣାକୁ ଇତିମଧ୍ୟରେ ୨ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଏତେଦିନ ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବି। ଏହା କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ମନେପକାଇବାକୁ ଯଥାସମ୍ଭବ ଚେଷ୍ଟା କରିବି। ଏଥିସହ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଫେରାର ହେବାରେ କିଏ କିଏ ସବୁ ସହଯୋଗ କରିଥିଲେ, ସେ ଦିଗକୁ ଗୁରୁତର ସହ ତଦନ୍ତ କରିବାକୁ ଅଞ୍ଜନା କହିଛନ୍ତି।

ପ୍ରକାଶ ଯେ, ୧୯୯୯ ଜାନୁୟାରୀ ୯ରେ ବାରଙ୍ଗ ବେଲ୍‌ଗାଛିଆ ନିକଟରେ ଅଞ୍ଜନାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ତିନିଜଣଙ୍କ ମଧ୍ୟରୁ ଅଭିଯୁକ୍ତ ପ୍ରଦୀପ ସାହୁ ଓରଫ ପଦିଆ ଏବଂ ଧୀରେନ୍ଦ୍ର ମହାନ୍ତି ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ପାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ବିବନ ଫେରାର ଥିଲେ। ଦୀର୍ଘ ୨୨ବର୍ଷ ପରେ ନିକଟରେ କମିଶନରେଟ ପୋଲିସ ଅପରେଶନ ସାଇଲେଣ୍ଟ ଭାଇପରରେ ନିଜ ନାମ ପରିବର୍ତ୍ତନ କରି ମହାରାଷ୍ଟ୍ର ପୁଣେସ୍ଥିତ ଆମ୍ବିଭ୍ୟାଲିରେ ରହୁଥିବା ଅଭିଯୁକ୍ତ ବିବନଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତ ସିବିଆଇ କରୁଥିବାରୁ ତାଙ୍କୁ ଭୁବନେଶ୍ୱର ଅଣାଯାଇ ସିବିଆଇକୁ ହସ୍ତାନ୍ତର କରିଥିଲା।

## ମଦ ଦୋକାନ ...

ଏଥିସହିତ ବର୍ତ୍ତମାନର ଏବଂ ପୁରୁଣା ଆବେଦନକର୍ତ୍ତା ଅବକାରୀ ବିଭାଗର କୌଣସି ବକେୟା ନ ଥିବା ନେଇ ନୋ ଡ୍ୟୁ ସାର୍ଟିଫିକେଟ ଓ ଭାଟ୍ କ୍ଲିୟରାନ୍ସ ସାର୍ଟିଫିକେଟ ପ୍ରଦାନ କରିବେ। ଏଥିସହିତ ୧ ଲକ୍ଷ ଟଙ୍କା ଆବେଦନ ଫି' ବାବଦରେ ଜମା କରିବେ। ପ୍ରତ୍ୟେକ ଆବେଦନକାରୀ ଗୋଟିଏ ଦୋକାନ ପାଇଁ ଗୋଟିଏ ଆବେଦନ କରିପାରିବେ। ଲଟେରି ପରେ ଗୋଟିଏ ବର୍ଷ ପାଇଁ ଲାଇସେନ୍ସ ପ୍ରଦାନ କରାଯିବ। ତେବେ ଲାଇସେନ୍ସ ପାଇଥିବା ବ୍ୟକ୍ତି ରାଜ୍ୟ ସରକାରଙ୍କ ସର୍ତ୍ତାବଳୀ ଅନୁଯାୟୀ ବର୍ଷକୁ ବର୍ଷ ୫ ବର୍ଷ ପାଇଁ ଲାଇସେନ୍ସକୁ ନବୀକରଣ କରିପାରିବେ। ରାଜ୍ୟ ସରକାରଙ୍କ ୫-ଟି ଅଭିନବ କାର୍ଯ୍ୟକ୍ରମ ଅଧୀନରେ ଏଭଳି ବ୍ୟବସ୍ଥା କରାଯାଇଛି। ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ମଦ ଦୋକାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଥିଲା। ଲାଇସେନ୍ସବଣ୍ଟନରେ ସ୍ୱଚ୍ଛତା ଆଣିବା ସକାଶେ ଲଟେରି ବ୍ୟବସ୍ଥା ହୋଇଥିବା କୁହାଯାଉଛି।


## ସ୍ପେକ୍ଟ୍ରମ୍ ନିଲାମ ...

ପାଖରେ ଯେଉଁ ସ୍ପେକ୍ଟ୍ରମ ଥିଲା, ତାହାର ଅବଧି ଶେଷ ହୋଇଯାଉଥିବାରୁ ନୂଆ ସ୍ପେକ୍ଟ୍ରମ୍ ନିଲାମ କରାଯାଇଛି। କେନ୍ଦ୍ର ସରକାର ଟେଲିକମ୍ କମ୍ପାନୀଗୁଡ଼ିକ ଲାଗି ୩.୯୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୨୫୧.୨୫ ମେଗାହର୍ଜ ସ୍ପେକ୍ଟ୍ରମ୍ ନିଲାମ କରୁଛନ୍ତି। ୨,୨୫୦ ମେଗାହର୍ଜ ସ୍ପେକ୍ଟ୍ରମ, ଯାହାକି ଟେଲିକମ୍ ସିଗ୍ନାଲକୁ ୭ଟି ବ୍ୟାଣ୍ଡ୍ ବହନ କରିଥାଏ। ଏହାର ରିଜର୍ଭ ମୂଲ୍ୟ ବା ଷ୍ଟାର୍ଟ ମୂଲ୍ୟ ୪ ଲକ୍ଷ କୋଟି ରହିଥିଲା ଏବଂ ଏହାର ନିଲାମ ସୋମବାର ଠାରୁ ଆରମ୍ଭ କରାଯାଇଥିଲା। ନିଲାମର ପ୍ରଥମ ଦିନରେ ୭୭,୧୪୬ କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ ହୋଇଥିଲା।

## ସ୍ୱର୍ଗତ ଖବରଦାତା ପ୍ରବୀରଙ୍କ ସ୍ତ୍ରୀଙ୍କୁ ମିଳିଲା ୧୫ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା

ଭୁବନେଶ୍ୱର,୨।୩(ବ୍ୟୁରୋ)- କୋଭିଡ-୧୯ ସଂକ୍ରମିତ ହୋଇ ଜୀବନ ହରାଇଥିବା ସ୍ୱର୍ଗତ ଖବରଦାତା ପ୍ରବୀର ପ୍ରଧାନଙ୍କୁ ରାଜ୍ୟ ସରକାର ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ଜିଲାପାଳ ସନତ ମହାନ୍ତି ମଙ୍ଗଳବାର ପ୍ରବୀରଙ୍କ ସ୍ତ୍ରୀ ସୁଚିସ୍ମିତା ସ୍ୱାଇଁଙ୍କୁ ତାଙ୍କ କାର୍ଯ୍ୟାଳୟରେ ୧୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏହି ସହାୟତା ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ପ୍ରବୀର ନ୍ୟୁଜ -୧୮ ଖବରଦାତା ଭାବେ କାର୍ଯ୍ୟ କରୁଥିବା ସମୟରେ ୨୦୨୦ ନଭେମ୍ବର ୫ରେ କରୋନା ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିଲେ। ପ୍ରବୀରଙ୍କର ସ୍ତ୍ରୀ ଓ ୩ ବର୍ଷର ଝିଅ ଅଛନ୍ତି।

# classifieds Everyday 0674-2580101, 2549302




### BRIDE WANTED

Kaibart boy age 30 Diploma engineering private job salary 15000 month, Bhubaneswar resident. Contact: 8249089785. D-20096

Wanted Karan girl for Karan boy age-26+, Kumbha, 5'7" working in MNC at Chennai, 7lakhs per annum Contact: 9776241883, 8464066599. D-69039

### GROOM WANTED

ବ୍ରାହ୍ମଣ ଜାତି Government ଚାକିରିଆ ବିଧବା ନିଃସନ୍ତାନ 39ବୟସ୍କା ସୁନ୍ଦରୀ ଝିଅଙ୍କୁ general casteର ଘରଜ୍ୱାଇଁ ଦରକାର। 7681060810. D-67974

28ବୟସ୍କା Government Bankରେ ଚାକିରି କରୁଥିବା ଗୁଡ଼ିଆ ଜାତିର divorcee ଝିଅଙ୍କୁ any caste ପୁଅ ଦରକାର। 7381460070. D-67973

Wanted matching and suitable groom for Khandayat girl, Paediatri Doctor, 1991, 5'5", 8/4, Mobile: 9438120900. D-20112




### SALE

**40 Acres Plotting Township Near Sumhospital now Phase-2 open. We provide facilities are 30 feet concrete road Park,Temple,Electricity with streetlight in every road children's play area. For more details SHREE KRISHNA DEVELOPER 8337900880/ 8337900881.** D-69697

ରବିଟକିଜ ଛକରୁ 6 କିଲୋମିଟର ଦୂର ଶହୀଦନଗର ଥାନା ଅଧୀନ ବଙ୍କୁଆଳ ମୌଜାରେ ରାସ୍ତା, ଇଲେକ୍ଟ୍ରି ସୁବିଧାଥାଇ ଘରବାରି ପ୍ଲଟ୍ ପାଚେରି ସହ ବର୍ଗଫୁଟକୁ ମାତ୍ର **1300/- ଟଙ୍କା। ଯୋଗାଯୋଗ: 6372897984/ 8144658008.** D-20118

Bhubaneswar ସୁନ୍ଦରପଦାରେ ପାଚେରି ପ୍ଲଟ୍ (ଘରବାରି) ୪ଟା ବିକ୍ରିହେବ। Sqft.-1100/- LIPSA. 9853150290. D-70801

**Developed, demarcated gharabari plot ବାଲିଅନ୍ତା ଏବଂ ଉତ୍ତରା ନିକଟରେ କିଣନ୍ତୁ। 7008492511.** D-69377

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70431

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

ତମାଣ୍ଡୋ ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା ପ୍ଲଟ୍ ମିଳୁଅଛି। 9439864322. D-70200

**Plot for sale near Pipili Toll Gate, just 16kms from Bhubaneswar, Kalpana Square, 9937446498.** D-70547

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର **6** କିଲୋମିଟର ଦୂରରେ **1000sqft.** ଜାଗାସହ **2Bedroom, 2Bathroom, Drawing cum Dining, Kitchen and Garage** ମାତ୍ର **24**ଲକ୍ଷ। **Installment** ସୁବିଧା ଅଛି। **Call: 6372897984, 8144658008.** D-20117

Duplex sale ଘଙ୍ଗାପାଟଣା 1500sqft. land 2000sqft. construction 55,00,000/-, 4K.M. from Sum Hospital. 9437306208. D-69378

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK simplex, duplex, plot ଅଛି। 9658122456, 8327785834.** D-70188

**Gita College ଦେଉଳିଆପାଟଣା ନିକଟରେ developed gharabari plot 5,50,000/- କିଣନ୍ତୁ। 8457092465.** D-20069

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

**Bhubaneswar, Khordha NH side Pitapalli Chhaka ନିକଟରେ plot ମିଳୁଛି। 6372852525.** D-70192




Want a dream home on your own plot with engineer's supervision. Contact: 7008268129, 9439143273. D-67585

### GENERAL

### SALE

**Vietnam koi, Singhi, Rupchanda, Pangasius fish seeds available for biofloc fish farming. Contact: 6370797535.** D-20108




**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997




New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Swarna SPA newly open positively health benefits with expert therapist. 9556978408. D-70545

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70546




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/- 35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70540

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

### AFFIDAVIT

By virtue of an affidavit sworn in the Court of Executive Magistrate, Rajgangpur. I hereby declare that, previously I was known as John Deepak Xosla, son of Mansukh Xosla and it was recorded in all my documents, but now I want to change my surname from Xosla to Xess and henceforth I shall be known as John Deepak Xess, son of Mansukh Xess for all times and all purposes. D-20123

### LEGAL NOTICE

In the Court of the Civil Judge, Sr. Division, Athmallik
Sucession Case No.- 2/2020
Sulochana Karna and others
......Petitioner
Vrs-
The Branch Manager, LIC, Sambalpur
.......Opp. Party
Notice U/O 5, Rule-20 of C.P.C.

ଏହି ସମ୍ବାଦ ବିଜ୍ଞାପନ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ ଦରଖାସ୍ତକାରୀ ସୁଲୋଚନା କର୍ଣ୍ଣ ଏବଂ ଓଗେର ଆମ୍ଭ ଅଦାଲତରେ ୰ରାଜକିଶୋର କର୍ଣ୍ଣଙ୍କର ଉତ୍ତରାଧିକାରୀ ପ୍ରମାଣପତ୍ର (ସାର୍ଟିଫିକେଟ୍) ପାଇବା ନିମନ୍ତେ ଉପରୋକ୍ତ କେସ୍ ଦାଖଲ କରିଅଛନ୍ତି। ଏଣୁ ଉପରୋକ୍ତ ମୋକଦ୍ଦମାରେ ଉତ୍ତରାଧିକାରୀ ପ୍ରମାଣପତ୍ରକୁ ନେଇ ଯଦି କାହାର କିଛି ଅଭିଯୋଗ ଅଛି କିମ୍ବା କରିବାକୁ ଚାହାନ୍ତି, ତେବେ ଆମ୍ଭ ଅଦାଲତରେ ତା. ୧୮।୦୩।୨୧ରିଖରେ ହାଜର ହୋଇ ପକ୍ଷ ରଖିପାରିବେ। ନଚେତ୍ ଅଦାଲତ ଏକତରଫା ନିଷ୍ପତ୍ତି ନେବେ।
ଅଦାଲତଙ୍କର ସ୍ୱାକ୍ଷର ଓ ମୋହର ଦ୍ୱାରା ଏହି ନୋଟିସ ଜାରି କରାଗଲା।

ସ୍ୱା./- ବରିଷ୍ଠ ଦେୱାନୀ ବିଚାରପତି, ଆଠମଲ୍ଲିକ
ତା. ୨୬।୦୨।୨୦୨୧
ଧ-୨୦୧୨୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ୍ୟ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସ୍ତରରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହୋଇପାରେ। ସତର୍କତା ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯିବାର ଆଶଙ୍କା ରହିଛି। ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ପ୍ରଶାସନ, ଗବେଷଣା କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ସହ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**ମିଥୁନ** କାର୍ଯ୍ୟ ହାସଲ ସକାଶେ ପର ଉପରେ ନିର୍ଭର କରି ଚିନ୍ତାକୁଳ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। କାର୍ଯ୍ୟବ୍ୟସ୍ତତା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ** ଆଶା ଅପୂରଣ ରହିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ଭୁଲ୍ ବୁଝାମଣାବଶତଃ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। କ୍ରନିକ ରୋଗଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆଜିର ପ୍ରତ୍ୟେକ କାର୍ଯ୍ୟ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ ହେଲେ ଉପକୃତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**କନ୍ୟା** ବନ୍ଧୁଙ୍କ ପରାମର୍ଶରେ ତୀର୍ଥାଟନ କଥା ଚିନ୍ତା କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ସ୍ତରରେ ଦୁର୍ଭାବନା ବଢି ବଢି ଚାଲିବ। ଏଣେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**ତୁଳା** ଯୁକ୍ତିତର୍କଜନିତ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଆବଶ୍ୟକତା ଭରଣା କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ। ନିଜ ନିଜର ସ୍ୱାର୍ଥସାଧନ କରିବା ଉଦ୍ଦେଶ୍ୟରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ବିଛା** କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ସ୍ୱାର୍ଥସାଧନ ନୈରାଶ୍ୟରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। ଏଣେ ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ଧନୁ** ଅପ୍ରିୟ ସତ୍ୟ ଭାଷଣଜନିତ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବେ। ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି। କୌଣସି ଆଗନ୍ତୁକଙ୍କ ସହ ତର୍କଜନିତ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ।

**ମକର** କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ନିଜ ଚତୁଃପାର୍ଶ୍ୱରେ ଘଟିଯାଉଥିବା ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

**କୁମ୍ଭ** ଅତୀତକୁ ଧରିବସିଲେ ଏହି ସମୟର ସୁବିଧା, ସୁଯୋଗକୁ ହରାଇବାକୁ ପଡ଼ିବ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ମୀନ** ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଗୋଟିଏ କାମରେ ହାତ ଦିଅନ୍ତୁ କିନ୍ତୁ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ୫ମୀ ବୁଧବାର, ମାର୍ଚ୍ଚ-୩ ତାରିଖ। ବିଶ୍ୱ ବନ୍ୟପ୍ରାଣୀ ଦିବସ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, କର୍କଟ ରାଶିର ଘାତବାର। ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୬.୦୮ମି. ଗତେ ଘ.୦୭.୪୧ମି. ମଧ୍ୟେ, ଘ.୧୦.୦୧ମି. ଗତେ ଘ.୧୧.୩୫ମି. ମଧ୍ୟେ, ଘ.୦୩.୨୮ମି. ଗତେ ଘ.୦୫.୦୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୧.୫୫ମି. ଗତେ ଘ.୦୩.୨୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୫୮ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।




ବିଶ୍ୱ ବନ୍ୟପ୍ରାଣୀ ଦିବସ ଉପଲକ୍ଷେ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ୫୦ ହଜାର ପିଲାଙ୍କ ଆକାଉଣ୍ଟକୁ ଗଲା ୧୦୧ କୋଟି

## ଅନୁସୂଚିତ ଜାତି, ଜନଜାତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଅନୁସୂଚିତ ଜାତି, ଜନଜାତି ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ଏଥିରେ ୩ଟି ଆକାଂକ୍ଷା ହଷ୍ଟେଲ ଓ ୬୮ଟି ଅନ୍ୟ ଛାତ୍ରାବାସ ଉଦ୍‌ଘାଟନ, ହଷ୍ଟେଲରେ ରହୁଥିବା ୫.୭୫ ଲକ୍ଷ ଛାତ୍ରୀଛାତ୍ରଙ୍କୁ ମୋ ଛାତ୍ରାବାସ କାର୍ଡ, ୫୦ ହଜାର ଛାତ୍ରୀଛାତ୍ରଙ୍କୁ ବୃତ୍ତି, ମାତୃଭାଷାଭିତ୍ତିକ ଶିକ୍ଷାଦାନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଛନ୍ତି, ଶିକ୍ଷା ହେଉଛି ପରିବର୍ତ୍ତନର ଆଧାର। ଜନଜାତି ଭଉଣୀ, ଭାଇଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଉପରେ ସବୁବେଳେ ଗୁରୁତ୍ୱ ଦେଇଛନ୍ତି। ପ୍ରାଥମିକ ଶିକ୍ଷା ପାଇଁ ମାତୃଭାଷା ସବୁଠାରୁ ଉତ୍ତମ। ବର୍ତ୍ତମାନ ଆରମ୍ଭ ହୋଇଥିବା ସଂହତି କାର୍ଯ୍ୟକ୍ରମ ଦ୍ୱାରା ଦେଢ ଲକ୍ଷ ପିଲା ସୁବିଧାରେ ପାଠ ପଢ଼ି ପାରିବେ। ସେହିପରି ଓଡ଼ିଶା ଷ୍ଟେଟ ସ୍କଲାରଶିପ ପୋର୍ଟାଲ ଜରିଆରେ ୫୦ ହଜାର ଛାତ୍ରୀଛାତ୍ରଙ୍କୁ ୧୦୧ କୋଟି ଟଙ୍କା ପରିମାଣର ବୃତ୍ତି ପିଲାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି, ଜନଜାତି ପିଲାମାନଙ୍କୁ ସହରର ଭଲ ସ୍କୁଲରେ ଶିକ୍ଷା ଦେବା ପାଇଁ ଆକାଂକ୍ଷା ଯୋଜନା ଚାଲୁଛି। ଏହି ଯୋଜନାରେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ୩ଟି ଆକାଂକ୍ଷା ହଷ୍ଟେଲ ଉଦ୍‌ଘାଟନ କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପିଲାମାନଙ୍କ ଦକ୍ଷତା ବିକାଶ ଆମର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ପ୍ରୟାସ ଯୋଜନାରେ ୭୫୦୦ରୁ ଅଧିକ ଏସ୍‌ଟି, ଏସ୍‌ସି ଓ ଓବିସି ପିଲାଙ୍କ ପାଇଁ ସେ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସେହିପରି ଆପଦଗ୍ରସ୍ତ ଜନଜାତିଙ୍କ ଲାଗି ଆରମ୍ଭ ହୋଇଥିବା ପୃଷ୍ଟି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସେ କହିଛନ୍ତି, ଏହା ହେଉଛି ରାଜ୍ୟ ସରକାରଙ୍କ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଅଜିମ ପ୍ରେମଜୀ ଫିଲାନଥ୍ରପିକ ଇନିସିଏଟିଭର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ଏଠାରେ ୩୫୦୦ ପିଭିଟିଜି ଗ୍ରାମରେ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମଗୁଡିକ ଦ୍ୱାରା ଆମର ଜନଜାତି, ଜାତି ପିଲାମାନେ ଆଗକୁ ବଢିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ଜନଜାତି, ଜାତି ଛାତ୍ରୀଛାତ୍ରମାନେ ଆଗକୁ ବଢିବା ସହିତ ଓଡ଼ିଶାର ବିକାଶରେ ଯୋଗଦାନ ରଖିପାରିବେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ରାଉରକେଲା ବିଧାୟକ ସାରଦା ନାୟକ ଏହି ଅବସରରେ ଯୋଗଦେଇଥିଲେ। ନବରଙ୍ଗପୁର ଏବଂ କେନ୍ଦୁଝରର ବୃତ୍ତି ପାଇଥିବା ୨ଜଣ ନିଜର ମତାମତ ରଖି ଏହାଦ୍ୱାରା ସେମାନଙ୍କ ଉଚ୍ଚଶିକ୍ଷାରେ ସୁବିଧା ହେବ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମର ସଞ୍ଚାଳନ କରିଛନ୍ତି। ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥଲେ।

# କେବଳ ଅର୍ଥ ପାଇଁ ଉଦ୍ୟୋଗୀ ହୋଇନି

**ରାଜ୍ୟରେ ଇଲେକ୍ଟ୍ରୋନିକ୍ ଯାନ (ଇଭିଏସ୍) ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କ୍ଷେତ୍ରରେ ଓମ୍‌ଜୟ ଇଭି ଲିଃ ପ୍ରଥମ ଓଡ଼ିଶାଭିତ୍ତିକ କମ୍ପାନୀ। ୨୦୧୮ରେ କମ୍ପାନୀ ନିଜ ବ୍ରାଣ୍ଡ୍ ନେମ୍ 'ଇଇଭିଇ'ରେ ଇଲେକ୍ଟ୍ରୋନିକ୍ ଯାନକୁ ବଜାର ପ୍ରବେଶ କରାଇଥିଲା। ଏହି ବ୍ରାଣ୍ଡ୍ ଏବେ ଓଡ଼ିଶା ସମେତ ୧୧ ରାଜ୍ୟରେ ଉପସ୍ଥିତି ଜାହିର କରିପାରିଛି। ମହାମାରୀରେ ସବୁ ଆହ୍ୱାନକୁ ସାମ୍ନା କରିବା ସତ୍ତ୍ୱେ ଗ୍ରାହକଙ୍କୁ ସେବା ଯୋଗାଇବାରେ ବିଫଳ ହୋଇ ନ ଥିଲା କମ୍ପାନୀ। ଇଭିଏସ୍‌ର ସଫଳ ଯାତ୍ରା ସମ୍ପର୍କରେ କମ୍ପାନୀ ପ୍ରତିଷ୍ଠାତା ଜୟପ୍ରକାଶ ଡିଡ୍‌ୱାନିଆଙ୍କ ସହ କେଇପଦ କଥା।**



**➥ଇଲେକ୍ଟ୍ରୋନିକ୍ ଯାନ ଉତ୍ପାଦନ କ୍ଷେତ୍ରରେ ପ୍ରବେଶ କରିବା ପାଇଁ କେବେ ଚିନ୍ତା କରିଥିଲେ?**

ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ ଯାନ ତିଆରିକୁ ପ୍ରୋତ୍ସାହନ ଦେଉଛନ୍ତି। ଏହି ଦୃଷ୍ଟିରୁ ଓଡ଼ିଶା ତଥା ଭାରତର ବିଭିନ୍ନ ସ୍ଥାନରେ ଇଭିଏସ୍ ଉତ୍ପାଦନ ଆରମ୍ଭ ନେଇ ଚିନ୍ତା କରିଥିଲୁ। ଆମେ ଯାଜପୁର ଜିଲା ବଡ଼ଚଣାଠାରେ ଏକ ଅତି ଉଚ୍ଚକୋଟୀର ପ୍ଲାଣ୍ଟ ପ୍ରତିଷ୍ଠା କରିଛୁ। ରାଜ୍ୟରେ ଆମର ଉତ୍ପାଦନ କ୍ଷମତା ହେଉଛି ୭.୫ ଲକ୍ଷ ୟୁନିଟ୍। ଏବେ ୬ ପ୍ରକାର ଦୁଇଚକିଆ ମଡେଲ ଉତ୍ପାଦନ କରୁଛୁ। ଭବିଷ୍ୟତରେ ତିନିଚକିଆ ଇଭିଏସ୍ ପାଇଁ ମଧ୍ୟ ଯୋଜନା ରଖିଛୁ। ବର୍ତ୍ତମାନ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ଅରୁଣାଚଳପ୍ରଦେଶ, ମିଜୋରାମ ଓ ଉତ୍ତରାଖଣ୍ଡରେ ଆମର ୧୦୪ଟି ନେଟ୍‌ୱର୍କ ରହିଛି।

**➥ଡିଲରଶିପ୍ ବ୍ୟବସାୟରୁ ହଠାତ୍ ଉତ୍ପାଦନ କ୍ଷେତ୍ରକୁ କିପରି ଆସିଲେ?**

୪୦ ବର୍ଷ ଧରି ମୁଁ ଡିଲରଶିପ୍ ବ୍ୟବସାୟରେ ଥିଲେ ବି ତାହା ମୋତେ ସେମିତି ଆନନ୍ଦ ଦେଇ ନ ଥିଲା। ଡିଲରଶିପ୍ ବ୍ୟବସାୟରେ ସେଭଳି କୌଣସି ସ୍ୱଦେଶୀ ବିଚାର କିମ୍ବା ସିଦ୍ଧାନ୍ତ ଉପସ୍ଥାପନ କରିହୁଏ ନାହିଁ। କିନ୍ତୁ ଆତ୍ମସନ୍ତୋଷ ଲାଗି କିଛି ନୂଆ କରିବା ପାଇଁ ଥିବା ମୋ ଲକ୍ଷ୍ୟ ମୋତେ ଏହି କ୍ଷେତ୍ରକୁ ଟାଣିଆଣିଲା। ଏ କଥା ବି ସତ ଯେ କେବଳ ଅର୍ଥ ରୋଜଗାର ପାଇଁ ମୁଁ ଉତ୍ପାଦନ ଆରମ୍ଭ କରି ନ ଥିଲି।

**➥ମହାମାରୀ ସମୟରେ ଇଭିଏସ୍ କେଉଁ ସବୁ ଆହ୍ୱାନର ସମ୍ମୁଖୀନ ହୋଇଛି?**

ଓଡ଼ିଶା ପ୍ରାୟ ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଥାଏ। ଏହି ଦୃଷ୍ଟିରୁ ଆମ ବ୍ୟବସାୟରେ ଚ୍ୟାଲେଞ୍ଜ ନୂଆ କଥା ନୁହେଁ। ମହାମାରୀ ମଧ୍ୟ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ଏକ ବିପତ୍ତି। କିନ୍ତୁ ଏହି ସଙ୍କଟ ସମୟରେ ଆମର ସମସ୍ତ କର୍ମଚାରୀଙ୍କ ଉପଯୁକ୍ତ ଯତ୍ନ ନେଇଥିଲୁ।

**➥ଇଲେକ୍‌ଟ୍ରୋନିକ୍ ଯାନର ପ୍ରମୋଶନ ବେଳେ କି ଚ୍ୟାଲେଞ୍ଜ ଥିଲା?**

ସବୁଠୁ ବଡ କଥା ଥିଲା, ଉତ୍ତମ ଭିତ୍ତିଭୂମି କିମ୍ବା ଚାର୍ଜିଂ ଷ୍ଟେଶନ ବିନା ଇଲେକ୍ଟ୍ରୋନିକ୍ ଯାନ କେମିତି ଚାଲିବ। ଏହାକୁ ଆମେ ଏକ ସୁଯୋଗ ଭାବେ ଗ୍ରହଣ କରି ମାର୍କେଟରେ ପ୍ରବେଶ କଲୁ। ଗାଡ଼ିଚାଳକ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ ଟେକ୍ନୋଲୋଜିକୁ ନେଇ ସଚେତନ ଥିବାରୁ ବ୍ୟବସାୟ କରିବା ସହଜ ହୋଇପାରିଛି। ଆମେ ବିକ୍ରି ପରବର୍ତ୍ତୀ ସେବା ଯୋଗାଇବାକୁ ପ୍ରତିଶ୍ରୁତି ବି ଦେଉଛୁ। ଆମେ ହିଁ ପ୍ରଥମେ ୫ ବର୍ଷର ୱାରେଣ୍ଟି ପ୍ରଦାନ କରିଥିଲୁ।

**➥ଇଭିଏସ୍ କ୍ଷେତ୍ରରେ ସରକାରଙ୍କ ନୀତି କେବେ ଆସିବ ବୋଲି ଭାବୁଛନ୍ତି ?**

ମହାମାରୀ ପାଇଁ ପ୍ରକ୍ରିୟା ବିଳମ୍ବିତ ହୋଇଥିବା ମନେକରୁଛି। ଇଲେକ୍ଟ୍ରୋନିକ୍ ଯାନ ସମ୍ପର୍କିତ ସ୍ୱତନ୍ତ୍ର ନୀତି ଆଣିବା ପାଇଁ ସରକାର ଯଥାଶୀଘ୍ର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ସରକାରଙ୍କ ନୀତି ନିଶ୍ଚିତ ଭାବେ ଇଭିଏସ୍ ବିକ୍ରି ବୃଦ୍ଧି କରିବ।

**➥ଆପଣଙ୍କ କମ୍ପାନୀର ମନ୍ତ୍ର କ'ଣ?**

ଏହା ବହୁତ ସରଳ। ଆମେ ଆମ କର୍ମଚାରୀଙ୍କୁ ପରିବାର ସଦସ୍ୟ ବୋଲି ମନେକରୁ।

**➥ଯୁବ ଉଦ୍ୟୋଗୀମାନଙ୍କୁ ଆପଣ କି ବାର୍ତ୍ତା ଦେବାକୁ ଚାହାନ୍ତି?**

ଯୁବ ଉଦ୍ୟୋଗୀମାନେ ସେମାନଙ୍କ ଲକ୍ଷ୍ୟ ନେଇ ଆନ୍ତରିକ ପ୍ରୟାସ କରିବା ଉଚିତ। ଲକ୍ଷ୍ୟ ପ୍ରାପ୍ତି ପାଇଁ ସେମାନେ ଶତ ପ୍ରତିଶତ ଉଦ୍ୟମ କରିବା ଆବଶ୍ୟକ। କଠିନପରିଶ୍ରମକରିପ୍ରତିଶ୍ରୁତିବଦ୍ଧତଥାସମର୍ପିତହୁଅନ୍ତୁ।




# ୬ ବର୍ଷରେ ଗଲାଣି ୮୩୬ ବନ୍ୟପ୍ରାଣୀଙ୍କ ଜୀବନ

## ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ

ଭୁବନେଶ୍ୱର,୨।୩(ବ୍ୟୁରୋ)

ରାଜ୍ୟରେ ବନ୍ୟଜନ୍ତୁ ସୁରକ୍ଷିତ ନାହାନ୍ତି। ଜଙ୍ଗଲ ହ୍ରାସ ଏବଂ ଖାଦ୍ୟପାନୀୟ ଅଭାବ ଯୋଗୁ ଅନେକ ପ୍ରଜାତିର ଜୀବଜନ୍ତୁ ସବୁଦିନ ପାଇଁ ଧ୍ୱଂସ ପାଇଗଲେଣି। ଯେଉଁ କେତେକ ବଞ୍ଚି ରହିଛନ୍ତି ସେମାନେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ମନୁଷ୍ୟ ଓ ପ୍ରକୃତି ସହ ସଂଘର୍ଷ କରି ଜୀବନ ହରାଉଛନ୍ତି। ଆବାସସ୍ଥଳ ନଷ୍ଟ ହେବା ସହ ଖାଦ୍ୟପାନୀୟ ଅନ୍ୱେଷଣରେ ବନ୍ୟଜନ୍ତୁ ଜନବସତି ଆଡ଼କୁ ଚାଲି ଆସୁଛନ୍ତି। ମଣିଷ ହାବୁଡ଼ରେ ପଡ଼ି ଜୀବନ ହରାଉଛନ୍ତି। ଆଦିମ କାଳରେ ବଞ୍ଚିବା ପାଇଁ ମଣିଷ ବନ୍ୟପ୍ରାଣୀ ସହ ସଂଘର୍ଷ କରୁଥିବା ବେଳେ ଏବେ ଅଧିକ ରୋଜଗାର କରିବା ଲକ୍ଷ୍ୟରେ ଜୀବଜନ୍ତୁଙ୍କୁ ହତ୍ୟା କରୁଛି।

ରାଜ୍ୟରେ ଗତ ୬ ବର୍ଷ ମଧ୍ୟରେ ମଣିଷ ଓ ବନ୍ୟପ୍ରାଣୀ ମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ୬୮୯ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୮୩୬ ବନ୍ୟଜନ୍ତୁ ମଧ୍ୟ ମରିଥିବା ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବନ୍ୟଜନ୍ତୁ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ସୁରକ୍ଷା କରିବା ଆବଶ୍ୟକ, ନ ହେଲେ ଆଗାମୀ ଦିନରେ ରାଜ୍ୟରୁ ସେମାନେ ସମ୍ପୂର୍ଣ୍ଣ ଲୋପପାଇଯିବେ ବୋଲି ପରିବେଶବିତ୍ ଚିନ୍ତାପ୍ରକଟ କରିଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପରିବେଶ ନିର୍ଦ୍ଦେଶକ



ସୁଶାନ୍ତ ନନ୍ଦ କହିଛନ୍ତି, ବିଭିନ୍ନ ବନଖଣ୍ଡରେ ହାତୀମାନଙ୍କ ଅବାଧ ଚଳପ୍ରଚଳ ପାଇଁ କରିଡର ନିର୍ମାଣ କରିବାକୁ ସରକାର ଯୋଜନା କରିଛନ୍ତି। ଏଥିସହ କ୍ଷତିପୂରଣ ତୁରନ୍ତ ପ୍ରଦାନ ସହ ସଚେତନତା ସୃଷ୍ଟି କରାଗଲେ ଜୀବଜନ୍ତୁ ମୃତ୍ୟୁ ହାର ବହୁ ମାତ୍ରାରେ ହ୍ରାସ ପାଇପାରିବ।

# ମହିଳାଙ୍କୁ ଛୁରା ମାଡ଼

କୁଜଙ୍ଗ, ୨।୩(ଡି.ଏନ୍.ଏ.)

କୁଜଙ୍ଗ ଥାନା ଘୋଡାମରା ଗ୍ରାମର ଜଣେ ଦଳିତ ମହିଳାଙ୍କୁ ଛୁରା ମାଡ଼ ହୋଇଛି। ଏନେଇ ସେ ଥାନାରେ ଜଣାଇଥିବା ବେଳେ କୌଣସି ଅଭିଯୋଗ କରାଯାଇନାହିଁ ବୋଲି ଥାନା ଅଧିକାରୀ ପାରାଓ ଟୁଡୁ କହିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସେ ଗୁହାଳରୁ ଗୋବର ସଫା କରୁଥିବା ବେଳେ ଜଣେ ବ୍ୟକ୍ତି ସେଠାରେ ଚଦର ଘୋଡ଼ି ହୋଇ ବସିଥିବା ଦେଖିଥିଲେ। ଏହା ଦେଖି ମହିଳା ଜଣକ ବାହାରକୁ ବାହାରି ଆସିବା କ୍ଷଣି ସମ୍ପୃକ୍ତ ବ୍ୟକ୍ତି ତାଙ୍କ ପେଟରେ ଛୁରି ଭୁସି ଦେଇ ଫେରାର ହୋଇଯାଇଥିଲା। ମହିଳାଙ୍କ ପାଟି ଶୁଣି ପଡ଼ିଶା ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଟୁଡୁ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଯାହା କିଛି ତୁମ ଚେତନାକୁ ନିମ୍ନଗାମୀ କରେ– ମନରେ କାମନା ବାସନା ଜାଗ୍ରତ କରେ– ଏବଂ ନିମ୍ନପ୍ରବୃତ୍ତିଗୁଡ଼ିକୁ ଉତ୍ତେଜିତ କରେ– ସେପରି ସଙ୍ଗୀତର ଉଦ୍ଦେଶ୍ୟ ମହତ୍ ନୁହେଁ ଏବଂ ସେପରି ସଙ୍ଗୀତ ଶୁଣିବା ଉଚିତ ନୁହେଁ। –ଶ୍ରୀମା



# ସେଠି ବସି ଏଠି ମାଡ଼

ଭାରତର ବାଣିଜ୍ୟିକ ରାଜଧାନୀ ମୁମ୍ବାଇରେ ଗତବର୍ଷ ଅକ୍ଟୋବର ୧୨ ତାରିଖରେ ବ୍ୟାପକଭାବେ ବିଦ୍ୟୁତ୍ ବିଭ୍ରାଟ ଘଟିଥିଲା। ଜନବହୁଳ ଏହି ମହାନଗରୀ କାର୍ଯ୍ୟ ଦୁଇ ଘଣ୍ଟାରୁ ଅଧିକ ସମୟ ବନ୍ଦ ହୋଇଯାଇଥିଲା। ଏବେ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ବିଦ୍ୟୁତ୍ ଯୋଗାଣ ପରିଚାଳନା କରୁଥିବା ବ୍ୟବସ୍ଥାରେ ଚାଇନିଜ୍ ମାଲୱେର ବା ଚାଇନା ସାଇବର ଭାଇରସ୍ ପଠାଯାଇଥିଲା। ଭାରତ ଓ ଚାଇନା ଲଦାଖରେ ମୁହାଁମୁହିଁ ଛିଡ଼ାରେ ଥିବା ବେଳେ ବେଜିଂ ଏପରି ଷଡ଼ଯନ୍ତ୍ର କରିଥିଲା। ଆମେରିକୀୟ କମ୍ପାନୀ 'ରେକର୍ଡେଡ୍ ଫ୍ୟୁଚର' ସାଇବର ଆକ୍ରମଣ ସମ୍ପର୍କରେ ଭାରତକୁ ଆଗୁଆ ସୂଚନା ଦେଇଥିଲେ ମଧ୍ୟ ଏହାର ଅନୁସନ୍ଧାନ ଦିଗରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେଇ ନ ଥିଲେ କିମ୍ବା କେନ୍ଦ୍ର ସରକାର ତା'ର ପ୍ରତିକାର କରି ନ ଥିଲେ। ମୁମ୍ବାଇକୁ ଏଭଳି ଅନ୍ଧକାର କରି ରଖିବା ପଛରେ ଭାରତୀୟ ପାୱାର ଗ୍ରିଡ୍ ଉପରେ ଯଦି ଚାଇନାର ସାଇବର ଆକ୍ରମଣ ହୋଇଥାଏ, ତାହା ହେଲେ ଯୁଦ୍ଧର ଏକ ନୂତନ ଦିଗ ଉନ୍ମୋଚିତ ହୋଇଛି ବୋଲି କୁହାଯାଇପାରିବ। ପାରମ୍ପରିକ ଯୁଦ୍ଧ ଦୀର୍ଘଦିନ ଧରି ଚାଲିଥାଏ। ବନ୍ଧୁକ, ଗୁଳିଗୋଳା, କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ ପରେ ବାୟୋଲୋଜିକାଲ୍ ଓ୍ୱାରଫେୟାର ବା ବିଷାକ୍ତ ଜୀବାଣୁଙ୍କ ମାଧ୍ୟମ କରାଇ ମଣିଷ ଓ ପ୍ରାଣୀଜଗତକୁ ନଷ୍ଟ କରାଯିବା କାର୍ଯ୍ୟ ଚାଲିଛି। ଏବେ ସର୍ବାଧୁନିକ ଯୁଦ୍ଧକୌଶଳ କମ୍ପ୍ୟୁଟର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜରିଆରେ ମାଲୱେର ପଠାଇ ଶତ୍ରୁପକ୍ଷର ବିରାଟ କ୍ଷତି କରାଯାଇପାରିବ। ଚାଇନା ଏ ଦିଗରେ କ୍ରମାଗତ ପରୀକ୍ଷାନିରୀକ୍ଷା କରିଚାଲିଛି। ପୂର୍ବରୁ ଏହି ସ୍ତମ୍ଭରେ ଆମେ ଲେଖିଥିଲୁ ଯେ, ଶତ୍ରୁଙ୍କୁ ଦମନ କରିବା ଲାଗି ବେଜିଂ କୃତ୍ରିମ ବର୍ଷା କରୁଛି। ଏଥିରୁ ବୁଝାପଡୁଛି ଯେ, ଚାଇନା ଅନ୍ୟ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଲାଗି ତା'ର ପ୍ରଯୁକ୍ତି କ୍ଷେତ୍ରରେ ଗବେଷଣା କରିଚାଲିଛି। ବେଜିଂର ଏପରି ପଦକ୍ଷେପକୁ ପ୍ରତିହତ କରିବା ଲାଗି ଭାରତ ପ୍ରସ୍ତୁତ ଥିବା ଭଳି ମନେ ହେଉନାହିଁ। କୁହାଯାଉଛି ଭାରତ ବିଶ୍ୱର ପ୍ରଥମ ଦେଶ ଭାବେ ଆଭ୍ୟନ୍ତରୀଣ କଥାରେ ଲିପ୍ତ ରହୁଥିବାରୁ ବିରାଟକାୟ ବାହ୍ୟ ବିପଦରୁ ଦେଶକୁ ରକ୍ଷା କରିବାରେ ସରକାର ଅକ୍ଷମ। ଏବେ କେନ୍ଦ୍ର ସରକାର ସୋସିଆଲ, ଡିଜିଟାଲ ଏବଂ ଓଟିଟି ଭଳି ଇଣ୍ଟରନେଟ୍ ମଞ୍ଚକୁ ନିୟନ୍ତ୍ରଣ କରିବା ଲାଗି ନିୟମାବଳୀ ଆଣିଛି। ଉଲ୍ଲେଖଯୋଗ୍ୟ ଯେ, ଅଣାଯାଇଥିବା ନୂଆ ନିୟମ ସଂସଦୀୟ ଯାଞ୍ଚ ପରିସରଭୁକ୍ତ ହୋଇନାହିଁ କି କୌଣସି ବୈଧାନିକ ବ୍ୟବସ୍ଥା ଭିତରେ ଆସୁନାହିଁ। ହେଲେ ସରକାରଙ୍କ ମନୋଭାବ ଡାଞ୍ଚା ଦେଖିଲେ ଇଣ୍ଟରନେଟ୍ ଦ୍ୱାରା ପରିଚାଳିତ ସବୁ ମଞ୍ଚକୁ ହାତମୁଠାରେ ରଖିବାର କ୍ଷମତା ରଖିଛି। ବାସ୍ତବରେ ସରକାର ନିଜ ନାଗରିକଙ୍କ ପଛରେ ପଡ଼ିବା ପରିବର୍ତ୍ତେ ସେହି ମୂଲ୍ୟବାନ ସମୟକୁ ବ୍ୟବହାର କରି ଦେଶର ସୁରକ୍ଷା ପ୍ରତି ଧ୍ୟାନ ଦେବା ଥିଆନା କେନ୍ଦ୍ର ସରକାରଙ୍କ ପାଇଁ ବୁଦ୍ଧିମାନର କାର୍ଯ୍ୟ। ଦୁଃଖର ବିଷୟ ଯେ ତାହା କରାଯାଉ ନାହିଁ।

ବର୍ତ୍ତମାନର କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତ ସ୍ଲୋଗାନ ଦେଉଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସାମଗ୍ରୀ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦିଆଯାଉଛି। ଏକ ଜାତି ସ୍ୱାବଲମ୍ବୀ ହେବା ପାଇଁ ଏଭଳି ମନୋଭାବ ରଖିବା ସବୁ ସମୟରେ ସ୍ୱାଗତଯୋଗ୍ୟ। କିନ୍ତୁ ସେହି ଭାରତ ବାସ୍ତବରେ ଆତ୍ମନିର୍ଭର ହେବାକୁ ଚେଷ୍ଟା କରୁଥିବା ଭଳି କୌଣସି ସଙ୍କେତ ମିଳୁନାହିଁ। ଆମ ଘରେ ପଶି ଆମ ବିଦ୍ୟୁତ୍ ଯୋଗାଣକୁ କାଟିଦେଇ ପାରୁଥିବା ଚାଇନା ଲୋକ ବାରମ୍ବାର ପ୍ରମାଣ କରିଦେଉଛନ୍ତି ଯେ, ଆମେ ଅଥର୍ବ ରହିଛୁ। ଆତ୍ମନିର୍ଭରର ପ୍ରଥମ ପାହାଚ ହେଉଛି ନିଜ ଘରକୁ ନିଜେ ବଞ୍ଚାଇକରି ରଖିବା। ଯେଉଁ ଘର ଭିତରେ ପରିବାର ମୁଖ୍ୟ ଅନ୍ୟସବୁ ସଦସ୍ୟଙ୍କ ସହିତ ସର୍ବଦା ଝଗଡ଼ା କରୁଥାଏ, ସେହି ଘର ଏବଂ ପରିବାର ଭୁଶୁଡ଼ିପଡ଼ିବା ଅବଶ୍ୟମ୍ଭାବୀ। ତେବେ ବମ୍ବେ ଅନ୍ଧକାର ହେବା ଘଟଣାକୁ ତଜମା କରାଯିବା ପରେ କୁହାଯାଉଛି ଯେ, ଚାଇନାରେ ନିର୍ମିତ ଅନେକ ବୈଦ୍ୟୁତିକ ଉପକରଣରେ ହ୍ୟାକର୍ସ ଗ୍ରୁପ୍ ଅନ୍‌ଲାଇନ୍ ଆକ୍ରମଣ ପାଇଁ ମାଲୱେର ଖଞ୍ଜି ପଠାଉଛି। ସେହିଭଳି ଗୁଜରାଟରେ ସ୍ଥାପିତ ଓ ଚାଇନା ନିର୍ମିତ ସର୍ଦ୍ଦାର ପଟେଲଙ୍କ ବୃହତ୍ ପ୍ରତିମୂର୍ତ୍ତିରେ ଯେଭଳି ବ୍ୟବସ୍ଥା ଖଞ୍ଜା ଯାଇଛି, ତାହା ମଧ୍ୟ ପ୍ରଶ୍ନବାଚୀକୁ ଆସିଯାଇଛି।

# ୧୦୦ ଦିନ

ଗତ ୧୦୦ ଦିନ ଭାରତ ପାଇଁ ଅତ୍ୟନ୍ତ କଷ୍ଟଦାୟକ ସାବ୍ୟସ୍ତ ହୋଇଛି। ଏହା ଭିତରେ ୩ଟି ନୂତନ କୃଷି ଆଇନକୁ ବିରୋଧ କରି ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ୧୦୦ ଦିନ ପୂରିଛି। ଚାଷୀମାନେ ଆଇନ ପ୍ରତ୍ୟାହାର ଦାବିରେ ଅଡ଼ି ବସିଥିବାବେଳେ ସରକାର ଜିଦ୍‌ରେ ଅଟଳ ରହିଛନ୍ତି। ଜାନୁୟାରୀ ୨୬ରେ ଦିଲ୍ଲୀରେ ଘଟିଯାଇଥିବା ହିଂସା ଓ ସେଥିରେ ଦିଲ୍ଲୀ ପୋଲିସର ଭୂମିକା ବିଷୟରେ ସମସ୍ତେ ଜାଣିଛନ୍ତି। ଚାଷୀ ଆନ୍ଦୋଳନକୁ ବିଶ୍ୱବ୍ୟାପୀ ବିପୁଳ ସମର୍ଥନ ମିଳିବାବେଳକୁ କେନ୍ଦ୍ର ସରକାର ଯେଉଁଭଳି କୃଷି ଆଇନକୁ ନେଇ ଅଡ଼ି ବସିଛନ୍ତି ତାହା ଭାରତର ଭାବମୂର୍ତ୍ତିକୁ ଅନ୍ତର୍ଜାତୀୟ ସ୍ତରରେ ଦୁର୍ବଳ କରିଛି। ସ୍ୱିଡେନର ଜଳବାୟୁ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ ସହ ସମ୍ପର୍କରେ ଥିବା ଅଭିଯୋଗରେ ବେଙ୍ଗାଲୁରୁର ଜଳବାୟୁ କର୍ମୀ ୨୨ ବର୍ଷୀୟା ଦିଶା ରବିଙ୍କୁ ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ କରାଯିବା ଫଳରେ ଆହୁରି ଏକ ଝଡ଼ ବୋହିଥିଲା। ଯେଉଁ କ୍ଷେତ୍ରରେ ଗ୍ରେଟା କାର୍ଯ୍ୟ କରନ୍ତି, ତାହା ରାଜନୀତିଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ଥିବା ହେତୁ ଦିଶା ରବିଙ୍କ ଗିରଫ ହେବା ଏକ ଆଭ୍ୟନ୍ତରୀଣ ବିଷୟ ହୋଇ ରହିଲା ନାହିଁ।

ଏହି ୧୦୦ଦିନ ମଧ୍ୟରେ ଭାରତରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ଦେଶବାସୀଙ୍କୁ ଅତିଷ୍ଠ କରିଛି। ଦେଶର ବିଭିନ୍ନ ଭାଗରେ ପେଟ୍ରୋଲ ଦର ୧୦୦ଟଙ୍କା ଛୁଇଁଥିବାବେଳେ ଡିସେମ୍ବର ୨୦୨୦ରୁ ୧ ମାର୍ଚ୍ଚ ୨୦୨୧ ମଧ୍ୟରେ ଏଲ୍‌ପିଜି ୧୦୦ଟଙ୍କା ବୃଦ୍ଧି ପାଇବା ସମସ୍ତଙ୍କୁ ଆଚମ୍ବିତ କରିଛି। ଏଥିସହିତ ସରକାର ନିକଟରେ ସୋସିଆଲ ଓ ଡିଜିଟାଲ ମିଡିଆ ଏବଂ ଓଟିଟି ଭଳି ଇଣ୍ଟରନେଟ ମଞ୍ଚକୁ ନିୟନ୍ତ୍ରଣ କରିବା ଫଳରେ ଏକ ଧାରଣା ସୃଷ୍ଟି ହୋଇଛି ଯେ, ବାକ୍‌ସ୍ୱାଧୀନତା ଉପରେ କଟକଣା ଜାରି କରି କେନ୍ଦ୍ର ସରକାର ଗଣତନ୍ତ୍ର ବିରୋଧୀ ପଦକ୍ଷେପ ନେଇଛନ୍ତି। ସରକାରଙ୍କ ବିରୋଧରେ ଯିଏ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କୁ ଚାପି ଦେବା ପାଇଁ ଏହି ନିୟମାବଳୀକୁ ବ୍ୟବହାର କରାଯିବ ବୋଲି ଆଶଙ୍କା ସୃଷ୍ଟି ହେଉଛି।

ଅନ୍ୟପଟେ ଆସନ୍ତା ୧୦୦ଦିନ ପାଇଁ ଏକ ଭିନ୍ନ ଦୃଶ୍ୟ ଚିତ୍ରଣ ହେଉଛି। ଭାରତ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଜନିତ ସମସ୍ୟା ଭୋଗିବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ସତର୍କ କରାଇ ସାରିଲାଣି। ମାର୍ଚ୍ଚ ୧ରୁ ମେ'ଯାଏ ତାପମାତ୍ରା ପ୍ରବଳ ବୃଦ୍ଧି ପାଇବ ବୋଲି ଯେଉଁ ଆକଳନ କରାଯାଇଛି, ତାହାର ଆଭାସ ଜନସାଧାରଣ ଏଠାରେ ଅନୁଭବ କଲେଣି। ଇତିମଧ୍ୟରେ ଅନୁଗୋଳରେ ତାପମାତ୍ରା ୪୧.୧ ଡିଗ୍ରୀ ଓ ଭୁବନେଶ୍ୱରରେ ୪୦ ଡିଗ୍ରୀ ଅତିକ୍ରମ କରିବା ହେତୁ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇପଡିଛି। ଆଇଏମ୍‌ଡି ଆକଳନକୁ ଦେଖିଲେ ଆଗାମୀ ଶହେଦିନ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ଫଳରେ ଚାଷବାସ ଉପରେ ଘୋର ପ୍ରଭାବ ପଡ଼ିବ ଏବଂ ପିଇବା ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିବ।

ବିଗତ ଶହେଦିନ ମଧ୍ୟରେ ଯେଭଳି ଯନ୍ତ୍ରଣା ଲୋକଙ୍କୁ ହନ୍ତସନ୍ତ କରିଥିଲା ସେହିଭଳି ଆଗାମୀ ଶହେଦିନ ମଧ୍ୟ ଅସୁବିଧାରେ ପକାଇବ ବୋଲି ମନେହେଉଛି। ଜାନୁୟାରୀ ୧୬ରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଟିକାକରଣର ୪୫ ଦିନ ମଧ୍ୟରେ ଭାରତରେ ମାତ୍ର ୧ କୋଟି ୨୦ ଲକ୍ଷ ଲୋକଙ୍କୁ ଟିକା ଦିଆଯାଇଛି ବୋଲି କୁହାଯାଉଛି। ଭାରତର ୧୩୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାକୁ ଦେଖିଲେ ଉପରଲିଖିତ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ଏହି ମନ୍ଥର ଗତିରେ ଯଦି ଟିକାକରଣ କରାଯାଏ, ତେବେ ସମଗ୍ର ଦେଶର ଜନସଂଖ୍ୟା ପାଖରେ ଏହି ସୁବିଧା ପହଞ୍ଚିବା ପାଇଁ ଅନେକ ବର୍ଷ ଲାଗିଯିବ। ଇତିମଧ୍ୟରେ କରୋନା ଭୂତାଣୁ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଥିବାର ଖବର ମିଳିବା ପରେ ଦେଶର ଅନେକ କ୍ଷେତ୍ରରେ ତାହାର ନକାରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।



# ଚିପ୍‌କୋ ଆନ୍ଦୋଳନ ଓ ପ୍ରକୃତିର ତାଣ୍ଡବ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଫେବୃୟାରୀ ୭, ୨୦୨୧ ଦିନ ପ୍ରାୟ ୧୦ଟା। ସବୁଦିନ ଭଳି ସେଦିନ ମଧ୍ୟ ଉତ୍ତରାଖଣ୍ଡର ଚାମୋଲି ଅଞ୍ଚଳର ତପୋଭୂମି ହସୁଥିଲା ସୂର୍ଯ୍ୟକିରଣରେ । ହଠାତ୍ ମାଡ଼ି ଆସିଲା ଖଣ୍ଡପ୍ରଳୟ, ଋଷିଗଙ୍ଗା ଏବଂ ଧଉଳି ଗଙ୍ଗା ନଦୀରେ ଆକସ୍ମିକ ବନ୍ୟା ରୂପେ। ଉତ୍ତୁଙ୍ଗ ଜଳର ଲହରି ସାଥିରେ ହିମବାହଗୁଡ଼ିକରୁ ବିଚ୍ୟୁତ ବିଶାଳ ବରଫଖଣ୍ଡମାନ ଭସାଇ ନେଲା ବିସ୍ତୃତ ଜନବସତି, ନିର୍ମାଣାଧୀନ ଆନିକଟ ତଥା ଅନ୍ୟାନ୍ୟ ପ୍ରକଳ୍ପ ଏବଂ ତହିଁରେ କାର୍ଯ୍ୟରତ ଶ୍ରମିକମାନଙ୍କୁ। ସୁଡ଼ଙ୍ଗଗୁଡ଼ିକରେ ବନ୍ଦୀ ହୋଇଗଲେ ଶହ ଶହ ଲୋକ, ଯେଉଁମାନଙ୍କ ମଧ୍ୟରୁ ଖୁବ୍ କମ୍‌ଙ୍କୁ ମୃତ କିମ୍ବା ଜୀବିତ ଅବସ୍ଥାରେ ଉଦ୍ଧାର କରିବା ସମ୍ଭବ ହେଲା। କିଛିବର୍ଷ ପୂର୍ବେ ୨୦୧୩ରେ ଏହାର ଅନତି ଦୂରରେ ଏହି ହିମାଳୟ–ଗରୱାଲ ଅଞ୍ଚଳରେ ଘଟିଥିଲା ତହିଁରୁ ବଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ; ଯାହାର ସ୍ମୃତି ଏବେ ମଧ୍ୟ ଜନ ମାନସରୁ ଲିଭି ନାହିଁ। ଏଣୁ ଅନେକେ ପ୍ରଶ୍ନ କରୁଛନ୍ତି ଯେ, ଏଭଳି ଘଟଣା କାହିଁକି ବାରମ୍ବାର ଘଟୁଛି। ପରିବେଶବିତ୍ ଓ ବୈଜ୍ଞାନିକମାନେ ଏକ ସ୍ୱରରେ କହୁଛନ୍ତି, ଏହାର କାରଣ ହେଲା ଏହି ପରିସଂସ୍ଥା–ସମ୍ବେଦନଶୀଳ ତଥା ଭୂକମ୍ପପ୍ରବଣ ଅଞ୍ଚଳରେ ବ୍ୟାପକ ନିର୍ମାଣ କାର୍ଯ୍ୟ ଏବଂ ତଜ୍ଜନିତ ଉଷ୍ମତା ବୃଦ୍ଧି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପରିବେଶ ସୁରକ୍ଷା ସମ୍ପର୍କରେ କେବଳ ଆମ ଦେଶ କାହିଁକି ସମଗ୍ର ପୃଥିବୀରେ ସଚେତନତା ସୃଷ୍ଟି କରିଥିବା ଚିପ୍‌କୋ ଆନ୍ଦୋଳନ ୧୯୭୦ ଦଶକରେ ଆରମ୍ଭ ହୋଇଥିଲା ଏଠାର ଚାମେଲି ଗ୍ରାମରୁ; ଯେଉଁଠାରୁ କି ଏବେ ଆରମ୍ଭ ହୋଇଛି ପ୍ରକୃତିର ତାଣ୍ଡବ। ସେତେବେଳେ ଏଠାର କିଛି ମହିଳା ଠିକାଦାରଙ୍କ କୁରାଢ଼ି ଚୋଟରୁ ବଞ୍ଚାଇବା ପାଇଁ ଗଛଗୁଡ଼ିକୁ ଆଲିଙ୍ଗନ କରି ଆତ୍ମବଳି ଦେଇଥିଲେ। ଏହାକୁ ଏକ ଜନ ଆନ୍ଦୋଳନର ରୂପ ଦେଲେ ଗାନ୍ଧିବାଦୀ ସୁନ୍ଦରଲାଲ ବହୁଗୁଣା। ହେଲେ ତାଙ୍କ ପରେ ସ୍ଥାନୀୟ ଜନସାଧାରଣ, ପରିବେଶବିତ୍ ଏବଂ ବୈଜ୍ଞାନିକମାନଙ୍କ ପ୍ରତିବାଦ ସତ୍ତ୍ୱେ ବି ଅନ୍ଧ ଭାବେ ଏଠାରେ ଚାଲିଲା ତଥାକଥିତ 'ବିକାଶମୂଳକ କାର୍ଯ୍ୟକ୍ରମ'– ନଦୀଗୁଡ଼ିକରେ ଗଢ଼ା ହେଲା ଜଳବିଦ୍ୟୁତ୍ ଉତ୍ପାଦନ ଲାଗି ବହୁ ସଂଖ୍ୟକ ଆନିକଟ, ନିର୍ମିତ ହେଲା ପ୍ରଶସ୍ତ ରାସ୍ତାଘାଟ ଏବଂ ସ୍ଥାପିତ ଜନବସତି। ସେଥିପାଇଁ ଚାଲିଲା ବ୍ୟାପକ ବୃକ୍ଷଛେଦନ ଏବଂ ଭୂମି ଖନନ। ଏକ ସମ୍ବେଦନଶୀଳ ସ୍ଥାନର ପରିସଂସ୍ଥା ଓ ପରିବେଶ କିପରି ସୁସ୍ଥ ଓ ସହନୀୟ ରହିବ ସେଥି ସମ୍ପର୍କରେ ଯୁଗ ଯୁଗ ଧରି ବିକଶିତ ହୋଇଥିବା ସ୍ଥାନୀୟ ଲୋକଙ୍କ ଜ୍ଞାନ ହିଁ ସର୍ବଶ୍ରେଷ୍ଠ। କିନ୍ତୁ ଏ ସମସ୍ତ କାର୍ଯ୍ୟକଳାପରେ ସେମାନଙ୍କୁ ଅଣଦେଖା କରାଗଲା।

ବର୍ତ୍ତମାନ ଉତ୍ତରାଖଣ୍ଡରେ ରହିଛି ୭୫ଟି ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର। ଯୋଜନା ଅଛି, ଏହାକୁ ୧୭୧କୁ ବୃଦ୍ଧି କରିବା ପାଇଁ। ତାହା ହେଲେ ସେଠାର ହିମାଳୟରୁ ପ୍ରବାହିତ ସମସ୍ତ ନଦୀ, ଝରଣା ବା କ୍ଷୁଦ୍ର ନଦୀର ପ୍ରାକୃତିକ ଜଳ ପ୍ରବାହକୁ ରୋକିବାକୁ ପଡ଼ିବ। କେଦାରନାଥ ମହାବିପତ୍ତି (୨୦୧୩) ପରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହାର କାରଣ ଅନୁଧ୍ୟାନ ପାଇଁ ବିଶେଷଜ୍ଞ କମିଟି ଗଠନ କରିଥିଲେ। ଏହା ୨୦୧୪ ମସିହାରେ ଦେଇଥିବା ରିପୋର୍ଟରେ ସୂଚିତ କରିଥିଲା ଯେ, ଅତ୍ୟଧିକ ଆନିକଟ ନିର୍ମାଣ ହିଁ ଏହାର ମୁଖ୍ୟ କାରଣ। ଏଣୁ ରାଜ୍ୟର ହିମବାହ ସହିତ ସଂପୃକ୍ତ କୌଣସିଠାରେ ତାହା କିମ୍ବା ଅନ୍ୟ କିଛି ବଡ଼ ବଡ଼ ନିର୍ମାଣ କାର୍ଯ୍ୟ ନ କରିବା ପାଇଁ ତହିଁରେ ସୁପାରିସ କରିଥିଲା। ହେଲେ, ସରକାର ଏଥିପ୍ରତି ଦୃଷ୍ଟିପାତ ନ କରିବାରୁ ଏହାକୁ ନେଇ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ଅନେକ ସର୍ବସାଧାରଣ ସ୍ୱାର୍ଥ ମାମଲା ଦାଏର ହୋଇଛି। ତାହା ସତ୍ତ୍ୱେ ବି ଏବେ ଚାରିଧାମ ରାଜପଥ ଏବଂ ବିବିଧ ଜଳବିଦ୍ୟୁତ୍ କେନ୍ଦ୍ର ପ୍ରକଳ୍ପଗୁଡ଼ିକ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତହିଁରୁ ଅନେକ କରାଯାଉଛି ଉପଯୁକ୍ତ ପରିବେଶ ଆକଳନ ବିନା। ଏହାର ଏକ ପରିଣାମ ରୂପେ ପ୍ରକଟିତ ହୋଇଛି ବର୍ତ୍ତମାନର ଏହି ଖଣ୍ଡପ୍ରଳୟ। କୁହାଯାଉଛି ଯେ, ଏ ଘଟଣା ଘଟିଥିଲା ସମ୍ଭବତଃ ନନ୍ଦା ଦେବୀ ପର୍ବତରେ ଥିବା ଚାମେଲି ଗ୍ରାମ ନିକଟସ୍ଥ ଏକ ହିମବାହର ପ୍ରାଚୀର ହଠାତ୍ ଭାଙ୍ଗିପଡ଼ିବା ହେତୁ। ଫଳରେ ଋଷିଗଙ୍ଗା ଓ ଧଉଳି ଗଙ୍ଗା ନଦୀରେ ଆସିଗଲା ବନ୍ୟା। ଏହି ନଦୀ ଦୁଇଟି ମିଳିତ ହୋଇ ଉତ୍ପନ୍ନ କରିଛନ୍ତି ଗଙ୍ଗାନଦୀର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉପନଦୀ ଅଳକାନନ୍ଦା। ତେବେ ଏହି ହିମବାହଟି ଏ ଅସମୟରେ କାହିଁକି ଭାଙ୍ଗି ପଡ଼ିଲା ତାହା କହି ହେଉ ନାହିଁ, କାରଣ ସାଧାରଣତଃ ଶୀତଋତୁରେ ଏହାର ବରଫ ପ୍ରାଚୀର ସୁଦୃଢ଼ ରହିବାର କଥା। ଏହାର ବିପରୀତ ଘଟିଲା କିପରି ? ପରିବେଶବିତ୍ ଏଥିପାଇଁ ଦାୟୀ କରୁଛନ୍ତି ବନ ବିଧ୍ୱଂସ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଯୋଗୁ ଉତ୍ତପ୍ତ ହୋଇ ଉଠୁଥିବା ପରିବେଶକୁ ।

ସେମାନଙ୍କ ମତରେ 'କାରଣ ଓ ପରିଣାମ' ତତ୍ତ୍ୱ ଅତି ସୁସ୍ପଷ୍ଟ। ପ୍ରତ୍ୟେକ କାର୍ଯ୍ୟର ଏକ ସମାନ ଏବଂ ବିପରୀତ ପ୍ରତିକ୍ରିୟା ରହିଛି। ଅତଏବ ପରିବେଶ ବିଧ୍ୱଂସୀ କାର୍ଯ୍ୟକଳାପର ଏହା ଏକ ପରିଣାମ। ଏହାରି ମାଧ୍ୟମରେ ଦେବଭୂମି ହିମାଳୟ ଯେଉଁ ବାର୍ତ୍ତା ପ୍ରେରଣ କରିଛି ତାହା ବେଶ୍ ତୀବ୍ର ଏବଂ ପରିଷ୍କାର– ଏତାଦୃଶ ଅପରିଣାମଦର୍ଶୀ ଲଗାମହୀନ କାର୍ଯ୍ୟକଳାପର ପରିଣାମ କେବଳ ଧ୍ୱଂସାତ୍ମକ ହିଁ ହେବ। ଏ ସଂକେତକୁ ଏହା ବାରମ୍ବାର ଦୋହରାଉଛି– କେବଳ ତାହା ବେଶ୍ ତୀବ୍ର ହେଉଛି ତ ଆଉ କେବେ କମ୍। ଏଣୁ କେଦାରନାଥ ଦୁର୍ବିପାକ (୨୦୧୩) ପରେ ଆମର ଚେତନା ପଶିବାର ଥିଲା। କିନ୍ତୁ ତାହା ହେଲା ନାହିଁ। ଏବେ ପୁଣି ତା'ର ପୁନରାବୃତ୍ତି ଘଟିଛି। ତେବେ ଏହି ସମୟ ବ୍ୟବଧାନ ମଧ୍ୟରେ ସେ ନୀରବ ହୋଇ ବସି ନାହିଁ। ପ୍ରତିବର୍ଷ ଫେବୃୟାରୀରୁ ମେ ମାସ ମଧ୍ୟରେ ବାରମ୍ବାର ଘଟୁଥିବା ବାଡ଼ବାଗ୍ନି, ଜୁନ୍‌ରୁ ଅକ୍ଟୋବର ବର୍ଷାକାଳରେ ହେଉଥିବା ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ମାଧ୍ୟମରେ ସେ ଏହାର ସୂଚନା ଦେଇ ଚାଲିଛି। ଏହାର ପରିଣାମସ୍ୱରୂପ ବିଗତ ଦୁଇ ଦଶକ ମଧ୍ୟରେ ଏ ପ୍ରକାର ଛୋଟ ବଡ଼ ଘଟଣାରେ ଉତ୍ତରାଖଣ୍ଡର ପ୍ରାୟ ୬୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଅନୁମାନ କରାଯାଏ। ଅନ୍ୟପକ୍ଷରେ ଏହାର ଶିକାର ହୋଇଥିବା ସୁସ୍ଥ ପରିସଂସ୍ଥା ପାଇଁ ଅତ୍ୟାବଶ୍ୟକ ବନ୍ୟ ଜୀବଜନ୍ତୁ, ବୃକ୍ଷଲତା ଏବଂ କୀଟପତଙ୍ଗଙ୍କ ସଂଖ୍ୟା ଆକଳନ ହୋଇପାରିବ ନାହିଁ। ତେବେ ଏ ସବୁ ଫଳରେ ଏହି ପରିସଂସ୍ଥା– ସମ୍ବେଦନଶୀଳ ତଥା ଭୂକମ୍ପ ସକ୍ରିୟ ଅଞ୍ଚଳ ଘୋର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଚାଲିବ । ଏଣୁ ରାଜ୍ୟ ସରକାର ଏହା ପ୍ରତି ସଚେତନ ହୋଇ ଏହାର ସୁରକ୍ଷା ପ୍ରତି ଧ୍ୟାନ ନ ଦେଲେ ଏବଂ ଅନ୍ଧ ଭାବେ ପ୍ରକୃତିର ଅବକ୍ଷୟ ଘଟାଇ ଚାଲିଲେ ପରିଣାମ ଅଧିକରୁ ଅଧିକ ଭୟାବହ ତଥା ବ୍ୟାପକ ହେବାକୁ ଲାଗିବ। କେବଳ ଯେ ଏହା ଉତ୍ତରାଖଣ୍ଡ ପାଇଁ ପ୍ରଯୁଜ୍ୟ ତା' ନୁହେଁ, ସମଗ୍ର ଦେଶ ଏବଂ ଏପରି କି ସାରା ବିଶ୍ୱ ପାଇଁ ଏକ ସତର୍କ ଘଣ୍ଟି ହେବା ଉଚିତ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି
ବିହାର, ଭୁବନେଶ୍ୱର
ମୋ–୯୯୩୭୯୮୫୭୬୭



# ସାଧୁତାର ମହତ୍ତ୍ୱ

ପ୍ରକାଶ ତ୍ରିପାଠୀ

ସାଧୁତା ଓ ସଚ୍ଚୋଟତା ବିନା କୌଣସି ମଣିଷ ଶ୍ରେଷ୍ଠ ହୋଇପାରିନାହାନ୍ତି। ଏହାର ଲକ୍ଷ ଲକ୍ଷ ଉଦାହରଣ ଆମ ସମ୍ମୁଖରେ ଅଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମଣିଷଙ୍କ ଜୀବନୀରୁ ଏହା ସୁସ୍ପଷ୍ଟ। ବିଶିଷ୍ଟ ବିଦ୍ୱାନ୍ ମାର୍ଟିନ ଲୁଥରଙ୍କ ଭାଷାରେ ଗୋଟିଏ ରାଷ୍ଟ୍ରର ସମୃଦ୍ଧି ନିର୍ଭର କରେ ନାହିଁ ସେ ଦେଶର ଥିବା ସମ୍ପଦ, ଅଟ୍ଟାଳିକା ବା ସୌନ୍ଦର୍ଯ୍ୟର ଶିଳା ଉପରେ ବରଂ ନିର୍ଭର କରେ ସେ ଦେଶର ଜନ ମାନସିକତା, ଶିକ୍ଷା, ସଂସ୍କାର, ସଭ୍ୟସଂସ୍କୃତି ମଣିଷମାନଙ୍କ ଉପରେ ଓ ସେମାନଙ୍କ ସାଧୁତା ଉପରେ। ମନେପଡ଼େ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ରଚିତ ଏକ ପୁସ୍ତକରେ ବର୍ଣ୍ଣିତ ଏକ ଅଙ୍ଗେ ନିଭା କଥା। ଲଣ୍ଡନରେ ପଢୁଥିବା ବେଳେ କଲେଜ ଲାଇବ୍ରେରିରୁ ବହିଟିଏ ଆଣି ଟ୍ରେନରେ ଘରକୁ ଫେରୁଥିବା ବେଳେ ବାଟରେ କେଉଁଠି ବହିଟି ହଜିଗଲା। ଡରିଗଲେ ସେ। ଭାବିଲେ,ସହଜେ ବ୍ରିଟେନ ନାଗରିକମାନେ ଭାରତୀୟଙ୍କୁ ଘୃଣା କରନ୍ତି, ପୁଣି ବହି ହଜିଯିବା କଥା କହିଲେ ସେମାନେ ନିଶ୍ଚିତ ଭାବିବେ ଯେ ଭାରତୀୟମାନେ କେବଳ ଠକ ନୁହନ୍ତି, ମିଥ୍ୟାବାଦୀ ମଧ୍ୟ। ଯାହା ହେଉ କାଲି ସେ କଲେଜ ଲାଇବ୍ରେରିକୁ ଯାଇ ସବୁ ସତକଥା କହିବେ ବୋଲି ନିଷ୍ପତ୍ତି ନେଲେ। ତା' ପରଦିନ ସେ ଯେତେବେଳେ ଲାଇବ୍ରେରିଆନଙ୍କୁ ବହି ହଜିଯିବା କଥା କହିବା ଆରମ୍ଭ କଲେ, ଲାଇବ୍ରେରିଆନ ତୁରନ୍ତ ସହାସ୍ୟ ବଦନରେ ସେହି ବହିଟି ସେ ଫେରିପାଇଥିବା ଜଣାଇ ଦେଲେ। ଏହି ଘଟଣାଟିର ପଛ କଥା ହେଲା ବହିଟି ବାଟରେ ପଡ଼ିଗଲା ପରେ ଯେଉଁ ଭଦ୍ରବ୍ୟକ୍ତି ସେ ବହିଟି ପାଇଲେ, ସେ ବହିରେ ଲଗାଯାଇଥିବା ମୋହରରୁ ଜାଣିପାରି ଥିଲେ ଯେ ବହିଟି ସେହି ଲାଇବ୍ରେରିର। ତେଣୁ ସେ ତୁରନ୍ତ ବହିଟିକୁ ଲାଇବ୍ରେରିରେ ଫେରାଇ ଦେଇଥିଲେ। ଏହାହିଁ ଗୋଟିଏ ମହାନ ଜାତିର ମହାନ ଚରିତ୍ର। ଉକ୍ତ ବ୍ୟକ୍ତିଙ୍କ ସାଧୁତାକୁ ଯେତେ ପ୍ରଶଂସା କଲେ ମଧ୍ୟ ତାହା ଊଣାହେବ।

ସାଧୁତାକୁ ଜୀବନର ଏକ ଶ୍ରେଷ୍ଠ ଗୁଣ ଭାବେ ଗ୍ରହଣ କରାଯାଏ। ଦାର୍ଶନିକ ଥୋମାସ ଜେଫରସନଙ୍କ ଭାଷାରେ ବିଜ୍ଞତାର ପ୍ରଥମ ଅଧ୍ୟାୟ ହେଉଛି ସାଧୁତା। ଦାର୍ଶନିକ ବବ୍ ମର୍ଲେଙ୍କ ଭାଷାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ଧନ ସମ୍ପତ୍ତି ଆଧାରରେ ମହାନ୍ କୁହାଯାଇ ପାରିବ ନାହିଁ , ବରଂ ତାଙ୍କ ନିକଟରେ ଥିବା ସାଧୁତା ଓ ସଚ୍ଚୋଟତା ଅଧାରେରେ ମହାନ କୁହାଯାଇ ପାରିବ। ବିଭିନ୍ନ ସମୟରେ ହଜିଯାଇଥିବା ଟଙ୍କା ବା ଅଳଙ୍କାର ଫେରିପାଇବା ସମ୍ପର୍କରେ ଖବରକାଗଜରେ ଖବର ପ୍ରକାଶ ପାଏ। ଯାତ୍ରା ସମୟରେ ବସ, କାର, ଅବା ରିକ୍‌ସାରେ ଯାତ୍ରୀ ନିଜର ମୂଲ୍ୟବାନ ବ୍ୟାଗ ଭୁଲରେ ଛାଡିଦେଇ ଯାଇଥାନ୍ତି। କିଛି ସାଧୁତା ସମ୍ପନ୍ନ ଲୋକ ତାହା ପାଇ ଫେରାଇଦେବାକୁ ଉଦ୍ୟମ କରି ସଫଳ ହୁଅନ୍ତି। ବଜାର ହାଟରେ ସଉଦାପତ୍ର କିଣିଲା ବେଳେ କେତେବେଳେ ଦୋକାନୀର ଭୁଲ ହୋଇଯାଏ ତ କେତେବେଳେ ଗରାଖର। ବେଳେବେଳେ ତ ତରବରରେ ଅଧିକ ଟଙ୍କା ଦୋକାନୀକୁ ଗରାଖ ଦେଇଦେଲେ ବି ଦୋକାନୀ ଉଚିତ ପ୍ରାପ୍ୟ ରଖି ଅବଶିଷ୍ଟ ଟଙ୍କା ଗରାଖକୁ ଫେରାଇଦେବାର ଅନୁଭବ ପ୍ରାୟ ସମସ୍ତଙ୍କ ପାଖରେ ଥାଏ। ସେହିପରି ଦୋକାନୀ ବି ଭୁଲବଶତଃ ଅଧିକ ଟଙ୍କା ଫେରାଇଥିଲେ ବି କିଛି ଗରାଖ ତାହା ଦୋକାନୀକୁ ଫେରାଇ ଦେଇ ନିଜର ସାଧୁତା ଓ ସଚ୍ଚୋଟତାର ପ୍ରମାଣ ଦେଇଥାନ୍ତି। ଏହି ପ୍ରସଙ୍ଗରେ ସ୍କୁଲରେ ପଢିବା ବେଳେ ଘଟିଥିବା ଗୋଟିଏ ଘଟଣା ମନେପଡ଼େ। ପରୀକ୍ଷା ଖାତା ଦେଖିସାରିବା ପରେ ଆମ୍ଭମାନଙ୍କୁ ଖାତା ଦେଖିବାକୁ ଦିଆଯାଏ। ସେଦିନ ଗଣିତ ସାର୍ ଆମ୍ଭମାନଙ୍କୁ ଗଣିତ ପରୀକ୍ଷାର ଖାତା ଦେଖାଇଥିଲେ। ସମସ୍ତଙ୍କ ମନରେ ବ୍ୟଗ୍ରତା ଥାଏ କାହାର କେତେ ନମ୍ବର ରହିଛି ଜାଣିବାକୁ। ସମସ୍ତେ ପ୍ରଥମେ ଖାତାର ବାମ ପଟରେ ଥିବା ନମ୍ବରକୁ ମିଶାଇ ମୋଟ ନମ୍ବର ସହ ମିଳାଉଥାନ୍ତି। ୩୦ ନମ୍ବରରୁ କମ୍ ନମ୍ବର ରଖି ଫେଲ ହୋଇଥିବା ପିଲାମାନଙ୍କ ମନ ଶୁଖିଯାଉଥାଏ। କିଛି ସମୟ ପରେ ସବୁପିଲା ନିଜ ନିଜର ପରୀକ୍ଷା ଖାତା ଶିକ୍ଷକଙ୍କୁ ଫେରାଇବାକୁ ଲାଗିଲେ। ଜଣେ ପିଲା ନିଜ ଖାତା ଫେରାଇବା ବେଳେ ଶିକ୍ଷକଙ୍କୁ କହିଥିଲା ଯେ, ତା'ର ମୋଟ ନମ୍ବର ମିଶାଇବାରେ ଭୁଲ ରହିଛି। ତା' ପରୀକ୍ଷା ଖାତାର ଉପରେ ନାଲି ଅକ୍ଷରରେ ୩୩/୧୦୦ ଲେଖା ହୋଇଥିଲା। କିନ୍ତୁ ପ୍ରତି ପୃଷ୍ଠାରେ ଦିଆଯାଇଥିବା ନମ୍ବରକୁ ମିଶାଇଲେ ୨୮ ହେଉଥିଲା। ପିଲାଟି ଶିକ୍ଷକଙ୍କୁ ଏହା କହିବା ପରେ ଶିକ୍ଷକ ପୁଣି ଥରେ ନମ୍ବର ମିଶାଇ ଭୁଲ ଥିବା ଜାଣିପାରିଥିଲେ ଓ ସଂଶୋଧନ ବି କରିଦେଇଥିଲେ। ଫଳରେ ପିଲାଟି ୨୮ ନମ୍ବର ରଖି ଗଣିତରେ ଫେଲ ହୋଇଯାଇଥିଲା। ଅନ୍ୟ ପିଲାମାନେ ଆଶ୍ଚର୍ଯ୍ୟ ହୋଇଥିଲେ ପିଲାଟିର ଏପରି ଆଚରଣରେ। ପାସ୍ ନମ୍ବରରୁ ଫେଲ ନମ୍ବରକୁ ଆସି ପିଲାଟି କିନ୍ତୁ ମନ ଦୁଃଖ କରିନଥିଲା। ଶିକ୍ଷକ ପିଲାଟିକୁ ସାବାସୀ ଦେଇଥିଲେ ଓ କହିଥିଲେ ଗଣିତରେ ସିନା ତୁମେ ପାସ୍ ନମ୍ବର ରଖିପାରିଲନି, କିନ୍ତୁ ଜୀବନ ପରୀକ୍ଷାରେ ତୁମେ ସବୁଠାରୁ ଅଧିକ ନମ୍ବର ରଖିପାରିଛ। ନମ୍ବର କମ୍ ବେଶି ରଖିବାଟା ବଡ଼ କଥା ନୁହେଁ, ମାତ୍ର ଜୀବନରେ ସାଧୁତାକୁ ଆପଣେଇବା ସର୍ବଶ୍ରେଷ୍ଠ ଉପଲବ୍ଧି।

ଏହିଭଳି ଘଟଣାଟିଏ ଘଟିଥିଲା ନୋବେଲ ପୁରସ୍କାର ବିଜେତା ପ୍ରଫେସର ସୁବ୍ରମଣିୟନ ଚନ୍ଦ୍ରଶେଖରଙ୍କ ଜୀବନରେ। ତାଙ୍କର ସାଧୁତା ଓ ସଚ୍ଚୋଟତା ଆଚରଣକୁ ନେଇ ଛୋଟିଆ ଘଟଣା କିପରି ଟଙ୍କା ଜୀବନର ଗତିପଥକୁ ବଦଳାଇ ଦେଇଥିଲା ତାହା ବର୍ଣ୍ଣନା କରିଛନ୍ତି ତାଙ୍କ ଆତ୍ମଜୀବନୀରେ। ନୋବେଲ ବିଜେତା ତଥା ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ସି. ଭି. ରମଣ ନିଜର ବାଙ୍ଗାଲୋର ସ୍ଥିତ ଗବେଷଣାଗାରରେ ତିନିଜଣ ଯୁବ ବିଜ୍ଞାନୀଙ୍କୁ ନିଯୁକ୍ତି କରିବା ପାଇଁ ଖବରକାଗଜରେ ବିଜ୍ଞାପନଟିଏ ଦେଇଥିଲେ। ଅନେକ ଯୁବ ବିଜ୍ଞାନୀ ଏଥିପାଇଁ ଦରଖାସ୍ତ କଲେ। ଚନ୍ଦ୍ରଶେଖର ବି ଦରଖାସ୍ତ କରିଥିଲେ। ପ୍ରସିଦ୍ଧି ଲାଭ କରିଥିବା ପ୍ରଫେସରଙ୍କ ନିକଟରେ କିଏ ବା କାମ ନ କରିବାକୁ ଚାହିଁବ। ପ୍ରଥମ ପର୍ଯ୍ୟାୟରେ ପାଞ୍ଚ ଜଣ ପରୀକ୍ଷାର୍ଥୀଙ୍କୁ ବଛାଯିବା ପରେ ସେମାନଙ୍କୁ ନିଜେ ରମଣ ଇଣ୍ଟରଭିଉ କରିଥିଲେ। ତିନିଜଣ ଶ୍ରେଷ୍ଠ ପରୀକ୍ଷାର୍ଥୀଙ୍କୁ ନିଯୁକ୍ତି ପାଇଁ ବଛା ଯାଇଥିଲା।ପରଦିନ ସି. ଭି. ରମଣ ନିଜ କାର୍ଯ୍ୟାଳୟ ସମ୍ମୁଖରେ ବୁଲୁଥିବା ବେଳେ ଚନ୍ଦ୍ରଶେଖରଙ୍କୁ ବୁଲୁଥିବା ଦେଖିବାକୁ ପାଇଲେ ଓ ଚିହ୍ନିପାରିଲେ ଯେ ସେ ଗତକାଲି ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ରମଣ ତାଙ୍କ ନିକଟକୁ ଯାଇ ପଚାରିଥିଲେ ଯେ, କିଛି ଅସୁବିଧା ହୋଇଛି କି ? ଇଣ୍ଟରଭିଉରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ତିନି ଯୁବ ବିଜ୍ଞାନୀଙ୍କୁ ନିଯୁକ୍ତି ମିଳି ସାରିଛି। ଆଉ କିଛି କରିହେବନାହିଁ। କିନ୍ତୁ ଚନ୍ଦ୍ରଶେଖର ସ୍ମିତ ହସି କହିଥିଲେ ଯେ, ସେ ଏହା ଜାଣନ୍ତି। ମାତ୍ର ସେ ଅନ୍ୟ କାମରେ ଏଠାକୁ ଆସିଛନ୍ତି। ଗତକାଲି ଇଣ୍ଟରଭିଉ ଦେଇ ସାରିବା ପରେ ତାଙ୍କୁ ପ୍ରାପ୍ୟଠାରୁ ଅଧିକ ସାତ ଟଙ୍କା ଦିଆଯାଇଥିବାରୁ ତାହା ସେ ଫେରାଇବାକୁ ଆସିଛନ୍ତି। କିନ୍ତୁ କାଉଣ୍ଟର ବନ୍ଦ ହୋଇଯାଇଥିବାରୁ ସେ ଫେରାଇ ପାରି ନ ଥିଲେ। ପ୍ରତିବଦଳରେ ତାଙ୍କୁ କୁହାଯାଇଥିଲା ଯେ ଟଙ୍କା ଫେରାଇବାର ଆବଶ୍ୟକତା ନାହିଁ ଓ ତାହା ସେ ଖର୍ଚ୍ଚ କରିପାରନ୍ତି, ଯାହାକି ଠିକ୍ ନୁହେଁ। ଯାହା ତାଙ୍କର ପ୍ରାପ୍ୟ ନୁହେଁ,ତାହା ସେ ଗ୍ରହଣ କରିପାରିବେନି। ସି. ଭି. ରମଣ ସଙ୍ଗେ ସଙ୍ଗେ ଚନ୍ଦ୍ରଶେଖରଙ୍କଠାରୁ ସାତ ଟଙ୍କା ଗ୍ରହଣ କରିଥିଲେ। ଚନ୍ଦ୍ରଶେଖର ଫେରି ଆସୁଥିବା ବେଳେ ପଛରୁ ଡାକିଥିଲେ ସି. ଭି. ରମଣ। କହିଥିଲେ, ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୩୦ରେ କାର୍ଯ୍ୟାଳୟରେ ଭେଟିବାକୁ। ପରଦିନ ଯେତେବେଳେ ନିର୍ଦ୍ଦିଷ୍ଟ ସମୟରେ ଚନ୍ଦ୍ରଶେଖର ରମଣଙ୍କୁ ଭେଟିଲେ, ସେତେବେଳେ ରମଣ କହିଥିଲେ , ତୁମେ କାଲି ପଦାର୍ଥବିଜ୍ଞାନରେ ଫେଲ ହୋଇଥିଲ, ହେଲେ ସାଧୁତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲ। ସେଥିପାଇଁ ମୁଁ ତୁମ ପାଇଁ ଆଉ ଗୋଟିଏ ପଦବୀ ସୃଷ୍ଟି କରି ତୁମକୁ ନିଯୁକ୍ତି ଦେଉଛି। ଚନ୍ଦ୍ରଶେଖର ବିଶ୍ୱାସ କରିପାରି ନ ଥିଲେ ରମଣଙ୍କ କଥାକୁ। ତୁରନ୍ତ ସେ ଯୋଗ ଦେଇଥିଲେ ରମଣଙ୍କ ଗବେଷଣାଗାରରେ। ମାତ୍ର ସାତ ଟଙ୍କା କିପରି ତାଙ୍କ ଜୀବନପଥକୁ ସଫଳତାର ଶୀର୍ଷ ସ୍ଥାନକୁ ନେଇଯାଇଥିଲା ତାହା ସେ ବର୍ଣ୍ଣନା କରିଛନ୍ତି ନିଜ ପୁସ୍ତକରେ। ସାଧୁତା ଓ ସଚ୍ଚୋଟତା ବାଲ୍ୟକାଳରୁ ମଣିଷ ଶିକ୍ଷାଲାଭ କରିବା ଉଚିତ। ନିଜ ପରିବାରରୁ ଏହା ପରିପୁଷ୍ଟ ହୋଇ କ୍ରମେ ସମାଜ ଓ ରାଷ୍ଟ୍ରକୁ ପରିବ୍ୟାପ୍ତ ହେଲେ ସାମୂହିକ ବିକାଶ ସହ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ।

ମୋ–୯୪୩୭୨୩୨୪୬୩
prakas.tripathy09@gmail.com

## ଏଇ ଭାରତରେ

ଆସାମର ମାଜୁଲିରେ ରହନ୍ତି ମୋମି ପେଗୁ। ପାଣିରେ ବଢୁଥିବା କ୍ଷତିକାରକ କଳିକତି ଦଳରୁ ସେ ଖତ ପ୍ରସ୍ତୁତ କରିବା ସହ ୩୨ ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି। ତାଙ୍କ ଗାଁ ଓ ଆଖପାଖ ମହିଳାଙ୍କୁ ଏହି ଉପାୟ ସମ୍ପର୍କରେ ପ୍ରଶିକ୍ଷଣ ବି ଦେଉଛନ୍ତି। ମୋମି ସୋସିଆଲ ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଜୈବିକ ତଥା ପାରମ୍ପରିକ କୃଷି ବିଶେଷଜ୍ଞ ସମୀର ବର୍ଦ୍ଦୋଲୋଇଙ୍କଠାରୁ ପ୍ରଶିକ୍ଷଣ ନେଇ ୨୦୦୯ରେ ଜୈବିକ କୃଷି ଓ ଖତ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ୨୦୧୫ରେ ରିଗ୍‌ବୋ ଏନଜିଓ ଗଢିଥିଲେ। ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟଙ୍କ ନାମାନୁସାରେ ସେ ଏହି ଏନ୍‌ଜିଓର ନାମକରଣ କରିଛନ୍ତି। ସେ ନିଜେ ଦଳରୁ ଖତ ପ୍ରସ୍ତୁତ କରି ଲୋକମାନଙ୍କୁ ଯୋଗାଇବା ସହ ସେମାନଙ୍କୁ ଜୈବିକ କୃଷି କରିବା ଲାଗି ପ୍ରୋତ୍ସାହିତ କରୁଛନ୍ତି। ପ୍ରଥମ ଦୁଇ ମାସରେ ଥରକରେ ଦଳରୁ ୧,୦୦୦ କେଜି ଖତ ପ୍ରସ୍ତୁତ କରି ମୋମି ଓ ତାଙ୍କ ଟିମ୍ ଏଥିରୁ ୨.୨ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ତାହାକୁ ସେ ମହିଳାମାନଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ଦେଇଥିଲେ। ଏବେ ସେ ୬୦୦୦ କେଜି ଖତ ପ୍ରସ୍ତୁତ କରିବା ଲାଗି ସବୁ କାର୍ଯ୍ୟ ଶେଷ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩ ମାର୍ଚ୍ଚ ୧୯୯୬**

- ପୂର୍ବ ବାଟିକାଲୋଆ ଜିଲାରେ ଶ୍ରୀଲଙ୍କା ସୈନ୍ୟବାହିନୀଙ୍କ ବଡ଼ ଧରଣର ଆକ୍ରମଣରେ ୨୫ ତାମିଲ ବିଦ୍ରୋହୀ ନିହତ।
- କ୍ୟୁବାରୁ ପଳାୟନ କରି ମାୟାମୀରେ ବସବାସ କରୁଥିବା କ୍ୟୁବାର ନାଗରିକ ଓ କ୍ୟୁବା ସୈନ୍ୟମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏଡ଼ାଇବା ପାଇଁ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଜରୁରୀକାଳୀନ କ୍ଷମତା ପ୍ରୟୋଗ।
- ଗୁପ୍ତ ପାଣ୍ଠିରୁ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର)ର ପୂର୍ବତନ ମୁଖ୍ୟ ଏ.କେ. ବର୍ମାଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା।

## ଚିରନ୍ତନୀ

ସପନ କବିତାର ପାଇଛି ମୂଳ ତା'ର
ହଜିନି କିଛି ମୋର ହଜିନି
ବୟସ ଅନୁରାଗ ଭିତରୁ କଳାଦାଗ
ଖୋଜିବି ନାହିଁ ଆଉ ସଜନି !
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | 7 | | | 6 | | | D | | 3 | | | |
| 6 | | | D | | | A | 8 | | 2 | | 5 | | 1 | E |
| | | 3 | | | 9 | | | | | | 1 | 5 | B | |
| 2 | | | | | 6 | | | | | | | | | |
| 9 | B | D | C | | | 4 | | E | | | | A | | |
| B | 1 | 9 | 0 | | | 8 | 6 | | | | | | 7 | |
| | 8 | | | | 1 | | | | | | 9 | | | A |
| D | | | 9 | | 5 | C | | | | 1 | | 4 | | |
| 4 | 6 | 0 | | 3 | | E | | | | 7 | | | | D |
| | 7 | | 8 | C | B | | | | | | | 2 | | |
| | 3 | 4 | | 9 | 2 | | 1 | | 7 | | | | | B |
| | | | | 5 | | | | | 3 | | 8 | 0 | 6 | |
| A | | | | D | | | | | | | 0 | | | 4 |
| | | | | | | | | 0 | | A | | D | | 8 |
| 8 | | B | A | | | | | | | E | | | 2 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | D | 7 | 6 | 1 | 0 | E | B | 5 | 2 | C | 4 | 9 | 3 | A |
| 3 | A | 6 | 2 | 5 | D | 7 | 9 | 4 | B | 0 | 8 | C | E | 1 |
| C | 0 | 2 | 8 | 4 | 9 | 3 | 6 | A | E | 5 | 1 | D | 7 | B |
| 1 | 5 | E | B | 7 | 3 | D | 8 | C | 6 | 9 | A | 4 | 0 | 2 |
| 9 | B | 4 | A | E | C | 0 | 1 | 2 | 7 | 3 | D | 6 | 8 | 5 |
| 5 | 2 | A | 4 | 3 | B | 6 | 0 | E | C | 8 | 7 | 1 | 9 | D |
| 6 | 8 | 3 | 9 | 0 | 1 | 2 | 5 | B | 4 | D | E | 7 | A | C |
| 4 | 1 | B | C | 8 | 7 | 9 | A | D | 0 | 2 | 5 | E | 6 | 3 |
| 7 | 9 | D | E | 2 | A | C | 4 | 8 | 3 | 1 | 6 | 5 | B | 0 |
| 0 | E | C | 5 | D | 6 | 1 | 7 | 3 | A | B | 9 | 8 | 2 | 4 |
| 2 | 7 | 8 | 1 | B | 4 | 5 | D | 0 | 9 | 6 | 3 | A | C | E |
| B | C | 1 | D | 9 | E | 8 | 2 | 7 | 5 | A | 0 | 3 | 4 | 6 |
| A | 3 | 9 | 0 | C | 5 | 4 | E | 6 | D | 7 | 2 | B | 1 | 8 |
| E | 6 | 5 | 7 | A | 2 | B | 3 | 1 | 8 | 4 | C | 0 | D | 9 |
| D | 4 | 0 | 3 | 6 | 8 | A | C | 9 | 1 | E | B | 2 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପମିଶ୍ରଣ ରୋକାଯାଉ

ମହାଶୟ,

ସମ୍ପ୍ରତି ଆମ ସମାଜରେ କିଛି ବ୍ୟବସାୟୀଙ୍କ ଲାଭଖୋର ମନୋଭାବ ଯୋଗୁ ନକଲି ତଥା ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଓ ଏହାକୁ ନକଲି ଟ୍ରେଡ୍ ମାର୍କ ଲେବଲ୍ ବ୍ୟବହାର କରି ବିକ୍ରି କରାଯାଉଛି। ସରକାରଙ୍କଠାରୁ କୌଣସି ଖାଦ୍ୟ ପ୍ରକ୍ରିୟାକରଣ ଲାଇସେନ୍ସ ନ ଆଣି ଚୋରାରେ ବିଭିନ୍ନ ନକଲି ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଯଥା ବିଭିନ୍ନ ରାସାୟନିକ ଓ ପୋକା ଚାଉଳ ଚୂନା ବ୍ୟବହାର କରି ବିନା ଲଙ୍କା ଓ ହଳଦୀରେ ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ, ରାସାୟନିକ ଓ ରଙ୍ଗ ସହ ଆଳୁ ଏବଂ କଖାରୁ ମିଶାଇ ବିନା ଟମାଟୋରେ ଟମାଟୋ ସସ୍ ପ୍ରସ୍ତୁତ କରାଯାଉଛି। ଏହାଛଡ଼ା ନକଲି ଘିଅ, ମହୁ ଇତ୍ୟାଦି ସାମଗ୍ରୀ ପ୍ରସ୍ତୁତ କରାଯାଉଛି ; ଯାହାକୁ ସାଧାରଣ ଜନତା ନିଜ କଷ୍ଟ ଅର୍ଜିତ ଟଙ୍କା ଦେଇ ଖାଦ୍ୟ ରୂପରେ ବିଷ ସେବନ କରୁଛନ୍ତି। ଯାହା ଫଳରେ ଏହା ମଣିଷ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି କରୁଛି। ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଏଭଳି କାରଖାନା ଉପରେ ଚଢ଼ାଉ କରାଯାଉଛି। ପ୍ୟାକିଂ ପାଇଁ ବ୍ୟବହୃତ ଜରି ପ୍ରିଣ୍ଟ କରୁଥିବା ପ୍ରିଣ୍ଟିଂ ପ୍ରେସ୍‌ଗୁଡ଼ିକ ଏଭଳି କାରବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଣୁ ପ୍ରଶାସନ ଏହା ପ୍ରତି ମଧ୍ୟ ଧ୍ୟାନଦେବା ଦରକାର।

–ଅତିଥି ଅର୍ପିତା ନାୟକ, ଶାସନ୍ଦା, ଅରେଇ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଗଡ଼ସିଠା ଗ୍ରାମରୁ ହରିଣ ଉଦ୍ଧାର**

ଗୋପ,(ଡି.ଏନ୍.ଏ.): ଗୋପ ବ୍ଲକ ଅନ୍ତର୍ଗତ ଗଡ଼ସିଠା ଗ୍ରାମର ଶ୍ରୀକାନ୍ତ ନାୟକଙ୍କ ଘରୁ ଏକ ହରିଣକୁ ଗୋପ ଜଙ୍ଗଲ ବିଭାଗ ଉଦ୍ଧାର କରି କୋଣାର୍କ ନିକଟ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡିଥିବା ଜଣାପଡିଛି। ସୂଚନା ମୁତାବକ, ବାଲୁଖଣ୍ଡ ଅଭୟାରଣ୍ୟରେ ରହିଥିବା ହରିଣ ଖାଦ୍ୟ ଅନ୍ୱେଷଣରେ ଗ୍ରାମକୁ ପଳାଇ ଆସୁଛନ୍ତି। ସୋମବାର ରାତିରେ କେତେକ ହରିଣ ପଲ୍ଲ ବାଟବଣା ହୋଇ ବିଭିନ୍ନ ଗାଁରେ ପଶିଯାଇଥିଲେ। ତନ୍ମଧ୍ୟରୁ ଗୋଟିଏ ହରିଣ ବାଟବଣା ହୋଇ ଗଡ଼ସିଠା ଗ୍ରାମର ଶ୍ରୀକାନ୍ତଙ୍କ ଘରେ ପଶି ଯାଇଥିଲା। ଖବରପାଇ ବିଭାଗୀୟ କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରି ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡିଥିଲେ।

## ସଂକ୍ଷେପରେ

### ପିପିଲି ଉପନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ: ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୨।୩(ବ୍ୟୁରୋ): ବିଜେଡି ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀଙ୍କ ବିୟୋଗ ପରେ ପିପିଲି ବିଧାନସଭା ଆସନ ଖାଲିପଡ଼ିଛି। ସେଠାରେ ଉପନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନ ତାରିଖ ଘୋଷଣା କରିନାହାନ୍ତି। ତେବେ ସେହି ବିଧାନସଭା ଉପନିର୍ବାଚନ ପାଇଁ ଆବଶ୍ୟକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନୀ କହିଛନ୍ତି। ସେ କହିଛନ୍ତି ଯେ କେବଳ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି। ବୁଥ୍ ଚିହ୍ନଟ ସହ କର୍ମଚାରୀଙ୍କ ତାଲିକା ମଧ ପ୍ରସ୍ତୁତ ହୋଇସାରିଛି। ପ୍ରତ୍ୟେକ ବୁଥ୍‌ରେ ୧ ହଜାର ମତଦାତା ଭୋଟ ଦେବାକୁ ବ୍ୟବସ୍ଥା ହୋଇଛି। ଅତିରିକ୍ତ ମତଦାନ କେନ୍ଦ୍ର ପାଇଁ ମଧ ବୁଥ୍ ଚିହ୍ନଟ ହୋଇଛି ବୋଲି ସେ କହିଛନ୍ତି। ପିପିଲି ଉପନିର୍ବାଚନରେ କିଏ ପ୍ରାର୍ଥୀ ହେବେ ସେ ନେଇ କୌଣସି ଦଳ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ବିଜେଡି ନିଜର ଗଡ଼ ବଞ୍ଚାଇବାକୁ କେତେଜଣ ଦଳୀୟ ନେତାଙ୍କୁ ଦାୟିତ୍ୱ ଦେଇଛି।

# ସାର କଳାବଜାର ଅଣାୟତ୍ତ

- ୨ ଗୁଣ ମୂଲ୍ୟ ଦେଇ କ୍ଷତିରେ ଚାଷୀ
- କଳାବଜାର ନିୟନ୍ତ୍ରଣରେ ଅଧିକାରୀ ବିଫଳ

ଯାଜପୁର ଅଫିସ, ୨।୩

ଲାଭଖୋର ସାର ବ୍ୟବସାୟୀଙ୍କୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସେଥିପାଇଁ କଳାବଜାର ଚାଲିଛି। ରାଜ୍ୟ ସରକାରଙ୍କ ଅପାରଗତାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ବାରମ୍ବାର ଏପରି ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। କେତେଜଣ ବିଧାୟକ ବିଧାନସଭାରେ ସାର କଳାବଜାର ନେଇ ପ୍ରଶ୍ନ କରୁଛନ୍ତି। କିନ୍ତୁ ସାର ଯୋଗାଉଥିବା ମାର୍କଫେଡ୍ ସଂସ୍ଥା କାଗଜପତ୍ରରେ ପ୍ରସ୍ତୁତ ତଥ୍ୟ ଉପସ୍ଥାପନ କରି ସରକାରଙ୍କୁ ଭୁଆଁବୁଲାଇ ଚାଲିଛନ୍ତି। ବାସ୍ତବରେ କାଁ ଭାଁ ପ୍ୟାକ୍ସ ଓ ରିଟେଲର ଜରିଆରେ ସାର ବିକ୍ରି ହେଉଛି। ଅଧିକାଂଶ ଜିଲାରେ ବେପାରୀମାନଙ୍କ ଦ୍ୱାରା ପ୍ରାୟ ୨ ଗୁଣା ଚଢ଼ା ଦରରେ ସାର କଳାବଜାର କରାଯାଉଥିବା ଅଭିଯୋଗ ହେଉଛି।

ମାର୍କଫେଡ୍-ଓଡିଶାରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୨୦ ଖରିଫ ଋତୁରେ ୧୯୮୧ଟି ପ୍ୟାକ୍ସ/ଲ୍ୟାମ୍ପ୍ସ ଏବଂ ୯୦୩ ଅନ୍ୟାନ୍ୟ ରିଟେଲରଙ୍କ ଜରିଆରେ ୨,୪୦,୩୮୨ ମେଟ୍ରିକ ଟନ(ଏମ୍‌ଟି) ବିଭିନ୍ନ ରାସାୟନିକ ସାର ରାଜ୍ୟର ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି। ସେହିପରି ୨୦୨୧ ରବି ଋତୁରେ ୧୫।୨।୨୦୨୧ ତାରିଖ ସୁଦ୍ଧା ୩୬୮ଟି ପ୍ୟାକ୍ସ/ଲ୍ୟାମ୍ପ୍ସ ଓ ୬୧୫ ରିଟେଲରଙ୍କ ଜରିଆରେ ୩୦,୫୪୯ ଏମ୍‌ଟି



ର୍‍ୟାକ୍ ପଏଣ୍ଟରୁ ଟ୍ରକରେ ସାର ଲୋଡ୍ କରାଯାଉଛି।

ସାର ସରକାରୀ ଅନୁମୋଦିତ ଦରରେ ଯୋଗାଇ ଦିଆଯାଇଛି। ଚଳିତ ରବି ଋତୁରେ ଅଧିକ ଜଳସେଚିତ ସମ୍ବଲପୁର ଜିଲାକୁ ସର୍ବାଧିକ ୩୦୯୧ ଏମ୍‌ଟି, କୋରାପୁଟ ଜିଲାକୁ ୨୮୪୯ ଏମ୍‌ଟି, ବରଗଡ଼ ଜିଲାକୁ ୨୭୨୬ ଏମ୍‌ଟି, ଗଞ୍ଜାମ ଜିଲାକୁ ୨୫୦୯ ଏମ୍‌ଟି, ସୋନପୁର ଜିଲାକୁ ୨୦୧୭ ଏମ୍‌ଟି, ନବରଙ୍ଗପୁର ଜିଲାକୁ ୨୨୯୫ ଏମ୍‌ଟି ସାର ଯୋଗାଇ ଦିଆଯାଇଥିବା ମାର୍କଫେଡ-ଓଡ଼ିଶା ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ ତାଙ୍କ ତଥ୍ୟରେ ଦର୍ଶାଇଛନ୍ତି। ତେବେ ବାସ୍ତବରେ ଖରିଫ ଓ ରବି ଋତୁରେ ସାର କଳାବଜାର ଅଣାୟତ୍ତ ହୋଇଛି। ସାର ଯୋଗାଣ ପାଇଁ ଇଫ୍‌କୋ, ନାଗାର୍ଜୁନ, ପିପିଏଲ ଭଳି ଅନେକ କମ୍ପାନୀ ସହ ଚୁକ୍ତି ହୋଇଛି। କମ୍ପାନୀ ପକ୍ଷରୁ ନିଜ ଖର୍ଚ୍ଚରେ ଡିଲର ଗୋଦାମରେ ସାର ପହଞ୍ଚାଇବା ନିୟମ ଥିବାବେଳେ ରାଜ୍ୟର ବିଭିନ୍ନ ର୍‍ୟାକ୍ ପଏଣ୍ଟରୁ ରିଟେଲରଙ୍କୁ ପ୍ରଦାନ କରାଯିବାର ସୁଯୋଗ ସୃଷ୍ଟି କରାଯାଇଛି, ଯାହାକି କଳାବଜାରର ଉତ୍ସ ବୋଲି କୁହାଯାଉଛି।

ନିୟମାନୁଯାୟୀ ଡିଲରମାନେ ସାର ଉଠାଣ ପରେ ନିଜ ଷ୍ଟକ୍ ସହ ଯୋଡ଼ିବେ ଏବଂ ପିଓଏସ୍(ପଏଣ୍ଟ ଅଫ୍ ସେଲ) ମେଶିନ ବ୍ୟବହାର କରି ସାର ବାଣ୍ଟିବେ। ଚାଷୀମାନଙ୍କଠାରୁ ଆଧାର ସଂଗ୍ରହ କରି ଅଙ୍ଗୁଳି ଛାପ ନେବା ସହ ରିଟେଲରମାନଙ୍କୁ ସାର ପ୍ରଦାନ କରିବାକୁ ପୂର୍ବରୁ ଡିଲରମାନେ ଓ-ଫର୍ମ ସହ ନିଜକୁ ଯୋଡିବା ପରେ ସାର କାରବାର କରିବେ। କିନ୍ତୁ ଏ ସବୁ କରିବାରେ ଖିଲାପ କରାଯାଇଛି। ସାରକୁ ଗୋଦାମକୁ ନ ଆଣି ସିଧାସଳଖ ରିଟେଲରମାନଙ୍କୁ ପ୍ରଦାନ କରାଯାଉଛି। ଏପରି କି ସୋସାଇଟି ଆକ୍ଟ ଅନୁସାରେ ସାର ବଣ୍ଟନ ବେଳେ ଚାଷୀଙ୍କୁ ପ୍ରାଧାନ୍ୟ ଦିଆଯିବା କଥାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। କେତେଜଣ ଡିଲରଙ୍କ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ଥିବା ଅନ୍ୟ ଜିଲାର ରିଟେଲରମାନଙ୍କୁ ସାର ବିକ୍ରି କରିବାରେ ଗୁରୁତ୍ୱ ଦିଆଯାଉଛି। ଏଭଳି ଭାବେ ଡିଲରମାନଙ୍କ ମନମାନି ଯୋଗୁ ୟୁରିଆ ସାର ସମେତ ଅନ୍ୟାନ୍ୟ ସାରର କୃତ୍ରିମ ଅଭାବ ସୃଷ୍ଟି ହେଉଛି। ଏଥିସହ କାରବାର ସମୟରେ ପିଓଏସ୍ ମେଶିନ୍ ବ୍ୟବହାର କରୁଛନ୍ତି ହେଲେ ଷ୍ଟକ କାହିଁକି ଅପ୍ ଟୁ ଡେଟ୍ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋବାଇଲ ଫର୍ଟିଲାଇଜର ମ୍ୟାନେଜମେଣ୍ଟ ସିଷ୍ଟମ୍ (ଏମ୍‌ଏଫ୍‌ଏମ୍‌ଏସ) କାହିଁକି ଠିକ୍ ଭାବେ ପରିଚାଳନା ହେଉନାହିଁ ବୋଲି ମଧ ବିଭିନ୍ନ ସମୟରେ ପ୍ରଶ୍ନ ଉଠୁଛି। ତେବେ ସାର କାରବାରରେ ଡିଲରଙ୍କ ମନମୁଖି କାର୍ଯ୍ୟକୁ ଜଗିବାରେ ଜିଲା ଅଧିକାରୀ ବିଫଳ ହୋଇଛନ୍ତି।

ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ଚରଣ ରାୟ କୁହନ୍ତି, ୟୁରିଆ ସାରର ସରକାରୀ ଅନୁମୋଦିତ ଦର ବସ୍ତା ପ୍ରତି ୨୬୬ ଟଙ୍କା ରହିଛି। ହେଲେ ବଜାରରେ ଏହା ୪୫୦ ଟଙ୍କାରେ ବିକ୍ରି ହେଉଛି। ଏକ ଅଣୁସାର ପ୍ୟାକେଟ୍ ମାଗଣାରେ ଦେଇ ଚାଷୀଙ୍କୁ ଏଭଳି ଭାବେ ଶୋଷଣ କରାଯାଉଛି। ସବ୍‌ସିଡି ଦରରେ ଚାଷୀ ସାର ପାଉ ନ ଥିବାରୁ ସରକାରଙ୍କ ଆଭିମୁଖ୍ୟ ପରାହତ ହେଉଛି। ଯାଜପୁର ଜିଲା କୋରାବନ୍ଧି ଗ୍ରାମର ଚାଷୀ ଅଜୟ ପତି କୁହନ୍ତି, ଗତ ଖରିଫ ଋତୁରେ ୟୁରିଆ ସାର ବସ୍ତା ପ୍ରତି ୫୦୦ ଟଙ୍କା ଦେଇ କିଣିଛୁ। ପରେ ଅଭାବ ହେବାରୁ କଳାବଜାରରେ ୟୁରିଆ ସାର ବସ୍ତା ପ୍ରତି ୬୫୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ବାଧ ହେଲୁ। ଏ ନେଇ ମାର୍କଫେଡ୍ ଏରିଆ ମ୍ୟାନେଜରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲାଃ ହେଲେ ତାହା ସମ୍ଭବ ହୋଇ ପାରିନାହିଁ।

# ଭାଜପା ମହିଳା ମୋର୍ଚ୍ଚାର ପ୍ରଥମ ବୈଠକ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଭାଜପା ମହିଳା ମୋର୍ଚ୍ଚାର ପ୍ରଥମ ପଦାଧିକାରୀ ବୈଠକ ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ କହିଛନ୍ତି, ତ୍ରିସ୍ତରୀୟ ଭାବେ ସଙ୍ଗଠନକୁ ଆଗକୁ ନେବା ପାଇଁ ମହିଳା ମୋର୍ଚ୍ଚା ସଂକଳ୍ପ ନେଉ। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷକରି ମହିଳାଙ୍କ ପ୍ରତି ଅସଦାଚରଣ ଓ ବଳାତ୍କାର ଭଳି ଅପରାଧ ବୃଦ୍ଧି ପାଇଛି। ଆଗାମୀ ଦିନରେ ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ମହିଳା ମୋର୍ଚ୍ଚା ତୃଣମୂଳସ୍ତରରୁ ଲଢେଇ ଆରମ୍ଭ କରିବା ଜରୁରୀ। ମୋଦି ସରକାର ଦେଶର ଶିଶୁ ଓ ମହିଳାଙ୍କ ପ୍ରତି ସମର୍ପିତ। ମହିଳାଙ୍କ ସ୍ୱାସ୍ଥ୍ୟ ଓ ପୋଷଣଠାରୁ ଆରମ୍ଭକରି ସାମାଜିକ ସୁରକ୍ଷା ପର୍ଯ୍ୟନ୍ତ ମୋଦି ସରକାର ବ୍ୟାପକ ଯୋଜନା ଲାଗୁ କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଏହି ଯୋଜନାକୁ ନିଜ ନାଁରେ ବ୍ରାଣ୍ଡିଂ କରି ଶ୍ରେୟ ନେବାର ଅପଚେଷ୍ଟା କରୁଛନ୍ତି। ଅନେକ ଯୋଜନା ତୃଣମୂଳସ୍ତରରେ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ମହିଳାଙ୍କ ଉପରେ ଆକ୍ରମଣ ଏବଂ ଆପରାଧିକ ବଳ ପ୍ରୟୋଗ କରିବାରେ ଓଡ଼ିଶା ଦେଶର ଏକ ନମ୍ବର ସ୍ଥାନରେ ରହିଛି ବୋଲି ସମୀର କହିଛନ୍ତି। ଆସନ୍ତା ଦିନରେ ମହିଳା ମୋର୍ଚ୍ଚା ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତି ବିରୋଧରେ ଦୃଢ଼ ପ୍ରତିବାଦ କରିବ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

# ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟ ଆଧାରରେ ହେବ ସୀମା ନିର୍ଦ୍ଧାରଣ



ବାଲେଶ୍ୱର ସର୍କିଟ ହାଉସ୍‌ରେ ଦୁଇ ରାଜ୍ୟର ଅଧିକାରୀ ଆଲୋଚନା କରୁଛନ୍ତି।

**ଓଡ଼ିଶା-ପଶ୍ଚିମବଙ୍ଗ ସୀମା ବିବାଦ**

- ବସିଲା ଉଭୟ ରାଜ୍ୟ ମଧ୍ୟରେ ବୈଠକ

ବାଲେଶ୍ୱର ଅଫିସ, ୨।୩

ବାଲେଶ୍ୱର ଜିଲାର ଜଳେଶ୍ୱର ଓ ପଡ଼ୋଶୀ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ସୀମାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ସୀମା ସମସ୍ୟାର ସମାଧାନ ଲାଗି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଥିଲେ। ଫେବୃୟାରୀ ୨୫ତାରିଖରେ ଦୁଇ ରାଜ୍ୟର ପ୍ରଶାସନିକସ୍ତରରେ ମେଦିନୀପୁରଠାରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବାଲେଶ୍ୱର ସର୍କିଟ୍‌ହାଉସ୍‌ରେ ଦୁଇ ରାଜ୍ୟର ପ୍ରଶାସନିକ ସ୍ତରରେ ଅନୁଷ୍ଠିତ ହୋଇଛି। ସୁବର୍ଣ୍ଣରେଖା ନଦୀ ଦୁଇ ରାଜ୍ୟର ସୀମା ହୋଇଥିବା ବେଳେ ନଦୀର କେତେଅଂଶ କାହାର ଏହା ନିର୍ଦ୍ଧାରଣ ହେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଓଡ଼ିଶାର ୩୫ ଓ ପଶ୍ଚିମବଙ୍ଗର ୫୩ଟି ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟ ଆଧାରରେ ସୀମା ନିର୍ଦ୍ଧାରଣ କରାଯିବ ବୋଲି ଉଭୟ ରାଜ୍ୟ ପ୍ରଶାସନିକ ଅଧିକାରୀମାନେ ସମ୍ମତି ପ୍ରକାଶ କରିଛନ୍ତି। ଏଥିପାଇଁ ଏକ ଟେକ୍ନିକାଲ ଟିମ୍ ମଙ୍ଗଳବାର ପହଞ୍ଚି ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟ ବାହାର କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ସୁବର୍ଣ୍ଣରେଖା ନଦୀର ୧୨କି.ମି. ଜଳପଥ ଉପରେ ଚିହ୍ନଟୀକରଣ ଦୁଇଦିନ ମଧ୍ୟରେ ଶେଷ ହେବ।

ବାଲିଖାଦାନରୁ ବେଆଇନ ବାଲିଉଠାଣକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଲାଗିରହିଥିଲା। ଏନେଇ ଦୁଇଟି ମାମଲା ରୁଜୁ ହୋଇଥିଲା। ଗତ ୨୦୧୮ରେ ଜଳେଶ୍ୱର ବାସିନ୍ଦା ସୁଦର୍ଶନ ଦାସ ଏନ୍‌ଜିଟିରେ ମାମଲା ରୁଜୁ କରିଥିଲେ। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା କରାଯାଇଥିଲା। ସୁବର୍ଣ୍ଣରେଖା ନଦୀ ଓଡ଼ିଶା ଓ ପଶ୍ଚିମବଙ୍ଗକୁ ଅଲଗା କରୁଛି। ଏହି ନଦୀରେ ଓଡ଼ିଶାର କେତେ ଭାଗ ଏବଂ ପଶ୍ଚିମବଙ୍ଗର କେତେ ଭାଗ ରହିଛି ସମାଧାନ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। କିଛିଦିନ ପୂର୍ବରୁ ଏହି କାର୍ଯ୍ୟ ଶେଷ ହେବାକୁ ଥିବା ବେଳେ ମହାମାରୀ କରୋନା ଓ ଉପନିର୍ବାଚନ ପାଇଁ ସାମାନ୍ୟ ବିଳମ୍ବ ହୋଇଛି। ଗୋଟେ ଟେକ୍ନିକାଲ ଟିମ୍ ୨ ତାରିଖରେ ପହଞ୍ଚିଛନ୍ତି। ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟ ବୁଧବାର ସୁଦ୍ଧା ଚିହ୍ନଟ ହୋଇଗଲେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଫ୍ୟାମିଲି କୋର୍ଟରୁମ୍‌ରେ ହତ୍ୟା ଘଟଣା**

ସମ୍ବଲପୁର, ୨।୩(ବ୍ୟୁରୋ)

ସମ୍ବଲପୁର ଜିଲା ଫ୍ୟାମିଲି କୋର୍ଟରେ ଦୁଇବର୍ଷ ପୂର୍ବରୁ ଘଟିଥିବା ବହୁଚର୍ଚ୍ଚିତ ସଙ୍ଗୀତା ଚୌଧୁରୀ ହତ୍ୟାକାଣ୍ଡର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ବିଭୂତି ନାରାୟଣ ମହାନ୍ତି ଏହି ରାୟ ଶୁଣାଇଛନ୍ତି। କୋର୍ଟ ପରିସରରେ ଅଭିଯୁକ୍ତ ଓ ଅପରପକ୍ଷ ଓକିଲ ଉପସ୍ଥିତ ଥିବାବେଳେ ଅଭିଯୁକ୍ତ ରମେଶ କୁମ୍ଭାର ଭିଡିଓ କନ୍‌ଫରେନ୍ସିଂରେ ମଣ୍ଡଳ କାରାଗାରରେ ରହି ରାୟ ଶୁଣିଥିଲେ ବୋଲି ସରକାରୀ ଓକିଲ (କ୍ୟାଡର ପିପି) ଦୀପ୍ତିରଞ୍ଜନ ଶଣ୍ଢ କହିଛନ୍ତି। ସେ କହିଛନ୍ତି,



ରମେଶ କୁମ୍ଭାର।

ହତ୍ୟା ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ୨ବର୍ଷ ଅଧିକ ଜେଲଦଣ୍ଡ ହେବ। ହତ୍ୟା ଉଦ୍ୟମରେ ୭ବର୍ଷ ଜେଲଦଣ୍ଡ ସହ ୫ହଜାର ଜରିମାନା କରାଯାଇଛି। ଅନାଦାୟ ହେଲେ ୧ ବର୍ଷ ଅଧିକ ଜେଲ ଦଣ୍ଡ ରହିଛି। ସେହିପରି ଆଇପିସି ଦଫା ୪୪୯ରେ ୫ବର୍ଷ, ୩୨୩ରେ ୬ ମାସ ଜେଲ ଦଣ୍ଡାଦେଶ ହୋଇଛି। ଜରିମାନା ଟଙ୍କା ମୃତା ସଙ୍ଗୀତାଙ୍କ ମାଆ ଲଳିତାଙ୍କୁ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ରମେଶଙ୍କ ଓକିଲ ସୁବାସ ପ୍ରଧାନ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

**କିଭଳି ଘଟିଥିଲା ଘଟଣା**

୨୦୧୮ ଏପ୍ରିଲ ୨୩ରେ ସକାଳୁଆ କୋର୍ଟ ଚାଲିଥାଏ। ସାଢେ ୮ଟା ସମୟରେ ସିନ୍ଦୂରପଙ୍କ ଗ୍ରାମର ରମେଶ କୁମ୍ଭାର(୨୫) କୋର୍ଟ ରୁମ୍‌କୁ ଆସିଥିଲେ। କୋର୍ଟ ଭିତରେ ପୂର୍ବରୁ ସଙ୍ଗୀତା ଚୌଧୁରୀ (୧୯), ମାଆ ଲଳିତା (୪୦), ସଙ୍ଗୀତାଙ୍କ ବଡଭଉଣୀଙ୍କ ଝିଅ ଶିବାନୀ (୪) ରହିଥିଲେ। ଉଭୟପକ୍ଷ ଆପୋସ ବୁଝାମଣା ପାଇଁ ଓକିଲଙ୍କ ସହ ଆଲୋଚନା କରୁଥିଲେ। ହଠାତ୍ ରମେଶ ସାଙ୍ଗରେ ଆଣିଥିବା ଖଣ୍ଡା ବାହାର କରି ସଙ୍ଗୀତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଏହାକୁ ବିରୋଧ କରି ଲଳିତା ମଧ ଆକ୍ରମଣର ଶିକାର ହୋଇଥିଲେ। ଛୋଟଝିଅ ଶିବାନୀ ମଧ ବାଦ୍‌ପଡି ନ ଥିଲେ। ଆକ୍ରମଣ କରି ରମେଶ ଫେରାର ହୋଇଯାଉଥିବା ବେଳେ ଆଇନଜୀବୀ ପ୍ରକାଶ ତ୍ରିପାଠୀ ଓ ଅନ୍ୟ କେତେଜଣ ଲୋକ ତାଙ୍କୁ ଅଟକାଇ ପୋଲିସ ଜିମା ଦେଇଥିଲେ। ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଭିମସାରରେ ସଙ୍ଗୀତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସା ପରେ ଲଳିତା ସୁସ୍ଥ ହୋଇ ଘରକୁ ଫେରିଥିଲେ। ଟାଉନ ଥାନାରେ ଆଇପିସି ଦଫା ୩୦୨, ୩୦୭ରେ ଏକ ମାମଲା (ନଂ.୧୪୭/୧୮) ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ ଯେ, ୨୦୧୭ରେ ଅଭିଯୁକ୍ତ ରମେଶ ସଙ୍ଗୀତାଙ୍କ ସହ ଫେରାର ହୋଇଯାଇଥିଲେ। ୩ମାସ ପରେ ଉଭୟ ଫେରି ସିନ୍ଦୂରପଙ୍କ ଘରେ ରହୁଥିଲେ। କିଛିଦିନ ପରେ ସଙ୍ଗୀତାଙ୍କୁ ପରିବାର ଲୋକେ ବୁଝାଶୁଝା କରି ଘରକୁ ଆଣିଥିଲେ। ପରେ ରମେଶ ତାଙ୍କ ଝିଅକୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୬/୧୭) ରୁଜୁ କରି ରମେଶଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ଜେଲ୍ ଯିବାକୁ ପଡିଥିଲା। ପ୍ରାୟ ୩ମାସ ପରେ ରମେଶ ଜାମିନରେ ଆସିଥିଲେ। ପ୍ରେମରେ ବିଫଳ ହେବା ଓ ତାଙ୍କ ନାମରେ କେସ୍‌କୁ ନେଇ ସେ ଚିନ୍ତାରେ ରହୁଥିଲେ। ୨୦୧୮ ଫେବୃୟାରୀରେ ସଙ୍ଗୀତାଙ୍କ ବିବାହ ପରିବାର ଲୋକେ ଅନ୍ୟ ସ୍ଥାନରେ ଠିକ୍ କରିଥିଲେ। ଏହାପରେ ରମେଶ ନ୍ୟାୟ ପାଇଁ ଫ୍ୟାମିଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୬ରୁ ଭାଜପାର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୬ ଓ ୭ରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ବୈଠକ ମଧ ଏହି ଅବସରରେ ହେବ। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ଏବଂ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ସମେତ ଏହି ଅବସରରେ ସବୁ ଏମ୍‌ପି ଓ ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଯୋଗଦେବେ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ମଙ୍ଗଳବାର ସୂଚନା ଦେଇଛନ୍ତି। ଏହି ୨ ଦିନିଆ କାର୍ଯ୍ୟକାରିଣୀ ବୈଠକରେ ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ସୀମା ବିବାଦ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, କେନ୍ଦ୍ରୀୟ ଯୋଜନା ଘୋଟାଲା, ମହିଳା ସୁରକ୍ଷା, ବେରୋଜଗାର ଆଦି ପ୍ରସଙ୍ଗ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଏହାସହ ଭବିଷ୍ୟତ କାର୍ଯ୍ୟପନ୍ଥା ମଧ ଏହି ଅବସରରେ ନିର୍ଦ୍ଧାରଣ କରାଯିବ ବୋଲି ଗୋଲକ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ ...

### କଂଗ୍ରେସ ବନାମ ...

କିଛି ଅସୁବିଧା ନ ଥିଲା। କିନ୍ତୁ ଯୁବ ଇସ୍‌ଲାମିକ୍ ବିଦ୍ୱାନ ଅବ୍ବାସ ସିଦ୍ଦିକିଙ୍କ ନବଗଠିତ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) ସହ ମିଶି ନିର୍ବାଚନ ଲଢ଼ିବାକୁ ଜି-୨୩ ପ୍ରବଳ ବିରୋଧ କରିଛନ୍ତି। ଦଳ ଭିତରେ ଏହି ପ୍ରସଙ୍ଗରେ ଜୋର୍‌ସୋର ବୟାନବାଜି ଚାଲିଛି। ବରିଷ୍ଠ ନେତା ଆନନ୍ଦ ଶର୍ମା ଓ କଂଗ୍ରେସର ପଶ୍ଚିମବଙ୍ଗ ଶାଖା ସଭାପତି ଅଧୀର ରଞ୍ଜନ ଚୌଧରୀଙ୍କ ମଧ୍ୟରେ ଟୁଇଟର ୱାର୍ ଦଳୀୟ କଳହକୁ ପଦାରେ ପକାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜି-୨୩ ମୁଖ୍ୟ ଆଜାଦ୍ ପ୍ରଶଂସା କରିଛନ୍ତି, ଯାହାକୁ ଗାନ୍ଧୀ ପରିବାର ସପକ୍ଷବାଦୀ ନେତା ଗ୍ରହଣ କରିପାରି ନାହାନ୍ତି। ଜମ୍ମୁରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଆଜାଦ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜି-୨୩ ସଦସ୍ୟ କପିଲ ସିବଲ ଓ ଗାନ୍ଧୀ ସମର୍ଥକ ଅଭିଷେକ ମନୁ ସିଂଘଭୀଙ୍କ ମଧ୍ୟରେ କଥା କଟାକଟି ଦଳ ଭିତରେ ତିକ୍ତତା ବୃଦ୍ଧିର କାରଣ ହୋଇଛି। ମୋଟାମୋଟି ଭାବେ ଚଳିତ ନିର୍ବାଚନରେ ଭାଜପାକୁ ଘେରିବା ପାଇଁ ଥିବା ସମସ୍ତ ପ୍ରସଙ୍ଗକୁ ହାତଛଡ଼ା କରି କଂଗ୍ରେସ ଅସ୍ତ୍ରହୀନ ହୋଇଯାଇଥିବାବେଳେ ସଦ୍ୟ ଅନ୍ତର୍ଦ୍ୱନ୍ଦ୍ୱ ସୋନିଆଙ୍କ ଦଳକୁ ବସ୍ତୁତଃ ଦୁଇଭାଗ କରିଦେଇଛି।

ଅବ୍ବାସ ସିଦ୍ଦିକି ହେଉଛନ୍ତି ପଶ୍ଚିମବଙ୍ଗର ଫୁରଫୁରା ଶରିଫ୍ ଦରଘାର ପୀରଜାଦା। ନିଜ କଠୋରପନ୍ଥୀ ବିଚାର ଓ ମହିଳା ବିରୋଧୀ ମନ୍ତବ୍ୟକୁ ନେଇ ଏହି ଯୁବ ନେତା ବିବାଦରେ ରହିଥାଆନ୍ତି। ରାଜ୍ୟରେ ୩୦% ମୁସଲିମ୍ ଭୋଟର ଥିବାବେଳେ ସଂଖ୍ୟାଲଘୁଙ୍କ ଉପରେ ସିଦ୍ଦିକିଙ୍କ ମଜଭୁତ ପ୍ରଭାବ ରହିଛି। କୋଲ୍‌କାତାର ବ୍ରିଗେଡ୍ ଗ୍ରାଉଣ୍ଡରେ ରବିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ (ସିପିଆଇଏମ୍) ନେତା ସୀତାରାମ ୟେଚୁରୀ ଓ ଅନ୍ୟ ବାମନେତାଙ୍କ ସମେତ ସିଦ୍ଦିକିଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ ପିସିସି ସଭାପତି ତଥା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ। ଏହାକୁ ନେଇ ଟୁଇଟର୍‌ରେ ଯୁଦ୍ଧ ଆରମ୍ଭ କରିଥିଲେ ଆନନ୍ଦ ଶର୍ମା। ଆଇଏସ୍‌ଏଫ୍ ସହ ମେଣ୍ଟ କରିବା କଂଗ୍ରେସର ମୌଳିକ ବିଚାରଧାରାଠାରୁ ଭିନ୍ନ। ସାମ୍ପ୍ରଦାୟିକତା ବିରୋଧରେ ଲଢ଼େଇରେ କଂଗ୍ରେସ ଚୟନାତ୍ମକ ହୋଇପାରିବ ନାହିଁ। ଆମକୁ ସବୁ ପ୍ରକାର ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଲଢ଼ିବାକୁ ପଡ଼ିବ। ଆଇଏସ୍‌ଏଫ୍‌କୁ ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ଅଧୀରଙ୍କ ସମର୍ଥନ ଲଜ୍ଜାଜନକ ବୋଲି ଆନନ୍ଦ ସମାଲୋଚନା କରିଥିଲେ। ଜି-୨୩କୁ ଜବାବ ଦେବାକୁ ଯାଇ ଅଧୀର କହିଛନ୍ତି, କଂଗ୍ରେସର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମୋଦିଙ୍କ ଭଳି ନେତାଙ୍କୁ ନେଇ ଗର୍ବିତ। ଯେଉଁ ଗଛ ସେମାନଙ୍କୁ ଛାଇ ଦେଉଛି ତାକୁ ନ୍ୟୂନ କରି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବାର ମାନେ କ'ଣ। ଭାଜପାର ବିଷାକ୍ତ ସାମ୍ପ୍ରଦାୟିକତା ବିରୋଧରେ କଂଗ୍ରେସ ଲଢ଼େଇ କରିବାକୁ ବଦ୍ଧପରିକର। ୫ ରାଜ୍ୟରେ କଂଗ୍ରେସର ପ୍ରଚାର କାର୍ଯ୍ୟରେ ଏମାନେ ସାମିଲ ହେବା ପରିବର୍ତ୍ତେ ଦଳକୁ ଟାର୍ଗେଟ କରୁଛନ୍ତି। ଆନନ୍ଦ ଶର୍ମା, ୟୁ ନୋ ୟୋର ଫ୍ୟାକ୍ଟସ୍ ବୋଲି ଅଧୀର ଟୁଇଟ୍ କରିଛନ୍ତି। ଏସବୁକୁ ନେଇ କଂଗ୍ରେସକୁ ଭାଜପା ଉପହାସ କରୁଥିବାବେଳେ ଆସାମରେ ଜି-୨୩ ଏବଂ ଆଇଏସ୍‌ଏଫ୍ ସହ ମେଣ୍ଟ ଉପରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପ୍ରିୟଙ୍କା ଉଚିତ ମଣିନାହାନ୍ତି।

ଏଠାରେ ସ୍ମରଣଯୋଗ୍ୟ ଯେ ଫେବୃୟାରୀ ୯ରେ ଗୁଲାମନବୀ ଆଜାଦ୍‌ଙ୍କୁ ରାଜ୍ୟ ସଭାରୁ ବିଦାୟ ଦେବାବେଳେ ପ୍ରଧାନମନ୍ତ୍ରୀ ତାଙ୍କ ସହ ଅତୀତର ସମ୍ପର୍କକୁ ସ୍ମରଣ କରି କାନ୍ଦି ପକାଇଥିଲେ। ସେତେବେଳେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସହଯୋଗୀ ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ମୁଖ୍ୟ ରାମଦାସ ଅଠାୱଲେ ଆଜାଦ୍‌ଙ୍କୁ କହିଥିଲେ, ଆପଣଙ୍କୁ କଂଗ୍ରେସ ଆଉ ଥରେ ରାଜ୍ୟ ସଭାକୁ ନ ଆଣିଲେ ଆମେ ପ୍ରତିନିଧିତ୍ୱର ସୁଯୋଗ ଦେବୁ। ଏହାର କିଛି ଦିନ ପରେ ବରିଷ୍ଠ କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ମୋଦିଙ୍କ ଲୁହକୁ ଛଳନାତ୍ମକ ପ୍ରଦର୍ଶନ ବୋଲି ଅଭିହିତ କରିଥିଲେ।

### ଲୋଭ ପ୍ରବଳ, ...

ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ରାଜ୍ୟ ସଭାର। ମନୀଷ ତିୱାରୀଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଲୋକ ସଭାରୁ ପ୍ରତିନିଧିତ୍ୱ କରୁନାହାନ୍ତି। ଏହି ନେତାମାନେ ନିଜ ଦଳର ବିଚାରଧାରାରୁ ଓହରିଯାଇଥିବାରୁ ଭିନ୍ନ ପନ୍ଥା ଆପଣାଉଛନ୍ତି। ଏମାନେ ହିଁ ଗାନ୍ଧୀ ପରିବାରକୁ ଏତେ ତଳ ସ୍ତରକୁ ଆଣିଛନ୍ତି। ଯଦି ଦଳ ଗନ୍ଧାଉଛି ତେବେ କଂଗ୍ରେସରୁ ଏଯାଏ ଏତେ ସୁବିଧା କାହିଁକି ନେଉଥିଲେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କୌତୂହଳର ବିଷୟ ହେଉଛି ନିର୍ବାଚନ ଜିତିବା ବେଳକୁ ଏହି ବ୍ୟକ୍ତିମାନେ ନିଜ ଶକ୍ତିରେ ଆସନ ହାସଲ କରିଥିବା ଦାବି କରନ୍ତି। ନିଜେ ହାରିଗଲା ବେଳକୁ ଦଳୀୟ ନେତୃତ୍ୱକୁ ଦୋଷ ଦିଅନ୍ତି। ଲୁଟିଏନ୍ସ ଦିଲ୍ଲୀରେ ସରକାରୀ ଘରେ ଅନେକ ଦଶନ୍ଧି ଧରି ରହିଆସିଥିବା ଏହି ରାଜନୈତିକ ବ୍ୟକ୍ତିମାନେ ଦୀର୍ଘକାଳ କ୍ଷମତାରେ ରହିବା ସତ୍ତ୍ୱେ ସେହି ବାସଭବନର ଯୋଗ୍ୟ ବାସିନ୍ଦା ହୋଇପାରି ନାହାନ୍ତି। ଏମାନଙ୍କ ଲୋଭ ପ୍ରବଳ କିନ୍ତୁ ଦକ୍ଷତା ଶୂନ୍ୟ, ତାହା ହାବଭାବରୁ ଜଣାପଡୁଛି। ରାହୁଲଙ୍କ ବାଚଳାମି ଓ ଦୁର୍ବଳ ନେତୃତ୍ୱ ମାଧ୍ୟମରେ ପୁନର୍ବାର ମନ୍ତ୍ରୀ ହୋଇପାରିବେ ବୋଲି ବିଶ୍ୱାସ ହରାଇ ସାରିଛନ୍ତି। ନିଜ ଦଳ ପାଇଁ କିଛି କରି ନ ଥିବା ଏହି ବ୍ୟକ୍ତିମାନେ ନିଜ ଲାଗି ମଧ ରାଜନୈତିକ ଭିତ୍ତିଭୂମି ବା ବେସ୍ ତିଆରି କରିପାରି ନାହାନ୍ତି। ଉଦାହରଣ ଭାବେ କପିଲ ସିବଲଙ୍କ କଥାକୁ ନିଆଯାଇପାରେ। ସିବଲ ଦିଲ୍ଲୀର ଚାନ୍ଦିନୀଚୌକ ଲୋକ ସଭା ଆସନରୁ ନିଜ ଦମ୍‌ରେ ପୁଣି ଥରେ ଜିତିପାରିବେ କି ବୋଲି ସୋସିଆଲ ମିଡିଆରେ ପ୍ରଶ୍ନ ହେଉଛି। ୟୁଜର୍ସ ପଚାରୁଛନ୍ତି, ଏମାନେ କାହିଁକି ଦଳ ଛାଡୁନାହାନ୍ତି? ବହିଷ୍କୃତ ହେଲେ ହିରୋ ସାଜି ଅନୁକମ୍ପା ସାଉଁଟିବା ପାଇଁ ଏମାନେ ଚାହୁଁଥିବା ଚର୍ଚ୍ଚା ହେଉଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି
Required 7th to +3, ITI Diploma, B.Tech Candidate ଆବଶ୍ୟକ।
ଦରମା - 7,500/- ରୁ 42,000/-
For Apply Contact
8895029591

REQUIRED
ACCOUNTANT- 2 Nos.
Preferably experienced with Tally.
GURUKRUPA CHICKS TO CHICKEN PVT. LTD.
Contact: 7894463236
Address; 305, Saradeipur, Dhauli, BBSR-751002

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ପାଠ ପଢ଼ିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9910516680, 8800571120

JOB FOR FRESHER
Post: R.A., R.M.
Salary- 10K-12K
Qualification: Graduates & PG
Contact: 9437834500
Email:hr@nuciferaglobal.com



DHARITRI
Career appointment
Every Wednesday and Saturday

ଭୁବନେଶ୍ୱର ଅଫିସ୍ ନିମନ୍ତେ ସଚ୍ଚୋଟ ଏବଂ ପରିଶ୍ରମୀ ଷ୍ଟାଫ୍ ଆବଶ୍ୟକ।
DTP Operator : +2 PASS
Office Peon : 10th Pass
Car Driver : 10th Pass
ପ୍ରାର୍ଥୀ କେବଳ ଭୁବନେଶ୍ୱର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳର ହୋଇଥିବା ଆବଶ୍ୟକ।
Mob/Whatsapp : 8249416516

POPULATION RESEARCH CENTRE
UTKAL UNIVERSITY
VANI VIHAR, BHUBANESWAR-751004
CORRIGENDUM NOTICE
Notice Dated: 03.02.2021
For the posts of Research Fellow - 1 and Research Fellow - 2 (both 1 year contractual) Qualification for both the posts: At least 2nd Class Post Graduate Degree in Anthropology.
All other conditions remain unaltered.
Candidates need to apply within 10 days of Advertisement.
Sd/- REGISTRAR

URGENTLY REQUIRED FOR LAYEEREE RESORT
1. FRONT OFFICE ASST. - 01 (F). 2. OFFICE ASST.- 01 (F)
3. ROOM BOY- 04 (M) 4. DRIVER - 02 (M)
QUALIFICATION: 10th, +2 or Hotel Management.
EXPERIENCE: Minimum 2 years.
Details: LAYEEREE RESORT, Near Canal Road, Hanspal, Bhubaneswar
Ph.- 7008057395, 9861330499, 9583840499
E-mail:- layeereeresort2021@gmail.com

ଆଧୁନିକ କୃଷି ଗ୍ରାମୀଣ ବିକାଶ ସଂସ୍ଥାନ ବିଜ୍ଞାପନ ସଂଖ୍ୟା: 782364/2021
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗ୍ରାମସଭାରେ 5962 ପଦବୀରେ ନିମ୍ନଲିଖିତ ତାଲିକା ଅନୁସାରେ ନିଯୁକ୍ତି

| କ୍ର.ସଂ. | ପଦବୀର ନାମ | ଶିକ୍ଷାଗତ ଯୋଗ୍ୟତା | ମାନଦେୟ |
|---|---|---|---|
| 1. | କୃଷି ଗ୍ରାମ ବିକାଶ ଅଧିକାରୀ | ସ୍ନାତକ | 33800 |
| 2. | କୃଷି ଗ୍ରାମ ବିକାଶ କାର୍ଯ୍ୟକର୍ତ୍ତା | ଦ୍ୱାଦଶ | 29600 |
| 3. | କୃଷି ଗ୍ରାମ ବିକାଶ ସେବକ | ଦଶମ | 27900 |
| 4. | କମ୍ପ୍ୟୁଟର ଅପରେଟର | ଦ୍ୱାଦଶ + ଡିପ୍ଲୋମା | 32500 |
| 5. | କ୍ଲର୍କ | ଦ୍ୱାଦଶ + ଡିପ୍ଲୋମା | 31700 |

1. ଆବେଦନ ଫର୍ମ କେବଳ Onlineରେ ହିଁ ପୂରଣ କରାଯିବ, 2. ବୟସ ସୀମା: 18-42 ବର୍ଷ, 3. ସବୁ ଜାତିର ମହିଳା ଓ ପୁରୁଷଙ୍କ ପାଇଁ, 4. ଆବେଦନ ପତ୍ର ପୂରଣ କରିବା ପାଇଁ କାର୍ଯ୍ୟାଳୟର ୱେବ୍‌ସାଇଟ୍ www.akgvs.infoରେ ଲଗଇନ୍ କରନ୍ତୁ, 5. ଆବେଦନ କରିବାର ଶେଷ ତାରିଖ 15/03/2021, *6. ସଂରକ୍ଷଣ ନିୟମ ଅନୁଯାୟୀ ହେବ, 7. ହେଲ୍ପଲାଇନ୍ ନଂ.# 8376052226

ଧରିତ୍ରୀ
DHARITRI
ବୁଧବାର, ୩ ମାର୍ଚ୍ଚ, ୨୦୨୧



## ପଶ୍ଚିମବଙ୍ଗରୁ ଆସିଥିବା କ୍ୱାକ୍ ଗିରଫ

ଭଞ୍ଜନଗର, (ଡି.ଏନ୍.ଏ.): ପଶ୍ଚିମବଙ୍ଗରୁ ଆସି ତାରସିଂ ଥାନା ଅନ୍ତର୍ଗତ ତିନିଛକିରେ ରୋଗୀ ଦେଖୁଥିବା ନକଲି ଡାକ୍ତରଙ୍କୁ ପୋଲିସ ଗିରଫ କରିଛି । ତାଙ୍କଠାରୁ ବହୁ ପରିମାଣର ଔଷଧ ଜବତ କରାଯାଇଛି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । କ୍ୱାକ୍ ଜଣଙ୍କ ମାସେ ହେବ ଏଠାକୁ ଆସି ରୋଗୀ ଦେଖୁଥିଲେ। ରବୀନ୍ଦ୍ର ପାତ୍ର ନାମକ ଜଣେ ବ୍ୟକ୍ତି ଦାନ୍ତ ଚିକିତ୍ସା ପାଇଁ ଆସିଥିବା ବେଳେ କ୍ୱାକ ଜଣକ ଚିକିତ୍ସା କରିପାରି ନ ଥିଲେ। ରବୀନ୍ଦ୍ର ସନ୍ଦେହ ପ୍ରକାଶ କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୯/୨୧ରେ ମାମଲା ରୁଜୁକରି କରିଛି।

## ସଂକ୍ଷେପରେ

### ଆକ୍ରମଣ ମାମଲା
### ୮ ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୨।୩:** ଏକ ଆକ୍ରମଣ ମାମଲାରେ ଟାଉନ ଥାନା ପୋଲିସ ମଙ୍ଗଳବାର ନଂ. ୩୩/୨୧ ରେ ମହମ୍ମଦ ଉଆସିମ୍‌ଙ୍କ ସମେତ ୮ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗତ ୨୮ ତାରିଖ ରାତିରେ ବୃନ୍ଦାବନ ବେହେରା ଫାଷ୍ଟ ମିଲିଟାରୀ ଲାଇନ୍ ଦେଇ ଘରକୁ ଫେରୁଥିଲେ। କୌଣସି କଥାକୁ କେନ୍ଦ୍ରକରି ସେଠାରେ ଠିଆ ହୋଇଥିବା କେତେକ ଯୁବକ ତାଙ୍କ ସହ ଯୁକ୍ତିତର୍କ କରିବା ସହିତ ଆକ୍ରମଣ କରିଥିଲେ। ପରେ ପୋଲିସ ପହଞ୍ଚି ଆହତଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରିଥିଲା। ସେ ଗୁରୁତର ହେବାରୁ ତାଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ୬ରେ ଏବିଭିପିର ରାଜ୍ୟ ଅଧିବେଶନ
### ଗୃହୀତ ହେବ ୩ ପ୍ରସ୍ତାବ

**ବ୍ରହ୍ମପୁର ଅଫିସ୍,୨।୩:** ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆସନ୍ତା ୬ ଓ ୭ ତାରିଖ ଦୁଇ ଦିନଧରି ରାଜ୍ୟ ଅଧିବେଶନ ବ୍ରହ୍ମପୁର ଟାଉନ ହଲରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଗୋସାଇଁନୂଆଗାଁରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଏଥିରେ ରାଜ୍ୟର ସମସ୍ତ ପ୍ରମୁଖ ବିଦ୍ୟାଳୟ, କୃଷି ବିଶ୍ୱବିଦ୍ୟାଳୟରେ ବ୍ୟାପାରିକ ଶିକ୍ଷାନୁଷ୍ଠାନ ଓ ମେଡ଼ିକାଲ୍ କଲେଜରୁ ୨୦୦ ବିଦ୍ୟାର୍ଥୀ ଓ ଅଧାପକ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୩ ପ୍ରସ୍ତାବ ଗୃହୀତ ହେବ। ସଭାପତି, ସମ୍ପାଦକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନିର୍ବାଚିତ ହେବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏହି ସମ୍ମିଳନୀରେ ସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଚିସ୍ମିତା ସାହୁ, ରାଜ୍ୟ ସମ୍ପାଦକ ସଚ୍ଚିକାନ୍ତ ମିଶ୍ର, ଜିଲା ସଂଯୋଜକ ଶକ୍ତିମାନ୍ ଦାଶ, ନଗର ସମ୍ପାଦକ ଦେବାଶିଷ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ବ୍ୟବସାୟୀ ଆହତ

**ଚିକିଟି,୨।୩(ଡି.ଏନ.ଏ.):** ଚିକିଟି ବ୍ଲକ୍ ଗୋଳନ୍ଥରା ଥାନା ସୋରଳ ରେଲୱେ ଜଙ୍କ୍ସନରେ ମଙ୍ଗଳବାର ଜଣେ ବ୍ୟବସାୟୀ ବସ୍ ଧକ୍କାରେ ଆହତ ହୋଇଛନ୍ତି। ସେ ହେଲେ କତୁରୁ ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା (୫୫) । ସୂଚନାଯୋଗ୍ୟ, ମଙ୍ଗଳବାର ମଧାହ୍ନରେ ଅନ୍ତର୍ଯ୍ୟାମୀ ବାଇକ୍ ଯୋଗେ କିଛି ଜିନିଷ ଧରି ବିକିବା ପାଇଁ ନିଜ ଗ୍ରାମରୁ ଚିକିଟି ଯାଉଥିବା ବେଳେ ବିପରୀତ ଦିଗରୁ ନନ୍ଦିଘୋଷ ନାମକ ଏକ ଘରୋଇ ବସ୍ ସୋରଳ ରେଲୱେ ଜଙ୍କ୍ସନ ନିକଟରେ ବାଇକକୁ ଧକ୍କା ଦେଇଥିଲା। ଫଳରେ ଅନ୍ତର୍ଯ୍ୟାମୀ ରାସ୍ତାକଡକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗିରିସୋଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇ ଚିକିତ୍ସିତ ହେବା ପରେ ସେ ନିଜ ଘରକୁ ଫେରିଥିବା ଜଣାପଡିଛି ।

### ଜଙ୍ଗଲ ନିଆଁ ଲିଭାଇବା ବେଳେ ମିଳିଲା ୪ ବୋମା

**କବିସୂର୍ଯ୍ୟନଗର,୨।୩:** କବିସୂର୍ଯ୍ୟନଗର ପାଇକଯମୁନା ପାହାଡ଼ରେ ନିଆଁ ଲିଭାଇବାକୁ ଯାଇଥିବା ସ୍ଥାନୀୟ ଦମକଳ ବାହିନୀ ମଙ୍ଗଳବାର ୪ ବୋମା ଜବତ କରିଛି। ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଦମକଳ ବାହିନୀ ଲିଭାଇବାକୁ ଯାଇଥିଲେ। ସେଠାରେ ଏକ ଜରିବ୍ୟାଗ ଭିତରେ ପ୍ଲାଷ୍ଟିକ ବାଲଟି ଥିବା ଦେଖି ସନ୍ଦେହ କରି କବିସୂର୍ଯ୍ୟନଗର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ତନଖି କରିବା ପରେ ସେଥିରେ ବୋମା ଥିବା ଦେଖିଥିଲା। ଦମକଳ ବାହିନୀ ସାହାର୍ଯ୍ୟରେ ପାଣି ଢାଳି ୪ ଜୀବନ୍ତ ବୋମା ନିଷ୍କ୍ରିୟ କରାଯାଇଥିଲା। ଏ ନେଇ ପୋଲିସ ତଦନ୍ତ ଚଳାଇଛି।

# ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବି

**ଗୁରୁଦେବ ହସ୍ପିଟାଲ**
- ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଘଟଣା
- ଧାରଣାରେ ଭାଜପା ନେତା ସାମିଲ


ଲୋକଙ୍କ ଉତ୍ତେଜନା।

**ବ୍ରହ୍ମପୁର ଅଫିସ,୨।୩**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ଛକରେ ଥିବା ଗୁରୁଦେବ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଘଟଣାକୁ ନେଇ ମଙ୍ଗଳବାର ତୀବ୍ର ଉତ୍ତେଜନା ଦେଖାଦେଇଛି। କ୍ଷତିପୂରଣ ଦାବିକରି ମୃତକଙ୍କ ପରିବାରବର୍ଗ ମୃତଦେହ ନେଇ ହସ୍ପିଟାଲ ଭିତରେ ପଶିଥିଲେ। ହସ୍ପିଟାଲ ପ୍ରତୀକ୍ଷାଳୟରେ ମୃତଦେହ ରଖି ସମ୍ପର୍କୀୟ ଓ ବହୁ ଭାଜପା ନେତା ରାସ୍ତାରେ ଧାରଣାରେ ବସି ମୃତକଙ୍କ ପରିବାରବର୍ଗଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ପୋଲିସ ଉପସ୍ଥିତିରେ ମୃତକଙ୍କ ପରିବାର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଦୀର୍ଘ ସମୟ ଆଲୋଚନା ପରେ ମଧ୍ୟ କୌଣସି ସମାଧାନ ବାଟ ଫିଟି ନ ଥିଲା। ଫଳରେ ପରିବାରବର୍ଗ ମୃତଦେହ ନେଇ ସେଠାରୁ ଚାଲିଯାଇଥିଲେ। ୨୪ଘଣ୍ଟା ମଧ୍ୟରେ କ୍ଷତିପୂରଣ ନ ମିଳିଲେ ପୁଣିଥରେ ଆନ୍ଦୋଳନ କରାଯିବ ବୋଲି ମୃତକଙ୍କ ସମ୍ପର୍କୀୟମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗୁରୁଦେବ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ସୋମବାର ଗୋଳନ୍ଥରା ଥାନା ଗୋବିନ୍ଦବିହାରର ନବୀନ ସାହୁଙ୍କ ସ୍ତ୍ରୀ ସଙ୍ଗୀତାଙ୍କର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଥିଲା। ନବୀନଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନମ୍ବର ୫୪/୨୧ରେ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ମଙ୍ଗଳବାର ବଡ଼ ଡାକ୍ତରଖାନାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନ ପ୍ରାୟ ୩ଟା ବେଳେ ସମ୍ପର୍କୀୟମାନେ ସଙ୍ଗୀତାଙ୍କ ମୃତଦେହ ନେଇ ଗୁରୁଦେବ ହସ୍ପିଟାଲ ଭିତରେ ରଖି ନାରାବାଜି ଦେବା ସହିତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହା ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଭାଜପା ନେତା ମନୋରଞ୍ଜନ ଦ୍ୟାନସାମନ୍ତରା, ରାମ କୁମାର ପାତ୍ରଙ୍କ ନେତୃତ୍ୱରେ ମୃତକଙ୍କ ସମ୍ପର୍କୀୟ ରାସ୍ତାରେ ବସି ଧାରଣା ଦେଇଥିଲେ। କ୍ଷତିପୂରଣ ନ ମିଳିବା ଯାଏ ମୃତଦେହ ରାସ୍ତାରୁ ଉଠିବନି ବୋଲି ଜିଦ୍ ଧରିଥିଲେ। ଖବର ପାଇ ଟାଉନ୍ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବୈଦ୍ୟନାଥପୁର ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାଶ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ କୌଣସି ସମାଧାନ ପନ୍ଥା ବାହାରି ନ ଥିଲା। କ୍ଷତିପୂରଣ ନ ମିଳିଲେ ପୁଣିଥରେ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତା ରାମ ପାତ୍ର ଚେତାବନୀ ଦେଇଛନ୍ତି।


ବ୍ରହ୍ମପୁର ଆମ୍ବପୁଆ ସ୍ଥିତ ଭାବିନାରାୟଣପୁରରେ ମଙ୍ଗଳବାର ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥି।

## ହତ୍ୟା ଉଦ୍ୟମ ମାମଲା
## ପ୍ରମାଣ ମିଳିବାରୁ ଅଭିଯୁକ୍ତଙ୍କୁ ଜେଲ

**ବ୍ରହ୍ମପୁର ଅଫିସ,୨।୩**

ଗଞ୍ଜାମ ଜିଲା ଦୌରାଜଜ୍ ମଙ୍ଗଳବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରିଥିଲେ। ପ୍ରମାଣ ମିଳିବାରୁ ଅଭିଯୁକ୍ତ ପୁରୁଷୋତ୍ତମ ମଲିକଙ୍କୁ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ଦୁଇଟି ଦଫାରେ ୧୫୦୦ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟେ ଅଧିକ ୧ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ନଭେମ୍ବର ୨୧ ପୂର୍ବାହ୍ନ ୧୦ଟା ସମୟରେ ପାଟପୁର ଥାନା ଅନ୍ତର୍ଗତ ଡିମ୍ବିରାପଲ୍ଲୀର ନରସିଂହ ପ୍ରଧାନଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପୁରୁଷୋତ୍ତମ ଏକ ଠେଙ୍ଗାରେ ନରସିଂହଙ୍କୁ ଆକ୍ରମଣ କରିଥିଲେ। ଏପରି କି ଅଭିଯୁକ୍ତ ଜଣଙ୍କ ଆହତଙ୍କ ଭିନ୍ନକ୍ଷମ ଭାଇ ନାରାୟଣଙ୍କୁ ମଧ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପାଟପୁର ପୋଲିସ ମାମଲା ନମ୍ବର ୨୨୬/୧୮ ରେ ପୁରୁଷୋତ୍ତମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ମାମଲାର ଶୁଣାଣି ବେଳେ ପୁରୁଷୋତ୍ତମକୁ ଜିଲା କୋର୍ଟରେ ହାଜର କରାଯାଇଥିଲା। ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜିଲାଜଜ୍ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର୍ ପିପି ତ୍ରିଲୋଚନ ପରିଡ଼ା ମକଦ୍ଦମା ପରିଚାଳନା କରିଥିଲେ।

## ଅଲ୍‌ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଖଜୁରିପଡ଼ା,୨।୩ (ଡି.ଏନ୍.ଏ.)**

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ମା' ସୁରାଦେଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ପକ୍ଷରୁ ପ୍ରଥମଥର ପାଇଁ ଅଲ୍‌ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଆୟୋଜିତ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଖେଳ କମିଟି ଓ ବିଜେଡି କର୍ମୀ ମନ୍ତ୍ରୀଙ୍କୁ ଖଜୁରିପଡ଼ାରେ ଥିବା ପୂର୍ତ୍ତବିଭାଗ ବଙ୍ଗଳାରୁ ପାଛୋଟି ନେଇଥିଲେ। ମନ୍ତ୍ରୀଙ୍କ ସହ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସ୍ଥାନୀୟ ସରପଞ୍ଚ ମିତା ମଲିକ, ସମିତିସଭ୍ୟ ଗୀତାଞ୍ଜଳି ସାହୁ, ଆର.ନୂଆଗାଁ ସରପଞ୍ଚ ଦିଗାମ୍ବର କହଁର, ସମିତି ସଭ୍ୟ ସୁଶାନ୍ତ ଦାଶ, ଆଇନଜୀବୀ ଶିବ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧକ୍ଷ ପଙ୍କଜ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ଭୁବନେଶ୍ୱର ବନାମ ତାଳଚେର ମଧ୍ୟରେ ହୋଇଥିଲା। ଏଥିରେ ତାଳଚେରକୁ ଗୋଟିଏ ଗୋଲ ଦେଇ ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛି। ରେଫରି ଭାବେ ଶିବ ଶଙ୍କର ପଣ୍ଡା, ଅତିରିକ୍ତ ରେଫରି ପ୍ରଶାନ୍ତ ପାଲ, ସୁନୀଲ ବେହେରା ଓ ସୁଶୀଲ କହଁର ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ପୃଥକ୍ ବାଇକ୍ ଦୁର୍ଘଟଣାରେ ୨ ମୃତ

**ଗୋପାଳପୁର/ ପାରଳାଖେମୁଣ୍ଡି (ଡି.ଏନ୍.ଏ.) ୨।୩**

ଗଞ୍ଜାମ ଓ ଗଜପତି ଜିଲାରେ ପୃଥକ୍ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପ୍ରଦୀପ କୁମାର ପଟ୍ଟନାୟକ, ଛେଚିଡି ଶବର। ଗୋଳନ୍ଥରା ଥାନା ଆମ୍ବପୁର ଗ୍ରାମର ପ୍ରଦୀପ କନିଷି ହାଟରୁ ବାଇକ୍‌ରେ ନିଜ ଗାଁକୁ ଫେରୁଥିବା ବେଳେ ତିନିଛକିଆ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଗୋଳନ୍ଥରା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଏ ନେଇ ନଂ. ୬୦/୨୧ରେ ମାମଲା ରୁଜୁ ହୋଇଛି। ସେହିପରି ରାୟଗଡ଼ ବ୍ଲକ ଲାଇଲାଇ ଗ୍ରାମର ଛେଚିଡି ଶବର ମଙ୍ଗଳବାର ଗୋସାଣି ବ୍ଲକର ଗୁରାଣ୍ଡି ଥାନା ପାଟିକୋଟା ଗ୍ରାମ ନିକଟରେ ଖଜୁରୀ ଗଛ କାଟି ସଡ଼କ ପାର ହେଉଥିବା ସମୟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଛେଚିଡିଙ୍କ ମତ୍ୟୁ ଘଟିଥିଲା। ଗୁରାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ସ୍ତ୍ରୀଙ୍କୁ ନିର୍ଯାତନା ମାମଲା
## ଅଗ୍ନିଶମ କନଷ୍ଟେବଲଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୨।୩**

ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିବା ମାମଲାରେ ଅଭିଯୁକ୍ତ ଅଗ୍ନିଶମ ବିଭାଗ କନଷ୍ଟେବଲ ବାବୁଲା ବେହେରାଙ୍କୁ ମଙ୍ଗଳବାର ଜାମିନ ମିଳିଛି। ଅତିରିକ୍ତ ଦୌରାଜଜ୍ -୨ ସଂଘମିତ୍ରା ଶର୍ମା ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। କୋଦଳାର ବାବୁଲା ୨ ବର୍ଷ ପୂର୍ବେ ଗୋଳନ୍ଥରା ଥାନା ସୋରଳ ଗ୍ରାମର ସନ୍ଧ୍ୟାରାଣୀ ବେହେରାଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଦାବିକରି ବାବୁଲା ସନ୍ଧ୍ୟାରାଣୀଙ୍କୁ ନିର୍ଯାତନା ଦେବା ସହ ମାର୍‌ପିଟ କରି ଘରୁ ତଡି ଦେଇଥିଲେ। ପ୍ରଥମ ସ୍ତ୍ରୀ ଥିବା ସତ୍ତ୍ୱେ ସେ ଅନ୍ୟ ଜଣଙ୍କୁ ବିବାହ କରିଥିଲେ। ଏକଥା ଜଣାପଡ଼ିବା ପରେ ସନ୍ଧ୍ୟାରାଣୀ ମହିଳା ଥାନାରେ ଗତ ଫେବୃୟାରୀ ୨ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୧୭/୨୧ରେ ଅଭିଯୁକ୍ତ ବାବୁଲାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାପରଠାରୁ ସେ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବାବେଳେ ମଙ୍ଗଳବାର ତାଙ୍କୁ ଜାମିନ ମିଳିଛି। ସରକାରଙ୍କ ପକ୍ଷରୁ କ୍ୟାଡର୍ ପିପି ବିକ୍ରମ କୁଣ୍ଡୁ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଡି. ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

## ମଳ ଉପଚାର କେନ୍ଦ୍ରର ଟ୍ରାଏଲ୍ ରନ୍

**କାଶୀନଗର,୨।୩(ଡି.ଏନ୍.ଏ.)**

ଗଜପତି ଜିଲା ବୁଦୁରା ପଞ୍ଚାୟତ ଅନ୍ତର୍ଗତ କିତାଙ୍ଗି ନିକଟରେ ମଳ ଉପଚାର କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମଙ୍ଗଳବାର ଉକ୍ତ କେନ୍ଦ୍ରର ଟ୍ରାଏଲ୍ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରଳାଖେମୁଣ୍ଡି ଉପଜିଲାପାଳ ତଥା କାଶିନଗର ଏନ୍‌ଏସିର ପ୍ରଶାସକ ସଂଗ୍ରାମ ଶେଖର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରାଏଲ୍ ରନ୍‌ର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ୱାଟର୍ ସପ୍ଲାଇ ଆଣ୍ଡ ସ୍ୱିରେଜ୍ ବୋର୍ଡ ଇଞ୍ଜିନିୟର୍ ସତ୍ୟବତୀ ମାଝୀ, କାଶିନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ଡକ୍ଟର ସତ୍ୟ ସମ୍ପର୍ଣ୍ଣା ରାଉତ ଉପସ୍ଥିତ ଥିଲେ। ଆଗାମୀ ଏପ୍ରିଲ୍ ପହିଲା ଓଡିଶା ଦିବସ ଅବସରରେ କେନ୍ଦ୍ରଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ।

## ଦର୍ଶକଙ୍କ ମନମୋହିଲା ପଶୁମୁଖା ନୃତ୍ୟ

**ଜଉଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**


ଜଉଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପଶୁମୁଖା ନୃତ୍ୟ।

**ପୁରୁଷୋତ୍ତମପୁର,୨।୩(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ପାଣ୍ଡିଆରେ ଚାଲିଥିବା ଜଉଗଡ଼ ମହୋତ୍ସବର ଦିତୀୟ ସନ୍ଧ୍ୟାରେ ବିଡିଓ ବିଜୟ କୁମାର ବେହେରାଙ୍କ ଆବାହକତ୍ୱରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡିର ଚିଫ ହୁଇପ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଆସ୍କା ଏମ୍‌ପି ପ୍ରମିଳା ବିଷୋଇ , ମହିଳା କମିଶନ ଅଧକ୍ଷା ମିନତି ବେହେରା, ଏସ୍‌ଏସ୍‌ଇ ସୁଲୋଚନା ଦାସ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଚିକିଟି ବିଧାୟିକା ଉଷାଦେବୀ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ଏଲିନା ଦାଶ, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଉପାଧକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଉପାଧକ୍ଷା ବବିତା ରାଉଳ, ଜିଲା ପରିଷଦ ସଭ୍ୟା ପ୍ରିୟଲତା ସାହୁ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଐତିହାସିକ ଗବେଷକ ଡଃ ଅନନ୍ତରାମ କର ଯୋଗଦେଇଥିଲେ। ବ୍ଲକ ର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଭଞ୍ଜନଗରର ପଶୁମୁଖା ନୃତ୍ୟ ଦର୍ଶକଙ୍କ ମନୋ ମୋହିଥିଲା। ଓଡିଶୀ, ସମ୍ବଲପୁରୀ ଆଦି ନୃତ୍ୟ ଓ ସଙ୍ଗୀତ ମାନ ପରିବେଷଣ ହୋଇଥିବା ବେଳେ ଅସୀମ ପଣ୍ଡାଙ୍କ ଗୀତରେ ଦର୍ଶକମାନେ ନାଚି ଉଠିଥିଲେ।

## ପାବାରୁଢ଼ାରେ ୧୬ ବଖରା ଜଳିଗଲା

**ଭଞ୍ଜନଗର,୨।୩(ଡି.ଏନ.ଏ.)**

ଭଞ୍ଜନଗର ତହସିଲ ଅନ୍ତର୍ଗତ ବାରୁଢ଼ାରେ ମଙ୍ଗଳବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୮ ପରିବାରର ୧୬ ବଖରା ପୋଡ଼ି ପାଉଁଶ ହୋଇଛି। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଝୁନୁ ପ୍ରଧାନ, ନବୀନ ସାହୁ, ବାବୁଲି ବିଷୋୟୀ, ଖଦାଳ ବେହେରା, ଝରଣା ସାହୁ, କୃଷ୍ଣ ବେହେରା, ରାମ ବିଷୋୟୀ, ଲକ୍ଷ୍ମଣ ବେହେରାଙ୍କ ପରିବାରର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ନିଆଁ କିଭଳି ଲାଗିଲା ତାହା ଜଣାପଡ଼ିନାହିଁ। ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇବା ବ୍ୟବସ୍ଥା କରାଯାଉଛି। ଅନ୍ୟପକ୍ଷରେ ଭଞ୍ଜନଗର କଲେଜ ରୋଡ଼ରେ ଥିବା ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡ଼ିସି) ଡିପୋରେ ମଧ ନିଆଁ ଲାଗିଥିଲା। ଦମକଳ ବାହିନୀ ନିଆଁ ଲିଭାଇଥିଲେ। ଏଥିରେ ବଡ଼ଧରଣର କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

## ମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ ରାସ୍ତାରୋକୋ

**ଆସିକା,୨।୩(ଡି.ଏନ୍.ଏ.)**

ଚାଷୀଙ୍କ ନିକଟରେ ଟୋକନ ଥିଲେ ମଧ ମଣ୍ଡିରେ ଧାନ ଗ୍ରହଣ କରାଯାଉନାହିଁ । ଏହା ପ୍ରତିବାଦରେ ମଙ୍ଗଳବାର ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ବିଞ୍ଝଣା ଛକଠାରେ ସଂପୃକ୍ତ ଅଞ୍ଚଳର ଚାଷୀମାନେ ରାସ୍ତାରେ ଧାନ ବସ୍ତା ରଖି ଆନ୍ଦୋଳନ କରିଥିଲେ । ଫଳରେ ଏହି ମୁଖ୍ୟରାସ୍ତାରେ କିଛି ସମୟ ପାଇଁ ଗମନାଗମନ ବ୍ୟାହତ ହୋଇଥିଲା । ଖବରପାଇ ବେଲଗୁଣ୍ଠା ତହସିଲଦାର ସରୋଜ କୁମାର ବେହେରା, ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ । ଚାଷୀ ଅଭିଯୋଗ କରିଥିଲେ ଯେ, ପାଖରେ ଟୋକନ ଥାଇ ବି ଧାନ ନିଆଯାଉନଥିବା ଯୋଗୁ ଅଦ୍ୟାବଧି ବହୁ ଚାଷୀଙ୍କ ଧାନ ଖଳାରେ ପଡିରହି ନଷ୍ଟ ହେଉଛି। ପ୍ରକୃତ କ୍ଷୁଦ୍ର ଚାଷୀ ମଣ୍ଡି ବ୍ୟବସ୍ଥାରେ ଉପେକ୍ଷିତ ହେଉଛନ୍ତି। ତେଣୁ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି ଯଥାଶିଘ୍ର ସେମାନଙ୍କ ଧାନ ଉଠାଇବା ଏବଂ ମଣ୍ଡିକୁ ଧାନ ବିକ୍ରି କରିଥିବା ଅଣଚାଷୀ ଓ ଦଲାଲଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା।

## ୧୭୨ ଛାତ୍ରଙ୍କୁ ସୁଜୁକି ମୋଟର୍ସରେ ନିଯୁକ୍ତି



କ୍ୟାମ୍ପସ ଚୟନରେ ଉତ୍ତୀର୍ଣ୍ଣ ଛାତ୍ର।

**ବ୍ରହ୍ମପୁର ଆଇଟିଆଇର ସଫଳତା**


**ବ୍ରହ୍ମପୁର ଅଫିସ୍,୨।୩**

ବ୍ରହ୍ମପୁର ଶିଳ୍ପ ତାଲିମ୍ ଅନୁଷ୍ଠାନ (ଆଇଟିଆଇ) ଶିକ୍ଷାନୁଷ୍ଠାନର ୧୭୨ ଛାତ୍ର ଗୁଜରାଟସ୍ଥିତ ସୁଜୁକି ମୋଟର୍ସରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଶିକ୍ଷାନୁଷ୍ଠାନର ଫିଟର୍, ଇଲେକ୍‌ଟ୍ରୋନିକ୍, ମେକାନିକ୍, ଟର୍ଣ୍ଣର ଓ ଡ଼ିଜେଲ୍ ମେକାନିକ୍ ବିଭାଗର ଛାତ୍ରମାନେ ଗତ ଡ଼ିସେମ୍ବରରେ କ୍ୟାମ୍ପସ ସାକ୍ଷାତକାରମୂଳକ ପରୀକ୍ଷା ଦେଇଥିଲେ। ଏଥିରେ ଉତ୍ତୀର୍ଣ୍ଣ ଛାତ୍ରମାନେ ନିଯୁକ୍ତି ସୁଯୋଗ ପାଇଛନ୍ତି। ୟୁସିପି ଇଞ୍ଜିନିୟରିଂ କଲେଜ ଅଧକ୍ଷ ଏସ୍.ଏନ୍.ଧର ଓ ଆଇଟିଆଇ ଅଧକ୍ଷ ରଜତ କୁମାର ପାଣିଗ୍ରାହୀ ଛାତ୍ରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମଥୁରା କ୍ରିକେଟ ଟିମ୍ ଚାମ୍ପିୟନ

**ବେଗୁନିଆପଡା,୨।୩(ଡି.ଏନ୍.ଏ.)**

ବେଗୁନିଆପଡା ବ୍ଲକ ସୁମଣ୍ଡଳସ୍ଥିତ ରବି ଘୋଷ ବିଦ୍ୟାପୀଠ ଷ୍ଟାଡିୟମରେ ଚାଲିଥିବା ଲକ୍ଷ୍ମୀ ନାରାୟଣ ଶର୍ଟ ସର୍କଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ସୁମଣ୍ଡଳ ଟିମ୍‌କୁ ହରାଇ ମଥୁରା ଟିମ୍ ଚାମ୍ପିୟନ ହୋଇଛି। ଉଦଯାପନୀରେ ଲକ୍ଷ୍ମୀ ନାରାୟଣ ମନ୍ଦିର ଟ୍ରଷ୍ଟ ସଭାପତି ପ୍ରକାଶ ଚନ୍ଦ୍ର ପାଣ୍ଡି ମୁଖ୍ୟ ଅତିଥି, ଜୟଦେବ ବାରିକ ମୁଖ୍ୟବକ୍ତା, ବସନ୍ତ କୁମାର ବାରିକ, ମହେନ୍ଦ୍ର କୁମାର ଗୌଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଜୟୀ ଦଳର ଖେଳାଳି ସାଗର କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଅଜିତ କୁମାରଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ କୃଷ୍ଣଚନ୍ଦ୍ର ଦୋରା ଓ ମାନସ ରଞ୍ଜନ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ଜେନା ସ୍କୋରର ଦାୟିତ୍ୱରେ ଥିଲେ। କାର୍ତ୍ତିକ ଚନ୍ଦ୍ର ଡାକୁଆ ଧାରା ବିବରଣୀ ପ୍ରଦାନ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳ।

## ପୁନଃ ନିର୍ମାଣ କରାଯାଉନି ଗୋପୀନାଥ ଘାଇ

**ପୂର୍ବତନ ବାଚସ୍ପତିଙ୍କ ଅଭିଯୋଗ**

**ବ୍ରହ୍ମପୁର ଅଫିସ,୨।୩**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ଖମ୍ବାରଗାଁସ୍ଥିତ ବହୁ ପୁରାତନ ଗୋପୀନାଥ ଘାଇ ହଳଦିଆପଦର ନିକଟରେ ଦୀର୍ଘ ଦିନରୁ ଭାଙ୍ଗି ଯାଇଛି। ଫଳରେ ତଳମୁଣ୍ଡରେ ଥିବା ଶତାଧିକ ହେକ୍ଟର ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହେଉଛି। ଏହାର ମରାମତି ଓ ପୁନରୁଦ୍ଧାର ପ୍ରତି କ୍ଷୁଦ୍ର ଜଳସେଚନ ବିଭାଗ ନଂ. ୧ ଡିଭିଜନ ପକ୍ଷରୁ ଆଖିବୁଜି ଦିଆଯାଇଛି। ବିଧାନସଭା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ଏହି ଅଭିଯୋଗ କରିଛନ୍ତି। ସମସ୍ୟାର ତ୍ୱରିତ ସମାଧାନ ଲାଗି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ମଙ୍ଗଳବାର ଜିଲାପାଳଙ୍କ ଦୃଷ୍ଟିକୁ ନେଇଛନ୍ତି।

ପାତ୍ରପୁର ତହସିଲ ଜରଡ଼ା ନାରାୟଣ ସାଗରରୁ ପ୍ରବାହିତ ଉଦ୍‌ବୃତ୍ତ ପାଣି ବାବନପୁର ପଥରା ଘାଇ ପରେ ପଦ୍ମତୋଳା ନାଳ ଦେଇ ଗୋପୀନାଥ ଘାଇରେ ପଡୁଛି। ସେଠାରୁ ଖଣ୍ଡଦେଉଳି, ବୋରିବାଡ଼, ଜୟନ୍ତୀପୁର, ଗୁଡ଼ିପଦର ଦେଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଇଦ୍ଦୁପୁରଠାରେ ସମୁଦ୍ରରେ ମିଶୁଛି। ଏହି ନାଳର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଜଳସମ୍ପଦ ବିଭାଗର ବ୍ରହ୍ମପୁରସ୍ଥ ଡ୍ରେନେଜ୍ ଡିଭିଜନକୁ ନ୍ୟସ୍ତ କରାଯାଇଛି। ନାଳ ପାଣିକୁ ଅଟକାଇ ଚାଷ ଜମିରେ ସେଚ ସୁବିଧା ନିମନ୍ତେ ଗଞ୍ଜାମ କ୍ଷୁଦ୍ର ଜଳସେଚନ ବିଭାଗ ନଂ. ୧ ଡିଭିଜନକୁ ଦାୟିତ୍ୱ ଦିଆଯାଇଛି। ତେବେ ଗୋପୀନାଥ ଘାଇ ପ୍ରତି ଏହି ବିଭାଗ ପକ୍ଷରୁ ଅବହେଳା କରାଯାଇଥିବାରୁ ସମସ୍ୟା ବଢ଼ି ଚାଲିଛି ଏବଂ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ଦ୍ୟାନସାମନ୍ତରା ଦର୍ଶାଇଛନ୍ତି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଗୋପାଳ ଦାସ କହିଛନ୍ତି, ଗୋପୀନାଥ ଘାଇ ପୁନରୁଦ୍ଧାର ପାଇଁ ଡିଭିଜନରେ ଆବଶ୍ୟକ ଅର୍ଥ ନାହିଁ। ତେଣୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ କରିବାକୁ ବ୍ଲକ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ପାତ୍ରପୁର ବ୍ଲକ ଦ୍ୱାରା ଗୋପୀନାଥ ଘାଇ ମରାମତି ଓ ପୁନରୁଦ୍ଧାର ହେବାକୁ ନିର୍ବାହୀ ଯନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି।

## ୨୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଦାରିଙ୍ଗବାଡ଼ି, (ଡି.ଏନ.ଏ): ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପାଟ୍ରୋଲି ବେଳେ ପୋଲିସ ଏକ କାରରୁ ୨୪ କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରାଯାଇଛି। ସେ ହେଲେ ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ହରିପୁର ଗ୍ରାମର ଟୁନା ସ୍ୱାଇଁ। ଏ ନେଇ ପୋଲିସ ନଂ.୪୩/୨୧ରେ ମାମଲା ରୁଜୁ କରିଛି। ଟୁନା କାର୍‌ରେ କ.ନୁଆଗାଁ ଅଞ୍ଚଳରୁ ଗଞ୍ଜାମ ଜିଲା ଅଭିମୁଖେ ଚୋରାରେ ଗଞ୍ଜେଇ ନେଇ ଯାଉଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା।

## ସଂକ୍ଷେପରେ

### ଯାତ୍ରୀଙ୍କ ଟଙ୍କା ବ୍ୟାଗ୍ ଫେରାଇଲେ ଅଟୋ ଚାଳକ

**ଖଲ୍ଲିକୋଟ,୨।୩(ଡି.ଏନ.ଏ.):** ଜଣେ ଯାତ୍ରୀ ଛାଡ଼ିଯାଇଥିବା ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଥିବା ବ୍ୟାଗ୍‌କୁ ଜଣେ ଅଟୋଚାଳକ ମଙ୍ଗଳବାର ଫେରାଇଛନ୍ତି। ଶକଳେଶ୍ୱର ଅଟୋ ୟୁନିୟନର ଅଟୋଚାଳକ ଶ୍ରୀକୃଷ୍ଣଶରଣପୁର ଗ୍ରାମର ନାରାୟଣ ବେହେରାଙ୍କ ଅଟୋରେ କୋରାପୁଟରେ ରହୁଥିବା ଆଦିକନ୍ଦ ମିଶ୍ରି ଟଙ୍କା ବ୍ୟାଗ୍ ଭୁଲରେ ଛାଡିଦେଇ କୈରାଶି ଛକରେ ଓହ୍ଲାଇଥିଲେ। ନାରାୟଣ ଯାତ୍ରୀଙ୍କୁ ଓହ୍ଲାଇ କେଶପୁର ଅଟୋଷ୍ଟାଣ୍ଡକୁ ଫେରିଥିଲେ। ଅଟୋରେ ଟଙ୍କାଭର୍ତ୍ତି ବ୍ୟାଗ୍ ଥିବାର ଦେଖିଥିଲେ। ସେହି ବ୍ୟାଗଟି କୈରାଶି ଛକରେ ଓହ୍ଲାଇଥିବା ବୃଦ୍ଧଙ୍କର ଥିବ ଭାବି କୈରାଶି ଛକ ଅଟୋ ୟୁନିୟନକୁ ଫୋନ କରିଥିଲେ। ସେଠାରେ ଜଣେ ବୃଦ୍ଧ ବସି କାନ୍ଦୁଥିବା ଜାଣିବାକୁ ପାଇଥିଲେ। ନାରାୟଣ ସେଠାରେ ପହଞ୍ଚି ଆଦିକନ୍ଦଙ୍କୁ ତାଙ୍କ ଟଙ୍କା ବ୍ୟାଗ୍ ଫେରାଇଥିଲେ। ଆଦିକନ୍ଦ ଟଙ୍କା ବ୍ୟାଗ ପାଇ ଖୁସି ହୋଇଥିଲେ। ଅଟୋଚାଳକ ଏହି ମାନବିକତା ଯୋଗୁ ଅଞ୍ଚଳରେ ପ୍ରଶଂସିତ ହୋଇଛନ୍ତି।

### ଅଣଛାତ୍ର ଲାଗି କଲେଜରେ ପାଟିତୁଣ୍ଡ

**ବୁଗୁଡ଼ା,୨।୩(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ସ କଲେଜ୍ ଶ୍ରେଣୀଗୃହରେ ମଙ୍ଗଳବାର ଅଣ-ଛାତ୍ର ବସି ଟାହିଟପରା କରିଥିବାରୁ ଏକ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ବୁଗୁଡ଼ା ପିପୁଲ୍‌ସ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ ଅର୍ଥନୀତି କ୍ଲାସ ଚାଲିଥିଲା। କ୍ଲାସ ଆରମ୍ଭ ପୂର୍ବରୁ ଉକ୍ତ ଶ୍ରେଣୀରେ ଅନ୍ୟ ଏକ କଲେଜର ଛାତ୍ର ପିପୁଲ୍‌ସ କଲେଜ ୟୁନିଫର୍ମ ପିନ୍ଧି ବସିଥିଲେ। ଏହାକୁ ଅଧାପକ ଦେଖିନଥିଲେ। ସମ୍ପୃକ୍ତ ଛାତ୍ର ଜଣକ ଶ୍ରେଣୀରେ ବସି ଚୁଗୁଲି ଆଚରଣ କରିବାରୁ ଅନ୍ୟ ଛାତ୍ରମାନେ ପ୍ରତିବାଦ କରି ଉକ୍ତ ଛାତ୍ର ଜଣକ ଆମ କଲେଜର ନୁହନ୍ତି ବୋଲି ଅଧକ୍ଷଙ୍କୁ ଜଣାଇଥିଲେ। ଏ ନେଇ ସେଠାରେ ପାଟିତୁଣ୍ଡ ହୋଇଥିଲା। ପରେ ସମ୍ପୃକ୍ତ ଛାତ୍ରଙ୍କୁ ବାହାର କରିଦିଆଗଲା। ହେଲେ ସମ୍ପୃକ୍ତ ଛାତ୍ର ଜଣକ କଲେଜ ବାହାରେ ରହି କେତେକଙ୍କୁ ଧରି ଗାଲିଗୁଲଜ କରି ଧମକ ଦେଉଥିଲେ। କଲେଜର ଭାରପ୍ରାପ୍ତ ଅଧକ୍ଷ ହରିକୃଷ୍ଣ ନାୟକଙ୍କଠାରୁ ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ଛାତ୍ର ସେଠାରୁ ଚାଲିଯାଇଥିଲା। କଲେଜରେ ଶୃଙ୍ଖଳା ରକ୍ଷା ଲାଗି ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ନେଇ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ।

### ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠ ଭଙ୍ଗାରୁଜା ଘଟଣା
### ୨ ମାମଲା ରୁଜୁ କଲା ପୋଲିସ

**ଗୋପାଳପୁର,୨।୩:** ଗୋଳନ୍ଥରା ପାଲୁର ହିଲ୍‌ସ୍ଥିତ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ସୋମବାର ସାର୍ଟିଫିକେଟ ନ ପାଇ ଛାତ୍ରୀଛାତ୍ରମାନେ ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠରେ ଭଙ୍ଗାରୁଜା କରିଥିଲେ। ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ଦୁଇ ଛାତ୍ର ଆହତ ହୋଇଥିଲେ। ଏହି ଘଟଣାରେ ମଙ୍ଗଳବାର ଗୋଳନ୍ଥରା ଥାନା ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଶିକ୍ଷାନୁଷ୍ଠାନର ରେଜିଷ୍ଟ୍ରାରଙ୍କ ଏତଲା ପ୍ରକାରେ, ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକଙ୍କୁ ଛାତ୍ରୀଛାତ୍ରମାନେ ମାଟ୍ରିକ ଓ ଯୁକ୍ତ ୨ ସାର୍ଟିଫିକେଟ ମାଗିବା ବେଳେ ନିର୍ଦ୍ଦେଶକ ରେଜିଷ୍ଟ୍ରାରଙ୍କୁ ଧମକଚମକ ଦେବା ସହ ତାଙ୍କର କିଛି ସହଯୋଗୀ ମୋର କାରକୁ ଭଙ୍ଗାରୁଜା କରିଥିବା ନେଇ ରେଜିଷ୍ଟ୍ରାର ପୋଲିସକୁ ଜଣାଇଥିଲେ। ଏ ନେଇ ପୋଲିସ ନଂ. ୬୧/୨୧ରେ ମାମଲା ରୁଜୁ କରିଛି। ଅନ୍ୟପଟେ ରେଜିଷ୍ଟ୍ରାର କ୍ଷୀରୋଦ ଛାତ୍ରୀଛାତ୍ରଙ୍କୁ ଉସୁକାଇ ଗଣ୍ଡଗୋଳ ସୃଷ୍ଟି କରିଥିବା ନେଇ ନିର୍ଦ୍ଦେଶକଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ କେତେଜଣଙ୍କ ନାଁରେ ନଂ. ୬୩/୨୧ରେ ମାମଲା ରୁଜୁ କରିଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଶିକ୍ଷାନୁଷ୍ଠାନ ପରିସରରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛି।

### ଗଛରୁ ପଡି ଯୁବକ ମୃତ

**ପାତ୍ରପୁର,୨।୩ (ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ରାଇଖାଲ ଗ୍ରାମରେ ଗଛରୁ ପଡ଼ି ସୋମବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁରେନ୍ଦ୍ର ବେହେରା (୨୦)। ସୁରେନ୍ଦ୍ର ଗତ ଗୁରୁବାର ଏକ ଗଛରେ ଚଢ଼ିଥିଲେ। ସେଥିରୁ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ପ୍ରଥମେ ତାଙ୍କୁ ପାତ୍ରପୁର, ବ୍ରହ୍ମପୁର ମେଡିକାଲ ପରେ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯାଇଛି।

# ପୋଡ଼ମପେଟାବାସୀଙ୍କୁ କାଠପୋଲ ଭରସା

### ଗାଁକୁ ଯାଇପାରୁନି ଗାଡ଼ି, ଅଡୁଆରେ ମତ୍ସ୍ୟଜୀବୀ

**ଗଞ୍ଜାମ,୨।୩(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ପୋଡ଼ମପେଟା ଗ୍ରାମର ପ୍ରାୟ ୪ ଶହ ମତ୍ସ୍ୟଜୀବୀ ପରିବାର ପାଲୁର ସାହେବ କେନାଲର କାଠ ପୋଲ ଉପରେ ଦୀର୍ଘଦିନ ହେଲା ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ବିଭିନ୍ନ ସମୟରେ ଏହି ପୋଲରେ ଯାତ୍ରା ସମୟରେ ଦୁର୍ଘଟଣା ଘଟୁଥିବା ଜଣାପଡିଛି। ପୋଡମପେଟା ଗ୍ରାମଟି ସମୁଦ୍ର କୂଳରେ ରହିଛି। ଦୈନଦିନ ସମୁଦ୍ର କୂଳ ଲଘୁଂଥିବା ବେଳେ ଅଶାନ୍ତ ସମୁଦ୍ରର ଆଁ ମଧ୍ୟକୁ ଏହି ଗ୍ରାମ ଧୀରେ ଧୀରେ ଲୀନ ହେବାରେ ଲାଗିଛି। ସେତେବେଳେ ଛତ୍ରପୁର ଅଞ୍ଚଳର ଶ୍ରୀକାନ୍ତ ମହାନ୍ତି ଏ ନେଇ ଏମ୍‌ପି ସିଦ୍ଧାନ୍ତ କୁମାର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ପ୍ରାକ୍ତନ ଏମ୍‌ପିଙ୍କ ହସ୍ତକ୍ଷେପ ଫଳରେ ଜିଲା ପ୍ରଶାସନ ଗ୍ରାମବାସୀଙ୍କୁ ମୟୂରପଦା ଗ୍ରାମର ଅପରପାର୍ଶ୍ୱରେ ଥଇଥାନ କରିଥିଲେ। ୨୦୧୪ ରୁ ୨୦୧୬ ମଧ୍ୟରେ ପୋଡ଼ମପେଟା



କାଠ ପୋଲରେ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର।

ଓଡିଆର୍‌ପି କଲୋନୀର ୧ ନମ୍ବର ଓ ୨ ନମ୍ବର କଲୋନୀରେ ସମୁଦାୟ ୩୯୦ ପରିବାର ରହୁଛନ୍ତି। ହେଲେ ସେମାନଙ୍କୁ ବାହାର ଦୁନିଆକୁ ଯୋଗାଯୋଗ କରିବା ପାଇଁ ଉକ୍ତ କାଠ ପୋଲ ଉପରେ ବିପଦପୂର୍ଣ୍ଣ ଭାବେ ଯାତ୍ରା କରିବାକୁ ପଡୁଛି। ଏଥିସହ ଉଭୟ ଓଡିଆର୍‌ପି କଲୋନୀର ଛାତ୍ରୀଛାତ୍ରମାନଙ୍କୁ ସେହି ପୋଲ ଦେଇ ନୀଳାଦ୍ରିପୁର ଲବଣ ଶ୍ରମିକ ହାଇସ୍କୁଲ ଓ ଅପର ପ୍ରାଇମେରୀ ସ୍କୁଲକୁ ଯାଇଥାନ୍ତି। ବର୍ଷା ଦିନରେ ଆସୁଥିବା ବନ୍ୟାଜଳ କେନାଲରେ ଭରି ରହିଥିବାରୁ ଅଭିଭାବକମାନେ ନିଜର ପିଲାମାନଙ୍କୁ ସ୍କୁଲ ଯିବାକୁ ବାରଣ କରିଥାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ଘଟିଥାଏ। ଅନ୍ୟପଟେ କଲୋନୀବାସୀ ସାମୁଦ୍ରିକ ମତ୍ସ୍ୟଜୀବୀ ହୋଇଥିବାରୁ ସେହି ପୋଲ ଦେଇ ମହିଳାମାନଙ୍କୁ ଓଜନଦାର ମାଛବୋଝ ନେଇ ଯିବାକୁ ପଡିଥାଏ। ସମୁଦ୍ରରୁ ବହୁ ସଂଖ୍ୟାରେ ମାଛ ହେଉଥିବା ସମୟରେ ସେଠାରୁ ଚାରି ଚକିଆ ଯାନ ଯିବା ଆସିବା କରିବା ସୁବିଧା ନ ଥିବାରୁ ମାଛ ବିକ୍ରି କରି ନ ପାରି ମତ୍ସ୍ୟଜୀବୀମାନେ କ୍ଷତି ସହିଥାନ୍ତି। ଏଥିସହ ସରକାରଙ୍କ ରାଶନ କାର୍ଡ ଖାଉଟି ସାମଗ୍ରୀ ମୁଣ୍ଡରେ ଧରି କଲୋନିବାସୀ ଉକ୍ତ ପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିଥାନ୍ତି। ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କଲୋନିବାସୀ କହିଛନ୍ତି। ତେବେ ସେମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେଠାରେ ବିଜୁ ସେତୁ ଯୋଜନାରେ ଏକ ସେତୁ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମହେନ୍ଦ୍ରଗିରିରେ ଶିବରାତ୍ରି ଭିଡ଼ ହେବନି

**ପାରଳାଖେମୁଣ୍ଡି,୨।୩(ଡି.ଏନ୍.ଏ.)**

ଗଜପତି ଜିଲା ମହେନ୍ଦ୍ରଗିରିଠାରେ ଚଳିତବର୍ଷ ଶିବରାତ୍ରିରେ ଭିଡ ହେବନି। କରୋନାର ପୁନଃସଂକ୍ରମଣ ଆଶଙ୍କା ଥିବାରୁ ଜିଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଛି। ବିନା ଭକ୍ତରେ କେବଳ ପୂଜକ ଶିବରାତ୍ରି ନିତିକାନ୍ତି ପାଇଁ ପାହାଡ଼ ଉପରକୁ ଯିବେ। ଉକ୍ତ ଦିନ ମହେନ୍ଦ୍ରଗିରିର ସମସ୍ତ ପ୍ରବେଶ ପଥକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯିବ। ପାହାଡ଼ ତଳ ଅଞ୍ଚଳରେ ମଧ୍ୟ କୌଣସି ଜନସମାଗମ କି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ବାରଣ କରାଯାଇଛି। ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଗଜପତି, ଗଞ୍ଜାମ ଏବଂ ଆନ୍ଧ୍ରପ୍ରଦେଶର ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଶିବରାତ୍ରିରେ ମହେନ୍ଦ୍ରଗିରି ନ ଯିବାକୁ ଅନୁରୋଧ କରାଯାଉଛି ବୋଲି ଗଜପତି ଜିଲାପାଳ ଅନୁପମ ଶାହା ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ



ମନ୍ତ୍ରୀ ତିଳିସିଙ୍ଗି ଠାରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

**ଭଞ୍ଜନଗର,୨।୩(ଡି.ଏନ.ଏ)**

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ମନ୍ତ୍ରୀ ଆରୁଖ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପରିଦର୍ଶନରେ ଯାଇଥିଲେ। ବିଶ୍ୱବ୍ୟାଙ୍କ ପକ୍ଷରୁ କଲେଜର ଉନ୍ନତି ପାଇଁ ଆସିଥିବା ସାଢ଼େ ୪ କୋଟି ଟଙ୍କା କିଭଳି ସୁବିନିଯୋଗ ହୋଇପାରିବ ସେ ନେଇ କଲେଜ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏଥିସହ ବିଶ୍ୱବ୍ୟାଙ୍କ ଅନୁଦାନରେ ହେବାକୁ ଥିବା ନୂତନ କୋଠା ନିମନ୍ତେ ସ୍ଥାନ ଚିହ୍ନଟ କରିଥିଲେ। ପରେ ମନ୍ତ୍ରୀ ତିଳିସିଙ୍ଗି ଗ୍ରାମକୁ ଯାଇ ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ଗତ ମାସରେ ମନ୍ତ୍ରୀ ଏକ ସମ୍ମିଳନୀରେ ତିଳିସିଙ୍ଗି ପଞ୍ଚାୟତର ବିକାଶ କଥା ସେ ବ୍ୟକ୍ତିଗତ ଭାବେ ବୁଝିବେ ବୋଲି କହିଥିଲେ। ତେଣୁ ମନ୍ତ୍ରୀ ଉକ୍ତ ପଞ୍ଚାୟତକୁ ଯାଇ ଲୋକଙ୍କ ସହ ମିଶିଥିଲେ। ତିଳିସିଙ୍ଗି ସଭାରେ ବିଡିଓ ଅନିଲ କୁମାର ସେଠୀ, ତହସିଲଦାର ଆଲୋକ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ପ୍ରଶାନ୍ତ ପାତ୍ର, ସୁବ୍ରତ ଦିହୁଡ଼ି, ସନ୍ତୋଷ ଦିହୁଡ଼ି, ସୁବାସ ଚନ୍ଦ୍ର ନାୟକ, ସନ୍ତୋଷ ପ୍ରଧାନ ଓ କାଳିଆ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧ ଦଫା ଦାବିରେ ନିର୍ମାଣ ଶ୍ରମିକଙ୍କ ରାଲି



ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ଫୁଲବାଣୀ ଅଫିସ, ୨।୩**

୧୧ ଦଫା ଦାବି ନେଇ ନିର୍ମାଣ ଶ୍ରମିକମାନେ ଫୁଲବାଣୀ ସହରରେ ରାଲି କରିଛନ୍ତି। ଏଥିସହ ଏକ ଦାବିପତ୍ର ଜିଲା ଶ୍ରମଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି। ନିର୍ମାଣ ଶ୍ରମିକମାନେ ଶ୍ରମିକ କଲ୍ୟାଣ ବୋର୍ଡରେ ନାମ ପଞ୍ଜୀକରଣ ପାଇଁ ଦରଖାସ୍ତ କରିଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ କରାଯାଉନାହିଁ । ସହାୟତା ପାଇଁ ପଞ୍ଜୀକୃତ ଶ୍ରମିକଙ୍କ ନାମ ନବୀକରଣ କରାଯାଉନାହିଁ। ଯାହାଫଳରେ ନିର୍ମାଣ ଶ୍ରମିକମାନେ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ମୃତ୍ୟୁକାଳୀନ ସହାୟତା, ପ୍ରସୂତିକାଳୀନ ସହାୟତା, ଶିକ୍ଷା, ବାସଗୃହ ସହାୟତା ପ୍ରଦାନରେ ବିଳମ୍ବ କରାଯାଉଛି। ସହାୟତା ନ ପାଇ ଶ୍ରମିକଙ୍କ ପରିବାର ହଇରାଣ ହେଉଛନ୍ତି। ତେଣୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ସେହିପରି କୋଭିଡ-୧୯ରେ ପଞ୍ଜୀକୃତ ଶ୍ରମିକ ୧୫୦୦ ଟଙ୍କା ପାଇବେ ବୋଲି ଘୋଷଣା କରାଯାଇଥିଲା । ହେଲେ ୨୯ ଲକ୍ଷ ଶ୍ରମିକଙ୍କ ମଧ୍ୟରୁ ନାମ ନବୀକରଣ ହୋଇ ନ ଥିବା ଦର୍ଶାଇ ୭ ଲକ୍ଷ ଶ୍ରମିକଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ନିର୍ମାଣ ଶ୍ରମିକ ଆଇନ ରାଜ୍ୟରେ ଲାଗୁ କରାଯିବା ଦିନଠାରୁ ରାଜ୍ୟର ଘରୋଇ ବିଲ୍ଡର, କଣ୍ଟ୍ରାକ୍ଟରଙ୍କ ଠାରୁ ୧ ପ୍ରତିଶତ ସେସ୍ ଆଦାୟ କରିବା, ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କୁ ବାଧ୍ୟତାମୂଳକ ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦରେ ରେଜେଷ୍ଟ୍ରିଭୁକ୍ତ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି।

### କନିଷ୍ଠ ଯନ୍ତ୍ରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ନୂଆଗଡ଼,୨।୩**

ନୂଆଗଡ ବ୍ଲକ ବଡପଦା ଗ୍ରାମ ପଞ୍ଚାୟତ କନିଷ୍ଠଯନ୍ତ୍ରୀ ବି. ଯୁଧିଷ୍ଠିର ରାଓ ସୁବୁଦ୍ଧିଙ୍କୁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ଅଟକ ରଖିଥିଲେ। ଠିକାଦାର ଏବଂ ଏମଜିଏନଆର୍‌ଇଜିଏସ୍‌ରେ କାମ କରୁଥିବା ଶ୍ରମିକଙ୍କ ଦୀର୍ଘଦିନ ଧରି ବିଲ୍ କରାଯାଇ ନ ଥିବା ଏବଂ ବ୍ଲକସ୍ତରୀୟ କେତେଜଣ ଅଧିକାରୀ ଏମଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ବିଳମ୍ବ କରୁଥିବା ଆଦି କେତେକ ଘଟଣାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କନିଷ୍ଠଯନ୍ତ୍ରୀଙ୍କୁ ଅଟକ ରଖିଥିଲେ। ଖବରପାଇ ସ୍ଥାନୀୟ ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ଓ ବ୍ଲକରୁ ଆଉ ୨ ଯନ୍ତ୍ରୀ ପହଞ୍ଚି ଗ୍ରାମର କେତେଜଣଙ୍କୁ ନେଇ ଏକ ବୈଠକ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଖୁବଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ଅଟକ କନିଷ୍ଠ ଯନ୍ତ୍ରୀଙ୍କୁ ଛାଡିଥିଲେ।

### ଦୁର୍ଘଟଣାରେ ଶିଶୁକନ୍ୟା ମୃତ୍ୟୁ ଘଟଣା
### ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୨।୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ମାଁ ଖେମଣ୍ଡିକାଲୁଆ ଛକ ନିକଟରେ ଗତ ଫେବୃୟାରୀ ୨ ତାରିଖରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବି.ତୁରୁବୁଡି ପଞ୍ଚାୟତ ମରେଇ ବାଡି ଗାଁର ୨ ବର୍ଷୀୟା ଚାନ୍ଦିନୀ ମଲ୍ଲିକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଥିଲେ। ଏ ନେଇ ଦିଗପହଣ୍ଡି ଥାନାରେ ନଂ.୨୭/୨୧ ମାମଲା ରୁଜୁ ହୋଇଥିଲା। ଘଟଣାର ମାସକ ପରେ ମଙ୍ଗଳବାର ଅଭିଯୁକ୍ତ ବାଇକ୍ ଚାଳକ ଅଜୟ ଦଳ ବେହେରାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ଦାବିପତ୍ର




ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କର୍ମକର୍ତ୍ତା।

**ପାରଳାଖେମୁଣ୍ଡି,୨।୩(ଡି.ଏନ୍.ଏ.)**

ଓଡ଼ିଶା ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଗଜପତି ଜିଲା ଶାଖା ପକ୍ଷରୁ ଦେଶରେ ପ୍ରତ୍ୟେକ ନାଗରିକଙ୍କ ସର୍ବାଧିକ ୨ଟି ସନ୍ତାନ ବାଧତାମୂଳକ ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି। ମଙ୍ଗଳବାର ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୃଥିବୀ ଜନସଂଖ୍ୟାର ଶତକଡା ୧୬.୭ ଭାଗ କେବଳ ଭାରତରେ ଅଛନ୍ତି। ବର୍ତ୍ତମାନ ଦେଶରେ ୧୩୦ କୋଟିରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଖାଦ୍ୟାଭାବ, କୁପୋଷଣ, ଗମନାଗମନ ଅସୁବିଧା, ବେକାରୀ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଆଗାମୀ ଦିନରେ ଦେଶକୁ ସୁରକ୍ଷିତ ରଖିବା ପାଇଁ କଠୋର ଜନ୍ମ ନିୟନ୍ତ୍ରଣ ଆଇନ ପ୍ରଣୟନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ନାଗରିକମାନେ ଦୁଇ ସନ୍ତାନ ଆଇନ ନ ମାନିଲେ କୋଠର ଦଣ୍ଡ ବ୍ୟବସ୍ଥା ଓ ସେମାନଙ୍କୁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ କରିବାକୁ ଫାଉଣ୍ଡେଶନ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଫାଉଣ୍ଡେଶନ ସଭାପତି ପ୍ରଶାନ୍ତ କୁମାର ପାଳ, ଉପସଭାପତି ଜାଗା ମହାପାତ୍ର, ବାବୁନା ବେହେରା ଓ ପ୍ରମୁଖ ଯୋଗ ଦେଇଥିଲେ।

# ମଦଭାଟି ବନ୍ଦ ନ କଲେ ଆନ୍ଦୋଳନ

### ଜିଲାପାଳଙ୍କୁ ଗାଁ କମିଟିର ସ୍ମାରକପତ୍ର

**ଛତ୍ରପୁର,୨।୩(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତର ସାନନୋଳିଆ ନୂଆଗାଁରେ ଦେଶୀ ମଦ ଭାଟି ବନ୍ଦ କରିବାକୁ ଦାବି ହୋଇଛି। ନୋଳିଆନୂଆଗାଁ ଠାକୁରାଣୀ ଗ୍ରାମ୍ୟ କମିଟି ପକ୍ଷରୁ ଶତାଧିକ ଗ୍ରାମବାସୀ ଏ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ମଦଭାଟି ବନ୍ଦ ନ ହେଲେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେବେ ବୋଲି କହିଛନ୍ତି। ମଦ ଭାଟିରୁ ନିର୍ଗତ ପୋଚ ପାଣି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଥିଯୋଗୁ ଅଧିକାଂଶ ଲୋକ ଏବଂ ଗୋରୁ ରୋଗରେ ପଡୁଛନ୍ତି। ଏପରିକି ପୋଚ ପାଣି ଚାଷ ଜମିରେ ପଶୁଥିବାରୁ ଫସଲ ନଷ୍ଟ ହେଉଛି । ଅନ୍ୟପକ୍ଷରେ ମଦଭାଟି ଜନଗହଳି ରାସ୍ତା ନିକଟରେ ଥିବାରୁ ବାହାରର ଅସାମାଜିକ ଯୁବକ ସେଠାରେ ରୁଣ୍ଡ ହେଉଛନ୍ତି। ଫଳରେ ମହିଳା, ସ୍କୁଲ ଓ କଲେଜ ଛାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏଠାରେ ନକଲି ମଦ ମଧ୍ୟ ତିଆରି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ମଦ ଭାଟିକୁ ବନ୍ଦ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ପି. ସୀମାଦ୍ରି, ସାନନୋଳିଆନୂଆଗାଁ ସଭାପତି ଡି.ବାବାଜୀ, ବଡନୋଳିଆ ନୂଆଗାଁ ସଭାପତି ଡି. କାଳିଆ, ଏସ୍.ଗୁରେୟା, ଏ.ବାଳରାଜୁ, ଏ.ସିମାଳି, ଏ.ଗୁରେୟା, କୁନା ସାହୁ, ପି.ତ୍ରିନାଥ ରାଓ, ପି. ରାମେୟା, ଇ.ଗୁରେୟା, ପି.କାମେୟା, ଡି.ଗୁରେୟା ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ଏସ୍‌ପି, ଅବକାରୀ ବିଭାଗ, ଉପଜିଲାପାଳ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

# ରାମପୁରରେ ପାନୀୟ ଜଳ ସମସ୍ୟା



ଝରଣାର ଚୁଆ ପାଣିକୁ ସଂଗ୍ରହ କରୁଛନ୍ତି ମହିଳାମାନେ।

**ଜଗନ୍ନାଥପ୍ରସାଦ,୨।୩(ଡି.ଏନ.ଏ.)**

ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ସରକାର ବିଭିନ୍ନ ଗ୍ରାମାଞ୍ଚଳରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ତାହା ଠିକ ରୂପେ ଗ୍ରାମାଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଗ୍ରାମର ମହିଳାମାନେ କୁନି କୁନି ଛୁଆମାନଙ୍କୁ ନେଇ ବିପଦପୂର୍ଣ୍ଣ ଜଙ୍ଗଲ ମଧ୍ୟରେ ଝରି ଆସିଥିବା ଝରଣାର ଚୁଆ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଏହା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ରାମପୁର ଗ୍ରାମରେ। ଆଗକୁ ଗ୍ରୀଷ୍ମଋତୁ ଥିବା ବେଳେ ବର୍ତ୍ତମାନଠାରୁ ଲୋକମାନେ ପାଣି ପାଇଁ ତହଳ ବିକଳ ହେଲେଣି, ଆଗକୁ ସ୍ଥିତି ଆହୁରି ଖରାପ ହେବ। ତେଣୁ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ରାମପୁର ଗ୍ରାମବାସୀ। ଗ୍ରାମରେ ୩ଟି ନଳକୂପ ଅଛି, ଗୋଟିଏ ଅଚଳ ଥିବା ବେଳେ ଦ୍ୱିତୀୟଟି ବ୍ୟବହାର ଜଳ ସେହି କୂଅ ଭିତରେ ପଶୁଛି ଏବଂ ତୃତୀୟଟିର ଖାରି ଜଳ ଥିବାରୁ ପିଇ ହେଉ ନାହିଁ। ଦୀର୍ଘଦିନ ଧରି ଏଠି ନଳକୂପ ଅଚଳ ଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏ ନେଇ ସ୍ଥାନୀୟ ଲୋକେ ଜଳଯୋଗାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ହେଲେ ସେଠାର ଉପସ୍ଥିତ କର୍ମଚାରୀମାନେ ଆଜି ଯିବୁ କାଲି ଯିବୁ କହି ଚୁପ୍ ରହିଛନ୍ତି। ଗ୍ରାମରେ ୨୫ ପରିବାରର ୨୦୦ ଲୋକ ବସବାସ କରୁଥିବା ବେଳେ ପାନୀୟ ଜଳ ମୁଖ୍ୟ ସମସ୍ୟା ପାଲଟିଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ପାନୀୟ ଜଳ ଯୋଗାଣ ବିଭାଗର ସହଯୋଗରେ ଉକ୍ତ ସମସ୍ୟା ତୁରନ୍ତ ସମାଧାନ ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଜଳ ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ କୌଣସି ଉତ୍ତର ମିଳିପାରିନାହିଁ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel.06766-258301 (O), Email ID: se_nerwkjr@rediffmail.com
"e" Procurement Notice for Road Works
No.O-1167:- Identification No. Road Online NCB No.291
No.858 Date:24.02.2021

1. Name of the work: Road work under DMF in the District of Keonjhar. 2. No. of works: 01 (One) No. 3. Estimated cost: As per Annexure in NIT. 4. Class of contractor (Eligible): As per Annexure in NIT. 5. Period of completion : As per Annexure in NIT. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.291 | Dt.04.03.21 at 11.00 A.M. | Dt.18.03.21 upto 5.00 P.M. | Dt.17.03.21 upto 5.00 P.M. | Dt.19.03.21 at 11.30 A.M. | Will be intimated later |

Further details can be seen from the website: www.tendersorissa.gov.in
OIPR-25048/11/0019/2021 Sd./- P.K. Misra, Superintending Engineer, N.E.R.W. Circle, Keonjhar

GOVERNMENT OF ODISHA
OFFICE OF THE SUPERINTENDING ENGINEER
SOUTHERN CIRCLE, RURAL WORKS, SUNABEDA
email: serwsbd2003@yahoo.com
No.O-1169:- E-Procurement Notice for Road & Bridge works

1. Name of the work : 1) Improvement to Badairukubadi to AP Border Via Kanchamuhi Kopadanga under Inter District Inter Block connectivity (01 No.) 2) Construction of Road from Killar to Dumbaguda Road under DMF (01 No.)
2 Class of contractor : 'B', 'A', Special Class of (Odisha PWD) or relevant class of other licencing authority.
3 Estimated cost : Varies from Rs.132.19 lakhs to Rs.443.20 lakhs (Approximately)
4 Details projects as per Annexure attached :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD-Online-10/2020-21 | 04.03.2021 at 11.00 A.M. | 18.03.2021 upto 5.30 P.M. | 17.03.2021 upto 2.00 P.M. | 19.03.2021 at 11.00 A.M. | To be intimated separetely |

5. The details of NON PMGSY works can be seen from the website https://www.tendersodisha.gov.in
6. Any corrigendum/addendum will be displayed in the above e-tender websites.
OIPR-25045/11/0010/2021 Superintending Engineer, Southern Circle, RW, Sunabeda

ଧରିତ୍ରୀ
DHARITRI
ବୁଧବାର, ୩ ମାର୍ଚ୍ଚ, ୨୦୨୧



## କାର୍ ଧକ୍କାରେ ବୃଦ୍ଧ ମୃତ

**ସାକ୍ଷୀଗୋପାଳ,(ଡି.ଏନ୍.ଏ./ସ୍ୱ.ପ୍ର.):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅଧୀନ ବୀରଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୮/୨୧)ରୁଜୁକରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ପାରଳାଖେମୁଣ୍ଡି (ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨।୩:** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଜପତି ଜିଲା ରାୟଗଡ଼ ବ୍ଲକ କନିଷ୍ଠଯନ୍ତ୍ରୀ କେ.ନାଗେଶ୍ୱର ସେନାପତିଙ୍କ ଘର ଓ ଅଫିସରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରାଯାଇଛି। ଟିମ୍ ନାଗେଶ୍ୱରଙ୍କ ବାସଭବନ, ଅଫିସ ଓ ସମ୍ପର୍କିୟଙ୍କ ଘର ଆଦି ୬ଟି ସ୍ଥାନରେ ଚଢ଼ାଉ କରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କର ଏ ପର୍ଯ୍ୟନ୍ତ ୨ କୋଟି ୧୩ ଲକ୍ଷ ୪୯ ହଜାର



୭୨୩ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଆହୁରି ଖୋଳତାଡ ଜାରି ରହିଥିବା ଭିଜିଲାନ୍ସ ଏସ୍‌ପି ଶାନ୍ତନୁ ପାଢ଼ୀ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ କନିଷ୍ଠ ଯନ୍ତ୍ରୀଙ୍କ ପାରଳାଖେମୁଣ୍ଡି ଜଗନ୍ନାଥ ବିହାରଠାରେ ଥିବା ବାସଭବନ, ବ୍ରହ୍ମପୁରରେ ଶାଳକଙ୍କ ଘର, ଶେରଗଡ଼ ବ୍ଲକ କୁଲାଗଡ଼ରେ ଥିବା ପୈତୃକ ଘର, ରାୟଗଡ଼ସ୍ଥିତ କାର୍ଯ୍ୟାଳୟ ଓ ଛଅମାଇଲଠାରେ ପାର୍ଟନରଶିପରେ ଚାଲିଥିବା ଇଟା ଫ୍ୟାକ୍ଟ୍ରିରେ ଚଢ଼ାଉ କରାଯାଇଥିଲା। ତାଙ୍କ ଘରୁ ୬୦ ଲକ୍ଷ ୯୦ ହଜାର ୬୪୦ ଟଙ୍କା ମିଳିଥିବା ବେଳେ ନିଜ ସହ ପରିବାର ଲୋକଙ୍କ ନାଁରେ ବିଭିନ୍ନ ବ୍ୟାଙ୍କରେ ଜମା ଥିବା ୬୬ ଲକ୍ଷ ୮୯ ହଜାର ୨୭୧ ଟଙ୍କା ଠାବ ହୋଇଛି। ସେହିପରି ୪ ଲକ୍ଷ ଟଙ୍କା ମୂଲ୍ୟର ୨୩୩ ଗ୍ରାର ସୁନା ଅଳଙ୍କାର, ୮୩୩ ଗ୍ରାମ ରୂପା ଅଳଙ୍କାର, ୧୦ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ କାର ଓ ୨ଟି ବାଇକ ସହ ଖୋର୍ଦ୍ଧା ସୁନ୍ଦରପଦା ମୌଜାରେ ଥିବା ଏକ ପ୍ଲଟ ଠାବ କରାଯାଇଛି। ଯନ୍ତ୍ରୀଙ୍କ ସ୍ତ୍ରୀ ସୁସ୍ମିତାଙ୍କ ନାଁରେ ବିଭିନ୍ନ ସ୍ଥାନରେ ଥିବା ୭ ଲକ୍ଷ ୫୫ ହଜାର ଟଙ୍କା ମୂଲ୍ୟର ୮ଟି ପ୍ଲଟ ଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।

### ରାସ୍ତା ପାର୍ଶ୍ୱକୁ ଓଲଟିଲା ଟ୍ରକ୍

**ବାଲିଅନ୍ତା,୨।୩(ଡି.ଏନ୍.ଏ.):** ୧୬ନଂ. ଜାତୀୟ ରାଜପଥ କଟକ-ଭୁବନେଶ୍ୱର ରାସ୍ତାର ରୁଦ୍ରପୁରସ୍ଥିତ ଗାଡ଼ି ଶୋ' ରୁମ୍ ଆଗରେ ମଙ୍ଗଳବାର ପୂର୍ବାହ୍ନରେ ଭାରସାମ୍ୟ ହରାଇ ଏକ ଲୁହା ପଥର ଗୁଣ୍ଡ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିଲା। ସୂଚନା ମୁତାବକ, କେନ୍ଦୁଝରରୁ ଲୁହାପଥର ଗୁଣ୍ଡ ନେଇ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏହି ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡ୍ରେନକୁ ଖସିପଡ଼ିଥିଲା। ପରେ ସର୍ଭିସ ରାସ୍ତା ଉପରକୁ ଓଲଟି ପଡ଼ିଥିଲା। ଫଳରେ ଲୁହାଗୁଣ୍ଡ ରାସ୍ତାରେ ବିଛାଡ଼ି ହୋଇ ପଡ଼ିଥିଲା। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପାହାଳ ଫାଣ୍ଡି ପୋଲିସ ପହଞ୍ଚିବା ସହ ୨ଟି କ୍ରେନ ମାଧମରେ ଟ୍ରକକୁ ଉଠାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# କୋଭିଡ୍‌ରୁ ସୁସ୍ଥ ହେବା ପରେ କମୁଛି ଶ୍ରବଣ ଶକ୍ତି

- ଠିକ୍ ସମୟରେ ଚିକିତ୍ସା ଜରୁରୀ
- ସଚେତନ, ସତର୍କ ରହିବାକୁ ପରାମର୍ଶ ଦେଲେ ବିଶେଷଜ୍ଞ

**ବିଶ୍ୱ ଶ୍ରବଣ ଦିବସ ଉପଲକ୍ଷେ**

**ଭୁବନେଶ୍ୱର,୨।୩(ବ୍ୟୁରୋ)**

କୋଭିଡ୍‌ରୁ ସୁସ୍ଥ ହେଉଥିବା ବ୍ୟକ୍ତି ଏକାଧିକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କଠାରେ ଭିନ୍ନ ଭିନ୍ନ ରୋଗର ଲକ୍ଷଣ ଦେଖାଯାଉଛି। ଅଧିକାଂଶ ଲୋକଙ୍କ ଶ୍ରବଣ ଶକ୍ତି ହ୍ରାସ ପାଇବା ଭଳି ଲକ୍ଷଣ ଦେଖାଯାଉଛି। ଏହାର ପ୍ରଭାବ ସେପରି ମାରାତ୍ମକ ଲାଗୁ ନ ଥିଲେ ମଧ ବିଶ୍ୱର ବିଶେଷଜ୍ଞମାନେ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ବିଶ୍ୱରେ ଏଭଳି ଘଟଣା ବୃଦ୍ଧି ପାଉଛି। ଏଥିସହ କେତେଜଣ କରୋନା ରୋଗୀ ଭାଇରାଲ ସଂକ୍ରମଣ ପରେ ଅପୂରଣୀୟ କ୍ଷତି ସହୁଛନ୍ତି। ତେଣୁ ଠିକ୍ ସମୟରେ ଚିକିତ୍ସା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଜରୁରୀ। ଏହାଦ୍ୱାରା ଶ୍ରବଣ ଶକ୍ତି ପୁଣିଥରେ ଫେରାଇ ଅଣାଯାଇ ପାରିବ ବୋଲି ଭାରତର ଡାକ୍ତରମାନେ କହିଛନ୍ତି। ମାର୍ଚ୍ଚ ୩ ବିଶ୍ୱ ଶ୍ରବଣ ଦିବସ ଉପଲକ୍ଷେ ଡାକ୍ତରଙ୍କ ଏଭଳି ସତର୍କତା କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

ବିଭିନ୍ନ କାରଣରୁ ଲୋକଙ୍କର ଶ୍ରବଣ ଶକ୍ତି ହ୍ରାସ ପାଉଥିବାବେଳେ ଏବେ କୋଭିଡ୍ ଅନ୍ୟତମ କାରଣ ପାଲଟିଛି। ଏ ସମ୍ପର୍କରେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜର ବିଭାଗୀୟ ଏଚ୍‌ଓଡି ଡା. ଅନୀଲ କୁମାର ଦାସ (ଏମ୍‌ଏସ୍ ଇଏନ୍‌ଟି) କହିଛନ୍ତି, କୋଭିଡ୍‌ରୁ ସୁସ୍ଥ ହେଉଥିବା ରୋଗୀଙ୍କଠାରେ ହଠାତ୍ ଶୁଣିବା ଶକ୍ତି ହ୍ରାସ ପାଇବା ଭଳି ମାମଲା ବିଶ୍ୱବ୍ୟାପୀ ଦେଖିବାକୁ ମିଳିଛି। ଭାରତରେ ମଧ ଆମେ ଗତବର୍ଷ ଏଭଳି ମାମଲାଗୁଡିକର ବର୍ଦ୍ଧିତ ସଂଖ୍ୟା ଦେଖିବାକୁ ପାଇଥିଲୁ। କୋଭିଡ୍ ସଂକ୍ରମଣରୁ ସୁସ୍ଥ ହେବା ପରେ କିଛି ରୋଗୀ ହଠାତ୍ ଶୁଣିବାର ଶକ୍ତି ହରାଉଥିବା ଅନୁଭବ କରିଥିଲେ। ତେବେ ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ନେବା ଓ ଚିକିତ୍ସା କରାଇବା ଦ୍ୱାରା ଏହାକୁ ଠିକ୍ କରାଯାଇପାରିବ। ତେଣୁ ଏଭଳି ମାମଲାରେ ଶୀଘ୍ର ଚିକିତ୍ସା ଗ୍ରହଣ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଷ୍ଟିରଏଡ୍ ଓ ଆଣ୍ଟି-ଭାଇରାଲ ଔଷଧଗୁଡିକର ସେବନ କିଛି ମାତ୍ରାରେ କିମ୍ବା ସମସ୍ତ ଶ୍ରବଣ କ୍ଷମତାକୁ ସୁରକ୍ଷିତ ରଖିବା ସହ ରୋଗର ପୂର୍ବ ଲକ୍ଷଣରେ ସୁଧାର ଆଣିବାରେ ସାହାଯ୍ୟ କରିଥାଏ। ଇଏନ୍‌ଟି ଓ ଡି ଫାର୍ମାସ୍ୟୁଟିକାଲ୍ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ନିଖିଳ ମସୁରକର କହିଛନ୍ତି, ଶ୍ରବଣ ଶକ୍ତି ହରାଇବା ଲକ୍ଷଣକୁ କୋଭିଡ୍ ସମ୍ବନ୍ଧିତ ଜଟିଳତା ସହିତ କାହିଁକି ଯୋଡାଯାଉଛି ତାହାର ଅନେକ ଭିନ୍ନ ଭିନ୍ନ କାରଣ ରହିଥାଇପାରେ। ଶରୀରର ବିଭିନ୍ନ ଅଙ୍ଗରେ ଏସିଇ-୨ ଏଞ୍ଜାଇମ୍ ଦେଖିବାକୁ ମିଳିଥିଲା। ଏହା ସାର୍ସ-କୋଭ୍-୨ ଭାଇରସ୍ ପାଇଁ ଏକ ରିସେପ୍ଟର ଭୂମିକା ନିଭାଇଥାଏ। ଏହାଦ୍ୱାରା ଭାଇରସ୍ କୋଷିକାଗୁଡିକୁ ସଂକ୍ରମିତ କରିବା ପାଇଁ ସକ୍ଷମ କରିଥାଏ। ଏସିଇ-୨ ରିସେପ୍ଟର କାନର ମଝିରେ ଥିବା ଏପିଥେଲିଆଲ୍ କୋଷଗୁଡିକରେ ମଧ ଦେଖିବାକୁ ମିଳିଥାଏ, ଯେଉଁଠାରେ ସାର୍ସ-କୋଭ୍-୨ ଭାଇରସ୍ ସେମାନଙ୍କ ସହିତ ବାନ୍ଧି ହୋଇଥାଏ। ସମାନ ରୂପେ ଏକ ଭାଇରାଲ ସଂକ୍ରମଣ ଦ୍ୱାରା ସୃଷ୍ଟି ହୋଇଥିବା ଶରୀରର ରୋଗ ପ୍ରତିରକ୍ଷା ପ୍ରତିକ୍ରିୟା କାରଣରୁ ମଧ ଶ୍ରବଣ ଶକ୍ତି ହରାଇବା ସମ୍ଭାବନା ରହିଥାଏ। କୋଚଲିଆରେ ପ୍ରଦାହ ଓ କୋଷିକା ଚାପ ସୃଷ୍ଟି କରୁଥିବା ପ୍ରଦାହଜନକ ପ୍ରତିକ୍ରିୟା ଏବଂ ସଂକ୍ରମଣ କାରଣରୁ ସାଇଟୋକାଇନ୍‌ସର ବୃଦ୍ଧି ଯୋଗୁ ମଧ ଶ୍ରବଣ ଶକ୍ତି ହ୍ରାସ ହେବା ଆଶଙ୍କା ଅଧିକ ରହିଥାଏ ବୋଲି ମସୁରକର ମତ ରଖିଛନ୍ତି।

### ୧୭ ଘଣ୍ଟା ପରେ ଉଠିଲା ଟ୍ୟାଙ୍କର

**ଗଞ୍ଜାମ,୨।୩(ଡି.ଏନ୍.ଏ.)**

**ଗ୍ୟାସ ଟ୍ୟାଙ୍କର ଓଲଟିବା ଘଟଣା**

ଗଞ୍ଜାମ ଥାନା ୧୬ ନମ୍ବର ଜାତୀୟ ରାଜପଥ ଶଙ୍ଖ ନୂଆଗାଁ ଓ ପୁଇଁତୋଳା ମଝିରେ ସୋମବାର ଅପରାହ୍ନରେ ଓଲଟି ପଡ଼ିଥିବା ଆମୋନିଆ ଗ୍ୟାସ୍ ଟ୍ୟାଙ୍କର ଦୀର୍ଘ ୧୭ ଘଣ୍ଟା ପରେ ରାସ୍ତାରୁ ହଟିଛି। ଗାଡି ଚଳାଚଳ ବାଧାପ୍ରାପ୍ତ ହେବା ସହ ଅନେକ ଯାତ୍ରୀ ହଇରାଣ ହରକତ ହୋଇଛନ୍ତି। ପାରାଦୀପରୁ ଏକ ୪ ଜଣିଆ ବୈଷୟିକ ଟିମ୍ ମଙ୍ଗଳବାର ସକାଳ ୮ଟାରେ ପହଞ୍ଚି ଏହାକୁ ଉଠାଇବା ବ୍ୟବସ୍ଥା କରିଥିଲେ। ୬ଟି କ୍ରେନ୍ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲା। ବୈଷୟିକ ଟିମ୍‌ର ସଚିତ୍ର କୁମାର ରାଉତଙ୍କ ପ୍ରଚେଷ୍ଟାରେ ପ୍ରଫୁଲ୍ଲ ମହାପାତ୍ର, ଦିଲୀପ ପଲାଇ ଓ ଅଭୟ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାସିମ୍ କମ୍ପାନୀର ଫାୟାର ଗାଡ଼ି ଓ ଆମ୍ବୁଲାନ୍ସ ରଖାଯାଇଥିଲା। ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଟାଙ୍କି ହଟିବା ପାଇଁ ପ୍ରାୟ ୧୭ ଘଣ୍ଟା ଲାଗିଗଲା। ରାସ୍ତା ସିଲ୍ କରାଯିବାରୁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଆଇଆଇସି ଦିଲୀପ କୁମାର ସାହୁ ପ୍ରମୁଖ ରାତିତମାମ ଘଟଣାସ୍ଥଳରେ ଜଗି ରହିଥିଲେ।




କୃଷି ଆଇନ ପ୍ରତ୍ୟାହାର ସହ ୬ ଦଫା ଦାବି ନେଇ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଓ ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ଅନୁଷ୍ଠିତ ବାଇକ୍ ଶୋଭାଯାତ୍ରା।

# ଓଲଟିଲା ବସ୍

## ୮ ଆହତ, ବର୍ତ୍ତିଲେ ୪୦ ଯାତ୍ରୀ

**ମହାକାଳପଡ଼ା,୨।୩ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଆଳାଇଲ ପଞ୍ଚାୟତର କୁମ୍ଭାରୁଣୀ ଗ୍ରାମ ହନୁମାନ ଛକ ବୁଲାଣରେ ମଙ୍ଗଳବାର ଭୋର ୫ଟାରେ ପ୍ରିନ୍ସ ନାମକ ବସ୍ ଭାରସାମ୍ୟ ହରାଇ ବିଲକୁ ଓଲଟି ପଡିଛି। ବସ୍ (ନଂ. ଓଡ଼ି୨୯ଇ ୯୬୬୬)ରେ ୪୮ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୮ଜଣ ଆହତ ହୋଇଛନ୍ତି। ୪୦ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଲାଗି ପଠାଇଥିଲେ। ପରେ ଅଧିକ ଚିକିତ୍ସା ଲାଗି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବସ୍‌ଟି ବେଣକନ୍ଧା ବଜାରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିଲା। ଏ ନେଇ ପୋଲିସ ନଂ. ୪୮/୨୧ରେ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗାଡ଼ି ଚାଳକ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଆହତ ଯାତ୍ରୀମାନେ ହେଲେ ପ୍ରକାଶ ବେହେରା, ସୁଶାନ୍ତ ଦାସ, ଗୌରୀ ଦାସ, ଖଗେଶ୍ୱର ମିସ୍ତ୍ରି, ଚିନ୍ମୟ ରଞ୍ଜନ ବେହେରା, ନିତ୍ୟାନନ୍ଦ ବେହେରା, ନନ୍ଦିତା ସ୍ୱାଇଁ, ରୁବିନା ପରିଡ଼ା। ବସ୍ ଦ୍ରୁତଗତିରେ ବାଙ୍କ ବୁଲିବା ବେଳେ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ତେବେ ଜଣେ ଯାତ୍ରୀଙ୍କ କହିବା କଥା ବଡ ଶବ୍ଦ ହେଲା, ପରେ କିଛି ବୁଝିବା ପୂର୍ବରୁ ବସ୍‌ଟି ବିଲକୁ ଖସି ପଡିଲା। ବସ୍‌ରେ ଥିବା ଯାତ୍ରୀଙ୍କ ଚିତ୍କାର ଖୁବ୍ ହୃଦୟ ବିଦାରକ ଥିଲା, ଭଗବାନ ଆମକୁ ବଞ୍ଚାଇ ଦେଇଛନ୍ତି ବୋଲି ସେ କହିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବସ୍‌ଟିର ପରମିଟ୍ କଟକରୁ ବଢ଼ିହି ଥିବା ବେଳେ କିପରି ୧୦ କିମି ଅଧିକ ଦୂର ବେଣକନ୍ଧା ବଜାର ପର୍ଯ୍ୟନ୍ତ ଚାଲୁଥିଲା ସେ ନେଇ ପ୍ରଶ୍ନ ଉଠୁଛି।



କୁମ୍ଭାରୁଣୀ ହନୁମାନ ଛକରେ ଦୁର୍ଘଟଣାଗ୍ରସ୍ତ ବସ୍।

# କୃଷି ବିଲ୍ ପ୍ରତ୍ୟାହାର ପାଇଁ ପୂର୍ବ-ପଶ୍ଚିମରୁ ଆସିଲା ଦାବି

- ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ବିଶାଳ ବାଇକ୍ ରାଲି
- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର
- ୨୩ରେ କୃଷକ ଅଧିକାର ସମାବେଶ

**ଭୁବନେଶ୍ୱର, ୨।୩ (ବ୍ୟୁରୋ)**

ନୂଆ କୃଷି ଆଇନକୁ ଦେଶବ୍ୟାପୀ ତୀବ୍ର ବିରୋଧ କରାଯାଉଛି। ଏହାକୁ ପ୍ରତ୍ୟାହାର ପାଇଁ ଓଡ଼ିଶାରେ ମଧ ଆନ୍ଦୋଳନ ଜାରି ରହିଛି। କୃଷି ଓ କୃଷକଙ୍କ ପାଇଁ ଅଣ୍ଟା ଭିଡିଥିବା ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି ଏବଂ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଅଭିନବ ପ୍ରତିବାଦ କରିଛି। ପୂର୍ବ ଓ ପଶ୍ଚିମରୁ ବାଇକ୍ ରାଲିର ଆୟୋଜନ କରି ଦାବି ରଖିଛି ଦୁଇ ସମିତି। ମଙ୍ଗଳବାର ଭୁବନେଶ୍ୱରଠାରେ ବିଶାଳ ବାଇକ୍ ରାଲି ଓ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏକ ବାଇକ ଶୋଭାଯାତ୍ରା କଟକ-ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବାଇପାସ୍ ଛକଠାରୁ ବାହାରି ରସୁଲଗଡ, ବାଣୀବିହାର ଛକଦେଇ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ପହଞ୍ଚିଥିଲା। ପୂର୍ବରୁ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ନେତୃତ୍ୱରେ ବରଗଡଠାରୁ ଗତ ଫେବୃୟାରୀ ୨୮ରେ ବାହାରିଥିବା ଉଲ୍ ଗୁଲାନ୍ ଯାତ୍ରା ଭୁବନେଶ୍ୱରରେ ଏହି ଶୋଭାଯାତ୍ରା ସହ ସାମିଲ ହୋଇଥିଲା। ଏହି ଅବସରରେ ଏକ ୩ଜଣିଆ ପ୍ରତିନିଧି ଦଳ ୬ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମୋଦି ସରକାର ପ୍ରଣୟନ କରିଥିବା ୩ କୃଷକ ବିରୋଧୀ କୃଷି ଆଇନ କର୍ପୋରେଟଙ୍କ ସ୍ୱାର୍ଥରେ ଅଣାଯାଇଛି। ତେଣୁ ଏହି ଆଇନଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବା, ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ନିମନ୍ତେ ସ୍ୱାମୀନାଥ କମିଶନ ସୁପାରିଶ ଅନୁସାରେ ଏମ୍‌ଏସ୍‌ପି ପ୍ରଦାନ କରିବା ନିମନ୍ତେ ଆଇନ ପ୍ରଣୟନ କରିବା, ପ୍ରତି ଧାନ କୁଇଣ୍ଟାଲରେ ୧୦୦୦ଟଙ୍କା ବୋନସ୍ ପ୍ରଦାନ କରିବା ଆଦି ଦାବି କରାଯାଇଛି।

ସମିତି ପକ୍ଷରୁ ସୁରେଶ ପାଣିଗ୍ରାହୀଙ୍କ ସଂଯୋଜନାରେ ବିଧାନସଭା ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ନେତୃବୃନ୍ଦ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ଆସନ୍ତା ୨୩ ତାରିଖରେ ଭୁବନେଶ୍ୱରରେ ରାଜ୍ୟ ସ୍ତରୀୟ କୃଷକ ଅଧିକାର ସମାବେଶ ଅନୁଷ୍ଠିତ ହେବ। ଏହାପୂର୍ବରୁ ରାଜ୍ୟବ୍ୟାପି କିଷାନ୍ ଅଧିକାର ଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମହିଳା ନେତ୍ରୀ ପ୍ରମୋଦିନୀ ସାହୁ, ପ୍ରମିଳା ବେହେରା, ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା, ସୁର ଜେନା, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

# ୮.୮୮ ଲକ୍ଷ ଟଙ୍କା ଫେରାଇଲେ ଜିଲା ପରିଷଦ ସଭ୍ୟ

**ବାଇକ୍‌ରେ ଯିବାବେଳେ ଚେତାଶୂନ୍ୟ ହୋଇପଡ଼ିଲେ**

**କଟକ ସଦର,୨।୩(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର କମରପଦା ଛକ ନିକଟରେ ମଙ୍ଗଳବାର ଜଣେ ବାଇକ୍ ଆରୋହୀ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କ ପାଖରେ ଥିବା ୮ ଲକ୍ଷ ୮୮ ହଜାର ଟଙ୍କା ଭର୍ତ୍ତି ବ୍ୟାଗ ରାସ୍ତାରେ ପଡିଯାଇଥିଲା। ସେହି ବାଟଦେଇ ଯାଉଥିବା କଟକ ଜିଲାପରିଷଦ ୭ନଂ. ଜୋନ୍‌ର ସଭ୍ୟ ବିଳାସ ମଲ୍ଲିକ ଉକ୍ତ ବ୍ୟାଗ ପାଇ ପୋଲିସ ଉପସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ଫେରାଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ଗୋବର୍ଦ୍ଧନପୁର ଗ୍ରାମର ଗୋପୀନାଥ ଦାସ ବାଇକ୍‌ରେ ଭୁବନେଶ୍ୱର ଯାଉଥିଲେ। ହେଲେ ଗ୍ରୀଷ୍ମପ୍ରବାହ ଯୋଗୁ ବାଟରେ ଅଚେତ ହୋଇ ବାଇକ୍‌ସହ ତଳେ ପଡିଯାଇଥିଲେ। ସେହିବାଟେ ଯାଉଥିବା ମଲ୍ଲିକ ଅଚେତ ବ୍ୟକ୍ତିଙ୍କ ପାଖକୁ ଆସି ପାଣି ପିଆଇବା ପରେ ଚେତା ଫେରିଥିଲା। ଏହାପରେ ଫୋନ୍‌ରେ କିଶୋର ନଗର ଥାନାଧିକାରୀ ବାମଦେବ ସ୍ୱାଇଁ ଓ ଗୋପୀନାଥଙ୍କ ସ୍ତ୍ରୀଙ୍କୁ ଖବର ଦିଆଯାଇଥିଲା। ଉଭୟ ପହଞ୍ଚିବା ପରେ ଧରିଣା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ପ୍ରଧାନଙ୍କ ଉପସ୍ଥିତିରେ ଟଙ୍କା ଗଣତି କରାଯାଇ ଠିକ୍ ଥିବା ଜଣାପଡ଼ିଥିଲା। ପରେ ଗୋପୀନାଥ ଟଙ୍କା ବ୍ୟାଗ ନେଇ ସ୍ତ୍ରୀଙ୍କ ସହିତ ଘରକୁ ଫେରିଥିଲେ।



# ସାଗରଙ୍କ ଲେଖନୀ ଦେଉଛି ବୃକ୍ଷକୁ ସୁରକ୍ଷା

- ଜାତିସଂଘରୁ ମିଳିଛି ବିଶ୍ୱ ପରିବେଶ ହିରୋ ସମ୍ମାନ
- ଇଣ୍ଟରନେଟ ଅଫ୍ ଥିଙ୍ଗସ ବିଦେଶୀଙ୍କ ପଢ଼ା ବିଷୟ
- ଓଡ଼ିଆରେ ଜାଣି ହେବ ଚନ୍ଦ୍ରାୟନ ସମ୍ପର୍କରେ ଅନେକ କଥା

**କେନ୍ଦ୍ରାପଡ଼ା ଅଫିସ, ୨।୩**

ବହି ଛପା ହେବା ପାଇଁ କାଗଜ ଆବଶ୍ୟକ। କାଗଜ ପାଇଁ ଗଛ ବଳି ପଡୁଛି। ଗଛ ନଷ୍ଟ ଅର୍ଥ ପ୍ରାକୃତିକ ବିପର୍ଯ୍ୟୟକୁ ନିମନ୍ତ୍ରଣ। ପ୍ରାକୃତିକ ବିପର୍ଯ୍ୟୟର ନିୟନ୍ତ୍ରଣ ପାଇଁ ଗଛ ଲଗାଇବା ଜରୁରୀ। ଗୋଟିଏ ଗଛ ନଷ୍ଟ ବଦଳରେ ଅନେକ ଗଛ ସୃଷ୍ଟି ପାଇଁ ପୁସ୍ତକ ବିକ୍ରିଲବ୍ଧ ରୟାଲିଟିକୁ ଜାତିସଂଘକୁ ଦାନ କରୁଛନ୍ତି ବୋଲି କେନ୍ଦ୍ରାପଡ଼ା ମାଟିର ପୁଅ ସାଗର ପ୍ରଧାନ(୩୦) କହିଛନ୍ତି। ଏଥିପାଇଁ ୨୦୨୦ ବିଶ୍ୱ ପରିବେଶ ଦିବସରେ ଜାତିସଂଘ ପକ୍ଷରୁ ତାଙ୍କୁ ହିରୋ ସମ୍ମାନ ମିଳିଛି। ନିକଟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗବେଷଣା ଓ ପରିବେଶ ସୁରକ୍ଷା ସହ ପୁସ୍ତକ ରଚନା ପାଇଁ ସାଗରଙ୍କୁ ରାଜଭବନରେ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଆ ଭାଷାରେ ଚନ୍ଦ୍ରାୟନ ସମ୍ପର୍କରେ ଗବେଷଣାତ୍ମକ ପୁସ୍ତକ ରଚନା ଚାଲିଥିବା ବେଳେ ସ୍ପେସ ଏକ୍ସପ୍ଲୋରେଶନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନାମକ ଦୁଇ ପୁସ୍ତକ ପ୍ରକାଶ ଅପେକ୍ଷାରେ ଅଛି। ଏହା ପୂର୍ବରୁ ସାଗରଙ୍କ ଲିଖିତ ଇ' କମର୍ସ ଆଣ୍ଡ ଏଣ୍ଟରପ୍ରାଇଜ ରିସୋର୍ସ ପ୍ଲାନିଂ, ଇଣ୍ଟରନେଟ ଅଫ ଥିଙ୍ଗସ-କିଆପ୍ଲିକେଶନ



ଆମେରିକାରେ ସାଗର ପ୍ରଧାନ।

ଆଣ୍ଡ ପ୍ରୋଟୋକଲ, ଇଣ୍ଟରନେଟ ଅଫ ଥିଙ୍ଗସ (ଭଲ୍ୟୁମ ୧ ଓ ୨), ବେସିକ ଜାଭା ପ୍ରୋଗ୍ରାମିଂ ଓ ଏସ୍.ଆଇ.ପି. ଜାଭା ପୁସ୍ତକ ଦେଶ ଓ ବିଦେଶରେ ଇଞ୍ଜିନିୟରିଂ ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇଛି। ୬ ବର୍ଷ ହେଲା ପୁସ୍ତକ ବିକ୍ରି ଲବ୍ଧ ରୟାଲିଟି ଅର୍ଥକୁ ପରିବେଶ ସୁରକ୍ଷା ଦିଗରେ ଖର୍ଚ୍ଚ ପାଇଁ ଜାତିସଂଘକୁ ସେ ଦେଇ ଆସୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଡ଼ଙ୍ଗା ଗାଁର ବିଦ୍ୟୁଲତା ପ୍ରଧାନ ଓ ତପନଙ୍କ ପୁଅ ସାଗର। ଗାଁ ସ୍କୁଲ ପରେ ସାଲେପୁର କଲେଜରେ ପାଠ ପଢ଼ିଥିଲେ। ଏହାପରେ ଭୁବନେଶ୍ୱରସ୍ଥ ଏକ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏକାଡେମୀରୁ ସେ ଇନ୍‌ଫର୍ମେଶନ ଟେକ୍ନୋଲୋଜି(ଆଇଟି)ରେ ଡିଗ୍ରୀ କରିଛନ୍ତି। ୨୦୧୩ରେ ଇନ୍‌ଫୋସିସ, ୨୦୧୮ରେ ଆମେରିକୀୟ କମ୍ପାନୀ କଗ୍ନିଜାଣ୍ଟ ଓ ୨୦୨୦ରେ କୋଲ୍ଟ ସଂସ୍ଥାରେ କର୍ମନିଯୁକ୍ତି ପାଇ ଏବେ ବେଙ୍ଗାଲୁରୁରେ ଅଛନ୍ତି। ତାଙ୍କ ସମ୍ପର୍କରେ ପୂର୍ବତନ ସରପଞ୍ଚ ଅକ୍ଷୟ ସାହୁ, ସରପଞ୍ଚ ସୁଶ୍ରୀ ସାହୁ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର ପ୍ରମୁଖ କୁହନ୍ତି, ସାଗରଙ୍କ ପୁସ୍ତକ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଲାଭ କରିଛି। ପିଲା ଦିନରୁ ମେଧାବୀ ଛାତ୍ର ଭାବେ ପରିବେଶ ସୁରକ୍ଷାକୁ ସର୍ବଦା ସେ ଗୁରୁତ୍ୱ ଦେଉଥିଲେ। ପୋଖରୀରୁ ଦଳ କାଢ଼ିବା, ଗଛ ଲଗାଇବା ତତ୍କାଳୀନ ସମୟରେ ତାଙ୍କର କାମ ଥିଲା। ଏବେ ହଂକଂର ଆସୋସିଏଶନ ଅଫ କମ୍ପ୍ୟୁଟର ସାଇଣ୍ଟିଷ୍ଟ, ୟୁକେର ଆଇଓଟି ପରିଷଦ, ୟୁଏସ୍‌ର ଓଆରସିଆଇଡି ଆଦିର ସାଗର ସମ୍ମାନିତ ସଦସ୍ୟ ଅଛନ୍ତି। ଯୁବବର୍ଗଙ୍କ ପାଇଁ ସାଗର ଏବେ ପ୍ରେରଣା ବୋଲି ସେମାନେ ମତ ଦେଇଛନ୍ତି। ସାଗର କୁହନ୍ତି, ପିଲାଦିନ ବହୁତ କଷ୍ଟରେ ଚଳିଛି। ବହି କିଣିବାକୁ ଟ୍ୟୁଶନର ସାହାରା ନେଇଛି। ଇଞ୍ଜିନିୟରିଂ ପାଠ୍ୟ ପୁସ୍ତକର ଦାମ୍ ବହୁତ। ପାଞ୍ଚ ଶହରୁ ହଜାରେ ଟଙ୍କାର ପୁସ୍ତକ ମାତ୍ର ୫୦ରୁ ୧୦୦ ଟଙ୍କା ମଧ୍ୟରେ ଯୋଗାଇବା ଏବେ ଲକ୍ଷ୍ୟ ଅଛି। 'ଏ କପ୍ ଅଫ୍ ଟି ଇନ ଲାଇଫ୍' ପୁସ୍ତକ ରଚନା ମୋତେ କିଛିମାତ୍ରାରେ ଆତ୍ମସନ୍ତୋଷ ଦେଇଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅଧିକ ଗବେଷଣା, ଆଗାମୀ ପିଢ଼ିର ଛାତ୍ରୀଛାତ୍ରଙ୍କୁ ମହାକାଶ ଗବେଷଣା ଲାଗି ଉତ୍ସାହିତ କରିବା ଦିଗରେ କାମ କରିବାକୁ ଇଚ୍ଛା ରହିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଆଇଆଇଏଫ୍‌ଏଲ୍ ଫାଇନାନ୍ସ ପକ୍ଷରୁ ବଣ୍ଡ ଜାରି

ଭୁବନେଶ୍ୱର,୨।୩: ଦେଶର ଅଗ୍ରଣୀ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ଆଇଆଇଏଫ୍‌ଏଲ୍ ଫାଇନାନ୍ସ ପକ୍ଷରୁ ଚଳିତ ବର୍ଷ ମାର୍ଚ୍ଚ ୩ରେ ବିଭିନ୍ନ ବଣ୍ଡ ଜାରି କରାଯିବ। ଏହି ବଣ୍ଡଗୁଡିକ ଜରିଆରେ ୧୦.୦୩% ପର୍ଯ୍ୟନ୍ତ ସୁଧ ପ୍ରଦାନ କରିବ ଏବଂ ଉଚ୍ଚମାନର ସୁରକ୍ଷା ସହିତ ବର୍ତ୍ତମାନ ସ୍ଥିତିରେ ଅନ୍ୟତମ ଶ୍ରେଷ୍ଠ ଡେବ୍‌ଟ ନିବେଶ ଉତ୍ପାଦରେ ପରିଣତ କରିବ ବୋଲି ସଂସ୍ଥା ସୂଚନା ଦେଇଛି। ସେଥିରେ ବ୍ୟାଙ୍କର ଫିକ୍ସଡ୍ ଡିପୋଜିଟ୍, ଲିକ୍ୱିଡ୍ ଫଣ୍ଡ୍ ଆଦି ତୁଳନାରେ ପ୍ରାୟ ୨ ଗୁଣା ଅଧିକ ସୁଧ ମିଳିବ। ଆଇଆଇଏଫ୍‌ଏଲ୍ ବଣ୍ଡ୍ ୮୭ ମାସିଆ ଅବଧିରେ ସର୍ବାଧିକ ୧୦.୦୩%ର ସୁଧ ପ୍ରଦାନ କରୁଛି। ଏହି ଏନ୍‌ସିଡି ବିଭିନ୍ନ ବିକଳ୍ପ ଯଥା ମାସିକ, ବାର୍ଷିକ ଏବଂ ମାଚ୍ୟୁରିଟି ଆଦିରେ ଉପଲବ୍ଧ ହେଉଛି। ବର୍ତ୍ତମାନ ପରିସ୍ଥିତିରେ ଆଇଆଇଏଫ୍‌ଏଲ୍ ଫାଇନାନ୍ସର ବଣ୍ଡ୍ ପ୍ରଦାନ କରୁଥିବା ସୁଧ ଅନ୍ୟ ଡେବ୍‌ଟ ଉତ୍ପାଦ ତୁଳନାରେ ବେଶ୍ ଆକର୍ଷଣୀୟ ରହିଛି। ଲିକ୍ୱିଡ୍ ଫଣ୍ଡ୍ ହାରାହାରି ୨.୮%ରୁ ୩%, ଅଲ୍‌ଟ୍ରା-ଶର୍ଟଟର୍ମ ଫଣ୍ଡ୍ ହାରହାରି ୩%ରୁ ୩.୫% ସୁଧ ପ୍ରଦାନ କରୁଥିବା ବେଳେ ଶର୍ଟଟର୍ମ ଫଣ୍ଡ୍ ହାରାହାରି ୪%ରୁ ୪.୨୫% ସୁଧ ପ୍ରଦାନ କରୁଛି। ଯେଉଁ ସମୟରେ ବ୍ୟାଙ୍କରେ ଏବେ ଏକ ୩ବର୍ଷିଆ ଫିକ୍ସଡ୍ ଡିପୋଜିଟ୍‌ରେ ପ୍ରାୟ ୫.୧% ସୁଧ ମିଳୁଛି। ଏ ସମ୍ପର୍କରେ ଆଇଆଇଏଫ୍‌ଏଲ୍‌ର ଡେପୁଟି ଭାଇସ୍ ପ୍ରେସିଡେଣ୍ଟ ବିରୁପାକ୍ଷ ସନ୍ତୋଷ ପ୍ରସାଦ କହିଛନ୍ତି, ଏଥିରୁ ହାସଲ କରାଯିବାକୁ ଥିବା ପାଣ୍ଠି ଆଇଆଇଏଫ୍‌ଏଲ୍‌କୁ ଆର୍ଥିକ ସେବା କମ୍ ପହଞ୍ଚିଥିବା ଲୋକମାନଙ୍କ ଋଣ ଆବଶ୍ୟକତା ପୂରଣ କରିବାରେ ଏହା ସହାୟକ ହେବ ଏବଂ ସେହିମାନେ ହେଉଛନ୍ତି ଆମର ପ୍ରମୁଖ ଗ୍ରାହକ।

### ଆରମ୍ଭ ହେବ ସଂସଦ ଟିଭି

ନୂଆଦିଲ୍ଲୀ,୨।୩: ୨ ବର୍ଷର ଅକ୍ଳାନ୍ତ ପରିଶ୍ରମ ପରେ ଶେଷରେ ଲୋକ ସଭା ଟିଭି ଓ ରାଜ୍ୟ ସଭା ଟିଭିର ସମ୍ମିଶ୍ରଣ ଘଟିଛି। ଏହା ଫଳରେ ନୂଆ କରି ସଂସଦ ଟିଭି ମାର୍ଚ୍ଚ ପ୍ରଥମ ସପ୍ତାହରୁ ଆରମ୍ଭ ହେବ ବୋଲି ମଙ୍ଗଳବାର ସୂଚନା ଓ ପ୍ରସାରଣ ବିଭାଗରୁ ପକ୍ଷରୁ ସୂଚନା ମିଳିଛି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରବି କପୁରଙ୍କୁ ସଂସଦ ଟିଭିର ପ୍ରଥମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରାଯାଇଛି। ମାର୍ଚ୍ଚ ୧ରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହାର ପ୍ରସାରଣ ଟେଷ୍ଟିଂ ଭିତ୍ତିରେ ଚାଲିଛି। ୨୦୧୯ ନଭେମ୍ବରରେ ଲୋକ ସଭାର ଅଧ୍ୟକ୍ଷ (ବାଚସ୍ପତି) ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁଙ୍କ ମିଳିତ ନିଷ୍ପତ୍ତି ପରେ ରାଜ୍ୟ ସଭା ଟିଭି ଏବଂ ଲୋକ ସଭା ଟିଭିକୁ ସଂସଦ ଟେଲିଭିଜନ (ସଂସଦ ଟିଭି)ରେ ପରିବର୍ତ୍ତନ କରିବା ପାଇଁ ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଥିଲା। ଫଳରେ ପ୍ରସାର ଭାରତୀର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟ ପ୍ରକାଶଙ୍କ ନେତୃତ୍ୱରେ ଏକ କମିଟି କରାଯାଇ ଏହାର ସବିଶେଷ ସୂଚନା ଓ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ସୁପାରିସ କରାଯାଇଥିଲା। ଶେଷରେ କମିଟି ୨୦୨୦ ଫେବୃୟାରୀରେ ଏହାର ମିଶ୍ରଣ ସମ୍ପର୍କରେ ଅଧ୍ୟକ୍ଷ ଓ ବାଚସ୍ପତିଙ୍କୁ ଅନୁମୋଦନ କରିଥିଲେ।

### ଡିଜିଟାଲ ପେମେଣ୍ଟରେ ପ୍ରବେଶ କରିବ ରିଲାଏନ୍ସ

ଭୁବନେଶ୍ୱର,୨।୩: ମୁକେଶ ଅମ୍ବାନିଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ବର୍ତ୍ତମାନ ଡିଜିଟାଲ ପେମେଣ୍ଟ ବ୍ୟବସାୟରେ ପ୍ରବେଶ କରିବାକୁ ଉଦ୍ୟମ ଚଳାଇଛି। ଏଥିପାଇଁ କମ୍ପାନି ବହୁରାଷ୍ଟ୍ରୀୟ ଟେକ୍ନୋଲୋଜି କମ୍ପାନି ଫେସବୁକ, ଗୁଗୁଲ ଓ ଫିନଟେକ୍ କମ୍ପାନି ଇନଫିବିମ ସହ ହାତ ମିଳାଇଛି। ଏସବୁ କମ୍ପାନିମାନଙ୍କ ସହ ମିଶି ଏକ ଡିଜିଟାଲ ପେମେଣ୍ଟ ନେଟୱର୍କ ପ୍ରତିଷ୍ଠା କରିବାକୁ ରିଲାଏନ୍ସ ଯୋଜନା ପ୍ରସ୍ତୁତ କରୁଛି ବୋଲି ଏକ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏବେ ଭାରତରେ ଡିଜିଟାଲ ପେମେଣ୍ଟ ସେବା ପ୍ରଦାନକାରୀ କମ୍ପାନିମାନେ ନ୍ୟାସନାଲ ପେମେଣ୍ଟସ କାଉନସିଲ (ଏନପିସିଆଇ)ର ନେଟୱର୍କ ବ୍ୟବହାର କରୁଛନ୍ତି। ଦେଶରେ ଡିଜିଟାଲ ପେମେଣ୍ଟ କାରବାର ବଢ଼ିବା ପରେ ଏହି ନେଟୱର୍କ ଉପରେ ଅତ୍ୟଧିକ ଚାପ ପଡୁଛି। ସେଥିପାଇଁ ଏକ ବିକଳ୍ପ ପେମେଣ୍ଟ ନେଟୱର୍କ ପ୍ରତିଷ୍ଠା ପାଇଁ ଗତ ବର୍ଷ ସରକାର ଘରୋଇ କମ୍ପାନିମାନଙ୍କୁ ଆମନ୍ତ୍ରଣ କରିଥିଲେ। ବିକଳ୍ପ ପେମେଣ୍ଟ ନେଟୱର୍କ ଆସିବା ପରେ ଏନପିସିଆଇ ଉପରେ ଚାପ କମିବ ବୋଲି ଆଶା କରାଯାଉଛି। ଏନପିସିଆଇ ୨୦୦୮ ମସିହାରେ ପ୍ରତିଷ୍ଠା ହୋଇଥିଲା।

# ‘ବିମୁଦ୍ରୀକରଣ ଯୋଗୁ ବେରୋଜଗାର ବଢୁଛି’

ନୂଆଦିଲ୍ଲୀ,୨।୩



୨୦୧୪-୧୫ରୁ ଆଜି ପର୍ଯ୍ୟନ୍ତ ଦେଶରେ କେନ୍ଦ୍ର ସରକାର ଏକଚାଟିଆ ସରକାର ଚଳାଉଥିବା ସାରା ଦେଶବାସୀ ଅନୁଭବ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନୀତି ଯୋଗୁ ଦେଶ ବିଭିନ୍ନ ପର୍ଯ୍ୟାୟରେ ତଳ ଆଡୁ ଗଣତି ହେଉଛି। ଦେଶର ଅତ୍ୟାବଶ୍ୟକ ଦରଦାମ ବୃଦ୍ଧିଠାରୁ ଆରମ୍ଭକରି ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଏପରିକି ଦେଶରେ ବେରୋଜଗାରୀ ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ। ସେ କେରଳର ଏକ ରାଲିରେ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି, ୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତି ଯୋଗୁ ଦେଶରେ ଏକ ମହାବିପତ୍ତି ସୃଷ୍ଟି ହୋଇଛି। ବିଶେଷକରି ଭାରତବର୍ଷରେ ଆଜି ବେରୋଜଗାରୀ ଶୀର୍ଷ ସ୍ତରରେ ପହଞ୍ଚିଛି। ଏହାବାଦ୍ ଅନେକ ସମସ୍ୟା ରହିଛି। ସେହିଭଳି ରାଜ୍ୟଗୁଡ଼ିକ ସହିତ ନିୟମିତ ସମନ୍ୱୟ ରଖୁ ନ ଥିବାରୁ କେନ୍ଦ୍ର ସରକାରଙ୍କୁ ସେ ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅସ୍ଥାୟୀ ଭାବେ ନିଆଯାଉଥିବା ନିଷ୍ପତ୍ତି ଯୋଗୁ ଆଗାମୀ ଦିନରେ ମଧ୍ୟ ପୁଞ୍ଜି ଜମା ଉପରେ ସଙ୍କଟ ଦେଖାଦେଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ସରକାରଙ୍କ ଏଭଳି ଏକଚାଟିଆ ମନୋଭାବ ଫଳରେ ଏହାର ପ୍ରଭାବ ସିଧାସଳଖ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗଙ୍କ ଉପରେ ପଡୁଛି ବୋଲି ସିଂହ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କେନ୍ଦ୍ର ସରକାର, ରାଜ୍ୟଗୁଡ଼ିକ ସହିତ ଆଦୌ ସମନ୍ୱୟ ରକ୍ଷା କରୁନାହାନ୍ତି; ଯାହାର ପ୍ରଭାବ ସିଧାସଳଖ ଦେଶର ଅର୍ଥନୀତି ଏବଂ ଆର୍ଥିକ ବ୍ୟବସ୍ଥା ଉପରେ ପଡୁଛି। ଅନୁରୂପ ଭାବରେ କେନ୍ଦ୍ର ସରକାରଙ୍କ ଅଜବ ନୀତି ମଧ୍ୟ ଦେଶର ରାଜନୈତିକ ଦୃଷ୍ଟିକୋଣ ଉପରେ ପଡୁଛି। ଦେଶର ଅନ୍ୟ ସେକ୍ଟରଗୁଡ଼ିକରେ ଆଗାମୀ ଦିନରେ ହେବାକୁ ଥିବା ସମସ୍ୟା ଉପରେ କେନ୍ଦ୍ର ସରକାର ଧ୍ୟାନଦେବା ଉଚିତ। କାରଣ ବିଶ୍ୱସ୍ତରୀୟ ବିଭିନ୍ନ ସେକ୍ଟରରେ ଆଗାମୀ ୨ରୁ ୩ବର୍ଷମଧ୍ୟରେ ବହୁ ସମସ୍ୟା କରୋନା ଯୋଗୁ ଦେଖିବାକୁ ମିଳିବ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆଗାମୀ ଦିନରେ ସତର୍କ ହେବାକୁ ପଡିବ ବୋଲି ସେ ତାଙ୍କ ମନ୍ତବ୍ୟରେ କହିଛନ୍ତି।

# ଇନ୍ଧନ ଉପରୁ ଶୁଳ୍କ ହ୍ରାସ କରିପାରନ୍ତି କେନ୍ଦ୍ର ସରକାର

ନୂଆଦିଲ୍ଲୀ,୨।୩

ଗତ ୮ମାସ ହେବ ତେଲ ଦର ଉଚ୍ଚା ରହୁଛି। ଏହାକୁ ନେଇ ସବୁ ବର୍ଗର ଖାଉଟି ସରକାରଙ୍କ ଉପରେ ଅସନ୍ତୋଷ ରହିଛନ୍ତି। ସାଧାରଣ ଜନତାଙ୍କ ରୋଷରୁ ରକ୍ଷା ପାଇବା ସହିତ ଆଗାମୀ ନିର୍ବାଚନକୁ ମଧ୍ୟ ଆଖି ଆଗରେ ରଖି ସରକାର ଇନ୍ଧନ ଉପରୁ ଶୁଳ୍କ ହ୍ରାସ କରିବା ନେଇ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରଖିଛନ୍ତି। କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏ ନେଇ ବିଚାର କରୁଥିବା ସୂଚନା ମିଳିଛି। ଜାତୀୟ ନ୍ୟୁଜ୍ ଏଜେନ୍ସି ରଏଟର୍ସର ରିପୋର୍ଟ ଅନୁସାରେ ଅର୍ଥ ମନ୍ତ୍ରଣାଳୟର କେତେଜଣ ବରିଷ୍ଠ ଅଧିକାରୀ ପେଟ୍ରୋଲ ଏବଂ ଡିଜେଲର ଉତ୍ପାଦ ଶୁଳ୍କ ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଚଳାଇଥିବା କହିଛନ୍ତି। ଦେଶରେ ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ସବୁ ରେକର୍ଡ ଭାଙ୍ଗିଦେଇଛି। ବିରୋଧୀ ଦଳ ମଧ୍ୟ ଏହାକୁ ନେଇ ସରକାରଙ୍କୁ ସମାଲୋଚନା କରୁଛନ୍ତି। ତେଲ ଦର ବୃଦ୍ଧି ନେଇ ଦେଶର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ ମଧ୍ୟ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ଯଥାଶୀଘ୍ର ତେଲ ଦର ଉପରୁ ସରକାର ଶୁଳ୍କ ହ୍ରାସ କରନ୍ତୁ ବୋଲି ବିଭିନ୍ନ ଫୋରମରେ ମଧ୍ୟ ଦାବି ହେଉଛି। ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ମଧ୍ୟ ଶୁଳ୍କ ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ପେଟ୍ରୋଲ ଓ ଡିଜେଲ ଦର ଉପରେ ଉତ୍ପାଦ ଶୁଳ୍କ ଅଧିକ ରହୁଛି ଅର୍ଥାତ୍ ଅଶୋଧିତ ତୈଳରୁ ପେଟ୍ରୋଲ ଏବଂ ଡିଜେଲ ତିଆରି



ହେବା ପାଇଁ ଯେତିକି ଅର୍ଥ ଆବଶ୍ୟକ ହୋଇଥାଏ ତା’ ଠାରୁ ଅଧିକ ଉତ୍ପାଦ ଶୁଳ୍କ ଦେବାକୁ ପଡୁଛି। ପେଟ୍ରୋଲ ଏବଂ ଡିଜେଲ ଦରର ପ୍ରାୟ ୬୦% ଟିକସ ଆକାରରେ ଯାଇଥାଏ। ପେଟ୍ରୋଲ ଉତ୍ପାଦନ ପାଇଁ ଲିଟର ପିଛା ୩୭ ଟଙ୍କା ଲାଗୁଥିବା ବେଳେ ତେଲର ଦର ୯୩ ଟଙ୍କା ଉପରେ ରହିଛି। ତେଣୁ ପେଟ୍ରୋଲ ଏବଂ ଡିଜେଲ ଦାମ୍ କମାଇବା ପାଇଁ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିବାକୁ ଯୋଜନା କରୁଛନ୍ତି।

# ଏଲୋନ୍ ମସ୍କ ପ୍ରଥମ, ଅମ୍ବାନୀ ୮ମ ଧନୀ

## ହୁରୁନ ଗ୍ଲୋବାଲ ଧନୀ ତାଲିକା ପ୍ରକାଶ

ନୂଆଦିଲ୍ଲୀ,୨।୩

ଏସିଆର ୧ନଂ. ଧନୀ ମାନ୍ୟତା ପାଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ହୁରୁନ ଗ୍ଲୋବାଲ ରିଚ୍ ଲିଷ୍ଟ ୨୦୨୧ରେ ଅଷ୍ଟମ ସ୍ଥାନରେ ରହିଛନ୍ତି। ମଙ୍ଗଳବାର ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକା ହୁରୁନ୍ ପକ୍ଷରୁ ପ୍ରକାଶ କରାଯାଇଥିବା ବେଳେ ପ୍ରଥମ ସ୍ଥାନରେ ରହିଛନ୍ତି ବିଶ୍ୱର ୧ନଂ. ଧନୀ ବ୍ୟବସାୟୀ ଟେସ୍‌ଲା ମୋଟର୍ସର ସିଇଓ ଏଲୋନ୍ ମସ୍କ। ଅନ୍ୟପକ୍ଷରେ ଟେସ୍‌ଲା ମୋଟର୍ସର ସିଇଓ ଏଲୋନ୍ ମସ୍କଙ୍କର ସମ୍ପତ୍ତି ଚଳିତ ବର୍ଷ ୧୫୧ ବିଲିୟନ ଡଲାର ବଢିଯିବା ଫଳରେ ସେ ମୋଟ ୧୯୭ ବିଲିୟନ ଡଲାର ସମ୍ପତ୍ତିର ମାଲିକ ହୋଇଛନ୍ତି; ଯାହା ତାଙ୍କୁ ବିଶ୍ୱର ଧନୀ ତାଲିକାରେ ଏକ ନମ୍ବରରେ ରଖିଛି। ସେହିଭଳି ଆମାଜନ ଡଟ୍ ଇନ୍ ମାଲିକ ଜେଫ୍ ବେଜୋସ୍ ୧୮୯ବିଲିୟନ ଡଲାର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ୮୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି ବୋଲି ଜଣାପଡ଼ିଛି। ନିକଟରେ ଚାଇନା ଝୋଙ୍ଗ ଶାନଶାନ ୨୨ବିଲିୟନ ଡଲାର ହରାଇବା ପରେ ମୁକେଶ ଅମ୍ବାନୀ ଏସିଆର ୧ନଂ. ଧନୀ ମାନ୍ୟତା ପାଇଥିଲେ। ଏ ନେଇ ଶନିବାର ଏକ ରିପୋର୍ଟ ପ୍ରକାଶ କରିଥିଲା ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ। ମୁକେଶ ଅମ୍ବାନୀଙ୍କ ବ୍ୟତୀତ ଅନ୍ୟ ଭାରତୀୟ ବିଲିୟନେୟାରମାନେ ମଧ୍ୟ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ ୨୦୨୧ରେ ନିଜର ସ୍ଥାନ ବନାଇପାରିଛନ୍ତି। ସେମାନେ ହେଉଛନ୍ତି-ଗୌତମ ଅଦାନୀ ଆଣ୍ଡ ଫ୍ୟାମିଲି (୨.୩୪ ଲକ୍ଷ କୋଟି ଟଙ୍କା ସହିତ ୪୮ସ୍ଥାନରେ ରହିଛନ୍ତି) ଶିବ ନାଦର ଆଣ୍ଡ ଫ୍ୟାମିଲି (୧.୯୪ ଲକ୍ଷ କୋଟି ଟଙ୍କା ସହିତ ୫୮ସ୍ଥାନରେ ରହିଛନ୍ତି), ଲକ୍ଷ୍ମୀନିୱାସ ମିତ୍ତଲ (୧.୪୦ ଲକ୍ଷ କୋଟି ସମ୍ପତ୍ତି ସହିତ ୧୦୪ସ୍ଥାନରେ ରହିଛନ୍ତି), ସିରମ୍ ଇନ୍‌ଷ୍ଟିଚ୍ୟୁଟର ସିଇଓ ସାଇରସ୍ ପୁନାୱାଲା (୧.୩୫ ଲକ୍ଷ କୋଟି ଟଙ୍କା ସହିତ ୧୧୩ ସ୍ଥାନରେ ରହିଛନ୍ତି)।

# ତେଲ ପରେ ସିଏନ୍‌ଜିର ଦର ବୃଦ୍ଧି



ନୂଆଦିଲ୍ଲୀ,୨।୩: ଦେଶର ଦରଦାମ ବୃଦ୍ଧି ଉପରେ ରୋକ ଲାଗିପାରୁନାହିଁ। ଫଳରେ କ୍ରମାଗତ ଭାବେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଗ୍ୟାସ୍ ଦର ବୃଦ୍ଧି ପରେ ବର୍ତ୍ତମାନ ସିଏନ୍‌ଜି ଦର ମଧ୍ୟ ମହଙ୍ଗା ହୋଇଛି। ଦେଶ ପ୍ରମୁଖ ଇନ୍ଧନ ଗ୍ୟାସ୍ ବିତରଣ କମ୍ପାନୀ ଗୁଡିକ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଦିଲ୍ଲୀରେ ସିଏନ୍‌ଜି ୭୦ ପଇସା ବଢିଥିବା ବେଳେ ପିଏନ୍‌ଜିର ମୂଲ୍ୟ ୯୧ ପଇସା ବୃଦ୍ଧି ପାଇଛ। ବର୍ତ୍ତମାନ ଦିଲ୍ଲୀରେ ସିଏନ୍‌ଜି କିଲୋଗ୍ରାମ ପିଛା ୪୨.୭୦ ଟଙ୍କା ବଦଳରେ ୪୩.୪୦ଟଙ୍କାରେ ବିକ୍ରି ହେଉଛି। ସେହିଭଳି ପିଏନ୍‌ଜିର ମୂଲ୍ୟ ୨୮ଟଙ୍କା ୪୧ ପଇସାରେ ଉପଭୋକ୍ତାଙ୍କୁ ମିଳୁଛି। ସେହିପରି ଭୁବନେଶ୍ୱରରେ ସିଏନ୍‌ଜି କିଲୋଗ୍ରାମ ପିଛା ୪୫.୨୦ ଟଙ୍କା ରେ ବିକ୍ରି ହେଉଛି। ଅନୁରୂପ ଭାବରେ ପିଏନ୍‌ଜିର ମୂଲ୍ୟ ୨୭ ଟଙ୍କା ୪୫ ପଇସାରେ ଉପଭୋକ୍ତାଙ୍କୁ ମିଳୁଛି। ସୋମବାର ରନ୍ଧନ ଗ୍ୟାସ୍ ଅର୍ଥାତ୍ ଏଲ୍‌ପିଜି ସିଲିଣ୍ଡର ପିଛା ୨୫ଟଙ୍କା ବୃଦ୍ଧି ହୋଇଥିଲା। ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ଦିଆଯାଇଥିବା ସବ୍‌ସିଡିଯୁକ୍ତ ସିଲିଣ୍ଡର ସମେତ ଅଣସବ୍‌ସିଡିରେ ମଧ୍ୟ ବୃଦ୍ଧି ଘଟିଥିଲା। ମାସକ ମଧ୍ୟରେ ଚତୁର୍ଥ ଥର ପାଇଁ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି ପାଇଛି। ଏହା ସହିତ ବିମାନ ଇନ୍ଧନ ଅର୍ଥାତ୍ ଏଟିଏଫ୍‌ର ମୂଲ୍ୟ ମଧ୍ୟ ୬.୫ % ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ହୋଇଛି।

# ଜିଓ ପକ୍ଷରୁ ୫ ଡାଟା ପ୍ଲାନ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨।୩





ଦେଶର ଅଗ୍ରଣୀ ଟେଲିକମ୍ ସଂସ୍ଥା ରିଲାଏନ୍ସ ଜିଓ ପକ୍ଷରୁ ଏହାର ବ୍ୟବହାରକାରୀଙ୍କ ସୁବିଧା ପାଇଁ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ୫ଟି ଡାଟା ପ୍ଲାନ୍ ଶୁଭାରମ୍ଭ କରାଯାଇଛି। ଏହି ନୂଆ ପ୍ଲାନ୍ ଜରିଆରେ ଗ୍ରାହକଙ୍କୁ ୨୨ଟଙ୍କାରୁ ଆରମ୍ଭ କରି ୧୫୨ଟଙ୍କା ମଧ୍ୟରେ ବିଭିନ୍ନ ସୁବିଧା ପ୍ରଦାନ କରାଯାଉଛି। ଗ୍ରାହକଙ୍କୁ ଏହି ପ୍ଲାନ୍ ଅନୁସାରେ ୨ଜିବି ପର୍ଯ୍ୟନ୍ତ ଡାଟା ମିଳିପାରିବ। ଏହି ସମସ୍ତ ପ୍ଲାନ୍‌ର ଅବଧି ୨୮ ଦିନର ଭାଲିଡିଟି ସହିତ ଗ୍ରାହକଙ୍କୁ ଅନେକ ସୁବିଧା ଯୋଗାଇଦିଆଯିବ। ଜିଓ ଫୋନ ବ୍ୟବହାରକାରୀଙ୍କ ପାଇଁ କମ୍ପାନୀ ପକ୍ଷରୁ ୨୨ ଟଙ୍କା, ୫୨ଟଙ୍କା, ୭୨ଟଙ୍କା, ୧୦୨ଟଙ୍କା ଏବଂ ୧୫୨ଟଙ୍କା ମୂଲ୍ୟରେ ପ୍ଲାନ୍ ବ୍ୟବସ୍ଥା କରାଯାଇଛି ଯାହାକୁ ଗ୍ରାହକମାନେ ସୁବିଧାରେ ପାଇପାରିବେ। ସେହିଭଳି ୨୨ଟଙ୍କାର ଜିଓ ଫୋନ ପ୍ଲାନ୍‌ରେ ଗ୍ରାହକଙ୍କୁ ୨୮ଦିନର ବୈଧତା ସହିତ ୨ଜିବି ଡାଟା ମିଳିବ। ଏହି ୨୮ଦିନର ବୈଧତା ସହିତ ଜିଓ ଟିଭି, ଜିଓ ସିନେମା, ଜିଓ ସିକ୍ୟୁରିଟି ଓ ଜିଓ ନ୍ୟୁଜ ଭଳି ସୁବିଧା ପାଇପାରିବେ। ସେହିପରି ୫୨ଟଙ୍କାର ପ୍ଲାନ୍‌ରେ ୨୮ଦିନର ବୈଧତା ସହିତ ୬ଜିବି ଡାଟା ମିଳିବ। ୭୨ଟଙ୍କାର ପ୍ଲାନ୍‌ରେ ଗ୍ରାହକ ୨୮ଦିନ ବୈଧତା ସହିତ ୧୪ଜିବି ଡାଟା ମିଳିବ। ସେହିପରି ୧୦୨ଟଙ୍କାର ପ୍ଲାନ୍‌ରେ ଗ୍ରାହକ ୨୮ଦିନର ବୈଧତା ସହିତ ୨୮ଜିବିର ଡାଟା ଏବଂ ୧୫୨ଟଙ୍କାରେ ୨୮ଦିନର ବୈଧତା ସହିତ ପ୍ରତିଦିନ ୨ଜିବି ଡାଟା ମିଳିବ ବୋଲି ଜଣାପଡିଛି।

# ଜିଏସ୍‌ଟି: ଓଡ଼ିଶାର ସର୍ବାଧିକ ସଂଗ୍ରହ ହାର ବଜାୟ

କଟକ ଅଫିସ,୨।୩

ଗତ ତିନି ମାସ ଧରି ମୋଟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହରେ ଓଡ଼ିଶା କ୍ରମାଗତ ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ ସଂଗ୍ରହ ହାର ବଜାୟ ରଖି ଆସୁଛି। ୨୦୨୦ ଡିସେମ୍ବର, ୨୦୨୧ ଜାନୁୟାରୀ ଓ ଫେବୃୟାରୀରେ ଯଥାକ୍ରମେ ୨୦ ପ୍ରତିଶତ, ୨୫ ପ୍ରତିଶତ ଓ ୨୦ ପ୍ରତିଶତ ଅଭିବୃଦ୍ଧି ହାର ହାସଲ ହୋଇଛି। ଚଳିତବର୍ଷ




ଫେବୃୟାରୀରେ ୩୩୪୦.୫୬ କୋଟି ଟଙ୍କା ଜିଏସ୍‌ଟି ସଂଗୃହୀତ ହୋଇଛି, ଯାହା କି ଜାତୀୟ ହାର ୭ପ୍ରତିଶତ ଅଭିବୃଦ୍ଧିଠାରୁ ଯଥେଷ୍ଟ ଅଧିକ। ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) କ୍ଷେତ୍ରରେ ୬୮.୮୦ପ୍ରତିଶତ ଦ୍ରୁତ ଅଭିବୃଦ୍ଧି ଘଟିଥିବାରୁ ଚଳିତବର୍ଷ ଫେବୃୟାରୀରେ ୨୦ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇପାରିଛି। ୨୦୨୦ ଫେବୃୟାରୀରେ ୭୯୨.୫୯ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି ସଂଗୃହୀତ ହୋଇଥିବାବେଳେ ଚଳିତବର୍ଷ ସମାନ ସମୟରେ ଏହା ୧୩୪୫.୭୯ କୋଟି ଟଙ୍କା ହୋଇଛି। ଓଡ଼ିଶାରେ ଉତ୍ପାଦିତ ମୌଳିକ ସାମଗ୍ରୀ ଯଥା ଲୌହପିଣ୍ଡ, ଲୌହ ଇସ୍ପାତ, ବକ୍ସାଇଟ, ଆଲୁମିନିୟମ, କୋଇଲା ଆଦିର ଚାହିଦା ବାହାର ରାଜ୍ୟଗୁଡ଼ିକରେ ବୃଦ୍ଧି ପାଇଥିବାରୁ ଆଇଜିଏସ୍‌ଟିରେ ଏପରି ଅଭିବୃଦ୍ଧି ଘଟିଥିବା କୁହାଯାଉଛି।

କେନ୍ଦ୍ରୀୟ ଜିଏସ୍‌ଟି(ସିଜିଏସ୍‌ଟି)ରେ ୦.୮୭ ପ୍ରତିଶତ ଏବଂ ଅତିରିକ୍ତ ଟିକସ ସଂଗ୍ରହ କ୍ଷେତ୍ରରେ ମଧ୍ୟ ୨.୨୭ ପ୍ରତିଶତ ଅଭିବୃଦ୍ଧି ଘଟିଛି। ସେହିପରି ୨୦୨୧ ଜାନୁୟାରୀରେ ସଂଗୃହୀତ ୬୭୭.୭୧ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ତୁଳନାରେ ଫେବୃୟାରୀରେ ୦.୫ ପ୍ରତିଶତ ବୃଦ୍ଧି ଘଟି ୬୮୧.୦୬ କୋଟି ଟଙ୍କା ହୋଇଛି। ପେଟ୍ରୋଲ ଓ ମଦରୁ ହୋଇଥିବା ୮୨୮.୯୪ କୋଟି ଟଙ୍କାର ଭାଟ୍ ସଂଗ୍ରହ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ଦ୍ୱିତୀୟ ସର୍ବାଧିକ । ୨୦୨୦ ଫେବୃୟାରୀରେ ୬୯୬.୫୨ କୋଟି ଟଙ୍କାର ଭାଟ୍ ସଂଗ୍ରହ ହୋଇଥିବା ବେଳେ ଚଳିତ ବର୍ଷ ଫେବୃୟାରୀ ମାସରେ ଏଥିରେ ୧୮.୯୬ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଏଥିମଧ୍ୟରୁ ପେଟ୍ରୋଲଜାତ ସାମଗ୍ରୀ ଉପରୁ ଭାଟ୍ ସଂଗ୍ରହରେ ୨୩.୬୮ ପ୍ରତିଶତ ବୃଦ୍ଧି ଘଟିଛି । ୨୦୨୦ ଫେବୃୟାରୀରେ ପେଟ୍ରୋଲଜାତ ସାମଗ୍ରୀ ଉପରୁ ୫୪୨.୧୬ କୋଟି ଟଙ୍କାର ଭାଟ୍ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ଫେବୃୟାରୀରେ ଏହା ୬୭୦.୫୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ମଦ ଉପରୁ ସଂଗୃହୀତ ଭାଟ୍‌ରେ ମଧ୍ୟ ୨.୬୧ ପ୍ରତିଶତ ଅଭିବୃଦ୍ଧି ଘଟିଛି । ୨୦୨୦ ଫେବୃୟାରୀରେ ଭାଟ୍ ସଂଗ୍ରହ ପରିମାଣ (ମଦ ଉପରୁ) ୧୫୪.୩୬ କୋଟି ଟଙ୍କା ଥିବାବେଳେ ଚଳିତବର୍ଷ ଫେବୃୟାରୀରେ ଏହା ୧୫୮.୩୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ନିୟମିତ ସର୍ଭେ ଓ ପଞ୍ଜୀକରଣ ମାଧ୍ୟମରେ ଅଧିକରୁ ଅଧିକ ଟିକସଦାତାଙ୍କୁ ଜିଏସ୍‌ଟି ସଂସ୍ଥା ଗୁରୁତ୍ୱ ଦେଇ ଆସିଛି । ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ସୁଦ୍ଧା ୪୨୭୯୬ ଜଣ ଟିକସଦାତାଙ୍କୁ ପଞ୍ଜୀକରଣ ଦିଆଯାଇ ଜିଏସଟି ପରିସରଭୁକ୍ତ କରାଯାଇଛି । ନିର୍ଦ୍ଧାରିତ ତାରିଖ ମଧ୍ୟରେ ଯେପରି ୯୦ ପ୍ରତିଶତ ରିଟର୍ଣ୍ଣ ଦାଖଲ ହୋଇପାରିବ, ତାହା ସୁନିଶ୍ଚିତ କରିବା ପାଇଁ ସର୍କଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ବିଭାଗଗୁଡ଼ିକ କେବଳ ଜିଏସ୍‌ଟି ପଞ୍ଜୀକୃତ ଯୋଗାଣକାରୀଙ୍କ ଠାରୁ ଦ୍ରବ୍ୟ ଓ ସେବା କ୍ରୟ କରିପାରିବେ । ଏ ସମ୍ପର୍କିତ ନିର୍ଦ୍ଦେଶନାମା ସରକାର ନିକଟରେ ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଯେପରି ବିଭାଗଗୁଡିକ ପାଳନ କରିବେ ସେ ଦିଗରେ ଭଲ ଭାବେ ଯାଞ୍ଚ କରିବା ପାଇଁ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି।

**OFFICE OF THE CDM & PHO, KORAPUT**

Advt. No. 872 Date: 02.03.2021

**ADDENDUM / CORRIGENDUM**

No. E-605: With reference to the SHORT TENDER NOTICE No. 702, Dated: 17.02.2021, it is informed that due to non receipt of bids, date extension has been approved by the tender committee for receipt of additional bids as per following details:

| Sl. No. | Particulars | Date |
|---|---|---|
| 1 | Last date & time for submission of tender | Date: 09.03.2021 (11.00 A.M.) |
| 2 | Date, Time and Place of opening of tender | a. Technical Bid (Cover-A) Opening: 09.03.2021 (11.30 A.M.) at the address mentioned in the tender. b. Financial Bid (Cover-B): the date of opening of financial bid on 09.03.2021 at 12.30 P.M. |

N.B.: All other terms & conditions of the tender will remain unchanged.

Sd./- CDM & PHO cum-
OIPR-10077/11/0019/2021 District Mission Director, Koraput

**ORISSA STATE AIDS CONTROL SOCIETY (OSACS)** OSACS

(Department of Health & Family Welfare), Government of Odisha

No. 796/OSACS Dated: 02.03.2021

**TENDER CALL NOTICE FOR PROCUREMENT OF DBS COLLECTION KITS**

No. CAD-1415: Orissa State AIDS Control Society (OSACS), BBSR invites sealed tenders from authorized manufactures/ distributors/approved dealers having valid GST registration for supply of 700 Kits of Dried Blood Spot (DBS) collection Kits to OSACS, Bhubaneswar. The detailed terms & conditions and specification of the Kit is available in the website i.e. **www.osacs.nic.in**, which can be downloaded for use. Interested parties may submit their tenders through Speed Post/ Registered Post/Courier only superscribing **"Tender for DBS Collection Kits 2021"** which should reach on or before **12.00 A.M. of 16.03.2021** positively and the same will be opened at **12.30 P.M.** on the same day before the committee & the participants. The undersigned reserves the right to reject any or all the tender(s) without assigning any reason thereof.

Sd./- Project Director
Orissa State AIDS Control Society
(Department of Health & Family Welfare), Govt. of Odisha
2nd Floor, Oil Orissa Building,
F-Nayapalli, Bhubaneswar - 12
OIPR-10009/11/0002/2021

**COUNCIL OF HIGHER SECONDARY EDUCATION, ODISHA** No. N-77

C-2, PRAJNAPITHA, SAMANTAPUR, BHUBANESWAR-13

**QUOTATION CALL NOTICE**

Bhubaneswar, Dated the 1st March, 2021

No. Adm-II-27/2021/1152/CHSE(O) Sealed quotations are invited from intending Travel Agencies located at Bhubaneswar having GST Registration, IT-Permanent Account Number with Capability to supply bulk numbers of different types of vehicles to the Council on hiring basis, as and when required during the period from 01.07.2021 to 30.06.2022 for the purpose of transportation of men and materials of the council to different colleges of Odisha.

The quotation document can be downloaded from the official website of the Council at **http://www.chseodisha.nic.in**. Quotation complete in all respect requires to be submitted with the tender fee (Non-refundable) of Rs.1,000/- (Rupees one thousand) only and Earnest Money Deposit (EMD) of Rs.10,000/- (Rupees ten thousand) only in shape of Demand Draft/Banker's Cheque payable at Bhubaneswar drawn in favour of **"Finance Officer, C.H.S.E., Odisha, Bhubaneswar"** in an sealed cover addressing **Secretary, Council of Higher Secondary Education, Odisha, C-2, Prajnapitha, Samantapur, Bhubaneswar-13,** through Speed Post/Registered Post/in Drop-Box on or before Dt.30.03.2021 by 5.00 P.M. The quotations shall be opened at 3.00 P.M. on 31.03.2021 in the conference hall of the Council. Tender papers without requisite tender fees, Earnest Money and any conditional bids shall be summarily rejected.

The Council, in its discretion, reserves the right to accept or reject any or all of the Quotations without assigning any reasons thereof.

By Order of Chairman
Sd./- Finance Officer
C.H.S.E., Odisha, Bhubaneswar
OIPR-11003/11/0006/2021

**COUNCIL OF HIGHER SECONDARY EDUCATION, ODISHA** No. N-79

PRAJNAPITHA, SAMANTAPUR, BHUBANESWAR-13

**QUOTATION CALL NOTICE**

Bhubaneswar, Dated the 2nd March, 2021

No. Adm-II-27/2021/1185/CHSE(O) Sealed quotations having valid GST and PAN Registration Certificate are invited from interested reputed Travel Agencies/Tour Operators or Private Individuals for providing 02 numbers of A.C. Diesel driven vehicle as follows:

A. Swift Dezire, Tata Tiago, Celerio and Bolt.

The tender documents containing detailed terms and conditions can be obtained from the CHSE website: **http://www.chseodisha.nic.in**. The last date for submission of tender documents is 30.03.2021 upto 5.00 P.M. and shall be opened on 31.03.2021 at 3.00 P.M. The Secretary, CHSE, Odisha reserves the right to accept or reject any or all tenders without assigning any reason thereof.

By Order of Chairman
Sd./- Finance Officer
C.H.S.E., Odisha, Bhubaneswar
OIPR-11003/11/0008/2021

**COUNCIL OF HIGHER SECONDARY EDUCATION, ODISHA** No. N-78

PRAJNAPITHA, SAMANTAPUR, BHUBANESWAR-13

**QUOTATION CALL NOTICE**

Bhubaneswar, Dated the 01st March, 2021

No. Adm-II-27/2021/1154/CHSE(O) Sealed quotations having valid GST and PAN Registration Certificate are invited from interested reputed Travel Agencies/Tour Operators or Private Individuals for providing 02 numbers of A.C. Diesel driven vehicle as follows:

A. Swift Dezire, Tata Tiago, Celerio and Bolt.

The tender documents containing detailed terms and conditions can be obtained from the CHSE website: **http://www.chseodisha.nic.in**. The last date for submission of tender documents is 30.03.2021 upto 5.00 P.M. and shall be opened on 31.03.2021 at 3.00 P.M. The Secretary, CHSE, Odisha reserves the right to accept or reject any or all tenders without assigning any reason thereof.

By Order of Chairman
Sd./- Finance Officer
C.H.S.E., Odisha, Bhubaneswar
OIPR-11003/11/0007/2021

**AGRICULTURAL PROMOTION AND INVESTMENT CORPORATION OF ODISHA LIMITED (APICOL)**

CAD-1420

(A Government of Odisha Undertaking)
326, Baramunda, Bhubaneswar- 751003, Odisha
Tel.: 91-0674-2354125, Fax: 2354006
Website: www.apicol.nic.in, Email: apicol96@yahoo.com

No.814/APICOL Date: 26.02.2021

**REQUEST FOR PROPOSAL FOR SELECTION OF AGENCY FOR STATE PROJECT MANAGEMENT UNIT (SPMU)**

APICOL invites Request for Proposal (RFP) for Selection of Agency for State Project Management Unit (SPMU) towards implementation of Centraly Sonspored PM Formalization of Micro Food Processing Enterprises (PMFME) Scheme in Odisha.

The RFP documents covering the details information, memorandum, eligibility criteria, selection process and other terms & conditions can be downloaded from (www.apicol.nic.in/www.odisha.gov.in/www.tenderodisha.gov.in/www.agriodisha.nic.in/www.msmeodisha.gov.in/diodisha.nic.in) from 01.03.2021. The last date for submitting the RFP document along with processing fees of Rs.10000/- (Rupees Ten Thousand) only and BID security of Rs.10,00,000/- (Rupees Ten Lakh) only payable at Bhubaneswar through regd/speed post or courier by 26.03.2021 at 5.30 P.M. The prebid meeting will be held at APICOL, 326, Baramunda, Bhubaneswar -751003, Odisha on 18.03.2021 at 3.00 P.M. The technical bids will be opened on 30.03.2021 at 11.30 A.M. The date of opening of financial bids shall be on 06.04.2021 at 4.30 P.M. The Board of APICOL reserves the right to reject any / all tenders without assigning any reason.

OIPR-01046/11/0001/2021 Sd./- MANAGING DIRECTOR

# ‘ଆର୍ଦ୍ର ପିଚ୍‌କୁ ବିରୋଧ କରିନୁ, ଟର୍ନିଂ ଟ୍ରାକ୍‌କୁ କାହିଁକି’

**ଅହମ୍ମଦାବାଦ, ୨।୩(ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୪ର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବ। ଦ୍ୱିତୀୟ ଓ ତୃତୀୟ ମ୍ୟାଚ ପରି ୪ର୍ଥ ଟେଷ୍ଟରେ ମଧ୍ୟ ସ୍ପିନ୍ ଫ୍ରେଣ୍ଡଲି ପିଚ୍ ଦେଖିବାକୁ ମିଳିବ ବୋଲି ଭାରତୀୟ ଦଳର ଉପଅଧିନାୟକ ଅଜିଙ୍କ୍ୟ ରାହାନେ ମଙ୍ଗଳବାର ସୂଚନା ଦେଇଛନ୍ତି। ଦେଶରେ ସ୍ପିନ୍ ଫ୍ରେଣ୍ଡଲି ପିଚ୍‌କୁ ନେଇ ସମାଲୋଚନା ଅନାବଶ୍ୟକ। କାରଣ ବାହାର ପରିବେଶରେ ଆର୍ଦ୍ର ପିଚ୍‌କୁ ନେଇ ଆମେ କେବେହେଲେ ଗୋଟିଏ ଶବ୍ଦ ମଧ୍ୟ କହିନାହୁଁ। ତେଣୁ ଇଂଲଣ୍ଡ ଆଉ ଏକ ଟର୍ନିଂ ପିଚ୍ ଆଶା କରିଥିବ ନିଶ୍ଚିତ ବୋଲି ସେ କହିଛନ୍ତି। ଚେପକ୍‌ରେ ଦ୍ୱିତୀୟ ଟେଷ୍ଟ ଏବଂ ମୋଟେରା ପିଙ୍କ୍‌ବଲ୍ ଟେଷ୍ଟରେ ସ୍ପିନିଂ ଟ୍ରାକ୍‌କୁ ନେଇ ଅନେକ ଆଲୋଚନା ସମାଲୋଚନା ହୋଇଯାଇଛି। ଦିବାରାତ୍ର ଟେଷ୍ଟ ମାତ୍ର ଦୁଇଦିନ ମଧ୍ୟରେ ଶେଷ ହୋଇଯାଇଥିଲା।

ଚେନ୍ନାଇରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ପରି ଆଗାମୀ ଟେଷ୍ଟ ପିଚ୍ ରହିବ। ତୃତୀୟ ଟେଷ୍ଟରେ ସେପରି ପିଚ୍ ଥିଲେ ହେଁ ପିଙ୍କ୍ ବଲ୍ ପ୍ରଦର୍ଶନରେ ଭିନ୍ନତା ଆଣିଲା ଏବଂ ଶୀଘ୍ର ମ୍ୟାଚ ଶେଷ ହୋଇଗଲା। ମୋଟାମୋଟି ଭାବେ ଗତ ୨ ଟେଷ୍ଟ ଭଳି ଆସନ୍ତା ଟେଷ୍ଟର ପିଚ୍ ରହିବ ବୋଲି ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ରାହାନେ ପ୍ରକାଶ କରିଛନ୍ତି। କେତେକ ପୂର୍ବତନ ଇଂଲଣ୍ଡ ଖେଳାଳି ପିଚ୍ ଆଦର୍ଶ ବା ଉପଯୋଗୀ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଟର୍ନିଂ ପିଚ୍ କରୁଥିବାରୁ ଭାରତ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ କେତେକ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)କୁ ଅନୁରୋଧ କରିଥିଲେ। ଏହାର ଉତ୍ତରରେ ରାହାନେ କହିଛନ୍ତି ଯେ ଲୋକମାନେ ଯାହାଇଚ୍ଛା ତାହା କହୁଛନ୍ତି। ଆମେ ଯେତେବେଳେ ବିଦେଶକୁ ଯାଉ ସେତେବେଳେ ପେସ୍ ଟ୍ରାକ୍‌ରେ ଖେଳିବାକୁ ପଡ଼େ। ସେତେବେଳେ କେହି ମୁହଁ ଖୋଲନ୍ତି ନାହିଁ। ସେମାନେ ସବୁବେଳେ ଭାରତୀୟ ଖେଳାଳିଙ୍କ ଟେକ୍ନିକ୍‌କୁ ନେଇ ଆଲୋଚନା କରିଥାନ୍ତି। ତେଣୁ ସେମାନଙ୍କ କଥାକୁ ଗୁରୁତ୍ୱ ଦେବା ଉଚିତ ବୋଲି ମୁଁ ଅନୁଭବ କରୁନାହିଁ। ବିଦେଶ ମାଟିରେ ଖେଳିବାବେଳେ ପ୍ରଥମ ଦିନ ପିଚ୍ ଆର୍ଦ୍ର ଥାଏ। ଘାସୁଆ ପିଚ୍‌ର ବ୍ୟବହାରରେ ସମାନତା ନ ଥାଏ। ଅନେକ ସମୟରେ ପିଚ୍ ବିପଜ୍ଜନକ ହୋଇ ପଡ଼ିଥାଏ। ହେଲେ ଆମେ କେବେହେଲେ ଏହାକୁ ନେଇ ଅଭିଯୋଗ କରିନାହୁଁ କିମ୍ବା ମୁହଁ ଖୋଲିନାହୁଁ।

ସ୍ପିନିଂ ଟ୍ରାକ୍‌ରେ ଲାଇନ୍‌ରେ ଖେଳିବା ଗୁରୁତ୍ୱପୂର୍ଣ୍ଣ। ଯଦି ବଲ୍ ଅତ୍ୟଧିକ ସ୍ପିନ ହେଉଛି ତେବେ ଅଧିକ ଏଣୁତେଣୁ ଭାବିବା ଅନୁଚିତ। ଲାଇନ୍‌ରେ ଖେଳିବା ବେଳେ ଫୁଟ୍‌ୱର୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ପ୍ରତି ଖେଳାଳିଙ୍କ ଗେମ୍ ଭିନ୍ନ। କେତେକ ଫ୍ରଣ୍ଟ ଫୁଟ୍ ଏବଂ କେତେକ ବ୍ୟାକ୍ ଫୁଟ୍‌ରେ ଖେଳିବାକୁ ପସନ୍ଦ କରିଥାନ୍ତି। ଟର୍ନିଂ ଟ୍ରାକ୍‌ରେ ନିଜ ଡିଫେନ୍ସକୁ ବିଶ୍ୱାସକୁ ନେବାକୁ ହୋଇଥାଏ ବୋଲି ରାହାନେ ପ୍ରକାଶ କରିଛନ୍ତି। ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କ୍ରିଜ୍‌କୁ ଆସୁଥିବା ନୂଆ ବ୍ୟାଟ୍ସମ୍ୟାନଙ୍କୁ କିଛି ସମୟ ଖେଳି ସାରିଥିବା ବ୍ୟାଟ୍ସମ୍ୟାନ ପିଚ୍ ସମ୍ପର୍କରେ ଭଲଭାବେ ଅବଗତ କରାଇବା ଜରୁରୀ। ସ୍ପିନିଂ ଟ୍ରାକ୍ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ, ମାତ୍ର ଏଥିସହ ଆମକୁ ଅଭ୍ୟସ୍ତ ହେବାକୁ ପଡ଼େ ବୋଲି ସେ କହିଛନ୍ତି।

ଚତୁର୍ଥ ଟେଷ୍ଟର ପିଚ୍ ତୃତୀୟ ଟେଷ୍ଟ ପିଚ୍‌ଭଳି ଦେଖାଯାଉଛି। ମାତ୍ର ଏହା କିପରି ବ୍ୟବହାର କରିବ ତାହା ଏବେଠାରୁ କହିବା କଷ୍ଟକର। ଆମେ ଇଂଲଣ୍ଡ ଦଳକୁ ସମ୍ମାନ ଜଣାଉଛୁ। ଏହି ଦଳ ପ୍ରଥମ ଟେଷ୍ଟରେ ଭଲ ଖେଳିଥିଲା। ମାତ୍ର ଆମେ ପରବର୍ତ୍ତୀ ୨ଟି ଟେଷ୍ଟରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ସିରିଜକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛୁ। ଆମେ କୌଣସି ପରିସ୍ଥିତିରେ ଇଂଲଣ୍ଡକୁ ହାଲୁକା ନେଉନାହୁଁ। ଉଭୟ ଦଳ ୪ର୍ଥ ଟେଷ୍ଟ ଜିତିବାକୁ ନିଶ୍ଚିତ ଚେଷ୍ଟା କରିବେ। ଉମେଶ ଯାଦବ ଫିଟ୍ ହୋଇ ଦଳକୁ ଫେରିଛନ୍ତି। ନେଟ୍ସରେ ସେ ଚମତ୍କାର ବୋଲିଂ କରିଛନ୍ତି। ତାଙ୍କ ପ୍ରତ୍ୟାବର୍ତ୍ତନରେ ଆମେ ଖୁସି ବୋଲି ରାହାନେ କହିଛନ୍ତି।


ଅଭ୍ୟାସ ଅବସରରେ ଅଜିଙ୍କ୍ୟ ରାହାନେ ଓ ବିରାଟ କୋହଲି।


## ଏକାଧିକ ରେକର୍ଡ ଦ୍ୱାରରେ ଅଧିନାୟକ କୋହଲି

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ୪ର୍ଥ ତଥା ଅନ୍ତିମ ଟେଷ୍ଟ କ୍ରିକେଟ ମ୍ୟାଚ ଆସନ୍ତା ୪ ତାରିଖରୁ ଏଠାରେ ଆରମ୍ଭ ହେବ। ଏଥିରେ ଭଲ ପ୍ରଦର୍ଶନ କଲେ ଟିମ୍ ଇଣ୍ଡିଆ ଅଧିନାୟକ ଭାବେ ବିରାଟ କୋହଲି ଏକାଧିକ ରେକର୍ଡର ଅଧିକାରୀ ହୋଇପାରିବେ। ଭାରତୀୟ ଦଳର ଅଧିନାୟକ ଭାବେ କୋହଲି ୬୦ତମ ଟେଷ୍ଟ ଖେଳିବେ। ଆଗାମୀ ମ୍ୟାଚରେ ପଡ଼ିଆକୁ ଓହ୍ଲାଇବା ସହ ସେ ସର୍ବାଧିକ ଟେଷ୍ଟ ଖେଳିବାରେ ମହେନ୍ଦ୍ର ସିଂ ଧୋନୀଙ୍କ ଭାରତୀୟ ରେକର୍ଡର ସମକକ୍ଷ ହେବେ। ଏହା ବ୍ୟତୀତ ଆଉ ଗୋଟିଏ ଶତକ ହାସଲ କରିପାରିଲେ ସେ ଅଷ୍ଟ୍ରେଲିଆର ରିକି ପଣ୍ଟିଙ୍ଗଙ୍କୁ ପଛରେ ପକାଇ ରେକର୍ଡର ଅଧିକାରୀ ମଧ୍ୟ ହେବେ। ଶେଷଥର ପାଇଁ କୋହଲି ୨୦୧୯ରେ ବାଂଲାଦେଶ ବିପକ୍ଷ ଟେଷ୍ଟରେ ଶତକ ଅର୍ଜନ କରିଥିଲେ। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଯଦି ସେ ତିନିଅଙ୍କ ସ୍ପର୍ଶ କରନ୍ତି ତେବେ ଭାରତୀୟ ଦଳର ଅଧିନାୟକ ଭାବେ ୪୨ତମ ଶତକ ଅର୍ଜନ କରିବେ। ଭାରତର ନେତୃତ୍ୱ ନେଇ ଅନ୍ତର୍ଜାତୀୟ କ୍ରିକେଟରେ ୧୨,୦୦୦ ରନ ପୂରଣଠାରୁ କୋହଲି ୧୭ ରନ ଦୂରରେ ଅଛନ୍ତି। ତାଙ୍କ ପୂର୍ବରୁ କେବଳ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୧୫,୪୪୦) ଓ ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍ (୧୪,୮୭୮) ଅଧିକ ରନ କରି ପାରିଛନ୍ତି। ଭାରତ ଯଦି ଆଗାମୀ ମ୍ୟାଚରେ ଇଂଲଣ୍ଡକୁ ହରାଇବାରେ ସକ୍ଷମ ହୁଏ ତେବେ କୋହଲି କ୍ଲାଇଭ ଲୟଡଙ୍କ ୩୬ ବିଜୟ ରେକର୍ଡର ସମକକ୍ଷ ହେବେ। ଚଳିତ ସିରିଜରେ କୋହଲି ଶତକ ଅର୍ଜନ କରିନାହାନ୍ତି ସତ, ମାତ୍ର ଜୋ ରୁଟ୍, ରୋହିତ ଶର୍ମା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ପଛକୁ ୪ର୍ଥ ସର୍ବାଧିକ ରନ ସଂଗ୍ରହକାରୀ ହୋଇଛନ୍ତି। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ୨ ଟେଷ୍ଟରେ ସେ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ଏବେ ୨-୧ରେ ଅଗ୍ରଣୀ ରହିଛି। ୪ର୍ଥ ଟେଷ୍ଟରେ ଯଦି ପରାଜୟକୁ ଏଡ଼ାଇପାରେ ତେବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

## ଦଳ ସହ ଯୋଗଦେଲେ ଧାୱନ

ଟି୨୦ ଦଳର ସଦସ୍ୟ ଭାବେ ଶିଖର ଧାୱନ ଟିମ୍ ଇଣ୍ଡିଆ ସହ ଯୋଗ ଦେଇଛନ୍ତି। ସେ ଶ୍ରେୟାସ ଆୟାରଙ୍କ ସହ ଏ ସମ୍ପର୍କିତ ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଉଭୟ ଧାୱନ ଓ ଆୟାର ଟି୨୦ ଦଳରେ ସାମିଲ ଅଛନ୍ତି। ଇଂଲଣ୍ଡ ବିପକ୍ଷରେ ଭାରତ ମାର୍ଚ୍ଚ ୧୨, ୧୪, ୧୬, ୧୮ ଓ ୨୦ ତାରିଖରେ ଟି୨୦ ମ୍ୟାଚ ଅହମଦାବାଦରେ ଖେଳିବ। ଗତ ନଭେମ୍ବରରେ ଧାୱନ ଅଷ୍ଟ୍ରେଲିଆରେ ସୀମିତ ଓଭର କ୍ରିକେଟ ଖେଳିଥିଲେ। ପାଖାପାଖି ୩ ମାସ ପରେ ସେ ଭାରତୀୟ ଦଳକୁ ଫେରିଛନ୍ତି।


ଶ୍ରେୟାସ ଆୟର ଓ ଶିଖର ଧାୱନ।


ମୟଙ୍କ ଅଗ୍ରୱାଲଙ୍କ କ୍ୟାଚ୍ ପ୍ରାକ୍ଟିସ୍।

## ପୂଜାରାଙ୍କ ପାଇଁ ଏଲିଟ୍ ସୁଯୋଗ

ଚଳିତ ଇଂଲଣ୍ଡ ବିପକ୍ଷ ସିରିଜରେ ଚେତେଶ୍ୱର ପୂଜାରାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଭାରତ ଖେଳିଥିବା ୩ଟି ଟେଷ୍ଟରେ ସେ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିପାରିଛନ୍ତି। ତେବେ ଆଗାମୀ ମ୍ୟାଚରେ ଭଲ ପ୍ରଦର୍ଶନ କରି ସେ କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର, ଗୁଣ୍ଡାପ୍ପା ବିଶ୍ୱନାଥ ଓ ଅଧିନାୟକ ବିରାଟ କୋହଲିଙ୍କ ସହ ଏଲିଟ୍ ତାଲିକାରେ ସାମିଲ ହେବାର ସୁଯୋଗ ରହିଛି। ଚେନ୍ନାଇରେ ପ୍ରଥମ ଟେଷ୍ଟରେ ସେ ୭୩ ରନ କରିଥିଲେ। ଏଥିରେ ଭାରତ ପରାଜିତ ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ତାଙ୍କ ସ୍କୋର ଯଥାକ୍ରମେ ୧୫, ୨୧, ୭ ଓ ୦ ରହିଛି। ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ସେ ୯୫୫ ରନ କରିଛନ୍ତି। ଆଉ ୪୫ ରନ କରିପାରିଲେ ସେ ୧୦୦୦ ରନ ପୂରଣ କରିପାରିବେ। ପୂର୍ବରୁ ଗାଭାସ୍କର, ବିଶ୍ୱନାଥ ଓ କୋହଲି ଏହି କ୍ଲବ୍‌ରେ ସାମିଲ ଅଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଅନେକ ରେକର୍ଡର ଅଧିକାରୀ ହୋଇଥିଲେ ହେଁ ଘରୋଇ ପରିବେଶରେ ଇଂଲଣ୍ଡ ବିପକ୍ଷରେ ୧୦୦୦ ରନ ପୂରଣ କରିପାରି ନ ଥିଲେ। ସେ ୧୫ ଟେଷ୍ଟରୁ ୯୬୦ ରନ ସଂଗ୍ରହ କରିଥିଲେ। ଏହି ତାଲିକାରେ ଗାଭାସ୍କର ଆଗରେ ରହିଛନ୍ତି। ସେ ୨୨ ଟେଷ୍ଟରୁ ୩୫.୯୭ ଆଭରେଜରେ ୧୩୩୧, ବିଶ୍ୱନାଥ ୧୭ ମ୍ୟାଚରୁ ୩୬.୫୦ ଆଭରେଜରେ ୧୦୨୨ ଓ କୋହଲି ୧୨ ଟେଷ୍ଟରୁ ୫୯.୭୦ ଆଭରେଜରେ ୧୦୧୫ ରନ କରିଛନ୍ତି। କୋହଲି ୩ ଶତକ, ୪ ଅର୍ଦ୍ଧଶତକ, ବିଶ୍ୱନାଥ ୩ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ, ଗାଭାସ୍କର ୩ ଶତକ ଓ ୮ ଅର୍ଦ୍ଧଶତକ ହାସଲ କରିଛନ୍ତି। ପୂଜାରା କିନ୍ତୁ ଘରୋଇ ପରିବେଶରେ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୪ଟି ଶତକ ଅର୍ଜନ କରିଛନ୍ତି। ୧୨ ମ୍ୟାଚରେ ତାଙ୍କ ଆଭରେଜ ରହିଛି ୫୩.୦୫। ଏହି ଅହମଦାବାଦ ଷ୍ଟାଡିୟମରେ ତାଙ୍କର ସର୍ବାଧିକ ସ୍କୋର ରହିଛି ୨୦୬*। ଏହା ଟେଷ୍ଟ କ୍ରିକେଟରେ ତାଙ୍କର ସର୍ବାଧିକ ସ୍କୋର। ଦୀର୍ଘଦିନଧରି ପୂଜାରା ଶତକ ହାସଲ କରିପାରି ନାହାନ୍ତି। ଶେଷଥର ପାଇଁ ସେ ୨୦୧୯ ଜାନୁୟାରୀରେ ସିଡ୍‌ନୀରେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ଅଙ୍କ ସ୍ପର୍ଶ କରିଥିଲେ। ସେଠାରେ ସେ ୧୯୩ ରନ କରିଥିଲେ। ଏହାପରେ ୧୯ଟି ଟେଷ୍ଟ ଖେଳିଥିଲେ ହେଁ ଶତକ ହାସଲ କରିପାରିନାହାନ୍ତି।

## ବିଜୟ ସହ ଡବ୍ଲ୍ୟୁଟିଏ ସର୍କିଟକୁ ଫେରିଲେ ସାନିଆ

**ଦୋହା, ୨।୩ (ପି.ଟି.):** ବିଜୟ ସହ ଡବ୍ଲ୍ୟୁଟିଏ ସର୍କିଟକୁ ଫେରିଛନ୍ତି ଭାରତୀୟ ମହିଳା ଟେନିସ ଷ୍ଟାର ସାନିଆ ମିର୍ଜା। ସେ ଓ ତାଙ୍କ ସେଲାଭେନିଆନ ପାର୍ଟନର ଆଣ୍ଡ୍ରେଜା କ୍ଲେପାକ୍ ୟୁକ୍ରେନର ନାଡିଆ କିଚେନୋକ୍ ଓ ଲ୍ୟୁଦମିଲା କିଚେନୋକ୍ ଯୋଡ଼ିଙ୍କୁ ହରାଇ ଏଠାରେ ଚାଲିଥିବା କାତାର ଟୋଟାଲ ଓପନ୍ ଟେନିସ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ରାତିରେ ଏହି ଡବ୍ଲ୍ୟୁଟିଏ ୫୦୦ ଟୁର୍ନାମେଣ୍ଟର ଓପନିଂ ରାଉଣ୍ଡରେ ଇଣ୍ଡୋ-ସ୍ଲୋଭେନିଆନ ଯୋଡ଼ି ୬-୪, ୬-୭ (୫), ୧୦-୫ ସେଟ୍‌ରେ କିଚେନୋକ୍ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ୧୨ ମାସରେ ସାନିଆଙ୍କର ଏହା ହେଉଛି ପ୍ରଥମ ମ୍ୟାଚ। ଘଟଣାକ୍ରମେ ମହାମାରୀ ଯୋଗୁ ସମଗ୍ର ବିଶ୍ୱରେ ଟେନିସ ପ୍ରତିଯୋଗିତା ବନ୍ଦ ରଖାଯିବା ପୂର୍ବରୁ ୨୦୨୦ ଫେବୃୟାରୀରେ ସାନିଆ ଏଠାରେ ତାଙ୍କ ଶେଷ ମ୍ୟାଚ ଖେଳିଥିଲେ। ସାନିଆ ନିଜେ ଗତ ଜାନୁୟାରୀରେ କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଛନ୍ତି।



## କୋଭିଡ୍ ଟିକା ନେଲେ ଶାସ୍ତ୍ରୀ

**ଅହମଦାବାଦ, ୨।୩ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ସ୍ଥାନୀୟ ଏକ ହସ୍ପିଟାଲରେ କୋଭିଡ୍ ଭାକ୍ସିନର ପ୍ରଥମ ଡୋଜ୍ ନେଇଛନ୍ତି। ସହଯୋଗ ଓ ସମର୍ଥନ ପାଇଁ ୫୮ ବର୍ଷୀୟ ଶାସ୍ତ୍ରୀ ହସ୍ପିଟାଲର ଷ୍ଟାଫ୍‌ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଭାରତୀୟ ଦଳର ଅନ୍ୟ କୌଣସି ସପୋର୍ଟ ଷ୍ଟାଫ୍‌ଙ୍କୁ ଭାକ୍ସିନ ଦିଆଯାଇ ନାହିଁ। ଏଠାରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ ପାଇଁ ଭାରତୀୟ ଦଳ ଏବେ ବାୟୋବଲରେ ଅଛନ୍ତି। ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ଏଠାରେ ଗୁରୁବାରଠାରୁ ଆରମ୍ଭ ହେବ। ସିରିଜରେ ଭାରତ ବର୍ତ୍ତମାନ ୨-୧ରେ ଅଗ୍ରଣୀ ଲାଭ କରିଛି।



## ପୁରୀ ମହିଳା ଟିମ୍‌କୁ ସ୍ୱର୍ଣ୍ଣ

**ପୁରୀ ଅଫିସ, ୨।୩**

**ରାଜ୍ୟସ୍ତରୀୟ ଥ୍ରୋ-ବଲ୍ ଚାମ୍ପିୟନଶିପ୍**

୨୯ତମ ରାଜ୍ୟସ୍ତରୀୟ ସିନିୟର ଥ୍ରୋ-ବଲ୍ ଚାମ୍ପିୟନ୍‌ଶିପ୍‌ରେ ପୁରୀ ମହିଳା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ପୁରୁଷ ବର୍ଗରେ ପୁରୀ ଟିମ୍ ରନର୍ସଅପ୍ ହୋଇଛି। ଏହି ଥ୍ରୋ ବଲ୍ ଚାମ୍ପିୟନଶିପ୍ ଯାଜପୁର ଏନ୍‌ସି କଲେଜରେ ଅନୁଷ୍ଠିତ ହୋଇଥିଲା। ପୁରୀ ମହିଳା ଦଳ ଯାଜପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ରାଉରକେଲାକୁ ହରାଇ ଟ୍ରଫି ହାସଲ କରିଛି। ସେହିପରି ପୁରୁଷ ଦଳ କଟକକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ତେବେ ଫାଇନାଲରେ ଜଟଣୀଠାରୁ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ଥ୍ରୋ-ବଲ୍ ଟିମ୍ ଦ୍ୱୟ ମଙ୍ଗଳବାର ପୁରୀ ରେଳ ଷ୍ଟେଶନରେ ପହଞ୍ଚିବା ପରେ ଝାଡ଼େଶ୍ୱରୀ କ୍ଲବ୍ ପକ୍ଷରୁ ଖେଳାଳିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କ୍ଲବ୍‌ର ସମ୍ପାଦକ ପାର୍ଥସାରଥି ମହାପାତ୍ର, ନିମାଇଁ ଚରଣ ଦାସ, ଶୀତେନ୍ଦ୍ରନାଥ ଦାସ ଓ ସତୀକାନ୍ତ ପଟ୍ଟନାୟକ ପ୍ରମୁଖ ଖେଳାଳିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।


ରାଜ୍ୟସ୍ତରୀୟ ସିନିୟର ଥ୍ରୋ-ବଲ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିବା ପୁରୀ ମହିଳା ଦଳ ଓ ରନର୍ସ ଅପ୍ ହୋଇଥିବା ପୁରୁଷ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି।

## ପୁରସ୍କାର ଦୌଡ଼ରେ ଅଶ୍ୱିନ, ରୁଟ୍, ମେୟର୍ସ

**ଦୁବାଇ, ୨।୩ (ପି.ଟି.)**

ଫେବୃୟାରୀରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରୁଷ ବିଭାଗରେ ‘ଆଇସିସି ପ୍ଲେୟର ଅଫ୍ ଦି ଇୟର’ ଦୌଡ଼ରେ ଭାରତର ପୁରୁଖା ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଓ ୱେଷ୍ଟଇଣ୍ଡିଜର ନୂଆ ବ୍ୟାଟିଂ ସେନ୍‌ସେସନ କାଇଲ ମେୟର୍ସ ପ୍ରମୁଖ ରହିଛନ୍ତି। ଅଶ୍ୱିନ ଇଂଲଣ୍ଡ ବିପକ୍ଷରେ ତିନୋଟି ଟେଷ୍ଟ ଖେଳିଛନ୍ତି। ଚେନ୍ନାଇଠାରେ ଭାରତର ଦ୍ୱିତୀୟ ଟେଷ୍ଟ ବିଜୟରେ ସେ ୧୦୬ ରନ ସଂଗ୍ରହ କରିଛନ୍ତି। ଅହମଦାବାଦରେ ତୃତୀୟ ଟେଷ୍ଟ ବିଜୟରେ ସେ ତାଙ୍କ ୪୦୦ ଉଇକେଟ ପୂରଣ କରିଛନ୍ତି। ତିନୋଟି ଟେଷ୍ଟରେ ସେ ମୋଟ ୧୭୬ ରନ ସଂଗ୍ରହ କରିବା ସହ ୨୪ ଉଇକେଟ ଅକ୍ତିଆର କରିଛନ୍ତି। ଏହି ପ୍ରଦର୍ଶନ ପାଇଁ ପୁରୁଷ କାଟେଗୋରିରେ ପ୍ରାର୍ଥୀ ହେବା ପାଇଁ ସେ ଯୋଗ୍ୟ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କହିଛି। ଉଭୟ ବ୍ୟାଟ ଓ ବଲ୍‌ରେ ଚମତ୍କାର ପ୍ରଦର୍ଶନ ପାଇଁ ଇଂଲଣ୍ଡ ଟେଷ୍ଟ ଅଧିନାୟକ ଜୋ ରୁଟ୍‌ଙ୍କ ନାମ ମଧ୍ୟ ପୁଣି ସୁପାରିସ ହୋଇଛି। ଭାରତ ବିପକ୍ଷ ତିନୋଟି ଟେଷ୍ଟରେ ସେ ମୋଟ ୩୩୩ ରନ ସଂଗ୍ରହ କରିବା ସହ ୬ ଉଇକେଟ ଦଖଲ କରିଛନ୍ତି। ରୁଟ୍ ସିରିଜ ଆରମ୍ଭରେ ଓପନିଂ ଟେଷ୍ଟରେ ଆକର୍ଷଣୀୟ ୨୧୮ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜର ନବାଗତ ଟେଷ୍ଟ ଖେଳାଳି ମେୟର୍ସ ବାଂଲାଦେଶ ବିପକ୍ଷରେ

**ଆଇସିସି ‘ପ୍ଲେୟର ଅଫ୍ ଦି ମନ୍ଥ୍’**

ଦୁଇଟି ଟେଷ୍ଟ ଖେଳିଛନ୍ତି। ମେୟର୍ସଙ୍କ ମ୍ୟାଚ ବିଜୟୀ ୨୧୦ ରନ ଯୋଗୁ ତାଙ୍କ ଦଳ ଚିଟାଗଙ୍ଗରେ ୩୯୫ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଥିଲା। ଅନ୍ୟପକ୍ଷରେ ମହିଳା ବିଭାଗରେ ଉକ୍ତ ପୁରସ୍କାର ଦୌଡ଼ରେ ଇଂଲଣ୍ଡର ଟାମି ବିମଣ୍ଟ ଓ ନାଟ୍ ସ୍କିଭର ଏବଂ ନ୍ୟୁଜିଲାଣ୍ଡର ବ୍ରୁକି ହାଲିଡେ ପ୍ରମୁଖ ରହିଛନ୍ତି।


ଜୋ ରୁଟ୍


ରବିଚନ୍ଦ୍ରନ ଅଶ୍ୱିନ


କାଇଲ ମେୟର୍ସ

# ପୁରୀର ରଥ ନିର୍ମାଣ ପାଇଁ ଅନୁକୂଳ ହେଲା ଗଛ କଟା



ବୃକ୍ଷ କଟାଯିବା ପାଇଁ ପୂଜାର୍ଚ୍ଚନା କରାଯାଉଛି।

ବୌଦ୍ଧ/ତଳଗାଁ,୨।୩(ସ୍ୱ.ପ୍ର./ଡି.ଏନ୍.ଏ.)

ବିଶ୍ୱପ୍ରସିଦ୍ଧ ପୁରୀ ଘୋଷଯାତ୍ରା ପାଇଁ ୨୦୧୮ ମସିହାରୁ ବୌଦ୍ଧ ଜିଲ୍ଲାରୁ ରଥ କାଠ ପ୍ରେରଣ କରାଯାଉଛି । ଚଳିତବର୍ଷ ରଥ ନିର୍ମାଣ ପାଇଁ ଗଛ କଟା ମଙ୍ଗଳବାର ଅନୁକୂଳ ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସିଥିବା ଏକ କମିଟି ପୂର୍ବାହ୍ନ ୯ ଟାରେ ଜିଲ୍ଲାର ମାଧପୁର ବନଦୁର୍ଗା ମନ୍ଦିରରେ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିରରୁ ଆଣାଯାଇଥିବା ଆଜ୍ଞାମାଳକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଶ୍ରୀମନ୍ଦିର ପ୍ରଶାସନର ସଦସ୍ୟ ଓ ବନବିଭାଗ ଅଧିକାରୀଙ୍କ ଗହଣରେ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରେ ଚିହ୍ନଟ ହୋଇଥିବା ଏକ ଅସନ ବୃକ୍ଷ ମୂଳରେ ନାମ ସଂକୀର୍ତ୍ତନ ସହ ପୂଜାର୍ଚ୍ଚନା କରାଯାଇ ଗଛକଟା ଅନୁକୂଳ ହୋଇଥିଲା । ଚଳିତବର୍ଷ ମାଧପୁର ରେଞ୍ଜର ବନ ସଂରକ୍ଷଣ ରାଜେନ୍ଦ୍ର ଗୋଛାୟତ, ସୁବର୍ଣ୍ଣଗିରି ଓ ହାତୀଧରା ସଂରକ୍ଷିତ ଜଙ୍ଗଲରେ ମଧ୍ୟ ରଥକାଠ ନେବା ପାଇଁ ବୃକ୍ଷ ଚିହ୍ନଟ ହୋଇଛି । ପୁରୀ ଶ୍ରୀମନ୍ଦିର ରଥ ନିର୍ମାଣ କମିଟିର ତତ୍ତ୍ୱାବଧାରକ ସୁଦର୍ଶନ ନେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୁଲ୍ଲସର୍ଦ୍ଦାର ରବି ଭୋଇ ଏବଂ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ, ସୌମ୍ୟ ରଞ୍ଜନ ଗୋଛାୟତ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରବୀର କୁମାର ଦାସ, ମାଧପୁର ବନାଞ୍ଚଳ ଅଧିକାରୀ ସରୋଜ କୁମାର ମିଶ୍ର, ରେଞ୍ଜର ପ୍ରଦୀପ ବେହେରା, ମିହୀର ରଞ୍ଜନ ମଲ୍ଲିକ, କୁମାରୀ କ୍ଷୀରାବ୍ଧି ପ୍ରଧାନ, ନାରାୟଣ ସ୍ୱାଇଁଙ୍କ ସମେତ ବନ କର୍ମଚାରୀ ଓ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଏବର୍ଷ ସମୁଦାୟ ୭୦୧ ଖଣ୍ଡ କାଠ ଯୋଗାଇ ଦିଆଯିବ । ସେଥିମଧ୍ୟରୁ ୨୭୦ ଗୋଟି ଅସନ, ୩୨୪ ଗୋଟି ଧଉରା, ୭ ଖଣ୍ଡ ଫାଶୀ, ୪୦ ଖଣ୍ଡ ମଇ, ୨୦ ଖଣ୍ଡ ଶିମିଳି, ୨୦ ଖଣ୍ଡ ରାଇ ଓ ୨୦ ଖଣ୍ଡ ବହ୍ଳ ନେବାର ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ ଯେ, ଆଗାମୀ ଦିନରେ ରଥ ନିର୍ମାଣ ପାଇଁ କାଠର ଅଭାବ ପୂରଣ ଲକ୍ଷ୍ୟରେ ପୁରୀ ଗଜପତି ମହାରାଜାଙ୍କ ଉଦ୍ୟମକ୍ରମେ ବୌଦ୍ଧ ଜିଲ୍ଲାର ମହାନଦୀ ଓ ସାଲୁଙ୍କି ନଦୀ କୂଳରେ ଜଗନ୍ନାଥ ବନ ପ୍ରକଳ୍ପ ସୃଷ୍ଟି କରାଯାଇଛି।

**ବୌଦ୍ଧରୁ ଯିବ ୭୦୧ ଖଣ୍ଡ ରଥକାଠ**

# କଳାକନା ବୁଲାଇଲେ ଲୁଟେରା ଭଡ଼ାଟିଆ

ମାଲକାନଗିରି,୨।୩(ଡି.ଏନ୍.ଏ.)

ମାଲିକଙ୍କ ଘରେ କଳାକନା ବୁଲାଇଲେ ଭଡ଼ାଟିଆ ଦମ୍ପତି । ଯେଉଁ ଘରେ ଭଡ଼ାରେ ରହୁଥିଲେ, ସେହି ମାଲିକଙ୍କୁ ଲୁଟିବାକୁ ଯୋଜନା ଚଳାଇଥିଲେ। ଶେଷରେ ନିଶା ଔଷଧ ଦେଇ ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ଟଙ୍କା ଲୁଟି ନେଇଛନ୍ତି। ମାଲକାନଗିରି ଜିଲ୍ଲା ସଦରସ୍ଥିତ ବିବିଗୁଡ଼ା କଲୋନିରେ ଜଣେ ସୁନା ବ୍ୟବସାୟୀଙ୍କ ଘରେ ଏଭଳି ଅଭିନବ ଉପାୟରେ ଲୁଟ୍ ହୋଇଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ଜଗଦୀଶ ୩ମାସ ତଳେ ସ୍ତ୍ରୀଙ୍କ ସହ ଆସି ବିବିଗୁଡ଼ାସ୍ଥିତ ପ୍ରସାଦ ଜୁଏଲର୍ସ ମାଲିକ ସୁବାସ ରାଜାରାମ୍ ପାତ୍ରିଙ୍କ ଘରେ ଭଡ଼ାରେ ରହୁଥିଲେ। ସୋମବାର ରାତି ୮ଟାରେ ସୁବାସ ଦୋକାନ ବନ୍ଦ କରିବା ସହ ଦୋକାନରେ ଥିବା ସମସ୍ତ ସୁନାଗହଣା ଆଣି ଘରେ ରଖିଥିଲେ। ଏହାର କିଛି ସମୟ ପରେ ଜଗଦୀଶ ଆସି ଚାକିରି ମିଳିଗଲା କହି ସୁବାସ ଏବଂ ତାଙ୍କ ପରିବାର ଲୋକଙ୍କୁ ମିଠା ଦେଇଥିଲେ। ଏମିତିକି ସାହି ପଡ଼ୋଶୀ ଲୋକଙ୍କୁ ମଧ୍ୟ ମିଠା ବାଣ୍ଟିଥିଲେ। ମିଠା ଖାଇବାର କିଛି ସମୟ ମଧ୍ୟରେ ସମସ୍ତେ ଅଚେତ ହୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ଜଗଦୀଶ ଗ୍ୟାସ୍ କଟର ସାହାଯ୍ୟରେ ଘର ଝରକାର ଲୁହାରଡ୍ କାଟି ଘରେ ଥିବା ପ୍ରାୟ ୩୫ଲକ୍ଷ ଟଙ୍କାର ସୁନାଗହଣା ଏବଂ ଆଲମିରା ଭାଙ୍ଗି ୨ଲକ୍ଷ ଟଙ୍କା ଲୁଟିନେବାରେ ସଫଳ ହୋଇଥିଲେ। ସକାଳେ ସୁବାସଙ୍କ ଚେତା ଫେରିବା ପରେ ଲୁଟ୍ ବିଷୟରେ ଜାଣିବାକୁ ପାଇଥିଲେ। ଏ ନେଇ ସେ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଥିଲେ। ତେବେ ଲୁଟେରା ଅତି ଚତୁରତାର ସହ ଘରେ ଲାଗିଥିବା ସିସିଟିଭି ମଧ୍ୟ ଭାଙ୍ଗି ନେଇଯାଇଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି ଘରେ ରହି ଯୋଜନା କରିବା ପରେ ଲୁଟ୍ କରିଥିବା ସ୍ପଷ୍ଟ ହୋଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ପିଠାରେ ନିଶା ଦେଇ ଜୁଏଲର୍ସ ମାଲିକଙ୍କ ସୁନା, ଟଙ୍କା ଲୁଟିନେଲେ



କଟର ସାହାଯ୍ୟରେ କଟାଯାଇଥିବା ଝରକା।


## ଭୁବନେଶ୍ୱର ମହାନଗର ନିଗମ

ଫୋନ୍: ୦୬୭୪-୨୪୩୧୨୫୩; ଫାକ୍ସ: ୦୬୭୪-୨୪୩୨୮୯୫
ଇମେଲ୍: info@bmc.gov.in; ୱେବ୍: bmc.gov.in

No. 15263 DATE: 27.02.2021

**EXPRESSION OF INTEREST**

No. C-556:- ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଅନୁବନ୍ଧିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (MSWSHG) ଏରିଆ ଲେଭୁଲ୍ ଫେଡ଼େରେସନ୍ (ALF) ଏବଂ ସିଟି ଲେଭୁଲ୍ ଫେଡ଼େରେସନ୍ (CLF)ଙ୍କଠାରୁ ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ରୋକଟ୍, ମଞ୍ଚେଶ୍ୱରରେ ସ୍ଥାପିତ ଫିକଲ୍ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (FSTP)ର ପରିଚାଳନା ନିମନ୍ତେ ଏକବର୍ଷ ପାଇଁ Expression of Interest ଆହ୍ୱାନ କରାଯାଉଅଛି ।

ଆଗ୍ରହୀ WSHG/ALF ଏବଂ CLF ମାନେ ଆସନ୍ତା ତା୦୮.୦୩.୨୦୨୧ରିଖ ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ନିଜ ନିଜର ରିଜୋଲେସନ୍‌ର ନକଲ ସହିତ ଆବେଦନପତ୍ର ଦାଖଲ କରିବେ ।
ଅଧିକ ବିବରଣୀ ପାଇଁ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

By Order
ସ୍ୱା./- ଉପ ଆୟୁକ୍ତ (ଏଫ୍ ଆଣ୍ଡ ସି ଏସ୍)
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0107/2021

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୭୮ ତା: ୨୫।୨।୨୧

**ବିଜ୍ଞାପନ**

No. CAD-1394: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁମୁଡୁମା, ତୃତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଲ୍–୧–୨୫୨ (L-I-252)ଟିକୁ ଶ୍ରୀମତୀ ସରୋଜିନୀ ପାତ୍ର, ସ୍ୱା.– ଲକ୍ଷ୍ମୀଧର ପାତ୍ର, ସା: ପ୍ଲଟ ନଂ.–୮୬, ଭୀମଟାଙ୍ଗୀ, ପୋ– ଭୀମଟାଙ୍ଗୀ, ଥା– ଏୟାରଫିଲ୍ଡ, ଜି– ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସରୋଜିନୀ ପାତ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କମଳେଶ ପ୍ରସାଦ ଗୌଡ଼, ପି.– ଲିଙ୍ଗରାଜ ଗୌଡ଼, ସା– ଗାୟତ୍ରୀ ନଗର, ୨ୟ ଲେନ୍, ଲଣ୍ଡେଇ ସାହି, ଲାଲ୍‌ସିଙ୍ଗି, ପୋ/ଥା: ଭଞ୍ଜନଗର, ଜି– ଗଞ୍ଜାମଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0051/2021

Dr. Ganeswar Jena, OAS (SAG)
Chief General Manager (P & A)
idco | ODISHA NEW OPPORTUNITIES
File No. IDCO/HO/P&A/A-10199/01/2021-V-1/3843 Dt.26.02.2021

## ADVERTISEMENT

No. CAD-1403: Applications in prescribed format are invited from interested retired Divisional Accounts Officers, retired from AG, Govt. of India, preferable working in various Divisions of PWD/Water Resources/H&UD, below the age of 65 (Sixty five) years having good service records and physical fitnes for engagement as Consultant (Accounts) (For one Post) in IDCO on Contractual Basis for a period of one year w.e.f. the date of his joining on the following terms & conditions. Engagement can be extended further on the basis of satisfactory performance but not beyond 65 (Sixty five) years.

1. The engagement is purely on temporary basis and terminable at any point of time without assigning any reason thereof.
2. He will be designated as Consultant (Accounts) on contractual basis and will look after checking of tender documents/work bills relating to financial aspects, deviations & GST calculations etc. of IDCO.
3) He may be entrusted with any other works related to Finance matter as assigned by the Management from time to time.
4) He will entitled to monthly remuneration as per Govt. in Finance Department, Odisha, Office Memorandum No. 7022 Dt.17.03.2018.

Eligible & interested candidates may submit their application in the enclosed PROFORMA with copies of the testimonials in support of their service records on or before **19.03.2021 at 3.00 P.M.** with office hours by Registered Post/Speed Post/Courier to the Chief General Manager (P&A), IDCO, Head Office, IDCO Towers, Janpath, Bhubaneswar - 751022.

They should also submit a declaration to the effect that, there is no vigilance/criminal case is pending against them. The Corporation will not be liable for any delay in the delivery of the application/documents or non-receipt of the same within the stipulated period/time. The engagement will be strictly project specific and purely temporary in nature.

The details with prescribed application can be seen from our website: **http://www.idco.in**.

By Order of CMD
**Sd./- Chief Geneal Manager (P&A)**
**OIPR-14003/11/0134/2021**

Government of Odisha
## Department of Social Security & Empowerment of Persons with Disabilities

No. 1262/SSEPD Dt. 15.02.2021
SSEPD-DA1-MISC-0061-2020

**e-TENDER FOR SELECTION OF OUTSOURCING AGENCY FOR DEPLOYMENT OF MANPOWER FOR THE SKILL DEVELOPMENT TRAINING PROGRAMME FOR PWDS**

**No. gg-07:-** E-Tenders are invited from the Outsourcing Agencies for deployment of manpower for the skill development training programme for PwDs under two bid systems (Technical & Financial) as per the following schedule. The detailed scope of work is annexed at **Annexure-A.**

| Sl. | Items | Date & Time |
|---|---|---|
| (a) | Bid Submission Start Date | Dt.17.02.2021 |
| (b) | Last date of receipt of Bids | Dt. 08.03.2021 up to 5.00 PM (Through e-procurement portal: https://tendersodisha.gov.in) |
| (c) | Opening of Technical Bid | Dt. 10.03.2021 |
| (d) | Opening of Financial Bid | Will be communicated through Email /Website Notice |

The interested Outsourcing Agencies can participate in the bid as per the scope of work mentioned in the tender. The bidder has to give the earnest money deposit (EMD) of Rs.1,50,000/-(One lakh Fifty Thousand) (online) as per the instruction available in the e-Procurement portal (www.tendersodisha.gov.in) at the time of bidding.

**Director**
OIPR-46001/11/0006/2021

See Career Appointment on every Wednesday & Saturday

## କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର

SYS-SPW-AWARD-0001-2021-1855/Feb 26, 2021

**ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୦ ନିମନ୍ତେ ବିଜ୍ଞାପନ**

No. TT–13:– କ୍ରୀଡ଼ା ବିକାଶ, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତିବିଶେଷ, କ୍ରୀଡ଼ାବିତ, ପ୍ରଶିକ୍ଷକ ଓ କ୍ରୀଡ଼ା ସାମ୍ବାଦିକଙ୍କଠାରୁ ୨୦୨୦ ବର୍ଷ ପାଇଁ ନିମ୍ନଲିଖିତ ବିଭାଗମାନଙ୍କରେ ସମ୍ମାନଜନକ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

୧) ରାଜ୍ୟରେ କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର
**(Biju Patnaik Sports Award for Lifetime Achievement in Sports 2020)**

୨) ୨୦୨୦ ମସିହାରେ (ତା୧.୧.୨୦୨୦ରିଖଠାରୁ ତା୩୧.୧୨.୨୦୨୦ରିଖ ମଧ୍ୟରେ) ଜାତୀୟ ତଥା ଆନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପାଇଁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ ସମ୍ମାନ
**(Biju Patnaik Sports Award for Outstanding Performance in Sports 2020)**

୩) ୨୦୨୦ ମସିହା ପାଇଁ କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପ୍ରଶିକ୍ଷକ ପୁରସ୍କାର
**(Biju Patnaik Sports Award for Excellence in Coaching-2020)**

୪) ୨୦୨୦ ମସିହା ପାଇଁ କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର
**(Biju Patnaik Award for Best Contribution to Promotion of Sports- 2020)**

୫) କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ସାମ୍ବାଦିକ ପୁରସ୍କାର
**(Biju Patnaik Award for Excellence in Sports Journalism- 2020)**

ଏହି ସମ୍ପର୍କିତ ବିଶେଷ ବିବରଣୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସମସ୍ତ ରାଜ୍ୟସ୍ତରୀୟ କ୍ରୀଡ଼ା ସଂଘ, ଓଡ଼ିଶା କ୍ରୀଡ଼ା ପରିଷଦ ସତ୍ୟବ୍ରତ ଷ୍ଟାଡିୟମ କଟକ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାର ସି–୧, ନୟାପଲ୍ଲୀ–୧୨ଠାରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ। ଏଥି ସହିତ ଦରଖାସ୍ତ ଦାଖଲ ପାଇଁ ନିର୍ଦ୍ଧାରିତ ଫାରମ କ୍ରୀଡ଼ା ଓ ଯୁବ ସେବା ବିଭାଗ ୱେବ୍‌ସାଇଟ୍ **www.sportsodisha.gov.in**ରେ ଉପଲବ୍ଧ ଅଛି। ସମ୍ପୂର୍ଣ୍ଣ ଦରଖାସ୍ତ ସମସ୍ତ ଦସ୍ତାବିଜ ସହିତ ତା୩୦.୪.୨୦୨୧ରିଖ ସୁଦ୍ଧା **ଉପଶାସନ ସଚିବ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୧୨** ଠିକଣାରେ ପହଞ୍ଚିବା ଆବଶ୍ୟକ ଅଟେ । ବିଳମ୍ବରେ ପହଞ୍ଚିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

OIPR-29001/11/0016/2021 ପ୍ରମୁଖ ଶାସନ ସଚିବ

## ZILLA SWASTHYA SAMITI, BALANGIR
## (Department of Health & FW, Govt. of Odisha)

**Advt. No. 1072** **Date: 26.02.2021**

No. E-602: Sealed tenders in prescribed format are invited from the registered firms/agencies/suppliers for supply of Drugs & Consumables for Balangir district for the year 2020-21. Interested firms/agencies having valid GST/Drug Licence/PAN no. may apply to the undersigned on or before ______________ upto 4.00 P.M. through Registered Post/Speed Post/Courier only. For details regarding terms, conditions & specifications log on to **www.balangir.nic.in**. The undersigned reserves the right to accept or reject all or any of the tenders without assigning any reason thererof.

**Sd./- CDM & PHO, Balangir**
**OIPR-10019/11/0008/2021**

ଓଡ଼ିଶା ସରକାର
## ଗ୍ରାମ୍ୟ ନିର୍ମାଣ ବିଭାଜନ, ସୋନପୁର

ନଂ. ୯୮୬ ତା୨୬।୦୨।୨୦୨୧

**ସର୍ବସାଧାରଣ ନୋଟିସ୍**

No. O-1177: ଓଡ଼ିଶା ସରକାରଙ୍କ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଶିବତୁଲା–ଲୁକାପଡ଼ା ରାସ୍ତାରୁ ଅଟାସିଂହା ରାସ୍ତାର ଅଟାସିଂହାଠାରେ ସ୍ଥାନୀୟ ନାଳ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ଅତାସିଂଘା ପାର୍ଶ୍ୱସ୍ଥିତ ଆବଶ୍ୟକୀୟ ଜମି ଯଥାକ୍ରମେ ମୌଜା: ଅଟାସିଂହା, ତହସିଲ: ତରଭା, ଥାନା: ତରଭା, ଜିଲ୍ଲା: ସୁବର୍ଣ୍ଣପୁର ଜମିର ପରିମାଣ ଏ୦.୪୦୮ଡି ଏବଂ ମୌଜା: କନ୍ଦାଗାଡ଼, ତହସିଲ: ପୁଇଁତଳା, ଜିଲ୍ଲା: ବଲାଙ୍ଗିରର ଜମି ପରିମାଣ ଏ.୧.୭୬ଡି. ପରିମିତ ଭୂମି ଉପରୋକ୍ତ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୬ (RFCTLA R&R Act 2013) ବ୍ୟବସ୍ଥା ଅନୁଯାୟୀ ଏତଦ୍ୱାରା ନିମ୍ନ ସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଯାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ପୁନର୍ବାସ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଉକ୍ତ ଭୂମିର ଏକ ନକ୍ସା ଯଥାକ୍ରମେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ବିଭାଗରେ ଓ ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟଙ୍କ ରାଜସ୍ୱ ବିଭାଗରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ପୁଣି ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଗରେ ସୋନପୁରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି ଏବଂ ତାହା ହିତାଧିକାରୀ ବ୍ୟକ୍ତିଙ୍କ ଦ୍ୱାରା ନିରୀକ୍ଷଣ କରାଯାଇପାରିବ।
ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ସେମାନେ ଉକ୍ତ ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ଦିନ ମଧ୍ୟରେ ଉକ୍ତ କାର୍ଯ୍ୟାଳୟର କାର୍ଯ୍ୟ ଦିବସମାନଙ୍କରେ, ଆବଶ୍ୟକୀୟ ସମସ୍ତ କାଗଜାତ ଯଥା ଜମି ପଟ୍ଟା, ଜମି ବିକ୍ରି କବଲା, ଭାଗ ବଣ୍ଟୁଆରା, ଦାଖଲ ଖାରଜ, ଖଜଣା ପାଉତି, କିସମ ପରିବର୍ତ୍ତନ ଇତ୍ୟାଦିର ପ୍ରମାଣ ପତ୍ର ନିଜେ କିମ୍ବା ନିଜର ବିଧି ପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଉପସ୍ଥାପନ କରିବେ, ନଚେତ୍ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯଥାକ୍ରମେ ସୁବର୍ଣ୍ଣପୁର ଓ ବଲାଙ୍ଗିର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା./– ସତ୍ୟବ୍ରତ ବେହେରା, ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ, ସୋନପୁର

ଶିବତୁଲା:– ଲୁକାପଡ଼ା ରାସ୍ତାରୁ ଅଟାସିଂହାଠାରେ ସ୍ଥାନୀୟ ନାଳ ଉପରେ ନିର୍ମାଣାଧୀନ ବ୍ରିଜ୍ ପାଇଁ ହେଉଥିବାରୁ ଲ୍ୟାଣ୍ଡ ସିଡ୍ୟୁଲ
ମୌଜା: ଅଟାସିଂହା, ତହସିଲ: ତରଭା, ଥାନା: ତରଭା, ଜିଲ୍ଲା: ସୁବର୍ଣ୍ଣପୁର ଥା ନଂ.– ୭୯, ଜିଲ୍ଲା: ସୁବର୍ଣ୍ଣପୁର।

| କ୍ର.ନଂ. | ପ୍ରଜାର ନାମ | ଖାତା ନଂ. | ପ୍ଲଟର ନାମ | କିସମ | ମୋଟ ରକବା | ମାର୍କ | ମାର୍କ ରକବା | ମନ୍ତବ୍ୟ |
|---|---|---|---|---|---|---|---|---|
| ମୌଜା: ଅଟାସିଂହା, ତହସିଲ: ତରଭା, ଥାନା: ତରଭା, ଜିଲ୍ଲା: ସୁବର୍ଣ୍ଣପୁର ଥା ନଂ.– ୭୯ | | | | | | | | |
| ୧. | ସୁବଳ ବାଘ, ପି.– ଅରକ୍ଷିତ ବାଘ, ଗୌରୀ ବାଘ, ସ୍ୱା.– ଅରକ୍ଷିତ ବାଘ, ଜା: ଗୌଡ଼, ବା: ନିଜଗାଁ | ୧୪୯ | ୮୬୨ | ମାଳ ଅଣଜଳସେଚିତ | ୨.୯୮୦ | ଏ | ୦.୧୨୦ | |
| ୨. | ଗଙ୍ଗାଧର ଦଳବେହେରା, ପି.– ଖଗେଶ୍ୱର ଦଳବେହେରା, ଜା: ଓଡ଼ିଆ, ବା: ନିଜଗାଁ | ୨୬ | ୮୬୯ | ବାହାଲ ଅଣଜଳସେଚିତ | ୦.୩୨୦ | ଏ | ୦.୦୩୦ | |
| ୩. | ବିରଞ୍ଚି ଦଳବେହେରା, ପି.– ଖଗେଶ୍ୱର ଦଳବେହେରା, ଜା: ଓଡ଼ିଆ, ବା: ନିଜଗାଁ | ୯୩ | ୮୭୦ | ବେର୍ଣ୍ଣା ଅଣଜଳସେଚିତ | ୧.୦୮୦ | ଏ | ୦.୦୧୨ | |
| ୪. | ଜ୍ୟୋତିରଞ୍ଜନ ଦରୁଆନ, ପି.– ହରିବଂଶ ଦରୁଆନ, ଜା: ଓଡ଼ିଆ, ବା: ନିଜଗାଁ | ୧୬୫/୨୭ | ୮୬୫/୯୭୯ | ବେର୍ଣ୍ଣା ଅଣଜଳସେଚିତ | ୦.୮୫୦ | ଏ | ୦.୨୪୦ | |
| | | | | | ମୋଟ | ଏ | ୦.୪୦୮ | |
| ମୌଜା: କନ୍ଦାଗାଡ଼, ତହସିଲ: ପୁଇଁତଳା, ଥାନା: ବଲାଙ୍ଗିର, ଥା ନଂ.– ୨୬୮, ଜିଲ୍ଲା: ବଲାଙ୍ଗିର | | | | | | | | |
| ୧. | ଯୁଧିଷ୍ଠିର ଷାଣ୍ଡ, ପି.– ଟେଙ୍ଗନୁ ଷାଣ୍ଡ, ଜା: ଗୌଡ଼, ବା: ନିଜଗାଁ | ୩୬ | ୩୬୬ | ବାହାଲ ପାଣି ଦୁଇ | ୧.୩୫ | ଏ | ୦.୦୮ | |
| ୨. | ଅନସୁନ୍ଦର ପାଣିଗ୍ରାହୀ, ପି.– ନିରଞ୍ଜନ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ତରଭା | ୩୫ | ୩୬୧ | ବାହାଲ ପାଣି ଦୁଇ | ୧.୫୩ | ଏ | ୦.୦୫ | |
| ୩. | ଈଶ୍ୱର ମହାପାତ୍ର, ପି.– କୃତ୍ତିବାସ ମହାପାତ୍ର, ଜା: ବ୍ରାହ୍ମଣ, ବା: ବଇଁରାସର | ୧୦ | ୩୫୫ | ବାହାଲ ପାଣି ଦୁଇ | ୧.୦୮ | ଏ | ୦.୧୫ | |
| ୪. | ଅରକ୍ଷିତ ମହାପାତ୍ର, ପି.– କୃତ୍ତିବାସ ମହାପାତ୍ର, ଜା: ବ୍ରାହ୍ମଣ, ବା: ବଇଁରାସର | ୦୬ | ୩୫୯ | ବାହାଲ ପାଣି ଦୁଇ | ୧.୭୫ | ଏ | ୦.୧୩ | |
| ୫. | ବିଦୁର ମେହେର, ପି.– ଧନମତ ମେହେର, ଜା: ବୁଣାକାର, ବା: ନିଜଗାଁ | ୫୪ | ୩୬୦ | ବାହାଲ ପାଣି ଦୁଇ | ୨.୬ | ଏ | ୦.୩୦ | |
| ୬. | ମହାଦେବ ମିଶ୍ର, ପି.– ଚତୁର୍ଭୁଜ ମିଶ୍ର, ଜା: ବ୍ରାହ୍ମଣ, ବା: ତରଭା | ୧୦୭/୩୯ | ୩୬୭ | ବାହାଲ ପାଣି ଦୁଇ | ୦.୫୯ | ଏ | ୦.୦୪ | |
| | | | ୩୬୫ | ବାହାଲ ପାଣି ଦୁଇ | ୧.୩୩ | ଏ | ୦.୧୩ | |
| | | | ୩୬୪ | ବାହାଲ ପାଣି ଦୁଇ | ୦.୮୪ | ଏ | ୦.୨୮ | |
| | | | ୩୩୬ | ବାହାଲ ପାଣି ଦୁଇ | ୧.୦୮ | ଏ | ୦.୩୩ | |
| ୭. | ସରକାରୀ (ରକ୍ଷିତ) | ୯୭ | ୩୩୫ | ବନ୍ଧ ଆଡ଼ି | ୦.୧୭ | ଏ | ୦.୦୧ | |
| | | | ୩୩୪ | ବନ୍ଧ | ୦.୯୮ | ଏ | ୦.୧୪ | |
| | | | ୩୩୩ | ବନ୍ଧ ଆଡ଼ି | ୦.୭୮ | ଏ | ୦.୧୨ | |
| | | | | | ମୋଟ | ଏ | ୧.୭୬ | |

Sd./- Executive Engineer, R.W. Division, Sonepur
OIPR-25054/11/0009/2021

## OFFICE OF THE MUNICIPAL COUNCIL, JODA

No.-1698 **QUOTATION CALL NOTICE** Dt.-26.02.2021

No. C-553:- Sealed quotations in prescribed Proforma are invited by the Executive Officer, on behalf of the Municipal Council, Joda from the Registered Pvt. Service Provider for providing of Sweeping personals to Kalyan Mandap under Joda Municipality for the financial year 2021-22. The quotation documents for the above mentioned work will be available from the Office of the Executive Officer, Joda Municipality, Joda, Dist- Keonjhar during the Office hours on payment of required amount as mentioned in Column No.-04 against each work ( non- refundable) from dt-01.03.2021 to dt-08.03.2021 up to 5.00 PM. The quotation documents should be submitted through Registered post/ Speed Post/ Courier addressed/ personally (in the tender Box) on or before dt-08.03.2021 upto 5.00 PM in the Office of the Executive Officer, Joda Municipality. The quotation will be opened on 09.03.2021 at 11.30 AM in presence of the quotationer or their authorized agents. The quotationer must be accompanied with required EMD@1% of the estimated costs indicated in Column No.-03 in shape of Bank Draft/ Bankers Cheque/ NSC/ KVP in favour of Executive Officer, Joda Municipality payable at Joda failing which the quotation will be rejected out rightly. All other details can be obtained from the Office of the Executive Officer, Joda Municipality, Joda.

The Authority reserves the right to reject/ accept any or all the tenders without assigning any reason thereof.

| Sl. No. | Name of the Work | Appro-ximate Cost | Cost of quotation Paper | EMD@ 1% to be deposited | Time of Completion | Registered Pvt. Service Provider |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Providing- 5 Nos. Sweeping Staff for Cleaning and Sweeping of Kalyan Mandap in Ward No.-08 under Joda Municipality. | | 1000/- One Thousand Only. | | 12 Months | Registered Pvt. Service Provider |

OIPR-13124/11/0007/2021 Sd./- Executive Officer, Joda Municipality

## ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ଼

ସଂଖ୍ୟା: ୫୮୭ ତା୨୬।୦୨।୨୦୨୧

**ନୋଟିସ୍**

No. C-558: ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଦେବଗଡ଼ ପୌରପରିଷଦ ଅନ୍ତର୍ଗତ ନିମ୍ନ ସଇରାତଗୁଡ଼ିକ ସନ ୨୦୨୧–୨୨ ଆର୍ଥିକ ବର୍ଷ ପାଇଁ ତା୦୧।୦୪।୨୦୨୧ରିଖ ଠାରୁ ୩୧।୦୩।୨୦୨୨ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ତା୦୧।୦୩।୨୦୨୧ରିଖଠାରୁ ୦୯।୦୩।୨୦୨୧ରିଖ ଅପରାହ୍ଣ ୪.୦୦ଘଟିକା ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ଟେଣ୍ଡର ଫର୍ମ ଟ.୧୦୦୦/–ଙ୍କା (ଏକ ହଜାର ଟଙ୍କା) ଦାଖଲ କରି ପୌରକାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା୦୯।୦୩।୨୦୨୧ରିଖ ଅପରାହ୍ଣ ୦୫.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା୧୦।୦୩।୨୦୨୧ରିଖ ପୂର୍ବାହ୍ଣ ୧୧.୩୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ପାଉଣା ଇତ୍ୟାଦି ଆଦାୟ କରିବେ।

**ସର୍ତ୍ତାବଳୀ**

୧. ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ଯେଉଁ ସଇରାତ ସମ୍ପତ୍ତିକୁ ଟେଣ୍ଡର ନେବାକୁ ଚାହାନ୍ତି ସେହି ସମ୍ପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ଦେବଗଡ଼ ପୌରପରିଷଦଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବ ନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ।
୨. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦର ବକେୟା ପାଉଣା ଥିବ ସେମାନେ ଟେଣ୍ଡରରେ ଭାଗ ନେଇ ପାରିବେ ନାହିଁ, ଯଦି କରିଥାନ୍ତି ଗ୍ରହଣୀୟ ହେବ ନାହିଁ।
୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବା ପରେ ଟେଣ୍ଡରଧାରୀ ଉକ୍ତ ଦିନ ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ଏକକାଳୀନ ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତିନାମା ସମ୍ପାଦନା କରିବେ। ଏହା ପରେ ତାଙ୍କୁ ସମ୍ପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ସମସ୍ତ ଟଙ୍କା ପଇଠ ନ କରନ୍ତି, ତାଙ୍କ ଟେଣ୍ଡରଟି ରଦ୍ଦ କରାଯିବ। ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।
୫. ଟେଣ୍ଡର ଧାରୀ ନିମ୍ନ ସମ୍ପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟ ସ୍ଥାନରୁ ମହାସୁଲ ଆଦାୟ କରିବେ।
୬. ଦୈବ ଦୁର୍ବିପାକ କିମ୍ବା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତି ପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସେହି ସମ୍ପତ୍ତି ପରିଚାଳନା ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡରଧାରୀ (ନିର୍ବାହୀ ଅଧିକାରୀ) ଯେ କୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ ନୁହନ୍ତି। ସେ ଇଚ୍ଛା କଲେ ବିନା ନୋଟିସ୍‌ରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ।
୯. ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡର ଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି ତେବେବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବ ନାହିଁ।
୧୦. ତା୦୧।୦୩।୨୦୨୧ରିଖଠାରୁ ୦୯।୦୩।୨୦୨୧ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ୧୦୦୦/–ଙ୍କା (ଏକ ହଜାର ଟଙ୍କା) ମାତ୍ର ଦାଖଲ କରି ପାଇ ପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝି ପାରିବେ।

| କ୍ରମିକ ସଂଖ୍ୟା | ସଇରାତ ସମ୍ପତ୍ତିଗୁଡ଼ିକର ନାମ | ଅମାନତ ଟଙ୍କା | ସର୍ବନିମ୍ନ ଦର |
|---|---|---|---|
| ୦୧ | ପୌରପାଳିକା ଦୈନିକ ପରିବା ବଜାର | ୧,୦୦,୦୦୦/– | ୫,୫୧,୧୦୦/– |
| ୦୨ | ପ୍ରଧାନ ପାଟ ଶୌଚାଳୟ ଓ ପ୍ରଧାନପାଟ ପାର୍କିଂ | ୧୦,୦୦୦/– | ୮୪,୭୦୦/– |
| ୦୩ | ପୁରୁଣା ବଜାର (ଗଣେଶ ମଣ୍ଡପ) ସହ ସମସ୍ତ ଠେଲା ଓ ଉଠା ଦୋକାନୀ | ୫୦,୦୦୦/– | ୨,୭୪,୩୪୦/– |

ସ୍ୱା./– ନିର୍ବାହୀ ଅଧିକାରୀ, ପୌରପରିଷଦ, ଦେବଗଡ଼
OIPR-13088/11/0004/2021

Annexure-A

ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

**ବିଜ୍ଞାପନ**

**୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ୮ମ ରାଜ୍ୟ ଟେଲି ପୁରସ୍କାର-୨୦୧୯ ପାଇଁ ଦରଖାସ୍ତ ଆହ୍ୱାନ**

No. RR-20:- ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚଳିତବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର–୨୦୧୯ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ ୮ମ ଟେଲି ପୁରସ୍କାର–୨୦୧୯ ପାଇଁ ୨୦ ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ତା୨୦।୦୨।୨୦୨୧ରିଖ ସୁଦ୍ଧା ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଏହି ସମୟ ମଧ୍ୟରେ ସ୍ୱଳ୍ପ ସଂଖ୍ୟକ ପ୍ରଯୋଜକ ଉକ୍ତ ପୁରସ୍କାର ନିମନ୍ତେ ଆବେଦନ କରିଥିବାରୁ ବିଭାଗର ନିଷ୍ପତ୍ତିକ୍ରମେ ଏଥିନିମନ୍ତେ ଆବେଦନ କରିବା ଅବଧିକୁ ତା୧୦।୦୩।୨୦୨୧ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୧୦।୦୩।୨୦୨୧ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଯୋଜିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ମୌଳିକ ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଦାଖଲ କରାଯାଉଥିବା DVD/ CD/ Pendriveଗୁଡ଼ିକର ୧. କାହାଣୀ (୧୦ କପି), ୨. ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), ୩. କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦ କପି) ଲେଖାଏଁ ସଂଲଗ୍ନ କରାଯିବା ଆବଶ୍ୟକ । ପ୍ରତ୍ୟେକ ଚଳଚ୍ଚିତ୍ରର DVD/ CD/ Pendrive ସହିତ Censor Certificate ର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ଆବଶ୍ୟକ, ଏହା ଟେଲି ଧାରାବାହିକ ଓ ଟେଲି ଚଳଚ୍ଚିତ୍ର ପାଇଁ ଆବଶ୍ୟକ ନୁହେଁ । ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା DVD/ Pendrive ଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ । ଟେଲି ଧାରାବାହିକ ପୁରସ୍କାର ୨୦୧୯ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ଅଭିନେତ୍ରୀ, ଖଳନାୟକ/ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ । ଏଥି ସହିତ ଧାରାବାହିକର ଟାଇଟିଲ୍ କାର୍ଡ଼ ସମ୍ବଳିତ ଅନ୍ୟ ଏକ DVD/Pendrive ମଧ୍ୟ ଦାଖଲ କରିବା ଆବଶ୍ୟକ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ଉପରୋକ୍ତ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର–୨୦୧୯ ଓ ରାଜ୍ୟ ୮ମ ଟେଲି ପୁରସ୍କାର–୨୦୧୯ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ରର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବ୍‌ସାଇଟ୍– **www.odishaculture.gov.in**ରେ ଉପଲବ୍ଧ ଅଛି ।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ । ଟେଲି ଧାରାବାହିକଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲ୍‌ଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ୍) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ମୌଳିକ ଚଳଚ୍ଚିତ୍ର / ଧାରାବାହିକ / ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ ।
୩. କିନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ ।
୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/–ଙ୍କା (ଅଣଫେରସ୍ତ), ଟେଲି ଧାରାବାହିକ / ଚଳଚ୍ଚିତ୍ର ପାଇଁ ଟ.୩,୦୦୦/–ଙ୍କା (ଅଣଫେରସ୍ତ) ଓ ନନ୍–ଫିଚର ଫିଲ୍ମ ପାଇଁ ଟ.୧,୫୦୦/–ଙ୍କା (ଅଣଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ **Director, Odia Language, Literature & Culture, Odisha, Bhubaneswar**ଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ ।
୫. ଦରଖାସ୍ତ ପଠାଇବାର ଠିକଣା: ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର–୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: **୧୦।୦୩।୨୦୨୧ ।**
୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ–୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ–୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ ।
୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ–୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ–୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏହି ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ ।
୮. ଏହି ବିଭାଗର ପୂର୍ବ ପ୍ରକାଶିତ ବିଜ୍ଞାପନ ଦ୍ୱାରା ଯେଉଁମାନେ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର– ୨୦୧୯ ଓ ୮ମ ରାଜ୍ୟ ଟେଲି ପୁରସ୍କାର–୨୦୧୯ ପାଇଁ ନିର୍ଦ୍ଧାରିତ ତା୨୦।୦୨।୨୦୨୧ ସୁଦ୍ଧା ଆବେଦନ କରିଛନ୍ତି ସେମାନେ ପୁନଶ୍ଚ ଆବେଦନ କରିବା ଆବଶ୍ୟକ ନାହିଁ ।

ସ୍ୱା./– ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର - ୭୫୧୦୧୪
OIPR-03001/11/0014/2021



ବଲିଉଡ ନାୟିକା ଶ୍ରଦ୍ଧା କପୁର ମାଲଦ୍ୱୀପ ଯାଇ ସମୁଦ୍ର କୂଳର ମଜା ନେଉଥିବାର ଏକ ଭିଡ଼ିଓ ଶେୟାର କରିଛନ୍ତି। କିନ୍ତୁ ସେ ସେଠାକୁ ଛୁଟି କାଟିବାକୁ ନୁହେଁ ବରଂ ସମ୍ପର୍କୀୟ ଭାଇ ପ୍ରିୟାଙ୍କ ଶର୍ମାଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିବା ଜଣାପଡିଛି। ଶ୍ରଦ୍ଧା ଲେହେଙ୍ଗା ପିନ୍ଧି ସମୁଦ୍ର କୂଳର ମସ୍ତି କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଆଉ ଏକ ଭିଡିଓରେ ସେ ତାଙ୍କ ପରିବାର ସଦସ୍ୟଙ୍କ ସହ ବିବାହ କାର୍ଯ୍ୟରେ ଯୋଗ ଦେଉଥିବା ଦେଖାଯାଇଛି ।



ପ୍ରିୟଙ୍କା ଚୋପ୍ରା

# ହଲିଉଡ ଅନୁଭୂତି କହିଲେ ଦେଶୀଗର୍ଲ

**ମୁମ୍ବାଇ:** ବଲିଉଡ ଦେଶୀଗର୍ଲ ଭାବେ ପରିଚିତ ପ୍ରିୟଙ୍କା ଚୋପ୍ରା। ହଲିଉଡରେ ବି ସେ ନିଜ ପାଇଁ ତିଆରି କରିପାରିଛନ୍ତି ସ୍ୱତନ୍ତ୍ର ପରିଚୟ। ନିକଟରେ ପ୍ରକାଶିତ ତାଙ୍କ ପୁସ୍ତକ 'ଅନଫିନିସଡ୍'କୁ ଭଲ ରେସପନ୍ସ ମିଳିଛି । ତେବେ ଏହି ଅବସରରେ ଏକ ସାକ୍ଷାତକାରରେ ସେ ତାଙ୍କ ହଲିଉଡ ଅନୁଭୁତି ବଖାଣିଛନ୍ତି । ସେ କହିଛନ୍ତି ହଲିଉଡ ଏଣ୍ଟରଟେନମେଣ୍ଟ ଦୁନିଆରେ ଖୁବ କମ କଳାକାର ଶ୍ୟାମଳ ବର୍ଣ୍ଣର ହୋଇଥାଆନ୍ତି । ମାନେ ହାତଗଣତି। ହେଲେ ଆମେ ଯେତେବେଳେ ନୂଆ ସମ୍ଭାବନାକୁ ଖୋଜୁଥାଉ ସେତେବେଳେ ଆମରି ଲୋକ ହିଁ ଆମକୁ ନକାରାତ୍ମକ କଥା କହିଥାଆନ୍ତି । ଯାହା ମୋତେ ସାମ୍ନା କରିବାକୁ ପଡିଛି । ସେ କହିଛନ୍ତି ହଲିଉଡ୍‌ରେ ପ୍ରବେଶ ସମୟରେ ତାଙ୍କୁ ପ୍ରଶଂସକଙ୍କ ଢେର ଭଲପାଇବା ମିଳିଥିଲା କିନ୍ତୁ ନିଜର ଲୋକଙ୍କଠାରୁ ନକାରାତ୍ମକ କଥା ଶୁଣିବାକୁ ମିଳିଥିଲା। ୨୦୧୫ରେ 'କ୍ୱାଣ୍ଟିକୋ'ରୁ ତାଙ୍କର ସେ ହଲିଉଡ ଯାତ୍ରା ଆରମ୍ଭ ହୋଇଥିଲା। ସେହି ସମୟରେ ସେ ଅନୁଭବ କରିଥିଲେ କି ହଲିଉଡ୍‌ରେ ପ୍ରବେଶ ଲାଗି ସେଠାରେ କେତେଜଣଙ୍କୁ ଭାରତୀୟ ଆଦୌ ପସନ୍ଦ ନୁହନ୍ତି । ବିଶେଷ କରି ମୁଖ୍ୟ ଭୂମିକାରେ ଅର୍ଥାତ୍ ନାୟକ ବା ନାୟିକା ଇଣ୍ଡିଆନ ହେବା ସହଜରେ ଗ୍ରହଣୀୟ ହୋଇ ନ ଥାଏ । ଯାହାବି ହେଉ ବହୁ ଘାତ ପ୍ରତିଘାତକୁ ସାମ୍ନା କରିଥିବା ପ୍ରିୟଙ୍କା ଏବେ ହଲିଉଡ୍‌ରେ ବି ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଏବେ ଲଣ୍ଡନରେ 'ଟେକ୍ସଟ ଫର୍ ୟୁ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ପ୍ରିୟଙ୍କା ।

# ପୃଥିବୀରେ ଶତାୟୁଙ୍କ ସଂଖ୍ୟା ୬ ଲକ୍ଷ ଛୁଇଁବ

**ଜେନେଭା:** ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ବିଜ୍ଞାନର ବିକାଶ ଯୋଗୁ ଏବେ ପୃଥିବୀରେ ଶତାୟୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ ୧୦୦ ଅବା ୧୦୦ରୁ ଅଧିକ ବର୍ଷ ଜୀବିତ ରହିବା ସହଜ ହୋଇପାରୁଛି। ବିକଶିତ ଏବଂ ବିକାଶଶୀଳ ଦେଶରେ ଶତାୟୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଚଳିତ ୨୦୨୧ ବର୍ଷ ଶେଷସୁଦ୍ଧା ପୃଥିବୀରେ ଶତାୟୁଙ୍କ ସଂଖ୍ୟା ୬ ଲକ୍ଷ ଛୁଇଁବ। ଏବେ ପୃଥିବୀରେ ୫ ଲକ୍ଷ ୭୩ ହଜାର ୪୨୩ ଜଣ ଶତାୟୁ ରହିଛନ୍ତି। ସେଥିମଧ୍ୟରୁ ଆମେରିକାରେ ଶତାୟୁଙ୍କ ସଂଖ୍ୟା ସର୍ବାଧିକ ଅର୍ଥାତ ୯୭ ହଜାର ରହିଛି। ଆମେରିକା ତଳକୁ ଏହି ତାଲିକାରେ ଜାପାନ ଦ୍ୱିତୀୟ ସ୍ଥାନରେ ଅଛି। ଜାପାନରେ ଶତାୟୁଙ୍କ ସଂଖ୍ୟା ୭୯ ହଜାରରେ



ପହଞ୍ଚିଛି। ୧୯୫୦ରେ ପୃଥିବୀରେ ୩୩ ହଜାର ୮୯୯ ଜଣ ଶତାୟୁ ଥିଲେ। ୧୯୬୨ ବେଳକୁ ଶତାୟୁଙ୍କ ସଂଖ୍ୟା କମି ୨୦ ହଜାର ୧୧୯ରେ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଚିକିତ୍ସା ବିଜ୍ଞାନରେ ବିକାଶ ଯୋଗୁ ଏହି ସଂଖ୍ୟା ବଢ଼ିବାରେ ଲାଗିଥିଲା। ୧୯୯୦ରୁ ୨୦୧୫ ମଧ୍ୟରେ ଶତାୟୁଙ୍କ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇଥିଲା। ୧୯୯୦ରେ ଏହି ସଂଖ୍ୟା ୯୫ ହଜାର ଥିବାବେଳେ ୨୦୧୫ରେ ଏହା ୪ ଲକ୍ଷ ୫୧ ହଜାର ଛୁଇଁଥିଲା। ୨୦୫୦ ବେଳକୁ ପୃଥିବୀରେ ଶତାୟୁଙ୍କ ସଂଖ୍ୟା ୩୬ ଲକ୍ଷ ୭୬ ହଜାରରେ ପହଞ୍ଚିବ। ସେତେବେଳେ ଚାଇନାରେ ସର୍ବାଧିକ ଶତାୟୁ ରହିବେ। ଶତାୟୁ ବାସ କରୁଥିବା ପୃଥିବୀର ୫ ଶୀର୍ଷ ଦେଶରେ ଚାଇନା, ଜାପାନ, ଆମେରିକା, ଇଟାଲୀ ଏବଂ ଭାରତ ରହିବେ। ଭାରତ ତାଲିକାର ୫ମ ସ୍ଥାନରେ ରହିବ। ଚାଇନାରେ ଶତାୟୁଙ୍କ ସଂଖ୍ୟା ୬ ଲକ୍ଷ ୨୦ ହଜାରରେ ପହଞ୍ଚିବ। ଅପରପକ୍ଷରେ ଭାରତରେ ୨ ଲକ୍ଷ ୭ ହଜାର ଶତାୟୁ ବାସ କରୁଥିବେ ବୋଲି ଜାତିସଂଘ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୫ରେ ଭାରତରେ ଶତାୟୁଙ୍କ ସଂଖ୍ୟା ୨୭ ହଜାରରେ ପହଞ୍ଚିଥିଲା। ମାତ୍ର ଏହି ସଂଖ୍ୟା ଏବେ ବଢ଼ିବାରେ ଲାଗିଛି।

# ପୁରସ୍କାରରେ ମିଳିଲା ୫ ଲିଟର ପେଟ୍ରୋଲ

**ନୂଆଦିଲ୍ଲୀ:** ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କିଛି ରାଜ୍ୟରେ ପେଟ୍ରୋଲ ଦାମ ଲିଟର ପ୍ରତି ୧୦୦ ଟଙ୍କା ହୋଇସାରିଛି। ଏହା ସାଧାରଣଜନତା ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ବିରୋଧି ଦଳମାନେ ସମାଲୋଚନା କରୁଛନ୍ତି। ଏହି ସମୟରେ ମଧ୍ୟପ୍ରଦେଶର ଭୋପାଳରେ ଏକ ଆଶ୍ଚର୍ଯ୍ୟକର ଘଟଣା ଘଟିଛି। ଏଠାରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମ୍ୟାନ ଅଫ ଦ ମ୍ୟାଚ ହୋଇଥିବା ଖେଳାଳିଙ୍କୁ ପୁରସ୍କାରସ୍ୱରୂପ ୫ ଲିଟର ପେଟ୍ରୋଲ ଦିଆଯାଇଛି। ଏହାର ଫଟୋ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଛି। ପେଟ୍ରୋଲ ଭର୍ତ୍ତି ଥିବା ଡବାରେ 'ମନୋଜ ଶୁକ୍ଲା ପ୍ରିମିୟର ଲିଗ, ମୋଦି ବ୍ରାଣ୍ଡର ଦୁର୍ଲଭ ପେଟ୍ରୋଲ, ୫ ଲିଟରର ମୂଲ୍ୟ ୫୧୦ଟଙ୍କା ମ୍ୟାନ ଅଫ ଦ ମ୍ୟାଚ'ବୋଲି ଲେଖାଯାଇଛି। ତେବେ ଟୁର୍ଣ୍ଣାମେଣ୍ଟକୁ ଭୋପାଳ କଂଗ୍ରେସର ନେତା ମନୋଜ ଶୁକ୍ଳା ଆୟୋଜନ କରିଥିବା ଜଣାପଡ଼ିଛି। ଏହାର ଫାଇନାଲ ମୁକାବିଲା ରବିବାର ଖେଳାଯାଇଥିଲା। ସଲାଉଦ୍ଦିନ ଅବ୍ବାସୀ ଏଥିରେ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ। ଏବେ ତାଙ୍କର ଫଟୋ ଭାଇରାଲ ପରେ ଲୋକେ ଭଳିକି ଭଳି ପ୍ରତିକ୍ରିୟା ଦେଉଛନ୍ତି।


## Marriage Wish



LOPAMUDRA
Weds
SURYAKANT
Tampada, Niali, Cuttack
Wishing you both love & happiness...
-:Congratulations:-
On your wedding day.
Nani, Bhaina, Lucky & Little, Pipli.
D-20116


# କପେ ଚା'କୁ ୧୦୦୦ ଟଙ୍କା

ବଜାରରେ ଉପଲବ୍ଧ ହୋଇଥାଏ ଭଳିକି ଭଳି ଚା'। ଅଦା ଚା', ଲବଙ୍ଗ ଚା' ଠାରୁ ଆରମ୍ଭ କରି ମସଲା ଚା' ପର୍ଯ୍ୟନ୍ତ, ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ପରଷି ଦିଅନ୍ତି ଦୋକାନୀ। ଏହାର ଗୋଟିଏ କପ୍‌ର ମୂଲ୍ୟ ବିଭିନ୍ନ ସ୍ଥାନରେ ଭିନ୍ନ ଥାଏ। କେଉଁଠି ୬ ଟଙ୍କା ଦେଇ ତ କେଉଁଠି ୧୦,୧୫ ନଚେତ ୨୦ ଟଙ୍କା ଦେଇ ଚା' ପିଇଥାନ୍ତି ଲୋକେ। ହେଲେ ଯଦି ଆମେ କହୁ ୧ହଜାର ଟଙ୍କିଆ ଚା' ପିଇବେ? ଆପଣ ଉତ୍ତର ଦେଇ ପାରନ୍ତି ଚା' ପିଆଇବ ନା ସୁନା। ପଶ୍ଚିମବଙ୍ଗର କୋଲକାତାରେ ଗୋଟିଏ କପ ଚା' ୧ହଜାର ଟଙ୍କାରେ ବିକ୍ରି ହେଉଛି। ଏହି ଚା'ର ନାମ ରହିଛି 'ବୋ-ଲେ'। ଏହି ଖାସ ଚା'ର ପତି ବି ସ୍ୱତନ୍ତ୍ର। କାରଣ ଏକ କିଗ୍ରା ଚା' ପତିର ଦାମ ୩ ଲକ୍ଷ ଟଙ୍କା । ୭ ବର୍ଷ ପୂର୍ବେ କୋଲକାତାରେ ରହୁଥିବା ପାର୍ଥ ପ୍ରତିମ ଗାଙ୍ଗୁଲୀ ନିଜର ଚା' ଷ୍ଟଲ(ନିର୍ଜାସ) ଆରମ୍ଭ କରିଥିଲେ। ଏଠାରେ ସେ ଭଳିକି ଭଳି ଚା' ବିକ୍ରି କରିଥାନ୍ତି।

## ବିଶ୍ୱ ବନ୍ୟପ୍ରାଣୀ ଦିବସ

# ଜଙ୍ଗଲ-ଜୀବିକାକୁ ବିସ୍ଥାପନ ଅଡୁଆ

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟଜନ୍ତୁ ଓ ଉଦ୍ଭିଦଙ୍କ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଦିନଟିଏ। ଜାତିସଂଘ କ୍ୟାଲେଣ୍ଡରରେ ମଧ୍ୟ ବନ୍ୟଜନ୍ତୁଙ୍କ ପାଇଁ ଏହି ବିଶେଷ ଦିନର ବିଶ୍ୱସ୍ତରୀୟ ପାଳନ ପାଇଁ ଘୋଷଣା କରାଯାଇଛି। ତେବେ ଚଳିତ ବର୍ଷର ଥିମ୍ ରଖାଯାଇଛି 'ଫରେଷ୍ଟସ ଆଣ୍ଡ ଲାଇଭ୍‌ଲିହୁଡ୍: ସଷ୍ଟେନିଙ୍ଗ ପିପୁଲ ଆଣ୍ଡ ପ୍ଲାନେଟ'। ବିଶ୍ୱରେ ଶହ ଶହ କୋଟି ଲୋକଙ୍କ ଜୀବିକା ବଜାୟ ରଖିବାରେ ଜଙ୍ଗଲ, ଜଙ୍ଗଲ ପ୍ରଜାତି



ଦେବ୍ରିଗଡ଼ ଅଭୟାରଣ୍ୟ ଅଞ୍ଚଳ।

ଓ ଇକୋ ସିଷ୍ଟମ ସେବାଗୁଡିକର କେନ୍ଦ୍ରୀୟ ଭୂମିକାକୁ ଆଲୋକିତ କରିବା ପାଇଁ ଏହା ଏକ ମାଧ୍ୟମ ହେବ। ବିଶେଷ ଭାବରେ ଜଙ୍ଗଲ ତଥା ସଂଲଗ୍ନ ଅଞ୍ଚଳ ସହିତ ବହୁ କାଳ ଧରି ଯୋଡ଼ି ହୋଇ ରହିଥିବା ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ବେଶ୍ ଗୁରୁତ୍ୱ ବହନ କରିବ। ଆମ ରାଜ୍ୟ ପାଇଁ ମଧ୍ୟ ବିଶ୍ୱ ବନ୍ୟଜନ୍ତୁ ଦିବସ ୨୦୨୧ ନୂଆ ବାର୍ତ୍ତା ଦେବ। ଓଡ଼ିଶା ଉଭୟ ଜଙ୍ଗଲ ଓ ସାମୁଦ୍ରିକ ବନ୍ୟପ୍ରାଣୀ ଏବଂ ଉଦ୍ଭିଦଙ୍କୁ ନେଇ ସମୃଦ୍ଧଶାଳୀ। ଭାରତରେ ଅନେକ ରାଜ୍ୟରେ ସମୁଦ୍ର ମଧ୍ୟ ନାହିଁ। ହେଲେ ଦୁଃଖର ବିଷୟ, ରାଜ୍ୟରେ ଜଙ୍ଗଲ ଓ ଜୀବିକା ଦୀର୍ଘଦିନ ଧରି ସଂକଟ ଭିତରେ ରହି ଆସିଛି। ଜଙ୍ଗଲ ପରିଚାଳନାରେ ବିସ୍ଥାପନ ଓ ସାମୁଦ୍ରିକ ପରିଚାଳନାରେ ସାମୟିକ ମାଛଧରା କଟକଣା ଆଡୁଆ ସାଜିଛି। ବନ୍ୟପ୍ରାଣୀ ପରିଚାଳନାରେ ରାଜ୍ୟ ବନବିଭାଗ ବାରମ୍ବାର ବିଫଳ ହେଉଥିବା ଅଭିଯୋଗ ହେଉଛି।

**ଶିମିଳିପାଳ:** ଯଦିଓ ୱିକିପେଡିଆରେ ଶିମିଳିପାଳକୁ ଏକ ଜାତୀୟ ଉଦ୍ୟାନ ବୋଲି ଦର୍ଶାଯାଉଛି, କିନ୍ତୁ ଏହାର ବାସ୍ତବତା ଭିନ୍ନ କଥା କହୁଛି। ଜାତୀୟ ଉଦ୍ୟାନ ମାନ୍ୟତା ପାଇଁ ପ୍ରଥମ ଯୋଗ୍ୟତା ହେଲା କୋର୍ ଏରିଆ ମଧ୍ୟରେ ଗୋଟିଏ ହେଲେ ଗାଁ ବା ଜନବସତି ରହିବ ନାହିଁ। କିନ୍ତୁ ଆଜି ଯାଏ ବନବିଭାଗ ଶିମିଳିପାଳର କୋର୍ ଏରିଆରୁ ସବୁ ଗାଁ କୁ ବିସ୍ଥାପନ କରିବାରେ ସଫଳ ହୋଇପାରି ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ବନ ଅଧିକାରୀଙ୍କ ଅବହେଳା ଓ ଅପାରଗତା ଯୋଗୁ ଏଯାବତ୍ ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳୁନାହିଁ। ଏଣେ ଶିମିଳିପାଳରେ ମହାବଳ ବାଘଙ୍କ ସଂଖ୍ୟା ହ୍ରାସ ପାଇବା ଓ କିଛି ବର୍ଷ ତଳେ କୋର ଏରିଆରେ ବନ୍ଧୁକ ଚାଳନା ଶିକ୍ଷା ଭିଡିଓ ଭାଇରାଲ ହେବା ଘଟଣା ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ବ୍ୟଥିତ କରିଦେଇଛି।

**ସାତକୋଶିଆ:** ରାଜ୍ୟର ଅନ୍ୟତମ ପ୍ରମୁଖ ସାତକୋଶିଆ ଜଙ୍ଗଲ ମଧ୍ୟ ନାନା ବିବାଦ ଘେରକୁ ଚାଲି ଆସିଛି। ଆବଶ୍ୟକ ପଦକ୍ଷେପ ନିଆ ନ ଯାଇ ସାତକୋଶିଆରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆରମ୍ଭ କରାଗଲା। ଏହା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବାସିନ୍ଦାଙ୍କୁ ବିସ୍ଥାପନ ନ କରି ମଧ୍ୟପ୍ରଦେଶରୁ ୨ଟି ମହାବଳ ବାଘ ଆଣି ଛଡାଗଲା। ମହାବୀରକୁ ଶିକାରୀମାନେ ମାରିଦେଲେ ଓ ସୁନ୍ଦରୀ ମଣିଷ ମାରିବା ଅଭିଯୋଗରେ ଏବେ ବନ୍ଦୀ ଜୀବନ ବିତାଉଛି। ଏଥିପାଇଁ ଏନ୍‌ଟିସିଏ ଦାୟିତ୍ୱରେ ଥିବା ବଡ଼ ଅଧିକାରୀଙ୍କୁ ଦୋଷ ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପଦକ୍ଷେପ ବଦଳରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଘଣ୍ଟା ଘୋଡ଼ାଯିବାରୁ ଏବେ ଜଙ୍ଗଲ ଓ ଜୀବିକାରେ ସମନ୍ୱୟ ରକ୍ଷା ପୂରା ଫେଲ୍ ମାରିଛି। ବନ୍ୟପ୍ରାଣୀଙ୍କୁ ବିପଦ ମୁହଁକୁ ଠେଲି ଦିଆଯାଉଛି।

**ଦେବ୍ରିଗଡ଼:** ବରଗଡ଼ ଜିଲାରେ ଥିବା ଦେବ୍ରିଗଡ ଅଭୟାରଣ୍ୟରେ ବହୁ ଆଶା ଓ ସୁଯୋଗ ଥିଲେ ମଧ୍ୟ ବନ ବିଭାଗର ଅପାରଗତା ଯୋଗୁ ଜଙ୍ଗଲ ଓ ଜୀବିକା ପରସ୍ପରର ଶତ୍ରୁ ପାଲଟିଛି। ଯଦିଓ ଅଭୟାରଣ୍ୟର କୋର ଏରିଆରେ ଥିବା ଗାଁଗୁଡିକୁ ବିସ୍ଥାପନ କରିବାରେ କିଛିଟା ସଫଳତା ମିଳିଛି, ହେଲେ ଦୁର୍ନୀତି ଯୋଗୁ ଶିକାର କମିବାର ନା ନେଉନାହିଁ। ଦୁଇବର୍ଷ ତଳେ ଏକ ଅଣ୍ଡିରା ମହାବଳ ବାଘକୁ ଶିକାରୀମାନେ ମାରି ପୋଡି ପୋତି ଦେଇଥିଲେ। ହେଲେ ବଡ ବାବୁମାନେ ମହାବଳକୁ କଲରା ପତରିଆ ବୋଲି ଦେଖେଇବାକୁ ଯାଇ ବୃଥା ଚେଷ୍ଟା କରି ଧରାପଡିଯାଇଥିଲେ।

**ଭିତରକନିକା ଜାତୀୟ ଉଦ୍ୟାନ** ବନ୍ୟପ୍ରାଣୀ କ୍ଷେତ୍ରରେ ଗର୍ବ ଓ ଗୌରବ ହେଉଛି ରାଜ୍ୟର ଏକମାତ୍ର ଭିତରକନିକା ଜାତୀୟ ଉଦ୍ୟାନ। ଜଙ୍ଗଲ ଓ ଜୀବିକା ମଧ୍ୟରେ ଦ୍ୱନ୍ଦ୍ୱକୁ ଅନେକ ପରିମାଣରେ ପ୍ରଶମନ କରିବାରେ ସ୍ଥାନୀୟ ବନ ବିଭାଗ ସଫଳତା ପାଇଛି । ଯଦିଓ ବଉଳା କୁମ୍ଭୀରଙ୍କ ଯୋଗୁ କିଛି ଜୀବନ ହାନିର ନଜିର ରହିଛି, ହେଲେ ବନ୍ୟ ପ୍ରାଣୀ ପରିଚାଳନାରେ ସଫଳ ପଦକ୍ଷେପକୁ ପ୍ରଶଂସା କରାଯାଉଛି। ବିଶେଷକରି ଅଲିଭ ରିଡ୍‌ଲେ କଇଁଛ ପାଇଁ ସମୁଦ୍ର ଓ ବଉଳା କୁମ୍ଭୀର ପାଇଁ ନଦୀଗୁଡ଼ିକରେ ମାଛଧରା କଟକଣା ଜାରି ସମୟରେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ରାଶନ କାର୍ଡ ମାଧ୍ୟମରେ ଖାଦ୍ୟଦ୍ରବ୍ୟ ବଣ୍ଟନ କରାଯାଉଛି। ଏହାଦ୍ୱାରା ଜଙ୍ଗଲ ଓ ଜୀବିକାର ସମନ୍ୱୟ ରକ୍ଷା ହୋଇପାରିଛି।

**ଚିଲିକା:** ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଜଙ୍ଗଲ ଓ ଜୀବିକାର ଏକ ଅପୂର୍ବ ମିଶ୍ରଣ। ଜୀବିକା ଅର୍ଥାତ୍ ଚିଙ୍ଗୁଡି ଘେରିକୁ ନେଇ ବହୁସମୟରେ ରକ୍ତପାତ ହୋଇଛି। ଏଣେ ପକ୍ଷୀଙ୍କ ସ୍ୱର୍ଗ ମଙ୍ଗଳାଯୋଡ଼ି ବନ୍ୟପ୍ରାଣୀ ପରିଚାଳନାରେ ଆଉଏକ ସଫଳତାର ସ୍ୱାକ୍ଷର ବହନ କରୁଛି।

ଉପସ୍ଥାପନା: ଅସମାପିକା ସାହୁ

## ବିସ୍ଥାପନ ପ୍ରକ୍ରିୟା ସମ୍ଭବ ନୁହେଁ

ରାଜ୍ୟରେ ବିସ୍ଥାପନ ପ୍ରକ୍ରିୟା ସମ୍ଭବ ନୁହେଁ। ଶିମିଳିପାଳରେ ଆଜିପର୍ଯ୍ୟନ୍ତ ସବୁଗାଁକୁ ବିସ୍ଥାପନ କରାଯାଇ ପାରିଲା ନାହିଁ। ସେପଟେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଯୋଜନାକୁ ଭୁଲିଯିବା ଦରକାର। କାରଣ ଏଠାରେ ୧୦୦ ଗାଁ କୁ ବିସ୍ଥାପନ କରିହେବ ନାହିଁ।

– ବିଶ୍ୱଜିତ ମହାନ୍ତି,
ବନ୍ୟପ୍ରାଣୀ ବିଶେଷଜ୍ଞ



ଭିତରକନିକା

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ




ବନ୍ୟ ଜୀବଜନ୍ତୁ ତଥା ବୃକ୍ଷଲତା ପରିବେଶ ସନ୍ତୁଳନ ରକ୍ଷାକରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି। ବନ୍ୟଜୀବଙ୍କୁ ମଣିଷ ଅନବରତ ଧ୍ୱଂସ କରିବା ଦ୍ୱାରା ଜଳବାୟୁରେ ପରିବର୍ତ୍ତନ ହେଉଛି। ଏଣୁ ମାନବ ଜୀବନ ସୁରକ୍ଷିତ ରଖିବାକୁ ହେଲେ ଆମକୁ ବନ୍ୟଜନ୍ତୁ ଓ ବୃକ୍ଷଲତା ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ବନ୍ୟପ୍ରାଣୀ ବିନା ପୃଥିବୀ ଏକ ଶୁଷ୍କ ଗ୍ରହ ପାଲଟିଯିବ ଯେଉଁଠି ଜୀବନ ସମ୍ଭବ ହୋଇପାରିବ ନାହିଁ। ବନ୍ୟଜୀବନଙ୍କ ସୁରକ୍ଷା କରି ଆମେ ନିଜ ତଥା ପୃଥିବୀର ଅସ୍ତିତ୍ୱକୁ ରକ୍ଷା କରିପାରିବା। ସୂଚନାଯୋଗ୍ୟ ସଙ୍କଟରେ ଥିବା ଜୀବ ତଥା ଜଙ୍ଗଲର ସୁରକ୍ଷା ପାଇଁ ୩ ମାର୍ଚ୍ଚ ୧୯୭୩ରେ ସିଆଇଟିଇଏସ୍(କନଭେସନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜର୍ଡ ସ୍ପେସିସ୍)ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୩ରେ ଥାଇଲାଣ୍ଡର ବ୍ୟାଙ୍କକରେ ଅନୁଷ୍ଠିତ ସିଆଇଟିଇଏସ୍‌ର ୧୬ତମ ଅଧିବେଶନରେ ପ୍ରଥମେ ଏହି ଦିବସ ପାଳନ କରାଯିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ବିଚାରକୁ ନେଇ ୨୦ ଡିସେମ୍ବର ୨୦୧୩ରେ ଜାତିସଂଘ ସାଧାରଣ ପରିଷଦର ୬୮ତମ ଅଧିବେଶନରେ ୩ ମାର୍ଚ୍ଚକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ଘୋଷଣା କରାଯାଇଥିଲା। ୨୦୧୪ରେ ପ୍ରଥମ ଥର ଲାଗି ଏହି ଦିବସ ପାଳନ କରାଯାଇଥିଲା। ତେବେ ସବୁ ବର୍ଷ ଭଳି ମଧ୍ୟ ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି, 'ଜଙ୍ଗଲ ଓ ଜୀବିକା : ଗ୍ରହ ଓ ଜୀବନର ଅସ୍ତିତ୍ୱ ରକ୍ଷା'। ବିଶ୍ୱର ସନ୍ତୁଳନ ବଜାୟ ରଖିବାରେ ଜଙ୍ଗଲ, ଜଙ୍ଗଲ ପ୍ରାଣୀ, ଇକୋସିଷ୍ଟମର ମୁଖ୍ୟ ଭୂମିକା ରହିଛି। ବିଶ୍ୱରେ ଦାରିଦ୍ର ଦୂରୀକରଣ, ସମ୍ବଳର ନିରନ୍ତର ବ୍ୟବହାର ଭଳି ଜଙ୍ଗଲ ଜୀବନ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ମିଳିତ ଜାତିସଂଘ ପ୍ରତିବଦ୍ଧ।


GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/-
ଟଙ୍କା ପାଆନ୍ତୁ +
ଚାକିରୀ ପାଆନ୍ତୁ



Bansal Tower B Wing, Bangalore, Karnataka-400021.
9485687401
8901064681



## ମନେ ପଡ଼ନ୍ତି

### ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସଂଯୁକ୍ତା କୁମାରୀ ପ୍ରଧାନ
ଶିକ୍ଷୟିତ୍ରୀ
ଭୁବନପୁର ସ୍ୱାଧୀନ କଲୋନୀ, ନିମାପଡ଼ା, ପୁରୀ
ଆବିର୍ଭାବ: ୨୦।୦୮।୧୯୬୦
ତିରୋଧାନ: ୦୩।୦୨।୨୦୧୦
ବିତିଗଲାଣି ଯେ ୧୧ବରଷ ସିନା
ଭୁଲି ହେଉନାହିଁ କେବେ।
କେମିତି କାଟିବୁ ବାକିଦିନ ସବୁ
କାନ୍ଦିବୁ ସିନା ନୀରବେ।
ଅମର ଆତ୍ମାର ସଦ୍‌ଗତି ପାଇଁ
କରୁଛୁ ସର୍ବେ ପ୍ରାର୍ଥନା।
ପ୍ରଭୁ ଶ୍ରୀଜଗନ୍ନାଥ ପୂରଣ କରନ୍ତୁ
ସଭିଙ୍କ ମନୋ କାମନା।।
-:ଶୋକସନ୍ତପ୍ତ:-
ସ୍ୱାମୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୨୦୦୯୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅର୍ଜୁନ ଛୁଆଳସିଂହ
ଗୌତମନଗର, ଭୁବନେଶ୍ୱର
ଆବିର୍ଭାବ: ୩୦।୧୦।୧୯୩୦
ତିରୋଧାନ: ୦୮।୦୨।୨୦୧୫
ଆପଣଙ୍କ ସ୍ନେହ ଓ ଉତ୍ସର୍ଗୀକୃତ ମନୋଭାବ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୧୨୨

### ଏକାଦଶାହ ଉପଲକ୍ଷେ



୰ବ୍ରଜକିଶୋର ପାଢ଼ୀ ମହାପାତ୍ର
(ଅବସରପ୍ରାପ୍ତ ଶିକ୍ଷକ)
ଷ୍ଟେସନ ବଜାର, ମାର୍କୋଣା, ସିମୁଳିଆ, ବାଲେଶ୍ୱର
ଧରାବତରଣ: ୩୦।୦୧।୩୦
ସ୍ୱର୍ଗାରୋହଣ: ୨୧।୦୨।୨୧
ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଓ ଶ୍ରୀଶ୍ରୀ ବ୍ରଜରାଧାମାଧବଙ୍କଠାରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଭ୍ରାତା, ଭ୍ରାତୃବଧୂ, ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୦୧୧୩

# ଡାଲୁଅ ଧାନରେ ରୋଗ ପୋକ



## ଏ ମାସର କୃଷି ସୂଚନା

**ଧା**ନଜମିରେ କାଣ୍ଡ ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍, ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ସମ୍ଭାବନା ଅଛି। ଏହି ପୋକ ଲାଗିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଏକ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି



ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ଡାଲି ଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ। ଜଳସେଚନ ପୂର୍ବରୁ ଟାର୍ଗା ସୁପର ଦୁଇ ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସଂପୂର୍ଣ୍ଣ ରକ୍ଷା



ମିଳିଥାଏ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଚିନାବାଦାମ ଅମଳ ଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ି ଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ।

**ପନିପରିବା :** ଖରା ଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କଲରା, କାକୁଡ଼ି, ବାଇଗଣ ଲଗାନ୍ତୁ। ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା :- କୋବି, ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ।

**ଫୁଲଚାଷ :** ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ। ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇ ପାରିବ। ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇ ପାରିବ॥

**ପ୍ରାଣୀପାଳନ**

ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଇଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ। ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଇଙ୍କୁ ଚରିବାକୁ ଛାଡୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ। ଜର୍ସୀ, ହୋଲଷ୍ଟିନ୍ ବା ସଙ୍କର ଜାତୀୟ ଗାଇକୁ ଦିନବେଳେ ଗାଧୋଇ ଦିଅନ୍ତୁ।

**ଛେଳି ଓ ମେଣ୍ଢା ପାଳନ :** ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ। ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ୍ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ। ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପି.ପି.ଆର୍. ରୋଗ ଟିକା ଦିଅନ୍ତୁ।

**ମାଛଚାଷ :** ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛଙ୍କୁ ଖାଇବାକୁ ଦିଅନ୍ତୁ।

**ଛତୁଚାଷ :** - ଛତୁଚାଷ କରୁଥିଲେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର-୩*

## ଆଳୁ ଅମଳ ପରେ...

**ବ**ର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରି କି ଆଳୁ କଟି ନ ଯାଏ। ଯଦି କା ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ।



## ବାଟ ଦେଖାଇଛି ପ୍ରାକୃତିକ ସାର

**ସା**ମ୍ପ୍ରତିକ ସମୟରେ ଚାଷର ଉନ୍ନତି ତଥା ଅଧିକ ଅମଳ ପାଇଁ ପେଷ୍ଟିସାଇଡ ଓ ଫର୍ଟିଲାଇଜର ବ୍ୟବହାର ଅତି ଆବଶ୍ୟକ ହୋଇପଡିଥିବା ବେଳେ ଏହାକୁ ଭୁଲ୍ ପ୍ରମାଣିତ କରିଛନ୍ତି ସେ। ପ୍ରକୃତିରୁ ସଂଗୃହୀତ ପତ୍ରଦ୍ୱାରା ସାର ପ୍ରସ୍ତୁତ କରି ସେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚିତ ହୋଇଛନ୍ତି। ସେ ହେଲେ ପ୍ରଦୀପ ମହାନ୍ତ (ମୋ: ୯୫୮୩୦୪୦୮୦୩)। ପ୍ରାକୃତିକ ସାର ପ୍ରୟୋଗ କରି ଚାଷରୁ ଭଲ ଅମଳ ହୋଇପାରିବ ବୋଲି ପ୍ରମାଣିତ କରିଥିବା ପ୍ରଦୀପ ପ୍ରଦୀପଙ୍କ ଜନ୍ମ (ମା'- କୌଶଲ୍ୟା ମହାନ୍ତ, ବାପା- ଜହରଲାଲ ମହାନ୍ତ) କେନ୍ଦୁଝର ଜିଲା ଚମ୍ପୁଆ ନିକଟବର୍ତ୍ତି ଶଙ୍କରପୁର ଗ୍ରାମରେ। ତେବେ ଏପରି ପ୍ରାକୃତିକ ସାର ସମ୍ପର୍କରେ ସେ କହନ୍ତି, ''ଏହି ଉଦ୍ୟମ ମୋର ଆରମ୍ଭ ହୋଇଥିଲା ୨୦୧୧ରୁ। ପ୍ରଥମେ ମୁଁ ନିଜ ବାଡିରେ ଚାଷ ପାଇଁ ହାଣ୍ଡି ଖତ ବ୍ୟବହାର କରି ସଫଳ ହୋଇଥିଲି। ତା'ପରେ ଜୀବାମୃତ ଖତକୁ ଚାଷରେ ବ୍ୟବହାର କଲି ଏବଂ ସେଥିରେ ମଧ୍ୟ କୃତକାର୍ଯ୍ୟ ହେଲି। ଏହି ଦୁଇ ଗୋଟି (ହାଣ୍ଡି ଖତ, ଜୀବାମୃତ ଖତ) ପ୍ରାକୃତିକ ସାର ଅଧିକ ଅମଳ ଦେବା ସହିତ ଗଛକୁ ରୋଗ ପୋକ ଦାଉରୁ ରକ୍ଷା କରିପାରିବ। ଏହି ଖତକୁ ପ୍ରୟୋଗ କରି ନିଜେ କଦଳୀ ଚାଷ ମଧ୍ୟ କରିଛି। ଅନ୍ୟପକ୍ଷରେ ଏପରି ଖତକୁ ପ୍ରୟୋଗ କରି ସ୍ଥାନୀୟ ଅଞ୍ଚଳର ପ୍ରାୟ ୩-୪ ହଜାର ଚାଷୀ ଉପକୃତ ହୋଇଛନ୍ତି। ନିକଟରେ ସୁଦୂର କେନିଆର ଜଣେ ବ୍ୟକ୍ତି ମୋତେ ଭିଡିଓ କଲ୍ କରି ଏହି ଅର୍ଗାନିକ୍ ସାର ବିଷୟରେ ବୁଝାଇଥିଲେ, ଯାହା ମୋତେ ବେଶ୍ ପ୍ରେରଣା ଦେଇଛି।'' ''ହାଣ୍ଡି ଖତ ପ୍ରସ୍ତୁତ କରିବା ପାଇଁ ଗୁଡ,ଅରଖ ପତ୍ର, କରଞ୍ଜ ପତ୍ର, ଲିମ୍ବ ପତ୍ର, ବେଲ ପତ୍ର, ଗୋ ମୂତ୍ର ଓ ଗୋବରର ଏକ ସମ୍ମିଶ୍ରଣ ହାଣ୍ଡି ଭିତରେ ଦେଇ ୧୦ ରୁ ୧୨ ଦିନ ରଖାଯିବା ପରେ ଏହା ଏକ ତରଳ ପଦାର୍ଥ ପାଲଟି ଯାଇଥାଏ। ତା'ପରେ ଏହାକୁ ଏକ ସଫା କନାରେ ଛାଣି ସ୍ପ୍ରେ ମେଶିନ ସାହାଯ୍ୟରେ ପନିପରିବା ଆଦିରେ ସିଞ୍ଚନ କରିପାରିବେ। ଜୀବା ମୃତ ପାଇଁ ଦହି, ଗୁଡ଼, ବେଶନ, ଗୋ ମୂତ୍ର, ଉଇ ମାଟି ଆଦି ବ୍ୟବହାର କରାଯାଇ ଏକ ପ୍ରକାର ଖତ ପ୍ରସ୍ତୁତ କରାଯାଏ। ଏହି ଖତକୁ ଗଛ ମୂଳରେ ଦେଲେ ଏଥିରେ ଅଧିକ ଫଳ ଫଳିଥାଏ। ଏହି ସାର ବ୍ୟବହାର ଦ୍ୱାରା ଅମଳ ହେଉଥିବା ଫଳ ଓ ପନିପରିବା ଶରୀର ପାଇଁ କୌଣସି କ୍ଷତି ସାଧନ କରୁ ନ ଥିବା ବେଳେ ଏହାକୁ ପ୍ରସ୍ତୁତ କରିବାକୁ ଚାଷୀଙ୍କୁ ବେଶି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ। ଶାଗ, ଡାଲି ଜାତୀୟ, ପନିପରିବା, ଫଳ ଏବଂ ଫୁଲ ଗଛରେ ଏହାକୁ ବ୍ୟବହାର କରାଯାଇ ପାରିବ ବୋଲି କହନ୍ତି ପ୍ରଦୀପ।''




**ସଫଳ ଚାଷୀ**
**ପ୍ରଦୀପ ମହାନ୍ତ**

- ମହେଶ୍ୱର ଦାସ

# କୁକୁଡ଼ା ଚିଆଁଙ୍କ ଯତ୍ନ

**ରା**ଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୩୦ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ। ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ। ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ। ଘର ଅଗଣାରେ



ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା'ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ, ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ।

# ନଳିତା ପାଇଁ ଜମି ପ୍ରସ୍ତୁତି



**ଯେ**ଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ମାର୍ଚ୍ଚ ୧୫ ତାରିଖଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇ ପାରିବ। ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ। ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୋସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ। ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ମଧୁର ନଳିତା କିସମ ଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି, ଶ୍ରାବନ୍ତୀ।

## ଅଧିକ ଅମଳକ୍ଷମ ଆଖୁ

**ଆ**ଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ। ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ୍ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ ପ୍ରୋପିକୋନାଜୋଲ୍ ୧.୦ ମି.ଲି., ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।





## ଫଳଚାଷରେ ଜଳସେଚନ

**ଅ**ଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍‌କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ। ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ୍ (୪ ରୁ ୬ ଇଞ୍ଚ ଓସାର) ଭୂମି ପତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ।



## ହଳଦୀ କିସମ

**ରୋ**ମା, ସୁରମା, ରଙ୍ଗ, ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, ୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା ଯବକ୍ଷାରଜାନ, ୧୨କି.ଗ୍ରା. ଫସଫରସ, ୩୬କି.ଗ୍ରା. ପଟାସ ତିନିଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ବୁଧବାର, ମାର୍ଚ୍ଚ ୩/୨୦୨୧ Berhampur, Wednesday, March 3/ 2021



ଓଡ଼ିଶା ଓମେନ୍ସ ଲିଗ୍ ମଙ୍ଗଳବାର ମ୍ୟାଚ ପୂର୍ବରୁ ଇଷ୍ଟକୋଷ୍ଟ ରେଲୱେ ଓ ଓଜିପି କ୍ଲବର ଖେଳାଳିମାନେ ଅତିଥି ଓ ଅଫିସିଆଲ୍‌ଙ୍କ ସହ।

# ଓଜିପିକୁ ହରାଇଲା ରେଲୱେ

**ଭୁବନେଶ୍ୱର, ୨।୩(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୩-୧ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ମ୍ୟାଚର ୨୩ତମ ମିନିଟରେ ସରୋଜିନୀ ତିର୍କୀ ଏକ ଗୋଲ ଦେଇ ରେଲୱେକୁ ଅଗ୍ରଣୀ କରାଇଥିଲେ। ୬୩ତମ ମିନିଟରେ ପ୍ରତିମା ମିଞ୍ଜ ଆଉ ଏକ ଗୋଲ ସ୍କୋର କରି ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମ୍ୟାଚଟି ୨-୦ ଗୋଲରେ ରେଲୱେ ସପକ୍ଷରେ ଶେଷ ହେବାକୁ ଯାଉଥିବାବେଳେ ୯୦ତମ ମିନିଟରେ ଓଜିପିର ସୋନିଆ ଏକ୍କା ଏକ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ତେବେ ଅତିରିକ୍ତ ସମୟ ଅର୍ଥାତ୍ ୯୦+୬ ମିନିଟରେ ରେଲୱେର ତାରା ଖାତୁନ ଗୋଟିଏ ଗୋଲ ଦେଇ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ରେଲୱେ ଦଳର ସରୋଜିନୀ ତିର୍କୀ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଚିତ୍ରାମ୍ବଦା ପାତ୍ର,

## ଓଡ଼ିଶା ଓମେନ୍ସ ଲିଗ୍

ସୁଲତାନା ପରବିନ, ଚନ୍ଦ୍ରକାନ୍ତ ବାରିକ ଓ ବିଚିତ୍ର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗ ଦେଇଥିଲେ। ବୁଧବାର କଳିଙ୍ଗ ଷ୍ଟାଡିୟମରେ ସ୍ପୋର୍ଟ୍ସ ହଷ୍ଟେଲ ଓ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ମଧ୍ୟରେ ମ୍ୟାଚ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।



କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# କାଳିଆ ମେମୋରିଆଲ କ୍ରିକେଟ୍ କପ୍ ଉଦ୍‌ଘାଟିତ

**ରସୁଲପୁର,୨।୩(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ମଙ୍ଗଳବାର କାଳିଆ ମେମୋରିଆଲ କ୍ରିକେଟ୍ କପ୍ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁରଜିତ୍ ମହାନ୍ତି ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସତ୍ୟସାଇ କ୍ରିକେଟ କ୍ଲବ ଧର୍ମଶାଳା ଓ ଟାଇଗର କ୍ଲବ ବାମଦେଇପୁର ମଧ୍ୟରେ ହୋଇଥିଲା। ଏଥିରେ ସତ୍ୟସାଇ କ୍ଲବ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ସତ୍ୟସାଇ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୧୨୦ରନ୍ ସଂଗ୍ରହ କରିଥିଲା। ଟାଇଗର କ୍ଲବ ସମସ୍ତ ଉଇକେଟ ହରାଇ ୧୦୯ ରନ କରି ପରାଜୟ ବରଣ କରିଥିଲା। ସୁଧାଂଶୁ ସ୍ୱାଇଁ ଓ ରତିକାନ୍ତ ପାତ୍ର ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଅବିନାଶ ସ୍ୱାଇଁ ଓ ଭୃଗୁରାମ ରାଉତ ସ୍କୋରର ଥିଲେ। ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ବ୍ଲକରୁ ୮ଟି ଦଳ ଭାଗ ନେଇଛନ୍ତି।

# ରାଜ୍ୟ ରୋଲର ସ୍କେଟିଂ ୫ରେ

**ଭୁବନେଶ୍ୱର, ୨।୩(କ୍ରୀଡ଼ାପ୍ରତିନିଧି):** ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ଏବଂ କଟକ ଜିଲା ରୋଲର ସ୍କେଟିଂ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ୧୨ତମ ରାଜ୍ୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଚଳିତ ମାସ ୫ ତାରିଖରେ କଟକ ଡେକାଥଲନରେ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଚାହୁଁଥିବା ପ୍ରତିଯୋଗୀମାନେ ଆରଏସ୍ଏଫ୍ଆଇ ଅନ୍‌ଲାଇନ୍ ପୋର୍ଟାଲ WWW.INDIASKATE.COMରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଅଧିକ ବିବରଣୀ ପାଇଁ ODISHASKATING@GMAIL.COMରେ ଯୋଗାଯୋଗ କରିବା ପାଇଁ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ଜଣାଇଛନ୍ତି।

# ବିରାଜ, କୃଷ୍ଣଚନ୍ଦ୍ର ନିଲମ୍ବିତ

**ଭୁବନେଶ୍ୱର, ୨।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍କଳ କରାଟେ ସ୍କୁଲ ବୁର୍ଲା ଶାଖାର ବିରାଜ ରାଜ ଓ କଳାହାଣ୍ଡିର କୃଷ୍ଣଚନ୍ଦ୍ର ସାହୁଙ୍କୁ ସ୍କୁଲ ବିରୋଧୀ କାର୍ଯ୍ୟକଳାପ ଓ ବିଶୃଙ୍ଖଳିତ ଆଚରଣ ଯୋଗୁ ପ୍ରଶିକ୍ଷକ ପଦରୁ ନିଲମ୍ବିତ କରାଯାଇଛି। ମଙ୍ଗଳବାର ବୈଠକ ପରେ ଏହି ନିଷ୍ପତ୍ତି ନିଆ ଯାଇଥିବା ସ୍କୁଲର ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏ ଦୁଇଜଣ ଆଉ କୌଣସି ସ୍ଥାନରେ ଉତ୍କଳ କରାଟେ ସ୍କୁଲ ଓ 'ରିଆକ୍ଟ' ଆତ୍ମରକ୍ଷା ପ୍ରଶିକ୍ଷଣ ନାମ ବ୍ୟବହାର କରିପାରିବେ ନାହିଁ ବୋଲି ସେ କହିଛନ୍ତି।




# ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ



ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରାଙ୍କ ସହ ଦିବ୍ୟ ମୋହନ ପ୍ରଧାନ।

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି)**

ଫେବୃୟାରୀ ୨୫ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ମୋହାଲିର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୨୯ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ୧ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଛି। ଜିଆଙ୍ଗ୍‌ୟିକ୍ୱାନ (ପୁରୁଷ ଟ୍ରାଡିଶନାଲ ବେୟାରହ୍ୟାଣ୍ଡ)ରେ ଦିବ୍ୟ ମୋହନ ପ୍ରଧାନ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶର୍ଟ କୁଡଗେଲ (ମହିଳା ସିଙ୍ଗଲ ଓ୍ୱପନ)ରେ ପଲ୍ଲବୀ ସାମଲ, ଦାଓଶୁ

## ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍

(ମହିଳା ବୋର୍ଡ ଶୋର୍ଡ)ରେ ତମନ୍ନା ମିଶ୍ର ଏବଂ ଚାଇନିଜ୍ ତୋନଫା (ପୁରୁଷ ଡବଲ ଓ୍ୱପନ)ରେ ଶିବଦତ୍ତ ଶୁଭମାନ୍ୟ ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ୨୧ (୧୯ ଖେଳାଳି, ୨ ଅଫିସିଆଲ) ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିଥିଲା। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରା ଚାମ୍ପିୟନଶିପ୍‌ରେ ମୁଖ୍ୟ ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହନ୍ତ ଓ ଅନୁରାଧା ଦୋରା କୋଚ୍ ଭାବେ ଦଳ ସହ ରହିଥିଲେ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ, ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶାର କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କୋହଲିଙ୍କ ଅନୁସରଣକାରୀ ସର୍ବାଧିକ





**ନୂଆଦିଲ୍ଲୀ, ୨।୩ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ହେଉଛନ୍ତି ପ୍ରଥମ କ୍ରିକେଟର, ଯାହାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ୍‌ରେ ଅନୁସରଣକାରୀଙ୍କ ସଂଖ୍ୟା ପ୍ରାୟ ୧୦୦ ନିୟୁତ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଏକ ଟୁଇଟ୍‌ରେ ଏ ବିଷୟ କୁହାଯାଇଛି। ଏସିଆ-ପ୍ୟାସିଫିକ୍ ଅଞ୍ଚଳରେ ଏହି ସଫଳତା ହାସଲ କରିବାରେ ୩୨ବର୍ଷୀୟ କୋହଲି ହେଉଛନ୍ତି ପ୍ରଥମ ବ୍ୟକ୍ତି। ପୁନଶ୍ଚ ଇନ୍‌ଷ୍ଟାଗ୍ରାମ୍‌ରେ ଅଧିକ ଅନୁସରଣକାରୀ ଥିବା କ୍ରୀଡ଼ାବିତ୍ ତାଲିକାରେ କୋହଲି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ପର୍ତ୍ତୁଗାଲ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ୨୬୫ ନିୟୁତ ଅନୁସରଣକାରୀଙ୍କ ସହ ତାଲିକାର ପ୍ରଥମ ସ୍ଥାନରେ ଅଛନ୍ତି। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ଆର୍ଜେଣ୍ଟିନା ଫୁଟ୍‌ବଲ ଅଧିନାୟକ ତଥା ଏଫ୍‌ସି ବାର୍ସିଲୋନା କିମ୍ବଦନ୍ତୀ ଲିଓନେଲ ମେସି ଏବଂ ବ୍ରାଜିଲର ନେମାରଙ୍କ ଅନୁସରଣକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୮୬ ନିୟୁତ ଓ ୧୪୭ ନିୟୁତ ରହିଛି। ୧୦୦ ନିୟୁତ କ୍ଲବରେ ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ହଲିଉଡ୍ ଅଭିନେତା ତଥା ପୂର୍ବତନ ପ୍ରଫେସନାଲ ରେସ୍‌ଲର ଡ୍ୱେନ୍ (ଦି ରକ୍) ଜନସନ, ଆମେରିକୀୟ କଣ୍ଠଶିଳ୍ପୀ ଓ ଗୀତିକାର ବେୟନ୍ସ ଓ ଆରିଆନା ଗ୍ରେଣ୍ଡ।




# ଟ୍ରାଇଥଲନ୍: ଫୁଲ୍ ଡିଷ୍ଟାନ୍ସ ରେସ୍ ଜିତିଲେ ବର୍ଦ୍ଧନ

**ଭୁବନେଶ୍ୱର, ୨।୩ (ସ୍ପୋର୍ଟ୍ସ ବ୍ୟୁରୋ)**

କୋଣାର୍କରେ ଦ୍ୱିତୀୟ ହର୍କୁଲିନ୍ ଆଇଟିଏଫ୍ ଟ୍ରାଇଥଲନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୦ ଟ୍ରାଇଆଥଲେଟ ଅଂଶଗ୍ରହଣ କରିଥିଲେ। ଏଥିରେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ଓ ପ୍ରୋଟୋକଲର ଅନୁପାଳନ କରାଯାଇଥିଲା। ହର୍କୁଲିନ୍ ଫୁଲ୍ ଡିଷ୍ଟାନ୍ସ ରେସ୍ କାଟେଗୋରି ପୁରୁଷ ବିଭାଗରେ ମହାରାଷ୍ଟ୍ର ପୁଣେର ବର୍ଦ୍ଧନ ଶିରିଶ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ୩.୫ କିଲୋମିଟର ସୁଇମିଂ, ୧୮୦କିମି ସାଇକ୍ଲିଂ ଏବଂ ୪୨ କିଲୋମିଟର ଦୌଡ଼କୁ ୧୩ ଘଣ୍ଟା ଓ ୩୮ ମିନିଟ୍‌ରେ ଶେଷ କରିଥିଲେ। ଟ୍ରାଇ ୫ ରେସ୍ କାଟେଗୋରିରେ ଭାରତୀୟ ନୌସେନାର ଯଶପାଲ ଯାଦବ (୧.୭୫କିମି ସୁଇମିଂ ୪୦ କିମି ସାଇକ୍ଲିଂ ଓ ୧୦କିମି ଦୌଡ଼) ୬ଘଣ୍ଟା ୩୦ ମିନିଟ୍ ଓ ୨୩ ସେକେଣ୍ଡ ଟାଇମିଂରେ ପୁରୁଷ ବିଭାଗରେ ପ୍ରଥମ ହୋଇଥିବାବେଳେ ମହିଳା ବିଭାଗରେ ବାଙ୍ଗାଲୋରର ତପସ୍ୟା ସିଂ ୭ ଘଣ୍ଟା ୧୬ ମିନିଟ୍‌ରେ ଟାଇଟଲ ବିଜୟୀ ହୋଇଥିଲେ। ସେହିପରି ପୁରୁଷ ଅଲିମ୍ପିକ ଡିଷ୍ଟାନ୍ସରେ ପୁଣେର ରାହୁଲ ସିନ୍ଦେ ୨ ଘଣ୍ଟା ୧୧ ମିନିଟ ଏବଂ ମହିଳାରେ ଚେନ୍ନାଇର ଆରତି ୨ ଘଣ୍ଟା ୧୧ ମିନିଟ୍ ଟାଇମିଂରେ ଇଭେଣ୍ଟ ଜିତିଥିଲେ। ସ୍ପ୍ରିଣ୍ଟ କାଟେଗୋରି (୭୫୦ମିଟର ସୁଇମିଂ, ୨୦ କିମି ସାଇକ୍ଲିଂ ଏବଂ ୫ କିମି ଦୌଡ଼) ପୁରୁଷରେ ପୁଣେର ଦିଲୀପ କୁମାର ୧ ଘଣ୍ଟା ୬ ମିନିଟ ଟାଇମିଂରେ ଏବଂ ମହିଳାରେ ମାନସୀ ମୋହିତେ ୧ ଘଣ୍ଟା ୧୩ ମିନିଟ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜେତାଙ୍କୁ ଆର୍ଥିକ ପୁରସ୍କାର ଏବଂ ର୍ୟାଙ୍କିଙ୍ଗ ପଏଣ୍ଟ ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବା ଲାଗି ର୍ୟାଙ୍କିଙ୍ଗ ପଏଣ୍ଟ ବିଶେଷ ସହାୟକ ହେବ। ଖୁବ୍‌ଶୀଘ୍ର ଏଥିରେ ଅଂଶଗ୍ରହଣ କରିବା ଲାଗି ଅନ୍ତର୍ଜାତୀୟ ପ୍ରତିଯୋଗୀମାନଙ୍କୁ ଆମନ୍ତ୍ରଣ କରାଯିବ ବୋଲି ଟୁର୍ନାମେଣ୍ଟ ସହ ସମ୍ପୃକ୍ତ ଟାବେନୋ ସ୍ପୋର୍ଟ୍ସର ପ୍ରତିଷ୍ଠାତା ତଥା ସିଇଓ ଅଭିଷେକ ମିଶ୍ର ସୂଚନା ଦେଇଛନ୍ତି।




ତପସ୍ୟା ସିଂ ଓ ବର୍ଦ୍ଧନ ଶିରିଶ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ